# ନିତିଦିନ
NITIDIN

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

WEDNESDAY 27 MAY 2026
ବୁଧବାର ୨୭ ମେ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 368 BHUBANESWAR I BERHAMPUR I SAMBALPUR I BALASORE I JAJPUR ବର୍ଷ ୧୧ ● ସଂଖ୍ୟା ୩୬୮ ଭୁବନେଶ୍ୱର । ବ୍ରହ୍ମପୁର । ସମ୍ବଲପୁର । ବାଲେଶ୍ୱର । ଯାଜପୁର


ଓଏଏସ୍ ରେଜଲ୍ଟ

## ବୁବୁନ ସାହୁ ଟପ୍ପର



**କଟକ,୨୬।୫/ଏନ୍ଏନ୍ଏସ୍:** ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା(ଓସିଏସ୍)-୨୦୨୪ ଫଳାଫଳ ମଙ୍ଗଳବାର ପ୍ରକାଶିତ ହୋଇଛି । ଏହି ଓଏଏସ୍ ପରୀକ୍ଷାରେ ୨୦୦ ଜଣ ପ୍ରାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି । ସଫଳ ପରୀକ୍ଷାର୍ଥୀଙ୍କ ମଧ୍ୟରେ ୭୮ ଜଣ ମହିଳା ଅଛନ୍ତି । ପ୍ରଥମ ୧୦ ଜଣଙ୍କ ମଧ୍ୟରେ ୬ ଜଣ ପୁଅ ଥିବା ବେଳେ ୪ ଜଣ ଝିଅ ଅଛନ୍ତି । ବୁବୁନ ସାହୁ ଓସିଏସ୍ ଟପ୍ପର ହୋଇଛନ୍ତି । ସେହିପରି ଦ୍ୱିତୀୟ ସ୍ଥାନରେ ଶୋଭନା ମହାନ୍ତି, ତୃତୀୟ ସ୍ଥାନରେ ଜିତମିତ୍ର ସାହୁ, ଚତୁର୍ଥରେ କନକ ଜୈନ, ୫ମରେ ସଂଗ୍ରାମ ପ୍ରଧାନ, ଷଷ୍ଠରେ ଅମନ ଗୋୟଲ, ସପ୍ତମରେ ଶାନ୍ତନୁ କୁମାର ଶତପଥୀ, ଅଷ୍ଟମରେ ନିତେଶ କୁମାର ବାରିକ, ନବମରେ ଶୀତଲ ପାତ୍ର ଓ ୧୦ମ ସ୍ଥାନରେ ଇତିଶ୍ରୀ ଜେନା ରହିଛନ୍ତି ।

ଉକ୍ତ ତାଲିକାରେ ଅଣସଂରକ୍ଷିତ ବର୍ଗରେ ୭୦ ଜଣ ଓଏଏସ୍ ପାଇଥିବାବେଳେ ସାମାଜିକ ଓ ଶିକ୍ଷାଗତ ପଛୁଆବର୍ଗରେ ୩୫, ଅନୁସୂଚିତ ଜାତି ବର୍ଗରେ ୪୫, ଅନୁସୂଚିତ ଜନଜାତି ବର୍ଗରେ ୫୦ଜଣ ପ୍ରାର୍ଥୀ ସଫଳ ହୋଇଛନ୍ତି । ଗତ କିଛି ବର୍ଷ ହେଲା ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷାରେ ଦରଖାସ୍ତ ଆହ୍ୱାନରୁ ଫଳାଫଳ ପ୍ରକାଶ ପର୍ଯ୍ୟନ୍ତ ସମୁଦାୟ ପ୍ରକ୍ରିୟା ୨୧/୨୨ ମାସ ସମୟ ଲାଗୁଥିଲା । କିନ୍ତୁ ଏଥର ୧୭ ମାସରେ ଏହି ପରୀକ୍ଷାର ରେଜଲ୍ଟ ପ୍ରକାଶ ପାଇଛି । ଓଡ଼ିଶା ସିଭିଲ ସର୍ଭିସ ମୁଖ୍ୟ ପରୀକ୍ଷା ୨୦୨୪ର ଲିଖିତ ପରୀକ୍ଷା ୨୦୨୬ ମସିହା ଜାନୁଆରୀ ୩୧ ଆରମ୍ଭ ହୋଇଥିଲା । ଏହି ପରୀକ୍ଷାରେ ୭୦୭ ଜଣ ମହିଳାଙ୍କ ସମେତ ୨୦୫୮ ପରୀକ୍ଷାର୍ଥୀ ଉପସ୍ଥିତ ଥିଲେ । ଏହା ମଧ୍ୟରୁ ୧୫୫ ମହିଳାଙ୍କ ▶▶ ୫

**ପ୍ରଥମ ୧୦ ଜଣଙ୍କ ମଧ୍ୟରେ ୬ ପୁଅ, ୪ ଝିଅ**

**ମୋଟ୍ ୨୦୦ ପରୀକ୍ଷାର୍ଥୀ କୃତକାର୍ଯ୍ୟ**

**ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ**

ପାଇଖାନା ଟାଙ୍କିରେ ଶ୍ୱାସରୁଦ୍ଧ

# ଛକିଥିଲା ଯମ, ନେଇଗଲା ୬ ଜୀବନ

- ସେଣ୍ଟ୍ରିଂ ଖୋଲିବାବେଳେ ଅଘଟଣ
- ବାପ-ପୁଅଙ୍କ ସମେତ ୩ ମିସ୍ତ୍ରୀ, ଜଣେ ଶ୍ରମିକ ମୃତ
- ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ



**ଭବାନୀପାଟଣା, ମ.ରାମପୁର,୨୬।୫/ଏନ୍ଏନ୍ଏସ୍:**

ଛକିଥିଲା ଯମ । ଆଉ ଜଣେ କି ଦି ଜଣ ନୁହେଁ ନେଇଚାଲିଗଲା ଏକାବେଳେ ୬ଟି ଜୀବନ । କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ଅଞ୍ଚଳ ଅନ୍ତର୍ଗତ କରଲାଖୁଣ୍ଟା ଗାଁରେ ଏକ ନିର୍ମାଣାଧୀନ ପାଇଖାନା ଟାଙ୍କିରେ ସେଣ୍ଟ୍ରିଂ ବାହାର କରିବା ସମୟରେ ଶ୍ୱାସରୁଦ୍ଧ ହୋଇ ୬ ଜଣଙ୍କ ମୃତ୍ୟୁ ହୋଇଛି । ମୃତକଙ୍କ ମଧ୍ୟରେ ତିନି ଜଣ ରାଜମିସ୍ତ୍ରୀ, ଜଣେ ଶ୍ରମିକ, ଘର ମାଲିକ ଏବଂ ତାଙ୍କ ପୁଅ ଅଛନ୍ତି । ଏହି ଘଟଣାରେ ଆଉ ଜଣେ ଶ୍ରମିକ ଗୁରୁତର ଆହତ ହୋଇଥିବାବେଳେ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।ମୃତକମାନେ ହେଲେ ଉକ୍ତ ପାଇଖାନାର ନିର୍ମାଣକାରୀ ଗୌଡ଼ କରଲାଖୁଣ୍ଟା ଗାଁର ନିମାଇଁ ଚରଣ ପାଲ(୪୮), ତାଙ୍କ ପୁଅ ଆକାଶ ପାଲ (୨୮) ସହଯୋଗୀ ଶ୍ରମିକ ଅଦଲ ମାଝୀ (୫୫), ରାଜମିସ୍ତ୍ରୀ ମାଟୋଗଣ୍ଡା ଗାଁର ମନୋ ରଞ୍ଜନ ହାତୀ (୨୭), ଦୁଟା ଗାଁର ଛବା ଜାଲ ଓ ବିପୁଲ ଜାଲ । ତେବେ ସୌଭାଗ୍ୟ ବଶତଃ ଜଣେ ବଞ୍ଚି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ହାତୀଖୋଜ ଗାଁର ପଙ୍କଜ ଯାନୀ (୩୨)ଙ୍କୁ ମଦନପୁର ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି । ଏହା ସହିତ ମୃତକଙ୍କ ପରିବାର ଲୋକଙ୍କୁ ସହାୟତା ଘୋଷଣା କରିଛନ୍ତି । ମୃତକଙ୍କ ପରିବାର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିରୁ ୪ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ।

ପ୍ରକାଶ ଯେ ନିମାଇଁ ଚରଣ ପାଲ ନିଜ ଘରେ ନୂତନ ପାଇଖାନା ଟାଙ୍କି ତିଆରି କରିଥିଲେ । ଆଉ ସେହି ଟାଙ୍କିରେ ନୂତନ ଛାତ ପକେଇଥିଲେ । କିଛି ଦିନ ପରେ ଅର୍ଥାତ ଆଜି ଛାତର ସେଣ୍ଟ୍ରିଂ ଖୋଲିବା ପାଇଁ ଜଣେ ଶ୍ରମିକ ଭିତରକୁ ଯାଇଥିଲେ । ହେଲେ ତାଙ୍କର କୌଣସି ଖଟଖାଟ ଶବ୍ଦ ଶୁଣା ନଯିବାରୁ ଆଉ ଜଣେ ମିସ୍ତ୍ରୀ ଭିତରକୁ ଯାଇଥିଲେ । ତାପରେ ତାଙ୍କର ମଧ ଶବ୍ଦ ଶୁଣା ନଯିବାରୁ ନିଜେ ଘର ମାଲିକ ▶▶ ୫

ଅଲ୍‌କଏଦା ସହ ସମ୍ପୃକ୍ତି ମାମଲା

## ଅବ୍‌ଦୁର୍ ରହେମାନ୍ ନିର୍ଦ୍ଦୋଷରେ ଖଲାସ

**କଟକ,୨୬।୫/ଏନ୍ଏନ୍ଏସ୍:**



**ପ୍ରମାଣ ଦେଇପାରିଲାନି କ୍ରାଇମବ୍ରାଞ୍ଚ୍**

**ଛାଡ଼ିଦେଲେ କୋର୍ଟ**

ଆତଙ୍କବାଦୀ ସଂଗଠନ 'ଅଲ୍ -କଏଦା' ସହ ସମ୍ପୃକ୍ତି ତଥା ଓ ଆତଙ୍କବାଦ ଶିକ୍ଷା ପ୍ରଦାନ କରୁଥିବା ଅଭିଯୋଗରେ ଗିରଫ ହୋଇ ଜେଲ୍‌ରେ ଥିବା ଅବ୍‌ଦୁର୍ ରହେମାନ ଆଜି ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି । ଦୀର୍ଘ ୧୧ ବର୍ଷର ବର୍ଷର ବିଚାର ପ୍ରକ୍ରିୟା ମଧ୍ୟରେ ଅଭିଯୁକ୍ତ ବିରୋଧରେ ଦୃଢ଼ ପ୍ରମାଣ ଦାଖଲ କରିବାରେ ତଦନ୍ତକାରୀ ସଂସ୍ଥା କ୍ରାଇମଖବ୍ରାଞ୍ଚବିଫଳ ହେବାରୁ ଏହି ମାମଲାରୁ କଟକ ଜିଲ୍ଲା ଦୌରାଜଜ୍ ଅଦାଲତ ତାଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ସୂଚନାଯୋଗ୍ୟ ଅବ୍‌ଦୁର୍ 'ଅଲ୍ -କଏଦା'ରେ ମିଶିଥିବା ନେଇ ଦିଲ୍ଲୀ ପୁଲିସର ସ୍ପେଶାଲ ସେଲ୍ ଏତଲାରେ ଦର୍ଶାଇଥିଲା । 'ଅଲ୍-କଏଦା'ଭାରତରେ ନିଜର ନେଟ୍‌ୱର୍କ ସମ୍ପ୍ରସାରଣ କରିବା ପାଇଁ ଚେଷ୍ଟା କରୁଛି । ପାକିସ୍ତାନରେ ଅବଦୁର୍ ଆତଙ୍କବାଦୀଙ୍କୁ ଭେଟିଥିବା ନେଇ ଅଭିଯୋଗ ହୋଇଥିଲା । ବିଶେଷ କରି ସେ ଆତଙ୍କବାଦୀ ସଂଗଠନ 'ଅଲ୍-କଏଦା'ରେ ଯୁବକଙ୍କୁ ନିଯୁକ୍ତି ଦେଉଥିଲା ବେଳେ କଟକ ଟାଙ୍ଗୀ ଅଞ୍ଚଳରେ ବେଆଇନ୍ ଭାବେ ଏକ ମଦ୍ରାସା ଖୋଲି ସେଠାରେ ପିଲାମାନଙ୍କୁ ଆତଙ୍କବାଦୀ ଶିକ୍ଷା ଦେଇ କୋମଳମତି ଛାତ୍ରଙ୍କ ଭିତରେ ଦେଶ ବିରୋଧୀ ଚିନ୍ତାଧାରା ବଢ଼ାଉଥିବା ନେଇ ଅଭିଯୋଗ ହୋଇଥିଲା । ଝାଡ଼ଖଣ୍ଡ ଓ ବିହାର ଅଞ୍ଚଳରୁ ପିଲା ଆଣି ଏଠାରେ ସେମାନଙ୍କୁ ଶିକ୍ଷା ପ୍ରଦାନ କରୁଥିଲେ । ଏ ନେଇ ଜଗତପୁର ଥାନାରେ ତାଙ୍କ ବିରୋଧରେ ମାମଲା ମଧ ରୁଜୁ ହୋଇଥିଲା । ଦେଶଦ୍ରୋହ ମାମଲା ଓ ଆତଙ୍କବାଦ କାର୍ଯ୍ୟକଳାପ ଅଭିଯୋଗରେ ୨୦୧୫ ମସିହା ଡିସେମ୍ବର ୧୬ ତାରିଖରେ ତାଙ୍କୁ ଦିଲ୍ଲୀ ପୁଲିସ ତାଙ୍କୁ ଜଗତପୁର ନିକଟସ୍ଥ ପର୍ଣ୍ଣିମକଛ ଗ୍ରାମରୁ ଗିରଫ ▶▶ ୫

ଅନୁପ୍ରବେଶ ରୋକିବାକୁ ବଡ଼ ପଦକ୍ଷେପ

## ଗଠନ ହେଲା ଉଚ୍ଚସ୍ତରୀୟ କମିଟି

**ନୂଆଦିଲ୍ଲୀ,୨୬।୫/ଏଜେନ୍ସି:**

ଭାରତୀୟ ସୀମାରେ ଅନୁପ୍ରବେଶ ରୋକିବା ପାଇଁ କେନ୍ଦ୍ର ସରକାର ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛନ୍ତି । ମଙ୍ଗଳବାର ଅନୁପ୍ରବେଶ ପ୍ରସଙ୍ଗରେ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । କମିଟି ଗଠନ ସମ୍ପର୍କରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ଏକ୍ସ ଯୋଗେ ସୂଚନା ଦେଇଛନ୍ତି । ଶ୍ରୀ ଶାହଙ୍କ ସୂଚନା ଅନୁଯାୟୀ କମିଟିର ନେତୃତ୍ୱ ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ପ୍ରକାଶ ପ୍ରଭାକର ନାବଲେକର ନେବେ । ଏଥିରେ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଦୁର୍ଗା ଶଙ୍କର ମିଶ୍ର, ପୂର୍ବତନ ଆଇପିଏସ ଅଫିସର ବାଲାଜୀ ଶ୍ରୀବାସ୍ତବ, ଅର୍ଥନୀତିଜ୍ଞ ଡକ୍ଟର ଶାମିକା ରବି ଓ ଜନଗଣନା କମିଶନର ସଦସ୍ୟ ଭାବେ ରହିବେ । ଅନୁପ୍ରବେଶ ଦେଶର ସାର୍ବଭୌମତ୍ୱ, ଜାତୀୟ ସୁରକ୍ଷା, ସାମାଜିକ ସମାନତା ପ୍ରତି ଚ୍ୟାଲେଞ୍ଜ ସୃଷ୍ଟି କରୁଥିବା ସରକାର ▶▶ ୫

**ଅବସରପ୍ରାପ୍ତ ଜଷ୍ଟିସ୍ ପ୍ରକାଶ ପ୍ରଭାକର ନାଓଲେକରଙ୍କ ଅଧ୍ୟକ୍ଷତାରେ କମିଟି**

**ବର୍ତ୍ତମାନ ଓ ଭବିଷ୍ୟତ ପାଇଁ ଅନୁପ୍ରବେଶ ବିପଦ : ଅମିତ ଶାହ**

**୨୦୨୫ ଅଗଷ୍ଟ ୧୫ରେ କମିଟି ଗଠନ ପାଇଁ କହିଥିଲେ ପ୍ରଧାନମନ୍ତ୍ରୀ**



## ଆଜିଠୁ ସ୍ନାତକ ନାମ ଲେଖା ଆବେଦନ

**ଭୁବନେଶ୍ୱର,୨୬।୫/ଏନ୍ଏନ୍ଏସ୍:**

ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ପାଠ୍ୟକ୍ରମରେ ନାମ ଲେଖା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ମେ' ୨୭ ତାରିଖ ଅର୍ଥାତ ଆସନ୍ତାକାଲି ଅପରାହ୍ନ ୪.୦୦ ଘଟିକାରୁ କମନ୍ ଆପ୍ଲିକେସନ ଫର୍ମ ଉପଲବ୍ଧ ହେବ । ମେ' ୨୭ ତାରିଖରୁ ଜୁନ୍ ୧୦ ତାରିଖ ପର୍ଯ୍ୟନ୍ତ ଛାତ୍ରଛାତ୍ରୀ ସାମ୍ସ ପୋର୍ଟାଲକୁ ଯାଇ ଅନଲାଇନ ମାଧ୍ୟମରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ । ଜୁନ୍ ୧୭ ତାରିଖରେ ପ୍ରଥମ ପର୍ଯ୍ୟାୟ ମେଧାତାଲିକା ପ୍ରକାଶିତ ହେବ । ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସ୍ନାତକ ଶ୍ରେଣୀରେ ନାମଲେଖା ପ୍ରକ୍ରିୟା ଜାତୀୟ ଶିକ୍ଷା ନୀତି-୨୦୨୦ ଆଧାରରେ କରାଯିବ । ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁସାରେ, ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲରେ କମନ୍ ଆପ୍ଲିକେସନ ଫର୍ମ ପୂରଣ କରିବା ସମୟରେ ନିଜ ପସନ୍ଦ ଅନୁଯାୟୀ ପାଠ୍ୟକ୍ରମର ବିଭିନ୍ନ ପ୍ରକାର ଯଥା: ଗୋଟିଏ ମୁଖ୍ୟ ବିଷୟ ସହିତ ଦୁଇଟି ଉପବିଷୟ କିମ୍ବା ଦୁଇଟି ମୁଖ୍ୟ ବିଷୟକିମ୍ବା ତିନିଟି ଉପବିଷୟ ଚୟନ କରିପାରିବେ । ଏଥିସହ ଶିକ୍ଷାବର୍ଷ ୨୦୨୬-୨୭ରେ ସ୍ନାତକ ପାଠ୍ୟକ୍ରମକୁ ଆସନ୍ତା ଜୁଲାଇ ମାସ ୯ ତାରିଖ ସୁଦ୍ଧା ଆରମ୍ଭ କରାଯିବାପାଇଁ ଲକ୍ଷ୍ୟ ରଖାଯାଇଛି ।

**ଜୁନ୍ ୧୦ ପର୍ଯ୍ୟନ୍ତ ଚାଲିବ**

## ଖୁବ୍‌ଶୀଘ୍ର ବଦଳିବ ରାଜ୍ୟ ମନ୍ତ୍ରିମଣ୍ଡଳର ଚେହେରା

**ଭୁବନେଶ୍ୱର,୨୬।୫/ଏନ୍ଏନ୍ଏସ୍:**

ଭୁବନେଶ୍ୱରରୁ ଦିଲ୍ଲୀ... ସବୁଠି ହଟଚମଟ୍ । ଖୁବ୍ ଶୀଘ୍ର ବଦଳିବ ରାଜ୍ୟ ମନ୍ତ୍ରିମଣ୍ଡଳର ଚେହେରା । ଆଉ ଏହି ଚର୍ଚ୍ଚାକୁ ଖୋରାକ ଯୋଗାଇଛି ଦିଲ୍ଲୀରେ ମୋହନ-ମନମୋହନଙ୍କ ଡେରା । ତା ସହିତ ସୋମବାର ପ୍ରଧାନମନ୍ତ୍ରୀ ଓ ମଙ୍ଗଳବାର ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନଙ୍କ ସହ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ସାକ୍ଷାତ ଆଲୋଚନା । ଏଣେ ମୋହନ ସରକାରର ୨ ବର୍ଷ ପୂର୍ତ୍ତି ପୂର୍ବରୁ ମନ୍ତ୍ରିମଣ୍ଡଳ ସଂପ୍ରସାରଣ ନେଇ ସଙ୍କେତ ଦେଇଛନ୍ତି ଦୁଇ ଟାଣୁଆ ମନ୍ତ୍ରୀ ସୁରେଶ ପୂଜାରୀ ଓ ପୃଥୀରାଜ୍ ହରିଚନ୍ଦନ । ସେପଟେ ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି, ଠିକ୍ ସମୟରେ ଠିକ୍ ନିଷ୍ପତ୍ତି ନିଆଯିବ ।

ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ନିଗମ ଏବଂ ବୋର୍ଡ ଅଧ୍ୟକ୍ଷ ଚୟନ ନେଇ କେନ୍ଦ୍ରୀୟ ନେତୃତ୍ୱଙ୍କ ସହ ଆଲୋଚନା କରିବାକୁ ଉଭୟ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓ ରାଜ୍ୟ ସଭାପତି ଶ୍ରୀ ସାମଲ ଦିଲ୍ଲୀ ଗସ୍ତ କରିଥିବା ଚର୍ଚ୍ଚା ହେଉଛି । ଏହି ଭିତରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଯେ, କୌଣସି ମୁହୂର୍ତ୍ତରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରେ । କେବଳ ସମ୍ପ୍ରସାରଣ ବିଷୟ ନୁହେଁ, ତାହା ସହିତ ନିଗମ ବୋର୍ଡ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଦଳ ଓ ସରକାର ଏହାରି ଭିତରେ ଚୟନ ପ୍ରକ୍ରିୟା ଆରମ୍ଭ କରି ସାରିଛନ୍ତି । ସମ୍ଭବତଃ ଖୁବଶୀଘ୍ର ଏହା ଶେଷ ହେବ ବୋଲି ଶ୍ରୀ ପୂଜାରୀ କହିଛନ୍ତି । ▶▶ ୫

## ପୂର୍ବତନ କିରାଣିଙ୍କୁ ୨ ବର୍ଷ କାରାଦଣ୍ଡ

**ଦଣ୍ଡିତ କଲେ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ**

**ଭୁବନେଶ୍ୱର,୨୬।୫/ଏନ୍ଏନ୍ଏସ୍:**

କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ୍‌ର ପୂର୍ବତନ ଉନ୍ନୟନ କିରାଣି ତଥା ଷ୍ଟୋର ଇନ୍ ଚାର୍ଜ ଶରତ ଚନ୍ଦ୍ର ନନ୍ଦ ମଙ୍ଗଳବାର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ଦଣ୍ଡିତ ହୋଇଛନ୍ତି । ମାମଲାର ବିବରଣୀ ଅନୁସାରେ, ୨୦୦୪-୦୫ ଓ ୨୦୦୫-୦୬ ମଧ୍ୟରେ ସେ ବ୍ଲକ୍‌ର ଗଚ୍ଛିତ ସିମେଣ୍ଟର ଗଣତି ଓ ହିସାବ ଖାତାରେ ଗୋଲମାଲ କରି ଲକ୍ଷାଧିକ ଟଙ୍କା ଆତ୍ମସାତ କରିଥିଲେ । ଏହି ଘଟଣାରେ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ (ଭିଜିଲାନ୍ସ) ଆଇପିସିର ଦଫା ୪୦୯, ୪୬୮, ୪୭୧ ଏବଂ ଦୁର୍ନୀତି ନିବାରଣ ଆଇନର ଧାରା ୧୩(୨), ୧୩(୧)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବାଲେଶ୍ୱର ଡିଭିଜନ୍‌ର ପୂର୍ବତନ ଭିଜିଲାନ୍ସ ଡିଏସ୍‌ପି ହରେକୃଷ୍ଣ ମାଝିଙ୍କ ନେତୃତ୍ୱରେ ତଦନ୍ତରେ ଉକ୍ତ ଅଭିଯୁକ୍ତ କିରାଣିଙ୍କ ବିରୋଧରେ ସମସ୍ତ ପ୍ରମାଣ ଯୋଗାଡ଼ କରାଯାଇଥିଲା । ଦାଖଲ ହୋଇଥିବା ସମସ୍ତ ପ୍ରମାଣ ଓ ସାକ୍ଷ୍ୟ ଆଧାରରେ ଆଜି କେନ୍ଦୁଝରର ଭିଜିଲାନ୍ସ କୋର୍ଟ ଶରତ ନନ୍ଦଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ କାରାଦଣ୍ଡ ଓ ୧୦ହଜାର ଟଙ୍କା ଆର୍ଥିକ ଦଣ୍ଡରେ ଦଣ୍ଡିତ କରିଛନ୍ତି । ଦଣ୍ଡ ଘୋଷଣା ▶▶ ୫

## ବିନ୍ଧିଲା ମହୁମାଛି, ଯୁବକ ମୃତ

**ବାଲିଗୁଡ଼ା,୨୬।୫/ଏନ୍ଏନ୍ଏସ୍:**

ମହୁମାଛି ଆକ୍ରମଣରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ହେଉଛନ୍ତି ବି.ମହେଶ୍ୱର ଦୋରା । ତାଙ୍କ ଘର କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ସହରର ଖଜୁରୀନାଳ ସାହିରେ । ମଙ୍ଗଳବାର ସକାଳେ ମହେଶ୍ୱର ତାଙ୍କ ସାଙ୍ଗମାନଙ୍କ ସହିତ ବ୍ୟାଡମିଣ୍ଟନ ଖେଳିବାକୁ ଯାଇଥିଲେ । ଘରକୁ ଫେରିବା ପରେ ସେ ଛାତ ଉପରକୁ ଯାଇଥିଲେ । ସେଠାରେ ହଠାତ୍ ମହୁମାଛିମାନେ ତାଙ୍କୁ ଆକ୍ରମଣ କରିଥିଲେ । ପରିବାର ଲୋକେ ମହେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ବାଲିଗୁଡ଼ା ଡାକ୍ତରଖାନାକୁ ନେଇଥିଲେ । ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ମହେଶ୍ୱରଙ୍କ ବାପା ବି.ଦୁର୍ଗା ଦୋରା କହିଛନ୍ତି, ତିନି ମହଲା ଘରର ଛାତ ଉପରେ ଏକ ମହୁବସା ଅଛି । ୪/୫ ବର୍ଷ ହେଲାଣି ମହୁମାଛି ସେଠାରେ ରହୁଛନ୍ତି । କେବେ କିଛି ହୋଇ ନଥିଲା । ଆଜି ପୁଅକୁ ମାରି ଦେଲେ ।ବାଲିଗୁଡ଼ା ସହର ମା'ପାଟଖଣ୍ଡା ମାର୍କେଟରେ ତାଙ୍କର ଲେଡିସ କର୍ଣ୍ଣର ଦୋକାନ ଥିବାବେଳେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରି ସ୍ଥାନୀୟ ବଣିକ ସଂଘ ଓ ମା' ପାଟଖଣ୍ଡା ମାର୍କେଟ ସଂଘ ତରଫରୁ ସମସ୍ତ ଦୋକାନ ବଜାର ବନ୍ଦ କରିଥିଲେ ।

କ୍ୱାଡ୍ ବୈଦେଶିକ ମନ୍ତ୍ରୀସମୂହ ବୈଠକ

# ଅଷ୍ଟ୍ରେଲିଆ ଉଠାଇଲା ହର୍ମୁଜ୍ ପ୍ରସଙ୍ଗ

**ନୂଆଦିଲ୍ଲୀ, ୨୬।୫/ଏଜେନ୍ସି:**



ନୂଆଦିଲ୍ଲୀ ସ୍ଥିତ ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ କ୍ୱାଡ୍ ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଷ୍ଟ୍ରେଲିଆ ପକ୍ଷରୁ 'ହର୍ମୁଜ୍' ସଂକଟ ପ୍ରସଙ୍ଗ ଉଠାଯାଇଛି । ଅଷ୍ଟ୍ରେଲିଆ ବୈଦେଶିକ ମନ୍ତ୍ରୀ ପେନି ୱଙ୍ଗ କହିଛନ୍ତି, 'ଇରାନ ପକ୍ଷରୁ ହର୍ମୁଜ୍ ପ୍ରଣାଳୀ ବନ୍ଦ କରାଯିବାର ପ୍ରଭାବ ଏବେ ତେଲ ଏବଂ ଶକ୍ତି ଯୋଗାଣ ଉପରେ ଦେଖିବାକୁ ମିଳିଲାଣି । କ୍ୱାଡ୍ ଦେଶଗୁଡ଼ିକର କହିବା କଥା ହେଉଛି 'ସାମୁଦ୍ରିକ ପଥଗୁଡ଼ିକ ମୁକ୍ତ ରହିବା ଜରୁରୀ ଏବଂ ସେଠାରୁ ଯାତାୟାତ କରୁଥିବା ଜାହାଜଗୁଡ଼ିକ ଉପରେ କୌଣସି ପ୍ରକାରର ଟୋଲ୍ କିମ୍ବା ପ୍ରତିବନ୍ଧକ ଲଗାଯିବା ଉଚିତ୍ ନୁହେଁ ।' ବୈଠକରେ ଭାରତ, ଆମେରିକା, ଜାପାନ ଏବଂ ଅଷ୍ଟ୍ରେଲିଆର ବୈଦେଶିକ ମନ୍ତ୍ରୀମାନେ ସାମିଲ ହୋଇଥିଲେ । ଆମେରିକା ପକ୍ଷରୁ ମାର୍କୋ ରୁବିଓ, ଜାପାନରୁ ତୋଶିମିସୁ ମୋତେଗି ଏବଂ ଅଷ୍ଟ୍ରେଲିଆ ତରଫରୁ ପେନି ୱଙ୍ଗ ଉପସ୍ଥିତ ଥିଲେ ।

ବୈଦେଶିକ ମନ୍ତ୍ରୀ ଜୟଶଙ୍କର ଆତଙ୍କବାଦ ପ୍ରସଙ୍ଗରେ କହିଛନ୍ତି ଯେ ଏହା ବିରୁଦ୍ଧରେ 'ଜିରୋ ଟଲରେନ୍ସ' (ଶୂନ୍ୟ ସହନଶୀଳତା) ନୀତି ଆପଣେଇବା ଉଚିତ୍ । ଯେଉଁ ଦେଶଗୁଡ଼ିକ ଉପରେ ଆତଙ୍କବାଦୀ ଆକ୍ରମଣ ହେଉଛି, ସେମାନଙ୍କର ନିଜ ସୁରକ୍ଷା ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି । ସେ ସୋସିଆଲ ମିଡିଆରେ ଲେଖିଛନ୍ତି ଯେ ବୈଠକରେ ୩ଟି ବଡ଼ ନିଷ୍ପତ୍ତି ଉପରେ ଆଲୋଚନା କରାଯାଇଛି । ଏହି ନିଷ୍ପତ୍ତିଗୁଡିକ ହେଲା ସାମୁଦ୍ରିକ ସୂଚନା ଓ ସୁରକ୍ଷା, କ୍ରିଟିକାଲ୍ ମିନେରାଲ୍ସ ଫ୍ରେମୱର୍କ ଏବଂ ଶକ୍ତି ସୁରକ୍ଷା ।

କ୍ୱାଡ୍ ଦେଶଗୁଡ଼ିକ ସମୁଦ୍ର ସହିତ ଜଡ଼ିତ ସୂଚନା ଆଦାନପ୍ରଦାନ କରିବା ଏବଂ ନଜର ରଖିବା ବଢ଼ାଇବା ଉପରେ ସହମତି ପ୍ରକାଶ କରିଛନ୍ତି । ବନ୍ଦରଗୁଡ଼ିକର ସୁବିଧା ପାଇଁ ଏକ ବିଶେଷଜ୍ଞ ଟିମ୍ ଗଠନ କରିବାକୁ ମଧ ବିଚାର କରାଯିବ । ଏହା ସହିତ 'ଫିଜି'ରେ ଏକ ନୂତନ ପୋର୍ଟ ପ୍ରକଳ୍ପ ଆରମ୍ଭ କରାଯିବ ଏବଂ ସମୁଦ୍ର ତଳେ ବିଛାଯାଇଥିବା ଇଣ୍ଟରନେଟ୍ କେବୁଲ୍ ଗୁଡ଼ିକ ଉପରେ ମିଳିତ ଭାବେ କାର୍ଯ୍ୟ କରାଯିବ । କ୍ୱାଡ୍ ଦେଶଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଖଣିଜ ପାଇଁ ଏକ ମିଳିତ ଫ୍ରେମୱର୍କ ପ୍ରସ୍ତୁତ କରିଛନ୍ତି । ଭାରତ ଏବଂ ଆମେରିକା ମଧ ଏହି ପ୍ରସଙ୍ଗରେ ଏକ ପୃଥକ ଦ୍ୱିପାକ୍ଷିକ ଚୁକ୍ତି କରିଛନ୍ତି । କ୍ୱାଡ୍ ଏବେ ଏହି କାର୍ଯ୍ୟରେ ଅନ୍ୟ ଦେଶଗୁଡ଼ିକୁ ମଧ ଯୋଡ଼ିବାକୁ ଚେଷ୍ଟା କରିବ । ସେହିପରି ଶକ୍ତି ସୁରକ୍ଷା ପ୍ରସଙ୍ଗରେ ଇଣ୍ଡୋ-ପାସିଫିକ୍ କ୍ଷେତ୍ରରେ ଶକ୍ତି ଯୋଗାଣକୁ ସୁରକ୍ଷିତ ରଖିବା ପାଇଁ ଏକ ନୂତନ ଅଭିଯାନ ଆରମ୍ଭ କରାଯାଇଛି । ଏଥିରେ ନୂତନ ପ୍ରଯୁକ୍ତିବିଦ୍ୟା, ଉତ୍ତମ ପରିଚାଳନା, ନୀତି, ଆନ୍ତର୍ଜାତୀୟ ବଜାରର ସୂଚନା ଏବଂ ଜରୁରୀକାଳୀନ ଅଭ୍ୟାସ ଭଳି ଜିନିଷ ସାମିଲ ରହିବ ।

ଦିଲ୍ଲୀରେ କ୍ୱାଡ୍ ଦେଶ ଭାରତ, ଆମେରିକା, ଅଷ୍ଟ୍ରେଲିଆ ଏବଂ ଜାପାନର ବୈଦେଶିକ ମନ୍ତ୍ରୀମାନଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକର ମୁଖ୍ୟ ଫୋକସ୍ ଇଣ୍ଡୋ-ପାସିଫିକ୍ ଅଞ୍ଚଳ ଉପରେ ଥିଲା । କ୍ୱାଡ୍ ବୈଠକ ଶେଷ ହେବା ପରେ ଚାରି ▶▶ ୫

**ଆତଙ୍କବାଦ ବିରୁଦ୍ଧରେ 'ଜିରୋ ଟଲରେନ୍ସ' ନୀତି ଆପଣେଇବା ଉଚିତ୍: ଜୟଶଙ୍କର**

## ୨ ଟଙ୍କା ବଢ଼ିଲା ସିଏନ୍‌ଜି

**ନୂଆଦିଲ୍ଲୀ,୨୬।୫/ଏଜେନ୍ସି:**

ପେଟ୍ରୋଲ୍ ଓ ଡିଜେଲ ଦର ବୃଦ୍ଧି ପରେ ମଙ୍ଗଳବାର ଦେଶରେ ମହଙ୍ଗା ହୋଇଛି ସିଏନ୍‌ଜି । କେଜି ପିଛା ସିଏନଜିର ମୂଲ୍ୟ ୨ ଟଙ୍କା ବୃଦ୍ଧି ପାଇଛି । ଗତ ୧୨ ଦିନ ମଧ୍ୟରେ ୪ର୍ଥ ଥର ପାଇଁ ସିଏନଜି ଦାମ ବଢ଼ିଛି । ବିଶ୍ୱ ବଜାରରେ ଶକ୍ତିର ଦାମ ବୃଦ୍ଧି ପାଉଥିବାରୁ ବିଭିନ୍ନ କମ୍ପାନୀଗୁଡ଼ିକ ସିଏନ୍‌ଜି ଦାମ ବଢ଼ାଇଛନ୍ତି । ବର୍ଦ୍ଧିତ ଦର ମଙ୍ଗଳବାର ସକାଳ ୬ଟାରୁ ହିଁ ଲାଗୁ ହୋଇ ଯାଇଛି । ଏବେ ଦିଲ୍ଲୀରେ ସିଏନ୍‌ଜିର କେଜି ପିଛା ଦାମ ୮୩.୦୯ ଟଙ୍କାରେ ପହଞ୍ଚି ଯାଇଛି । ଏହାପୂର୍ବରୁ ରବିବାର ସିଏନ୍‌ଜିର କେଜି ପିଛା ଦାମ ୧ ଟଙ୍କା ବୃଦ୍ଧି ପାଇଥିଲା । ସେହିପରି ଶୁକ୍ରବାର ଦିଲ୍ଲୀ-ଏନ୍‌ସିଆରରେ ୧ ଟଙ୍କା ମହଙ୍ଗା ହୋଇଥିଲା ସିଏନ୍‌ଜି । ମେ' ୧୫ରେ ମଧ ସରକାର ସିଏନ୍‌ଜିର ଦାମ କେଜି ପିଛା ଦୁଇ ଟଙ୍କା ବଢ଼ାଇଥିଲେ । ଅର୍ଥାତ ୧୨ ଦିନରେ ସିଏନ୍‌ଜିର କେଜି ପିଛା ଦାମ ୭ ଟଙ୍କା ବୃଦ୍ଧି ପାଇ ସାରିଲାଣି । ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ପେଟ୍ରୋଲ, ଡିଜେଲ ଓ ସିଏନ୍‌ଜି ଦାମ ବୃଦ୍ଧି ପାଉଥିଲେ ହେଁ ପିଏନଜି ବା ପାଇପ ଯୋଗେ ପ୍ରାକୃତିକ ଗ୍ୟାସର ଦାମ ଅପରବର୍ତ୍ତିତ ରହିଛି । ସିଏନଜି ଭଳି ସରକାର ମେ' ୧୫ରୁ ଇତି ମଧ ପେଟ୍ରୋଲ ଓ ଡିଜେଲ ଦାମ ମଧ ୪ଥର ବୃଦ୍ଧି କରି ସାରିଲେଣି ।

## ୧୦ଲକ୍ଷ ଟଙ୍କାର ବ୍ରାଉନସୁଗର୍ ଜବତ



କଟକ,୨୬।୫/ଏନ୍ଏନ୍ଏସ୍: କେନ୍ଦ୍ରାଞ୍ଚଳ ଅବକାରୀ ଗୋଇନ୍ଦା ବିଭାଗ ୟୁନିଟ୍-୨ କଟକ ଦ୍ୱାରା ଆଜି ଏକ ନିଶାଦ୍ରବ୍ୟ କାରବାର ମାମଲା ରୁଜୁ କରାଯାଇଛି । କଟକର ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଗ୍ରାମର ଅଭିଯୁକ୍ତ ସନ୍ତୋଷ ନାୟକ (୩୮)ଙ୍କ ପାଖରୁ ମୋଟ ୧୦୪ ଗ୍ରାମର ବ୍ରାଉନ୍ସୁଗର୍ ଜବତ କରାଯାଇଛି । ତୁଳସୀପୁର ପୁଲିସ ସିଗନାଲ କ୍ୟାଣ୍ଟିନ ନିକଟରୁ ଏହି ସବୁ ନିଶାଦ୍ରବ୍ୟ ଜବତ ହୋଇଥିବା ସୂଚନା ମିଳିଛି । ଗିରଫ ଅଭିଯୁକ୍ତଙ୍କୁ ଅବକାରୀ ବିଭାଗ ପକ୍ଷରୁ କୋର୍ଟ ଚାଲାଣ କରାଯାଇଛି । ଏହି ସଫଳ ଚଢ଼ଉରେ ଅବକାରୀ ବିଭାଗର ସବ୍ ଇନ୍ସପେକ୍ଟର ସୌମ୍ୟରଞ୍ଜନ ମାଝୀଙ୍କ ସମେତ ଲକ୍ଷ୍ମୀଧର ଖୁଣ୍ଟିଆ, ସୌରଜିତ ନାଥ ଏବଂ କୃଷ୍ଣ କୁମାର ସବୁତ ପ୍ରମୁଖ ଅବକାରୀ ସିପାହୀ ସାମିଲ ଥିଲେ । ଜବତ ହୋଇଥିବା ବ୍ରାଉନ୍ସୁଗର୍ର ଆନୁମାନିକ ବଜାର ମୂଲ୍ୟ ପ୍ରାୟ ୧୦.୪ ଲକ୍ଷ ଟଙ୍କା ହେବ ବୋଲି ବିଭାଗୀୟ ସୂତ୍ରରୁ ସୂଚନା ପ୍ରଦାନ କରାଯାଇଛି ।

# ଆକାଶବାଣୀର ୯୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପଦଯାତ୍ରା

କଟକ,୨୬।୫/ଏନ୍ଏନ୍ଏସ୍: ଶାରୀରିକ ସୁସ୍ଥତା ବର୍ତ୍ତମାନ ସମୟରେ ଏକ ବଡ଼ ଆହ୍ୱାନ ବୋଲି ଓଡ଼ିଶା ହାଇକୋର୍ଟର ବିଚାରପତି ଜଷ୍ଟିସ ସାବିତ୍ରୀ ରଥ ଆକାଶବାଣୀ ୯୦ବର୍ଷ ପୂର୍ତି ଅବସରରେ ଏକ ପଦଯାତ୍ରାରେ ପ୍ରକାଶ କରିଛନ୍ତି । ଏହି ଅବସରରେ କଟକ ଆକାଶବାଣୀ କେନ୍ଦ୍ର ପକ୍ଷରୁ ଆୟୋଜିତ ପଦଯାତ୍ରାରେ ମୁଖ୍ୟଅତିଥିଭାବେ ଯୋଗଦେଇ ଜଷ୍ଟିସ ରଥ କହିଛନ୍ତି ଆକାଶବାଣୀର କାର୍ଯ୍ୟକ୍ରମ ବାଲ୍ୟକାଳରୁ ତାଙ୍କ ଜୀବନରେ ପ୍ରଭାବ ପକାଇଛି ।



କଟକ ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମଠାରେ ଆରମ୍ଭ ହୋଇଥିବା ପଦଯାତ୍ରାରେ ସମ୍ମାନିତ ଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅନ୍ୟତମ ବିଚାରପତି ଜଷ୍ଟିସ ଶିବ ଶଙ୍କର ମିଶ୍ର ଯୋଗଦେଇ କହିଛନ୍ତି ଯେ ବିଗତ ୪୦ ବର୍ଷ ଧରି ଆକାଶବାଣୀ ଶ୍ରୋତାଭାବେ ଜଡ଼ିତ ହୋଇ ରହିଛନ୍ତି । ଏହି ଅବସରରେ ଆକାଶବାଣୀ ପକ୍ଷରୁ ଆୟୋଜିତ ପଦଯାତ୍ରାରେ ଯୋଗ ଦେଇଥିବା ସମସ୍ତଙ୍କୁ ଜଷ୍ଟିସ ମିଶ୍ର ଶୁଭେଚ୍ଛା ଜଣାଇଥିଲେ । କଟକ ମହାନଗର ନିଗମର କମିଶନର କିରଣଦୀପ କୌର ସହୋତା ଅନ୍ୟତମ ସମ୍ମାନୀୟ ଅତିଥିଭାବେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ ଆକାଶବାଣୀ ୯୦ ବର୍ଷ ପୂରଣ କରିଛି ଏବଂ ଆଗାମୀ ଦିନରେ ଏହା ଜନସାଧାରଣଙ୍କ ଆଶା ଆକାଂକ୍ଷାକୁ ପୂର୍ଣ୍ଣ କରିବାରେ ସହାୟକ ହେବ । କାର୍ଯ୍ୟକ୍ରମର ଦ୍ୱିତୀୟ ଭାଗରେ ବିଚାରପତି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ପଦଯାତ୍ରାରେ ପ୍ରାୟ ୪୦୦ ଜଣ ଭାଗ ନେଇଥିଲେ । ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡ଼ିୟମରୁ ପଦଯାତ୍ରା ଆରମ୍ଭ ହୋଇ ସହରର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା । ଆକାଶବାଣୀ କଟକ କେନ୍ଦ୍ରର ମୁଖ୍ୟ ଭି. ରତ୍ନ ପ୍ରସାଦ ତାଙ୍କର ସ୍ୱାଗତ ଭାଷଣରେ ଆକାଶବାଣୀର ସ୍ୱତନ୍ତ୍ରତା ଏବଂ ବିଶ୍ୱସନୀୟତା ସମ୍ପର୍କରେ ମତ ରଖିଥିଲେ । କାର୍ଯ୍ୟକ୍ରମକୁ ସମ୍ବାଦ ବିଭାଗର ସମ୍ପାଦକ ଇତିଶ୍ରୀ ସିଂ ରାଠୋର ପରିଚାଳନା କରିଥିଲେ । ଯାନ୍ତ୍ରିକ ବିଭାଗର ସଞ୍ଜୁଲତା ନାୟକ କାର୍ଯ୍ୟକ୍ରମର ସଂଯୋଜକ ଥିବା ବେଳେ ଆକାଶବାଣୀ କଟକ କେନ୍ଦ୍ରର ଅନ୍ୟ ବିଭାଗଗୁଡ଼ିକର ସହଯୋଗରେ ପଦଯାତ୍ରାର ଆୟୋଜନ କରାଯାଇଥିଲା । ପଦଯାତ୍ରାରେ ଆକାଶବାଣୀର କର୍ମଚାରୀମାନଙ୍କ ସମେତ ସେବା ନିବୃତ୍ତ ଏବଂ ବିଭିନ୍ନ ଅଞ୍ଚଳରୁ ଆସିଥିବା ଶ୍ରୋତାମାନେ ଭାଗ ନେଇଥିଲେ ।

### ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ପକ୍ଷରୁ ସ୍ମାରକପତ୍ର

## ଦରମା ପୁନର୍ବିନ୍ୟାସ ପାଇଁ ସରକାରଙ୍କ ନିକଟରେ ଦାବି

କଟକ,୨୬।୫/ଏନ୍ଏନ୍ଏସ୍: କଟକ ବଡ଼ ଡାକ୍ତରଖାନା ଓଡ଼ିଶା ଫାର୍ମାସୀ ଅଧିକାରୀ ସେବା ସଂଘ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଶ୍ରୀରାମଚନ୍ଦ୍ର ଭେଷଜ ମହାବିଦ୍ୟାଳୟ ହସ୍ପିଟାଲ ଅଧୀକ୍ଷକଙ୍କୁ ପ୍ରଦାନ କରାଯାଇଛି । ଉକ୍ତ ସ୍ମାରକପତ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ସ୍ୱାସ୍ଥ୍ୟ ସଚିବ ଓ ସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟକୁ ପ୍ରେରଣ କରିବାକୁ ଅନୁରୋଧ କରାଯାଇଛି । ଔଷଧୀୟ କ୍ରୟଠାରୁ ଆରମ୍ଭ କରି ଏହାର ରକ୍ଷଣାବେକ୍ଷଣ ଓ ହସ୍ପିଟାଲର ସମସ୍ତ ବିଭାଗକୁ ସୁବଣ୍ଟନ କରିବା ପର୍ଯ୍ୟନ୍ତ ଫାର୍ମାସୀ ଅଧିକାରୀମାନେ ଦାୟିତ୍ୱ ନିର୍ବାହ କରନ୍ତି । କେନ୍ଦ୍ରୀୟ ଔଷଧାଗାରରେ ଔଷଧର ସଂରକ୍ଷଣ, ମହଜୁଦ, ପରିଚାଳନା, ସମସ୍ତ ବିଭାଗକୁ ନିୟମିତ ବଣ୍ଟନ ସହିତ ନିରାମୟ କେନ୍ଦ୍ରମାନଙ୍କରେ ରୋଗୀଙ୍କୁ ଔଷଧର ସୁବିତରଣ, ଔଷଧ ସେବନ ପ୍ରଣାଳୀ, ଔଷଧର ପାର୍ଶ୍ୱ ପ୍ରତିକ୍ରିୟା ସମ୍ପର୍କରେ ସଚେତନ କରାଇଥାନ୍ତି । ଏହା ସହିତ ଅସ୍ତ୍ରୋପଚାର ଗୃହ, ରକ୍ତଭଣ୍ଡାର, ଟିକାକରଣ କେନ୍ଦ୍ର, ଆଇସିୟୁ, ୱାର୍ଡ ଓ ଜରୁରୀକାଳୀନ ବିଭାଗ ଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକରେ ଔଷଧର ସୁପରିଚାଳନା କରି ନିଜ ଦାୟିତ୍ୱ ସୁଚାରୁରୂପେ ଭାବେ ସମ୍ପାଦନ କରୁଛନ୍ତି । ଏତେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରୁଥିବା ସତ୍ତ୍ୱେ ଓଡ଼ିଶାର ଫାର୍ମାସୀ ଅଧିକାରୀମାନେ ଅନ୍ୟ ରାଜ୍ୟ ତୁଳନାରେ ସବୁଠାରୁ କମ୍ ଗ୍ରେଡ୍ ପେ’ ପାଉଥିବା ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି । ତେଣୁ ଦରମା ପୁନର୍ବିନ୍ୟାସ କରିବା ପାଇଁ ସରକାରଙ୍କ ନିକଟରେ ଦାବି କରାଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ଓଡ଼ିଶା ଫାର୍ମାସୀ ଅଧିକାରୀ ସଂଘ ଏସ୍ସିବି ଶାଖାର ସଭାପତି ରାଧାମାଧବ ଚୌଧୁରୀ, ସମ୍ପାଦକ ପ୍ରକାଶ ପ୍ରଧାନ, ରାଜ୍ୟ ସଂଘର ଯୁଗ୍ମ ସମ୍ପାଦକ ସୁଧାଂଶୁ ଶେଖର ବାରିକ, ଦିଲ୍ଲୀପ କୁମାର ସାହୁ, ନିରଞ୍ଜନ ସାହୁ, ଲକ୍ଷ୍ମୀଧର ସାହୁ, ସାଇରାଜ ରାଉଳ, ବିଶ୍ୱଜିତ ସାମଲ, ରାକେଶ ଆଚାର୍ଯ୍ୟ, ସ୍ନିଗ୍ଧାଶ୍ରୀ ବାରିକ, କ୍ଷୀରାବ୍ଧି ତନୟା ଷଡ଼ଙ୍ଗୀ, ରାଜଶ୍ରୀ ନନ୍ଦିନୀ ସାହୁ, ସାଗରିକା ରଥ ଓ ଇତିଶ୍ରୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।



## ବିଶ୍ୱ ହକର୍ ଦିବସ



କଟକ,୨୬।୫/ଏନ୍ଏନ୍ଏସ୍: ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ କଟକର ବକ୍ସିବଜାରଠାରେ ବିଶ୍ୱ ହକର ଦିବସ ପାଳନ କରାଯାଇଛି । ଏହି ଉପଲକ୍ଷେ ଆୟୋଜିତ ଏକ ବିଶେଷ ସଭାରେ ସଂଘର କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ସମ୍ବାଦପତ୍ର ବିତରକମାନଙ୍କର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଆଜିର ଡିଜିଟାଲ ଯୁଗରେ ସକାଳୁ ସକାଳୁ ଲୋକଙ୍କ ନିକଟରେ ଖବର ପହଞ୍ଚାଉଥିବା ବିତରକମାନେ ବହୁ ଦୁଃଖ କଷ୍ଟ ଏବଂ ଆର୍ଥିକ ଅନଟନ ମଧ୍ୟରେ ନିଜର ଜୀବିକା ପ୍ରତିପୋଷଣ କରୁଛନ୍ତି ବୋଲି ସଭାରେ ମତପ୍ରକାଶ ପାଇଛି । ଏଭଳି ସଙ୍କଟଜନକ ସମୟରେ ଖବରକାଗଜର ମାଲିକ ଏବଂ ରାଜ୍ୟ ସରକାର ସହାନୁଭୂତିର ସହ ବିତରକମାନଙ୍କ ସୁରକ୍ଷା ଓ ଉନ୍ନତି ପାଇଁ ସାହାଯ୍ୟର ହାତ ବଢ଼ାଇବା ନିହାତି ଆବଶ୍ୟକ ବୋଲି ସଂଘ ପକ୍ଷରୁ ଦୃଢ଼ ଦାବି କରାଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ସଭାରେ ସମ୍ବାଦପତ୍ର ବିକ୍ରେତା ସଂଘର ସାଧାରଣ ସମ୍ପାଦକ ରତ୍ନାକର ପ୍ରଧାନ, ସହ ସମ୍ପାଦକ ପ୍ରଶାନ୍ତ ସାହୁ ଏବଂ ମିଡ଼ିଆ ସେଲ୍ ଅଧ୍ୟକ୍ଷ ପ୍ରଭାସ ପ୍ରଧାନ ଉପସ୍ଥିତ ରହି ବିତରକମାନଙ୍କ ହକ ଓ ସାମାଜିକ ସୁରକ୍ଷା ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଏହା ସହିତ କମିଟିର ସଭ୍ୟ କେ. ବେଣୁ ରାଓ, ସୁଜିତ ସାହୁ, ଅଜୟ ବେହେରା, ନିବାସ ରାଉତ, ଚିତ୍ତ ବେହେରା ଏବଂ ସନ୍ତୋଷ ଦତ୍ତ ପ୍ରମୁଖ ସଭାରେ ଯୋଗଦେଇ ଆଗାମୀ ଦିନରେ ସଂଘର ଆନ୍ଦୋଳନ ଓ କାର୍ଯ୍ୟପନ୍ଥାକୁ କିପରି ସୁଦୃଢ଼ କରାଯିବ ସେ ନେଇ ଆଲୋଚନାରେ ସକ୍ରିୟ ଅଂଶଗ୍ରହଣ କରିଥିଲେ ।

## ‘ଦୁଃଖର ସାଥି ପରିବାର’ର ବାର୍ଷିକ ଉତ୍ସବ




କଟକ,୨୬।୫/ଏନ୍ଏନ୍ଏସ୍: ଦୁଃଖର ସାଥୀ ପରିବାର ପକ୍ଷରୁ ଷଷ୍ଠ ବାର୍ଷିକ ଉତ୍ସବର ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ନୟନ କିଶୋର ମହାନ୍ତି ଯୋଗ ଦେଇଥିଲେ । ଝିଲକ ଭଟ୍ଟାଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ସମ୍ମାନିତ ଅତିଥି ଭାବେ ସିଆର୍ଆଇର ଥାନା ଅଧିକାରୀ ପଟି ଗଣେଶ ସାହୁ, ପ୍ରଦୀପ ବେହେରା ଅଭିମନ୍ୟୁ ଦାସ, ଶୁଭାଂଶୁ ନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ । ପରିବାରର ସଭାପତି ରାଜେନ୍ଦ୍ର ରଥ ସ୍ୱାଗତ ଭାଷଣ ଦେଇଥିଲେ । ବିଭିନ୍ନ ଜିଲ୍ଲାରୁ ଆସିଥିବା ସଂଗଠନମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରିବାର ସମ୍ପାଦକ ରଞ୍ଜିତ କୁମାର ପ୍ରଧାନ ସୂଚନା ଦେଇ ଶେଷରେ ପରିବାର ପ୍ରତିଷ୍ଠାତା ସନ୍ତୋଷ ମହାରଣା ଧନ୍ୟବାଦ ଅର୍ପଣ କରି କାର୍ଯ୍ୟକ୍ରମକୁ ସାଙ୍ଗ କରିଥିଲେ ।

## ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା

କଟକ,୨୬।୫/ଏନ୍ଏନ୍ଏସ୍: କଟକ ୬ଷ୍ଠ ଜିଲ୍ଲାସ୍ତରୀୟ ତାଏକ୍ୱୋଣ୍ଡୋ ପ୍ରତିଯୋଗିତା ସ୍ଥାନୀୟ ବାରବାଟୀ ହର୍ଷ ଗେଟ୍ ହଲ୍ରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ କ୍ୟୁରୋଗୀ ଓ ପୁମସେ ଆଦି ଦୁଇଟି ଇଭେଣ୍ଟରେ ବ୍ଲାକ ହକ ତାଏକ୍ୱୋଣ୍ଡୋ ଏକାଡେମୀରୁ ୨୬୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ଓଡ଼ିଶା ତାଏକ୍ୱୋଣ୍ଡୋ ସଂଘରୁ ୮ଜଣ ଜାତୀୟ ରେଫରୀ ପ୍ରତିଯୋଗିତାକୁ ପରିଚାଳନା କରିବା ପାଇଁ ମନୋନୀତ ହୋଇଥିଲେ । ଜିଲ୍ଲା ସଂଘର ସାଧାରଣ ସମ୍ପାଦକ ମନମୋହନ ଭଞ୍ଜ ପ୍ରତିଯୋଗିତାକୁ ଆରମ୍ଭ କରିଥିଲେ । ଜାତୀୟ ରେଫରୀ ଅଜୟ କୁମାର ସାହୁ, ମନ୍ମଥ ବାରିକ, ଅଭିଜିତ ସାହୁ, ପବିତ୍ର ରଣା, ଏସ କେ ତାଫିରୁଦ୍ଦିନ, ମୋନିକା




୧୪୯ଜଣ ବାଳକ ପ୍ରତିଯୋଗୀ ଓ ୧୧୨ଜଣ ବାଳିକା ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । କଟକ ଜିଲ୍ଲାରୁ ୪ଟି ଏକାଡେମୀ ଯଥା ଶିବା ତାଏକ୍ୱୋଣ୍ଡୋ ଏକାଡେମୀ, କୋରିଆନ ମାର୍ଟିଆଲ ଆର୍ଟ୍ସ ସ୍କୁଲ, କିଡ୍ସ ତାଏକ୍ୱୋଣ୍ଡୋ ଏକାଡେମୀ, କୋଚ ପ୍ରଦୀପ କୁମାର କାଣ୍ଡି, ଅଭିଷେକ ସାହୁ, ସାଗରୀକା ନାୟକ, ସୌମ୍ୟମିକି ମହାନ୍ତି ନିଜ ନିଜ ଏକାଡେମୀରୁ ପ୍ରତିନିଧିତ୍ୱ କରିଥିଲେ । ଏହି ଉତ୍ସବରେ ଅନ୍ତର୍ଜାତୀୟ ତାଏକ୍ୱୋଣ୍ଡୋ ମାଷ୍ଟର ତଥା ରାଜ୍ୟ ସଂଘର ପଳେଇ, ମିତାଲି ରାଉଳ ପ୍ରମୁଖ ମନୋନୀତ ହୋଇଥିବା ବେଳେ ଜିଲ୍ଲା ସଂଘର ସଭାପତି ନିଶାର ଅହମ୍ମଦ, ଉପସଭାପତି ପ୍ରଶାନ୍ତ ସାହୁ ସଦସ୍ୟ ତାଉଫିକ ବକ୍ସ ପ୍ରମୁଖ ଉପସ୍ଥିତ ଥିଲେ ।

## ସିଡିଏ କର୍ମଚାରୀ ନେତା ମନୋଜ ବିଶ୍ୱାଳଙ୍କ ଶୋକସଭା

କଟକ,୨୬।୫/ଏନ୍ଏନ୍ଏସ୍: କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ଅବସରପ୍ରାପ୍ତ କର୍ମଚାରୀ ତଥା କର୍ମଚାରୀ ନେତା ମନୋଜ ବିଶ୍ୱାଳଙ୍କ ଅକାଳ ବିୟୋଗରେ ସିଡିଏ କର୍ମଚାରୀ ସଂଘ ପକ୍ଷରୁ ଗଭୀର ଶୋକ ପ୍ରକାଶ ପାଇଛି । ସିଡିଏ କର୍ମଚାରୀମାନେ ଅବସରପରେ ବର୍ଷବର୍ଷ ଧରି ପେନ୍ସନ୍ ନପାଇ ମାସାଧିକ କାଳ ସିଡିଏ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଛନ୍ତି । ଧାରଣାରେ ବସି ଅସୁସ୍ଥ ହେବାପରେ ହସ୍ପିଟାଲ୍ରେ ଚିକିତ୍ସାଧୀନ ଅବସ୍ଥାରେ ମନୋଜଙ୍କର



ପରଲୋକ ହୋଇଥିଲା । ଏହା ଆନ୍ଦୋଳନରତ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି କରିଛି । ସିଡିଏରୁ କୋଟି କୋଟି ଟଙ୍କା ବିଭିନ୍ନ ଉପାୟରେ ହରିଲୁଟ୍ ହେଉଥିଲା ବେଳେ ଅବସରପ୍ରାପ୍ତ କର୍ମଚାରୀମାନଙ୍କୁ ସଂସ୍ଥାର ଅଧିକାରୀମାନେ ମୃତ୍ୟୁମୁଖକୁ ଠେଲି ଦେଇଛନ୍ତି ବୋଲି କର୍ମଚାରୀ ସଂଘ ପକ୍ଷରୁ କାର୍ଯ୍ୟାଳୟ ସମ୍ମୁଖରେ ଅନୁଷ୍ଠିତ ଶୋକ ସଭାରେ ଅଭିଯୋଗ କରିଛି । ଏହି ସଭାରେ ସିଡିଏ କର୍ମଚାରୀ ସଂଘ ସମ୍ପାଦକ ବିଜୟ ଭୂଷଣ ପତି, ଲ’ ଅଫିସର୍ ଅଜୟ କୁମାର ରାଉତ, ଅଧିକାରୀ ରଞ୍ଜିତ ସାହୁ, ରବୀନ୍ଦ୍ର କୁମାର ସାହୁ, ତପନ କୁମାର ନନ୍ଦ ଓ ଯଶୋବନ୍ତ ଦାଶ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଅବସରପ୍ରାପ୍ତ କର୍ମଚାରୀ ନେତା ବିବେକାନନ୍ଦ ଦାସ, ଦିଲ୍ଲୀପ କୁମାର ପାତ୍ର ଓ ସରେଜକାନ୍ତ ପାଲ୍ ପ୍ରମୁଖ ଏଥିର ଉପସ୍ଥିତ ଥିଲେ ।

## ତୈଳ ଦର ବୃଦ୍ଧି ପ୍ରତିବାଦରେ ବିକ୍ଷୋଭ

କଟକ,୨୬।୫/ଏନ୍ଏନ୍ଏସ୍: ସାଧାରଣ ଲୋକଙ୍କ ଦୈନନ୍ଦିନ ବ୍ୟବହୃତ ପେଟ୍ରୋଲ, ଡିଜେଲ ଓ ରୋଷେଇ ଗ୍ୟାସ ଦର ଏବେ ଆକାଶଛୁଆଁ, ଦିନକୁ ଦିନ ଏହାର ଅହେତୁକ ମୂଲ୍ୟ ବୃଦ୍ଧି ମଧ୍ୟବିତ୍ତ ଶ୍ରେଣୀଙ୍କ ଆର୍ଥିକ ମେରୁଦଣ୍ଡ ଭାଙ୍ଗିବା ସହ ରାଜ୍ୟବାସୀଙ୍କ ପାଇଁ ଚିନ୍ତାର ବିଷୟ ପାଲଟିଛି । ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗରିବ ମାରଣ ନୀତି ଓ ଦୃଢ ଇଚ୍ଛାଶକ୍ତି ଅଭାବରୁ ଛୋଟ ଯାନଠାରୁ ଆରମ୍ଭ କରି ଭାରୀଯାନ ପର୍ଯ୍ୟନ୍ତ ସମସ୍ତ ସାମଗ୍ରୀ ଉପରେ ପରିବହନ ଖର୍ଚ୍ଚ ବୃଦ୍ଧି ସହିତ ଯାତ୍ରୀ ମାନଙ୍କୁ ଆବଶ୍ୟକତାଠାରୁ ଅଧିକ ଭଡା ଦେବାକୁ ପଡୁଛି । ଯାହାଦ୍ୱାରା ଦୂରଦୂରାନ୍ତରୁ ଆସୁଥିବା ଯାତ୍ରୀଙ୍କୁ ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ଯୋଗୁଁ ଜୀବନଯାତ୍ରା ପ୍ରଭାବିତ କରିଛି । କେବଳ ସେତିକି ନୁହେଁ, ତେଲ ଦର ବୃଦ୍ଧି ସହିତ ରୋଷେଇ ଗ୍ୟାସ ଦର ବୃଦ୍ଧି ଯୋଗୁଁ ଆଗାମୀ ଦିନରେ ମା’ ମାନଙ୍କ ହାଣ୍ଡିଶାଳ ଉପରେ ମଧ ବିଶେଷ ପ୍ରଭାବ ପକାଇବ ବୋଲି ସ୍ପଷ୍ଟ ହେଉଛି । ଏହି ପରିପ୍ରେକ୍ଷୀରେ ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଆଜି କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ଶାସକ ବିଜେପି ସରକାର ବିରୋଧରେ ଏକ ବିଶାଳ ପ୍ରତିବାଦ ସଭା କଲେଜ ଛକ ଠାରେ ଅନୁଷ୍ଠିତ ହୋଇଯାଇଛି । କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହଙ୍କ ନେତୃତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ କଟକ ମହାନଗର ମେୟର




ସୁବାସ ସିଂହ,ରାଜ୍ୟ ଯୁବ ବିଜୁ ଜନତା ଦଳ ସଭାପତି ଚିନ୍ମୟ ସାହୁ, ମିନତୀ ବେହେରା, ଜିଲ୍ଲା ଯୁବ ବିଜେଡ଼ି ସଭାପତି ସ୍ମୃତିରଞ୍ଜନ ନାୟକ, ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ବେହେରା, କଟକ ଜିଲ୍ଲା ବିଜେଡି ମହିଳା ସଭାନେତ୍ରୀ ଅନିତା ବେହେରା, ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଶିଶିର ପରିଜା, ସମ୍ପାଦକ ପ୍ରଦୀପ୍ତ ଖୁଣ୍ଟିଆ, ଚିରଞ୍ଜୀବୀ ସାହୁ, ଜିଲ୍ଲା ସାଧାରଣ ସମ୍ପାଦକ ତାପସ ମହାନ୍ତି, ରାଜ୍ୟ ପରିଷଦ ସଦସ୍ୟ ପ୍ରକାଶ ସିଂ, ନନ୍ଦଲାଲ ସିଂହ, ଜୟଦେବ ଜେନା, ବିଷ୍ଣୁ ସାହୁ, ନୀଳମାଧବ ଖୁଣ୍ଟିଆ, ମିତାଲି ଭଞ୍ଜ, ଇତିଶ୍ରୀ ପଣ୍ଡା, ଗୋପା ସାମଲ, କଲ୍ୟାଣୀ ଭୂୟାଁ, ପ୍ରଫୁଲ୍ଲ ବେହେରା, ନିମାଇଁ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ, ଅଜୟ ମହାନ୍ତି, ଜନସନ ମହାପାତ୍ର, ପ୍ରଭାତ ଜେନା, ସୋମିତ୍ ସାମଲ, ରୂପେଶ ଦାସ, ଜ୍ଞାନ ରଞ୍ଜନ ଜେନା,ରାକେଶ ବେହେରା ବିଶ୍ୱରଞ୍ଜନ ଖୁଣ୍ଟିଆ, ମନୋରଞ୍ଜନ ସେନାପତି, ବିଶ୍ୱଜିତ୍ ଦଳେଇ, ରାକେଶ କୁମାର ସାହୁ, ଦେବାଶିଷ ସାହୁ, ସୁଜିତ୍ ଜେନା,ମାନସୀ ସ୍ୱାଇଁ, ମନୋରଞ୍ଜନ ସାହୁ, ସତ୍ୟବ୍ରତ ପଟ୍ଟନାୟକ ଓ ବନିୟା ପାତ୍ର ପ୍ରମୁଖ ବିକ୍ଷୋଭରେ ଅଂଶଗ୍ରହଣ କରିଥିଲେ ।

### ବିଏମ୍ସିର ୪୧ତମ ସାଧାରଣ ପରିଷଦ ବୈଠକ

# ବର୍ଷା ପୂର୍ବରୁ ଡ୍ରେନେଜ୍ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୬।୫/ଏନ୍ଏନ୍ଏସ୍: ଭୁବନେଶ୍ୱର ମହାନଗର ନିଗମର ୪୧ ତମ ସାଧାରଣ ପରିଷଦ ବୈଠକ ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହୋଇଯାଇଛି । ମେୟର ସୁଲୋଚନା ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଡେପୁଟି ମେୟର ମଞ୍ଜୁଲତା କହଁର, କମିଶନର୍ ଚଞ୍ଚଳ ରାଣା, ଅତିରିକ୍ତ କମିଶନର୍ ସସ୍ମିତା ସାହୁ, ଅତିରିକ୍ତ କମିଶନର୍ କୈଳାସ ଚନ୍ଦ୍ର ଦାସ, ମୁଖ୍ୟ ବିତ୍ତ ଅଧିକାରୀ ଦୀପକ ରଞ୍ଜନ ବେହେରା ଏବଂ ଜୋନାଲ କମିଶନର ଅଶ୍ୱିନୀ ଏ.ଏଲ୍. ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ଅବସରରେ ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା, ଅଧ୍ୟକ୍ଷ, କର୍ପୋରେଟର ଏବଂ ବିଏମ୍ସି ସହ ସଂଯୁକ୍ତ ବିଭିନ୍ନ ବିଭାଗର ସମସ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।




ପ୍ରାରମ୍ଭରେ କମିଶନର୍ ଚଞ୍ଚଳ ରାଣା ସ୍ୱାଗତ ଅଭିଭାଷଣ ପ୍ରଦାନ ସହ ସହରରେ ଗ୍ରୀଷ୍ମ ପ୍ରବାହରୁ ଜନସାଧାରଣ, ବୁଲା ପଶୁପକ୍ଷୀ ଏବଂ ପରିବେଶର ସୁରକ୍ଷା ନିମନ୍ତେ ନିଗମ ପକ୍ଷରୁ ନିଆଯାଇଥିବା ବ୍ୟାପକ ପଦକ୍ଷେପ ସମ୍ପର୍କରେ ଗୃହକୁ ଅବଗତ କରାଇଥିଲେ । ପ୍ରଚଣ୍ଡ ଖରାରୁ ପଥଚାରୀଙ୍କୁ ସୁରକ୍ଷା ଦେବା ପାଇଁ ପୂର୍ବରୁ କେବଳ ଏଜି ଛକରେ ସ୍ଥାୟୀ ଆଶ୍ରୟସ୍ଥଳ ନିର୍ମାଣ ହୋଇଥିବା ବେଳେ ବର୍ତ୍ତମାନ ରୁପାଲୀ ଛକ ଓ ପାୱାର ହାଉସ ଛକରେ ସ୍ୱତନ୍ତ୍ର ସ୍ଥାୟୀ ସେଡ୍ ନିର୍ମାଣ କାର୍ଯ୍ୟ ଜାରି ରହିଛି । ସେହିପରି ଯାତ୍ରୀମାନଙ୍କ ସୁବିଧା ପାଇଁ କଳ୍ପନା ଓ ଫାୟାରଷ୍ଟେସନ ଛକଠାରେ ଦୁଇଟି ଶୀତଳ ବିଶ୍ରାମ ସ୍ଥଳ ଖୋଲାଯାଇଛି ଏବଂ ଆଗାମୀ ଦିନରେ ଆଉ ଦୁଇଟି ଶୀତଳ ବିଶ୍ରାମସ୍ଥଳ ସହ ସହରର ୧୦ଟି ପ୍ରମୁଖ ସ୍ଥାନରେ ଶୀତଳ ବସ୍ ସ୍ଟପ୍ ସ୍ଥାପନ କରାଯିବ । ପ୍ରତ୍ୟେକ ୱାର୍ଡରେ ସ୍ୱଚ୍ଛ କର୍ମୀ ଓ ସାଧାରଣ ଲୋକଙ୍କ ପାଇଁ ବହୁମୁଖୀ ବିଶ୍ରାମ ଗୃହ ନିର୍ମାଣର ଯୋଜନା ରହିଛି, ଯେଉଁଠାରେ ବେଣାଚେର ମାଧ୍ୟମରେ ପ୍ରାକୃତିକ ଉପାୟରେ ଥଣ୍ଡା ପବନ ଯୋଗାଇ ଦିଆଯିବ । ଏହାସହ ସହରର ଜନଗହଳିପୂର୍ଣ୍ଣ ସ୍ଥାନରେ ୪୦ଟି ସୌରଶକ୍ତି ଚାଳିତ ପାନୀୟ ଜଳ କିଓସ୍କ ଓ ଜଳଛତ୍ର ପ୍ରତିଷ୍ଠା କରାଯାଇଛି ଏବଂ ବୁଲା ଗାଈଗୋରୁ, କୁକୁର, ବିରାଡି, ମାଙ୍କଡ଼ ଓ ପକ୍ଷୀମାନଙ୍କ ପାଇଁ ବିଭିନ୍ନ ସ୍ଥାନରେ ଜଳ ଓ ବସାର ବ୍ୟବସ୍ଥା କରାଯାଇଛି । ସ୍ମାର୍ଟ ଜନପଥରେ ସ୍ମାର୍ଟ ବେଞ୍ଚ ନିର୍ମାଣ ସହ ବୁଦ୍ଧ ବିହାର, ସୁବୁଦ୍ଧିପୁର ଓ ନୀଳାଦ୍ରି ବିହାର ଆଦି ଗୃହ ନିର୍ମାଣ ପ୍ରକଳ୍ପ, ସାମୁଦାୟିକ କେନ୍ଦ୍ର ଓ ୱାର୍ଡ କାର୍ଯ୍ୟାଳୟଗୁଡ଼ିକର ଛାତରେ ଧଳା ପ୍ରଲେପ ଦିଆଯାଇ ଘରଗୁଡ଼ିକୁ ଥଣ୍ଡା ରଖିବାର ବ୍ୟବସ୍ଥା ହୋଇଛି । ବୈଠକରେ ବର୍ଷା ଋତୁ ପୂର୍ବ ପ୍ରସ୍ତୁତି ସ୍ୱରୂପ ସହରର ସମସ୍ତ ପ୍ରମୁଖ ଏବଂ ୱାର୍ଡ ସ୍ତରୀୟ ଡ୍ରେନ୍ଗୁଡ଼ିକରୁ ପଙ୍କୋଦ୍ଧାର କାର୍ଯ୍ୟ ଜାରି ରହିଥିବା ସୂଚନା ଦିଆଯାଇଛି । ବିଶେଷ କରି ଇସ୍କନ ମନ୍ଦିର ନିକଟରେ ଅତ୍ୟାଧୁନିକ ଜଳ ନିଷ୍କାସନ ବ୍ୟବସ୍ଥାର କାର୍ଯ୍ୟ ଆରମ୍ଭ ହୋଇଛି । ମେୟର୍ ସୁଲୋଚନା ଦାସ ବର୍ଷା ଋତୁ ପୂର୍ବରୁ ସମସ୍ତ ପଙ୍କୋଦ୍ଧାର ଏବଂ ରାସ୍ତା ମରାମତି କାର୍ଯ୍ୟ ଜୁନ୍ ଶେଷ ସୁଦ୍ଧା ସାରିବାକୁ ସମ୍ପୃକ୍ତ ସଂସ୍ଥା ଓ ବିଭାଗକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଜୁଲାଇ ମାସଠାରୁ ସହରରେ କୌଣସି ରାସ୍ତା ଖୋଳାଯାଇ ପାରିବ ନାହିଁ ଏବଂ ଜଳ ଯୋଗାଉଥିବା ସଂସ୍ଥା ଓ ବିଦ୍ୟୁତ ବିତରଣ ସଂସ୍ଥାକୁ ମଧ୍ୟ ଜୁଲାଇରୁ ରାସ୍ତା ନ ଖୋଳିବାକୁ ତାଗିଦ୍ କରାଯାଇଛି । ବର୍ତ୍ତମାନର କର୍ପୋରେସନ୍ର କାର୍ଯ୍ୟକାଳ ଅଳ୍ପ ଦିନ ଥିବାରୁ ଚାଲୁ ରହିଥିବା କାର୍ଯ୍ୟ ଓ ଟେଣ୍ଡର ପ୍ରକ୍ରିୟାକୁ ତୁରନ୍ତ ଶେଷ କରିବା ସହ କର୍ପୋରେଟରମାନଙ୍କୁ ନିଜ ନିଜ ଅଞ୍ଚଳରେ କାର୍ଯ୍ୟର ତଦାରଖ କରିବାକୁ କୁହାଯାଇଛି । ଏହା ସହିତ ସହରର ବିଭିନ୍ନ ସ୍ଥାନରେ ଥିବା ବିପଦସଂକୁଳ ବିଦ୍ୟୁତ ପୋଲ ଏବଂ ଓହଳି ରହିଥିବା ତାରଗୁଡ଼ିକୁ ସଜାଡ଼ିବା ପାଇଁ ମେୟର୍ ବିଦ୍ୟୁତ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ବୈଠକ ଶେଷରେ ପୂର୍ବ ବିବରଣୀ ପାଠ, ଶୂନ୍ୟକାଳ ପ୍ରଶ୍ନୋତ୍ତର ଏବଂ ଆଗତ ସମସ୍ତ ପ୍ରସ୍ତାବ ଉପରେ ସବିଶେଷ ଆଲୋଚନା ହୋଇଥିଲା । ଅତିରିକ୍ତ କମିଶନର୍ କୈଳାସ ଚନ୍ଦ୍ର ଦାସ ଏହି ସମସ୍ତ କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ ।

# ବିଜେପିରେ ମିଶିଲେ ଦେବାଶିଷ ସାମନ୍ତରାୟ



**ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ମିଶିଲି: ଦେବାଶିଷ**

**ଗୁଣ୍ଡୁଚି ମୂଷା ଭଳି ସହଯୋଗ ପାଇଁ ସୁଯୋଗ ଦେଇଥିବାରୁ ମୋଦୀଙ୍କୁ ଜଣାଇଲେ ଧନ୍ୟବାଦ**

**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ସୋମବାର ବିଜେଡିକୁ ବାଏ ବାଏ କରିଥିଲେ, ମଙ୍ଗଳବାର ପଦ୍ମ ଧରିଲେ। ସୋମବାର ବିଜେଡିରୁ ଇସ୍ତଫା ଦେଇଥିବା ପୂର୍ବତନ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ ମଙ୍ଗଳବାର ବିଜେପିରେ ଯୋଗ ଦେଇଛନ୍ତି। ସେ ନୂଆଦିଲ୍ଲୀ ସ୍ଥିତ ବିଜେପି ମୁଖ୍ୟାଳୟରେ ଦଳରେ ସାମିଲ ହୋଇଛନ୍ତି। ଦଳର ରାଷ୍ଟ୍ରୀୟ ସାଧାରଣ ସଂପାଦକ ଅରୁଣ ସିଂ, ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ଅନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେ ଦଳରେ ଯୋଗ ଦେଇଛନ୍ତି।

ବିଜେପିରେ ମିଶିବା ପରେ ଦେବାଶିଷ ସାମନ୍ତରାୟ କହିଛନ୍ତି, 'ପ୍ରଧାନମନ୍ତ୍ରୀଙ୍କ ବ୍ୟକ୍ତିତ୍ୱ ଓ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେପିରେ ମିଶିଲି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଭିଜନରେ ଓଡ଼ିଶାର ବିକାଶ ହେଉଛି। ଗୁଣ୍ଡୁଚି ମୂଷା ଭଳି ସହଯୋଗ ପାଇଁ ପ୍ରଧାନମନ୍ତ୍ରୀ ସୁଯୋଗ ଦେଇଥିବାରୁ ଧନ୍ୟବାଦ। ଓଡ଼ିଶାରେ ବିଜେପି ପାଇଁ ବହୁତ କାମ କରିବି ଓ ଦଳକୁ ଆହୁରି ସୁଦୃଢ଼ କରିବି।' ବିଜେପିରେ ମିଶିବା ପରେ ଦଳର ରାଷ୍ଟ୍ରୀୟ ଅଧକ୍ଷ ନିତିନ ନବୀନଙ୍କୁ ଦେବାଶିଷ ସାମନ୍ତରାୟ ଭେଟିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ମାଝୀ, କେନ୍ଦ୍ର ମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ସେ ନିତିନ ନବୀନଙ୍କୁ ଭେଟିଥିଲେ।

ଦେବାଶିଷଙ୍କ ସମେତ ଏଯାଏଁ ୩ ଜଣ ବିଜେଡି ରାଜ୍ୟସଭା ସାଂସଦ ଶଙ୍ଖକୁ ବାଏ ବାଏ କରି ପଦ୍ମ ଧରିଲେଣି। ବଡ଼କଥା ହେଉଛି ଦେବାଶିଷଙ୍କ ପରେ ଆଉ କିଛି ବିଜେଡି ସାଂସଦ ଦଳ ଛାଡ଼ି ବିଜେପିରେ ସାମିଲ ହେବେ ବୋଲି ଏବେ ସବୁଠି ଚର୍ଚ୍ଚା। ବିଜେପିର କିଛି ନେତା ଏମିତି ଦାବି ବି କରୁଛନ୍ତି। ଉପକୂଳର ଜଣେ ଦୁଇ ଜଣ ସାଂସଦ ବିଜେପି ସହ ଯୋଗାଯୋଗରେ ଅଛନ୍ତି ବୋଲି ଚର୍ଚ୍ଚା ହେଉଛି। ଆସନ୍ତା ୫-୭ ଦିନ ଭିତରେ ବଡ଼ ସୂଚନା ଆସିପାରେ। ବଡ଼ ପ୍ରଶ୍ନ, ଦେବାଶିଷଙ୍କ ପରେ କିଏ ?

ସେପଟେ ବିଜେଡି ଛାଡୁଥିବା ନେତାଙ୍କ ଟାର୍ଗେଟ୍ ହେଉଛନ୍ତି ପାଣ୍ଡିଆନ୍। ଦେବାଶିଷଙ୍କ ଇସ୍ତଫା ପରେ ବିଜେଡି ଯେମିତି ଏବେ ଦୁଇଭାଗ। ଦଳର ନେତୃତ୍ୱକୁ ନେଇ ପ୍ରଶ୍ନ ବି ଉଠିଲାଣି। ସେହିପରି ଯେଉଁମାନେ କହୁଛନ୍ତି ଯେ ଦଳ ଛାଡ଼ିଲେ କିଛି ପ୍ରଭାବ ପଡ଼ିବନି ସେଭଳି ନେତାଙ୍କୁ ବି ବିଜେଡିର ଯୁବ ନେତା ବିରୋଧ କରିବା ଆରମ୍ଭ କଲେଣି। ବିଜେଡି କର୍ପୋରେଟର ଅଜିତ ବେହେରା ସିଧା ନିଶାନା ଲଗାଇ ପ୍ରଶ୍ନ କରିଛନ୍ତି, ଯଦି ଅଦୃଶ୍ୟ ଭାବେ ପାଣ୍ଡିଆନ କାର୍ଯ୍ୟ କରୁଥିବେ ତେବେ ଦଳ ପାଇଁ ଏହା ବଡ଼ କ୍ଷତିକାରକ ହେବ। ଦେବାଶିଷଙ୍କ ଭଳି ଜଣେ ଟାଣୁଆ ନେତା ଓ ସଂଗଠକଙ୍କୁ ଦଳ ହରେଇଛି। ଅନ୍ୟପଟେ ଦଳର ଯୁକ୍ତି ଯେଉଁମାନେ ବିଜେଡି ଛାଡୁଛନ୍ତି ପାଣ୍ଡିଆନ୍ ସେମାନଙ୍କ ପାଇଁ ଆଳ କେବଳ। ପାଣ୍ଡିଆନ୍ ତ ରାଜନୀତିରେ ନାହାଁନ୍ତି ତାଙ୍କ ନାଁ କାହିଁକି ଉଠୁଛି ?



# ପର୍ଯ୍ୟଟନ ବିକାଶ ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ



**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ମଙ୍ଗଳବାର ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନର ସମ୍ମିଳନୀ କକ୍ଷରେ ରାଜ୍ୟରେ ଚାଲିଥିବା ବିଭିନ୍ନ ପର୍ଯ୍ୟଟନ ଭିତ୍ତିଭୂମି ପ୍ରକଳ୍ପ, ପର୍ଯ୍ୟଟନ ସ୍ଥଳୀର ବିକାଶମୂଳକ କାର୍ଯ୍ୟ ଏବଂ ପ୍ରଚାର ପ୍ରସାରର ସ୍ଥିତି ସମ୍ପର୍କରେ ସମୀକ୍ଷା କରିଛନ୍ତି। ଶ୍ରୀମତୀ ପରିଡ଼ା ଧଉଳି ଆଖପାଖରେ ହେବାକୁଥିବା ବିକାଶମୂଳକ କାର୍ଯ୍ୟର ସମୀକ୍ଷା କରିବା ସହ ଏହି ଐତିହ୍ୟ ସ୍ଥଳରେ ପର୍ଯ୍ୟଟକମାନଙ୍କ ଅନୁଭୂତିକୁ ଅଧିକ ସମୃଦ୍ଧ କରିବା ପାଇଁ ବିଭିନ୍ନ ପଦକ୍ଷେପ ଉପରେ ଆଲୋଚନା କରିଥିଲେ। ଧଉଳି ମାଷ୍ଟର ପ୍ଲାନର ଏକ ଅଂଶ ସ୍ୱରୂପ ପରିବେଶ ଅନୁକୂଳ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟକମାନଙ୍କୁ ଅଧିକ ସୁବିଧା ଯୋଗାଇଦେବା ପାଇଁ ସେ ପର୍ଯ୍ୟଟକ ଓ ସ୍ଥାନୀୟ ଯାତାୟାତ ନିମନ୍ତେ ବୈଦ୍ୟୁତିକ ଯାନ ପ୍ରଚଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ଭୁବନେଶ୍ୱର- ପୁରୀ କରିଡର ମଧ୍ୟରେ ଥିବା କପିଳେଶ୍ୱର ଏବଂ ସୁଖମେଶ୍ୱର ମନ୍ଦିର ସହିତ ଦାସିଆ ବାଉରୀ ପୀଠ ଏବଂ ଅନ୍ୟାନ୍ୟ ଐତିହ୍ୟ ସ୍ଥଳଗୁଡ଼ିକର ସୌନ୍ଦର୍ଯ୍ୟକରଣ ଏବଂ ସମନ୍ୱିତ ବିକାଶର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ସେ ସମ୍ପୃକ୍ତ ବିଭାଗ ଏବଂ କର୍ତ୍ତୃପକ୍ଷଙ୍କଠାରୁ ଆବଶ୍ୟକୀୟ ମଞ୍ଜୁରୀ ଓ ଅନୁମତି ପାଇବା ପରେ ସମନ୍ୱୟ ରକ୍ଷା କରି ପ୍ରସ୍ତାବିତ କାର୍ଯ୍ୟଗୁଡ଼ିକ ହାତକୁ ନେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆଗାମୀ ରଥଯାତ୍ରା ଏବଂ ଏଥିପାଇଁ ଆସିବାକୁ ଥିବା ପର୍ଯ୍ୟଟକ ଓ ଶ୍ରଦ୍ଧାଳୁଙ୍କ ସଂଖ୍ୟାକୁ ଦୃଷ୍ଟିରେ ରଖି ଭୁବନେଶ୍ୱର-ପୁରୀ କରିଡର୍ ପାଇଁ ବିଭାଗର ବିଜ୍ଞାପନ ଏବଂ ପ୍ରଚାର ଯୋଜନା ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ହୋମ୍‌ଷ୍ଟେ, ଆଡ୍‌ଭେଞ୍ଚର ପର୍ଯ୍ୟଟନ, ପର୍ଯ୍ୟଟକଙ୍କ ସୁରକ୍ଷା ଓ ନିରାପତ୍ତା ଏବଂ ପ୍ରମୁଖ ପର୍ଯ୍ୟଟନ ସ୍ଥଳଗୁଡ଼ିକରେ ପରିମଳ ବ୍ୟବସ୍ଥା ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରାଯାଇଥିଲା, ଯେଉଁଥିରେ ଓଡ଼ିଶାକୁ ଏକ ସ୍ୱଚ୍ଛ, ସୁରକ୍ଷିତ ଏବଂ ସାଂସ୍କୃତିକ ଭିତ୍ତିକ ସମୃଦ୍ଧ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢ଼ିତୋଳିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ପର୍ଯ୍ୟଟନ କ୍ଷେତ୍ରରେ ବେସରକାରୀ ପୁଞ୍ଜିନିବେଶକୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ନୀତି ଓ ଯୋଜନାର ସମୀକ୍ଷା କରିଥିଲେ ଏବଂ ପର୍ଯ୍ୟଟନ ଭିତ୍ତିଭୂମି ତଥା ପୁଞ୍ଜିନିବେଶକୁ ସହଜ କରିବା ପାଇଁ ଏକ ସ୍ୱତନ୍ତ୍ର ପର୍ଯ୍ୟଟନ ଲ୍ୟାଣ୍ଡ ବ୍ୟାଙ୍କ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ପର୍ଯ୍ୟଟନ ବିଭାଗ ଦ୍ୱାରା ସଠିକ୍ ସମୟରେ ପୁଞ୍ଜିନିବେଶ ସବ୍‌ସିଡି ପ୍ରଦାନ ଏବଂ ହସ୍ପିଟାଲିଟି ପ୍ରକଳ୍ପଗୁଡ଼ିକର ଠିକ୍ ସମୟରେ ମଞ୍ଜୁରୀ ପାଇଁ କରାଯାଇଥିବା ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପର୍ଯ୍ୟଟନ ବିଭାଗର ସଚିବ ବଳବନ୍ତ ସିଂହ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏବଂ ପର୍ଯ୍ୟଟନ ବିଭାଗର ଅନ୍ୟାନ୍ୟ ସମ୍ପୃକ୍ତ ଅଧିକାରୀମାନେ ଏହି ବୈଠକରେ ଯୋଗ ଦେଇଥିଲେ।

# ଟାଟା ଷ୍ଟିଲ୍ ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ ବିଜେତାଙ୍କ ଇସ୍ରୋ ପରିଭ୍ରମଣ




**ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ରେ ଶିକ୍ଷାଭିତ୍ତିକ ପରିଭ୍ରମଣର ଶୁଭାରମ୍ଭ**

**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ମହାକାଶ ଗବେଷଣା ଓ ଗ୍ରହ ନକ୍ଷତ୍ରମାନଙ୍କ ଉପସ୍ଥିତି ଏବଂ ଗତିବିଧି ସମ୍ପର୍କରେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିବା ନିଶ୍ଚିତ ଭାବେ ଏକ ସୁଯୋଗ । ଏହି ସୁଯୋଗକୁ ସଫଳ ରୂପାୟନ ପାଇଁ ଆଜି ରାଜ୍ୟର ୩୦ ଜଣ ଛାତ୍ରଛାତ୍ରୀ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ)ର ସତୀଶ ଧାୱନ ମହାକେଶ କେନ୍ଦ୍ରକୁ ଶିକ୍ଷାଭିତ୍ତିକ ଗସ୍ତ କରିଛନ୍ତି। 'ଯୁବ ଜ୍ୟୋତିର୍ବିଜ୍ଞାନୀ ପ୍ରତିଭା ଅନ୍ୱେଷଣ' (ୟାଟ୍ସ)ର ୩୦ଜଣ କୃତୀ ଛାତ୍ରଛାତ୍ରୀ ଏଥିରେ ସାମିଲ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ପଠାଣି ସାମନ୍ତ ପ୍ଲାନେଟାରିୟମଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଏହାର ଶୁଭାରମ୍ଭ କରିଛନ୍ତି। ଏହି ଗସ୍ତ ଆଜିଠାରୁ ଆରମ୍ଭ ହୋଇଥିବା ବେଳେ ଆସନ୍ତା୨୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଟାଟା ଷ୍ଟିଲ ଓ ଓଡ଼ିଶା ସରକାରଙ୍କ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅଧୀନସ୍ଥ ପଠାଣି ସାମନ୍ତ ପ୍ଲାନେଟାରିୟମ ସହଯୋଗିତାରେ ଆୟୋଜିତ ୧୯ତମ ସଂସ୍କରଣରେ ସାରା ରାଜ୍ୟର ୭୬,୭୦୦ଜଣ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୩୦ଜଣ ବିଜେତା ଛାତ୍ରଛାତ୍ରୀଙ୍କୁ ଇସ୍ରୋ ଗସ୍ତ ପାଇଁ ମନୋନୀତ କରାଯାଇଥିଲା। ଏହି ଶିକ୍ଷାଭିତ୍ତିକ ଗସ୍ତର ଶୁଭାରମ୍ଭ କରି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଶ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଥିଲେ ଯେ ପ୍ରଥମ ଥର ପାଇଁ ୟାଟ୍ସ ବିଜେତାମାନେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ଇସ୍ରୋ ପ୍ରତିଷ୍ଠାନ ପରିଦର୍ଶନ କରିବାର ସୁଯୋଗ ପାଉଛନ୍ତି। ଏହି ଶିକ୍ଷାଭିତ୍ତିକ ପରିଭ୍ରମଣରେ ସେମାନେ ମହାକାଶ ବିଜ୍ଞାନ ଏବଂ ଜ୍ୟୋତିର୍ବିଜ୍ଞାନ ବିଷୟରେ ଅନେକ ତଥ୍ୟ ଜାଣିବାର ସୁଯୋଗ ପାଇବେ। ଏହି ଯୁବ ଜ୍ୟୋତିର୍ବିଜ୍ଞାନୀମାନେ ଆଗାମୀ ଦିନରେ ପ୍ରସିଦ୍ଧ ବୈଜ୍ଞାନିକ ହୋଇ ରାଜ୍ୟ ଓ ଦେଶ ପାଇଁ ଗୌରବ ଆନିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ସେହିଭଳି ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ପଠାଣି ସାମନ୍ତ ପ୍ଲାନେଟାରିୟମ ଅଧକ୍ଷା ଚିତ୍ରା ଅରୁମୁଗମ ଶ୍ରୀହରିକୋଟାସ୍ଥିତ ସତୀଶ ଧୱନ ସ୍ପେସ୍ ସେଣ୍ଟର ପରିଭ୍ରମଣରେ ଯାଉଥିବା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ଅତିରିକ୍ତ ଶାସନ ସଚିବ ଶିବାନୀ ମହାନ୍ତି, ପଠାଣି ସାମନ୍ତ ପ୍ଲାନେଟାରିୟମର ନିର୍ଦ୍ଦେଶକ ଊର୍ମିପ୍ରଭା ମହାରଣା ଏବଂ ଟାଟା ଷ୍ଟିଲ୍ ମେରାମଣ୍ଡଳୀର କର୍ପୋରେଟ୍ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

**ଏସ୍‌ଆଇଆର୍ ସୁପରିଚାଳନା ନେଇ ରାଜ୍ୟସ୍ତରୀୟ ପ୍ରସ୍ତୁତି**

# ତ୍ରୁଟିଶୂନ୍ୟ କରିବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ରାଜ୍ୟରେ ଆସନ୍ତା ମଇ ୩୦ ତାରିଖରୁ ଆରମ୍ଭ ହେବାକୁ ଥିବା ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସଆଇ ଆର) କାର୍ଯ୍ୟକ୍ରମର ସୁପରିଚାଳନା ନେଇ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର୍ ଏସ୍ ଗୋପଲନଙ୍କ ଅଧ୍ୟକ୍ଷତାରେ ଆଭାସୀ ମାଧ୍ୟମରେ ଆୟୋଜିତ ଏହି ବୈଠକରେ ସମସ୍ତ ଜିଲ୍ଲାର ନୋଡାଲ ଅଫିସର, ଡେପୁଟି କଲେକ୍ଟର (ନିର୍ବାଚନ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ସାମିଲ ହୋଇଥିଲେ। ବୈଠକରେ ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ଏସଆଇଆର କାର୍ଯ୍ୟକ୍ରମକୁ ଅଧିକ କ୍ରିୟାଶୀଳ ଓ ତ୍ରୁଟିଶୂନ୍ୟ କରିବା ପାଇଁ ସମସ୍ତ ଜିଲ୍ଲା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ, ତ୍ରୁଟି ସଂଶୋଧନ ଏବଂ ସ୍ଥାନାନ୍ତରଣ ପ୍ରକ୍ରିୟାକୁ କିପରି ସରଳୀକରଣ କରାଯାଇପାରିବ, ସେ ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଏହି ଅଭିଯାନରେ କୌଣସି ଯୋଗ୍ୟ ଭୋଟର ଯେପରି ବାଦ୍ ନପଡ଼ନ୍ତି, ସେଥିପ୍ରତି ସତର୍କ ଦୃଷ୍ଟି ଦେବାକୁ ସେ କହିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମୟରେ ବି ଏଲ୍‌ଓମାନେ ଘରକୁ ଘର ବୁଲି ସର୍ଭେ ପ୍ରକ୍ରିୟାକୁ ସ୍ୱଚ୍ଛ, ସରଳ ଓ ଗୁଜବମୁକ୍ତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସମସ୍ତ ଜିଲ୍ଲା ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଶେଷ କରି ସୋସିଆଲ୍ ମିଡିଆରେ ଏସ୍‌ଆଇଆର୍‌କୁ ନେଇ ପ୍ରସାରିତ ହେଉଥିବା ଯେକୌଣସି ଅପପ୍ରଚାରର ତୁରନ୍ତ ମୁକାବିଲା କରିବାକୁ ଏହି ଆଭାସୀ ବୈଠକରେ ଚେତାବନୀ ଦିଆଯାଇଛି। ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ ସୋସିଆଲ୍ ମିଡିଆରେ କୌଣସି ପ୍ରକାର ଭ୍ରମାତ୍ମକ ସୂଚନା କିମ୍ବା ଗୁଜବ ଯେପରି ନ ବ୍ୟାପେ, ସେଥିପାଇଁ ପ୍ରତ୍ୟେକ ଜିଲ୍ଲାର ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନେ ସୋସିଆଲ୍ ମିଡିଆ ପ୍ଲାଟଫର୍ମ ଉପରେ ତୀକ୍ଷ୍ଣ ନଜର ରଖିବେ। କୌଣସି ଅପପ୍ରଚାର ନଜରକୁ ଆସିଲେ, ପ୍ରଶାସନ ପକ୍ଷରୁ ସଙ୍ଗେ ସଙ୍ଗେ ତାର ସତ୍ୟାସତ୍ୟ ଉପସ୍ଥାପନ କରାଯାଇ ଖଣ୍ଡନ କରାଯିବ।



ଭୋଟର ତାଲିକା ପ୍ରସ୍ତୁତି ପାଇଁ ଉଦ୍ଦିଷ୍ଟ ସମସ୍ତ ଗଣନା ଫର୍ମକୁ ସ୍ଥାନୀୟ ଓଡ଼ିଆ ଭାଷାରେ ଉପଲବ୍ଧ କରାଯିବ, ଯାହାଦ୍ୱାରା ଗ୍ରାମାଞ୍ଚଳର ସାଧାରଣ ଲୋକେ ଏହାକୁ ସହଜରେ ବୁଝିପାରିବେ।ଏହା ସହିତ ଘରକୁ ଘର ବୁଲି ହେବାକୁ ଥିବା ଗଣନା କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ସଚେତନ କରାଯିବ, ଯେପରି ସେମାନେ ନିଜ ସଠିକ୍ ତଥ୍ୟ ପ୍ରଦାନ କରିବେ। ଜନସାଧାରଣଙ୍କ ସହାୟତା ପାଇଁ ୧୯୫୦ ଟୋଲ୍ ଫ୍ରି ନିର୍ବାଚନ ହେଲ୍ପଲାଇନ ନମ୍ବରର ବ୍ୟାପକ ପ୍ରଚାର କରାଯିବ। ଏହି ନମ୍ବର ଜରିଆରେ ନାଗରିକମାନେ ଭୋଟର ତାଲିକା ସମ୍ବନ୍ଧୀୟ ସମସ୍ତ ସୂଚନା ପାଇପାରିବେ ଏବଂ ନିଜ ଅଞ୍ଚଳର ବୁଥ୍‌ସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା ପାଇଁ ଏକ କଲ୍ ମଧ୍ୟ ବୁକ୍ କରିପାରିବେ। ଭୋଟର ସଂଶୋଧନ ପ୍ରକ୍ରିୟା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇବା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ସ୍ଥାନୀୟ ଗଣମାଧ୍ୟମ, ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଏହାର କିପରି ବହୁଳ ଭାବରେ ପ୍ରଚାର ପ୍ରସାର କରାଯାଇପାରିବ ସେ ଉପରେ ଡେପୁଟି ସିଇଓ ଡ଼. ଲକ୍ଷ୍ମୀପ୍ରସାଦ ସାହୁ ସମସ୍ତ ଜିଲ୍ଲାର ମିଡିଆ ସେଲ୍, ସୋସିଆଲ ମିଡିଆ ସେଲ୍‌ର ମୁଖ୍ୟ ଓ ଡିଆଇପିଆରଓ ମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର ଏସ ଗୋପଲନଙ୍କ ସମେତ ଡେପୁଟି ସିଇଓ ଡ଼.ଲକ୍ଷ୍ମୀପ୍ରସାଦ ସାହୁ ଓ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବିଜେଡି ଲିଗାଲ୍ ଫ୍ରଣ୍ଟ୍ ସଦସ୍ୟଙ୍କୁ ନବୀନଙ୍କ ପରାମର୍ଶ**

# ଗରିବଙ୍କୁ ଆଇନ ସହାୟତା ଦିଅ, ଅନ୍ୟାୟ ବିରୁଦ୍ଧରେ ଲଢ଼

**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ଗରିବ ଲୋକଙ୍କୁ ଆଇନ ସହାୟତା ଯୋଗାଇବା ଦିଅ। ଅନ୍ୟାୟ ବିରୁଦ୍ଧରେ ସାଧାରଣ ଲୋକଙ୍କ ସ୍ୱର ହୁଅ। ବିଜେଡି ଲିଗାଲ ଫ୍ରଣ୍ଟ୍ ସଦସ୍ୟଙ୍କୁ ଏଭଳି ପରାମର୍ଶ ଦେଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ।



ମଙ୍ଗଳବାର ନବୀନ ନିବାସରେ ବିଜେଡି ଲିଗାଲ୍ ଫ୍ରଣ୍ଟର ସଭ୍ୟମାନେ ବିଜୁ ଜନତା ଦଳ ସଭାପତି ଶ୍ରୀ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିଷୟରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ସମୟରେ ନବୀନ ବିଜେଡି ଲିଗାଲ ଫ୍ରଣ୍ଟକୁ ଆହୁରି ମଜଭୁତ୍ କରିବା ପାଇଁ ପରାମର୍ଶ ଦେବା ସହ ସାଧାରଣ ଲୋକଙ୍କୁ ନ୍ୟାୟ ଦେବାରେ ସରକାର ଅବହେଳା କରୁଥିବାରୁ ସାଧାରଣ ଲୋକଙ୍କ ପାଇଁ ସ୍ୱର ଉଠାଇବାକୁ ସେ ଲିଗାଲ ଫ୍ରଣ୍ଟ ସଦସ୍ୟଙ୍କୁ କହିଛନ୍ତି। ଏହାସହିତ ସାଧାରଣ ଲୋକ ଯେପରି ବ୍ୟବସ୍ଥାରୁ ନ୍ୟାୟ ପାଇ ପାରିବେ, ସେଥିପ୍ରତି ବିଶେଷ ଧ୍ୟାନ ଦେବା ସହ ଆଇନ ସହାୟତା ଆବଶ୍ୟକ କରୁଥିବା ଗରିବ ଲୋକଙ୍କୁ ମଧ୍ୟ ମାଗଣାରେ ଆଇନ ସହାୟତା ଯୋଗାଇ ଦେବା ପାଇଁ ଶ୍ରୀ ପଟ୍ଟନାୟକ ବିଜେଡି ଲିଗାଲ ଫ୍ରଣ୍ଟ ସଭ୍ୟମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ସାକ୍ଷାତ ସମୟରେ ବିଜେଡି ଲିଗାଲ ଫ୍ରଣ୍ଟର ସଦସ୍ୟ ମିଳନ କାନୁନଗୋ, ମନୋଜ ବର୍ମା, ସିଦ୍ଧାର୍ଥ ଦାସ ଓ ସୁରେଶ ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ଏହି ଅବସରରେ ବିଜେଡି ଲିଗାଲ ଫ୍ରଣ୍ଟ ରାଜ୍ୟର ସମସ୍ତ ଜିଲ୍ଲା ଓ ବ୍ଲକ ସ୍ତରରେ କିଭଳି ଆହୁରି ମଜବୁତ୍ ହୋଇ ପାରିବ, ସେ ସମ୍ପର୍କରେ ଦଳ ସଭାପତିଙ୍କୁ ସେମାନଙ୍କର ସୁଚିନ୍ତିତ ମତାମତ ଦେଇଥିଲେ।

# ସୌମ୍ୟରଞ୍ଜନ ହତ୍ୟା ଘଟଣାରେ ଆଉ ଜଣେ ଗିରଫ

**ଗିରଫ ସଂଖ୍ୟା ୧୬କୁ ବୃଦ୍ଧି**

**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ବାଲିଅନ୍ତା ଥାନା ଅଞ୍ଚଳରେ ଜିଆରପି କନଷ୍ଟେବଲ ସୌମ୍ୟରଞ୍ଜନ ସ୍ୱାଇଁଙ୍କୁ ପିଟି ପିଟି ହତ୍ୟା କରାଯିବା ଘଟଣାରେ କ୍ରାଇମବ୍ରାଞ୍ଚ ଆଉ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତାଙ୍କ ନାଁ ବିନୋଦ କୁମାର ବେହେରା (୪୮)। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲ୍ଲା ଇନ୍ଦୁପୁରରେ। ସେ ଭୁବନେଶ୍ୱରର ସତ୍ୟନଗର ଅଞ୍ଚଳରେ ରହନ୍ତି। ତାଙ୍କୁ ପୁଲିସ କେନ୍ଦ୍ରାପଡ଼ାର ଇନ୍ଦୁପୁରରୁ ଗିରଫ କରିଛି। ଏହା ସହିତ ଏହି ମାମଲାରେ ଏଯାବତ ୧୬ ଜଣ ଗିରଫ ହୋଇଛନ୍ତି। ବିନୋଦଙ୍କୁ ମଧ୍ୟ କ୍ରାଇମବ୍ରାଞ୍ଚ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଛି। ମୁଖ୍ୟ ଅଭିଯୁକ୍ତମାନେ ବାଉଁଶରେ ସୌମ୍ୟଙ୍କ ମୁଣ୍ଡ ଓ ଅନ୍ୟ ସମ୍ବେଦନଶୀଳ ଅଙ୍ଗରେ ପିଟିଥିଲେ। ତଦନ୍ତ ବେଳେ ମିଳିଥିବା ପ୍ରମାଣ ଆଧାରରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରିଛି। ଏହି ମାମଲାରେ କମିଶନରେଟ ପୁଲିସ ୧୧ ଜଣଙ୍କୁ ଗିରଫ କରିଥିବା ବେଳେ କ୍ରାଇମବ୍ରାଞ୍ଚ ୫ ଜଣଙ୍କୁ ଗିରଫ କରିଛି। ଘଟଣାର ତଦନ୍ତ ଭାର ନିଜ ହାତକୁ ନେଲା ପରେ କ୍ରାଇମବ୍ରାଞ୍ଚ ବାଲିଅନ୍ତା ଥାନାକୁ ଯାଇ ତନାଘନା କରିବା ସହିତ ଘଟଣାସ୍ଥଳରେ ଯାଞ୍ଚ କରିଥିଲା। କ୍ରାଇମବ୍ରାଞ୍ଚ ଆଇଜି କହିଛନ୍ତି ଯେ ଘଟଣା

**ସମ୍ଭାବ୍ୟ ବନ୍ୟାର ମୁକାବିଲା ପାଇଁ ଜଳ ସମ୍ପଦ ବିଭାଗର ପ୍ରସ୍ତୁତି**

# ଜୁନ୍ ୧ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ କାର୍ଯ୍ୟକ୍ଷମ ରହିବ ନିୟନ୍ତ୍ରଣ କକ୍ଷ

**ଭୁବନେଶ୍ୱର,୨୬୫/ଏନ୍ଏନ୍ଏସ୍:** ଆଗାମୀ ମୌସୁମୀ ଋତୁ ତଥା ବନ୍ୟା ସମୟରେ ପ୍ରଭାବଶାଳୀ ପରିଚାଳନା ଏବଂ ଜନସାଧାରଣଙ୍କ ସୁରକ୍ଷା ନିଶ୍ଚିତ କରିବା ପାଇଁ ମଙ୍ଗଳବାର ଏକ ଉଚ୍ଚସ୍ତରୀୟ ପ୍ରାକ୍-ବନ୍ୟା ପ୍ରସ୍ତୁତି ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗର ପ୍ରମୁଖ ସଚିବ ଶୁଭା ଶର୍ମାଙ୍କ ସହିତ ସର୍ବୋଚ୍ଚ ଯନ୍ତ୍ରୀ ଇଂ ବିଭୁତି ଭୂଷଣ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ରାଜ୍ୟର ସମ୍ଭାବ୍ୟ ବନ୍ୟା ପରିସ୍ଥିତିର ମୁକାବିଲା ପାଇଁ ବିଭାଗ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପର ବିସ୍ତୃତ ସମୀକ୍ଷା କରାଯାଇଛି। ଚଳିତ ବର୍ଷ ବନ୍ୟାଜନିତ କ୍ଷୟକ୍ଷତିକୁ ରୋକିବା ସହ 'ଶୂନ୍ୟ ମୃତାହତ' ଲକ୍ଷ୍ୟ ହାସଲ କରିବା ପାଇଁ ସମସ୍ତ କ୍ଷେତ୍ରସ୍ତରୀୟ ଅଧିକାରୀ ଓ ବିଭିନ୍ନ ସବ୍-ଡିଭିଜନଙ୍କୁ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା କରି ସଜାଗ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ବିଭାଗର 'ବନ୍ୟା ଜରୁରୀକାଳୀନ ଯୋଜନା'ର କାର୍ଯ୍ୟକାରିତା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷ କରି ଚଳିତ ବର୍ଷ ପାଇଁ ରାଜ୍ୟର ବିଭିନ୍ନ ନଦୀବନ୍ଧଗୁଡ଼ିକର ସ୍ଥିତି ଏବଂ ଗତ ବର୍ଷ ବନ୍ୟା ସମୟରେ ହୋଇଥିବା କ୍ଷୟକ୍ଷତିର ପୁନରୁଦ୍ଧାର ତଥା ମରାମତି କାର୍ଯ୍ୟର ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ମୌସୁମୀ ବର୍ଷା ଆରମ୍ଭ ହେବା ପୂର୍ବରୁ ସମସ୍ତ ଅସମ୍ପୂର୍ଣ୍ଣ ମରାମତି କାର୍ଯ୍ୟକୁ ଯୁଦ୍ଧକାଳୀନ ଭିତ୍ତିରେ ଶେଷ କରିବାକୁ କ୍ଷେତ୍ରାଧିକାରୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ନଦୀ ପଠାରେ ଥିବା ସ୍ଲୁଇସ୍ ଗେଟ୍ ଗୁଡ଼ିକର କାର୍ଯ୍ୟକ୍ଷମତା ଏବଂ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ଡ୍ରେନେଜ୍ ବ୍ୟବସ୍ଥାର ସଫେଇ ଉପରେ ଗୁରୁତ୍ୱାରୋପ କରାଯାଇଛି। ରାଜ୍ୟର ସମସ୍ତ ପ୍ରମୁଖ ଡ୍ୟାମ୍ ଗୁଡ଼ିକରେ ହୋଇଥିବା ମକ୍ ଡ୍ରିଲରୁ ମିଳିଥିବା ତଥ୍ୟ ଆଧାରରେ ବନ୍ୟା ଗେଟ୍‌ଗୁଡ଼ିକର କାର୍ଯ୍ୟକାରିତା ଓ ପ୍ରଶାସନର ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବନ୍ୟା ଜଳ ନିଷ୍କାସନର ପ୍ରଭାବଶାଳୀ ପରିଚାଳନା ଓ ପ୍ରଶମନ ଉପରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇ ଜଳ ପ୍ରବାହକୁ ବାଧାପ୍ରାପ୍ତ କରୁଥିବା ସମସ୍ତ ପ୍ରକାର ଜଳବନ୍ଦୀ ସମସ୍ୟାର ସମାଧାନ ତଥା ନଦୀପଥ ସଫେଇ ଓ ପୁନରୁଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ କ୍ଷେତ୍ର ସ୍ତରରେ ସୁପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ, ପୁଲିସ ଏବଂ ସ୍ଥାନୀୟ ଜନପ୍ରତିନିଧିମାନଙ୍କ ସହ ସମ୍ପୂର୍ଣ୍ଣ ସମନ୍ୱୟ ରକ୍ଷା କରିବାକୁ ପ୍ରମୁଖ ସଚିବ ଗୁରୁତ୍ୱାରୋପ କରିଛନ୍ତି। ବନ୍ୟାର ସଫଳ ମୁକାବିଲା ପାଇଁ ଆବଶ୍ୟକୀୟ ବନ୍ୟା ପ୍ରତିରୋଧକ ସାମଗ୍ରୀ ଯଥା ବାଲିବସ୍ତା, ବାଉଁଶ ଏବଂ ଜାଲି ଆଦିର ଆବଶ୍ୟକତା ଓ ମହଜୁଦ ସ୍ଥିତି ସମ୍ପର୍କରେ ପ୍ରମୁଖ ସଚିବ ଯାଞ୍ଚ କରିଥିଲେ। ଯେକୌଣସି ଜରୁରୀ ପରିସ୍ଥିତିରେ ବ୍ୟବହାର କରାଯିବାକୁ ଥିବା ଆଧୁନିକ ଯନ୍ତ୍ରପାତିଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରଖିବା ସହ ଚଳିତ ମୌସୁମୀ ପାଇଁ ଚିହ୍ନଟ ହୋଇଥିବା ଅତି ସମ୍ବେଦନଶୀଳ ଓ ଦୁର୍ବଳ ସ୍ଥାନଗୁଡ଼ିକ ଉପରେ ୨୪ ଘଣ୍ଟିଆ ତୀକ୍ଷ୍ଣ ନଜର ରଖିବାକୁ କୁହାଯାଇଛି। ଆସନ୍ତା ଜୁନ୍ ୧ ତାରିଖରୁ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଡିଭିଜନ, ସର୍କଲ ଏବଂ ମୁଖ୍ୟ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସ୍ତରରେ ବନ୍ୟା ନିୟନ୍ତ୍ରଣ କକ୍ଷ ଗୁଡ଼ିକ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ରହିବ।



ସେଚ ସଦନସ୍ଥିତ ସର୍ବୋଚ୍ଚ ଯନ୍ତ୍ରୀଙ୍କ ବନ୍ୟା ପ୍ରକୋଷ୍ଠ ଏବଂ ରାଜୀବ ଭବନସ୍ଥିତ ରାଜ୍ୟ ହାଇଡ୍ରୋଲୋଜିକାଲ୍ ଡାଟା ସେଣ୍ଟରରେ ଥିବା ଜଳସମ୍ପଦ ବିଭାଗର ବନ୍ୟା ପ୍ରକୋଷ୍ଠ ଜୁନ୍ ୧ ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ରାଜ୍ୟ ହାଇଡ୍ରୋଲୋଜିକାଲ୍ ଡାଟା ସେଣ୍ଟର ର କାର୍ଯ୍ୟକାରିତାର ମଧ୍ୟ ସମୀକ୍ଷା କରାଯାଇଛି। ଚଳିତ ବର୍ଷ ମଧ୍ୟ ସର୍ବୋଚ୍ଚ ଯନ୍ତ୍ରୀଙ୍କ ନିର୍ଦ୍ଦେଶରେ ଏହି ଫ୍ଲଡ୍ ସେଲ୍ ଅଧୀନରେ ଥିବା 'ଏସଆଇ ଟିମ୍' ଦୈନିକ ଦୁଇଥର ନିୟମିତ ଭାବେ ବନ୍ୟା ବୁଲେଟିନ୍ ପ୍ରକାଶ କରିବେ। ଏହି ବୈଠକରେ ବିଭାଗୀୟ ବରିଷ୍ଠ ଅଧିକାରୀ ବୃନ୍ଦ ଓ ସମସ୍ତ ପ୍ରକଳ୍ପର ମୁଖ୍ୟ ଯନ୍ତ୍ରୀ ଆଭାସୀ ମାଧ୍ୟମରେ ଯୋଗଦେଇ ପ୍ରକଳ୍ପର ସ୍ଥିତି ବିଷୟରେ ଅବଗତ କରିଥିଲେ।

## ହ୍ରାସ ପାଇବ ଅନ୍ୟ ରାଷ୍ଟ୍ରଙ୍କ ଉପରେ ନିର୍ଭରଶୀଳତା

# ଭାରତରେ ଦୁର୍ଲଭ ଖଣିଜର ବିଶାଳ ଭଣ୍ଡାର

**ନୂଆଦିଲ୍ଲୀ, ୨୬।୫/ଏଜେନ୍ସି:** ପଶ୍ଚିମ ରାଜସ୍ଥାନର ବାଲୋତ୍ରା ଜିଲ୍ଲାରେ ପ୍ରାୟ ୭୨୫ ବର୍ଗ କିଲୋମିଟର ପତିତ ଜମି ତଳେ ବିପୁଳ ପରିମାଣର 'ରେୟାର ଆର୍ଥ ଏଲିମେଣ୍ଟସ-ଆର୍‌ଇଇ' ବା ଦୁର୍ଲଭ ଖଣିଜ ପଦାର୍ଥ ମିଳିଛି। ଫଳରେ ଦେଶର ବୈଷୟିକ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଏକ ଐତିହାସିକ ପରିବର୍ତ୍ତନ ଆସିବା ନେଇ ଏକ ନିଶ୍ଚିତ ଆଶ୍ୱସ୍ତି ମିଳିଛି। ପୂର୍ବରୁ ଭାରତ କେବଳ ସମୁଦ୍ରକୂଳର ବାଲି ଉପରେ ନିର୍ଭର କରୁଥିଲା, କିନ୍ତୁ ରାଜସ୍ଥାନର ଏହି ଆବିଷ୍କାର ଦେଶରେ ପ୍ରଥମ ଥର ପାଇଁ ସ୍ଥଳଭାଗର କଠିନ ପଥର ବା ହାର୍ଡ-ରକ୍‌ରେ ବିପୁଳ ପରିମାଣର ବିରଳ ଖଣିଜ ସମ୍ପଦର ସନ୍ଧାନ ଦେଇଛି। ପଶ୍ଚିମ ରାଜସ୍ଥାନର ବାରମେର ଏବଂ ବାଲୋତ୍ରା ଜିଲ୍ଲାରେ ପ୍ରାୟ ବ୍ୟାପିଥିବା ପ୍ରାୟ ୭୨୫ ବର୍ଗ କିଲୋମିଟରର ଏକ ପ୍ରାଚୀନ ଆଗ୍ନେୟଗିରି ଅଞ୍ଚଳ, ଯାହାକୁ ସିୱାନା ରିଙ୍ଗ କମ୍ପ୍ଲେକ୍ସ ମଧ୍ୟ କୁହାଯାଏ। ତେବେ ସିୱାନା ତହସିଲ୍‌ର ଭାଟି-ଖେଡ଼ା ବ୍ଲକ୍ ଭାରତର ସବୁଠାରୁ ପ୍ରମୁଖ ହାର୍ଡ-ରକ ଆର୍‌ଇଇ ବ୍ଲକ୍ ଭାବେ ଉଭା ହୋଇଛି। ଭାରତୀୟ ଭୂବିଜ୍ଞାନ ସର୍ବେକ୍ଷଣ ଏବଂ ଅଟୋମିକ୍ ମିନେରାଲ୍ସ ଡିରେକ୍ଟୋରେଟ୍ ମିଳିତ ଭାବେ ବାଲୋତ୍ରା ଏବଂ ସିକର ଭଳି ଜିଲ୍ଲାରେ ୮୩ ନିୟୁତ (୮.୩ କୋଟି) ଟନ୍‌ରୁ ଅଧିକ ଆର୍‌ଇଇ ଉତ୍ସ ଚିହ୍ନଟ କରିଛନ୍ତି। କେବଳ ବାଲୋତ୍ରାର ପଥୁରିଆ ଅଞ୍ଚଳରେ ୧,୧୧,୦୦୦ ଟନ୍‌ରୁ ଅଧିକ ବିରଳ ଆର୍ଥ ଅକ୍ସାଇଡ୍ ଗଚ୍ଛିତ ଥିବା ଆକଳନ କରାଯାଇଛି। ବୈଜ୍ଞାନିକ ସର୍ଭେରୁ ଜଣାପଡିଛି ଯେ, ଏହି ଅଞ୍ଚଳରେ ମୁଖ୍ୟତଃ ନିଓବିୟମ , ଜିରକୋନିୟମ ଏବଂ ହାଫନିୟମଭଳି ଅତ୍ୟନ୍ତ ଦୁର୍ଲଭ ଉପାଦାନ ରହିଛି। ଏହି ଦୁର୍ଲଭ ଖଣିଜଗୁଡ଼ିକର ବ୍ୟବହାର ଏରୋସ୍ପେସ ଇଞ୍ଜିନ ପାଇଁ ସୁପର-ଏଲଏ ମ୍ୟାଟେରିଆଲ ପ୍ରସ୍ତୁତି ଏବଂ ମେଡିକାଲ ଉପକରଣର ସୁପରକଣ୍ଡକ୍ଟିଂ ମ୍ୟାଗ୍ନେଟରେ କରାଯାଏ। ଏହା ବ୍ୟତୀତ ନ୍ୟୁକ୍ଲିୟର ରିଆକ୍ଟର, ମିସାଇଲ ଟେକ୍ନୋଲୋଜି, ଇଲେକ୍ଟ୍ରିକ କାର୍, ରୋବୋଟିକ୍ସ, ମାଇକ୍ରୋ-ଇଲେକ୍ଟ୍ରୋନିକ୍ସ, କେମିକାଲ ପ୍ରୋସେସିଂ, ହାଇ-ଏଣ୍ଡ ବ୍ୟାଟେରୀ ଏବଂ ପ୍ରତିରକ୍ଷା ପ୍ରଣାଳୀରେ ଏହାର ବହୁଳ ବ୍ୟବହାର କରାଯାଏ।



ରାଜସ୍ଥାନର ଏହି ଆବିଷ୍କାର ଭାରତର ଦୁଇଟି ବଡ଼ ସମସ୍ୟାର ସମାଧାନ କରିଛି। ପ୍ରଥମତଃ ଉଚ୍ଚ ମାତ୍ରାର ଧାତୁ ସାନ୍ଦ୍ରତା। ସିଧାସଳଖ କହିଲେ ଭାରତର ପାରମ୍ପରିକ ଉପକୂଳ ବାଲିରେ ଖଣିଜର ମାତ୍ରା କମ୍ ଥାଏ ଏବଂ ସେଥିରେ ଥୋରିୟମ୍ ଓ ୟୁରାନିୟମ୍ ଭଳି ବିକିରଣଶୀଳ ଉପାଦାନ ଥାଏ, ଯାହାକୁ ଅଲଗା କରିବା କଷ୍ଟକର ଓ ଆଇନଗତ ଭାବେ ଜଟିଳ। କିନ୍ତୁ ରାଜସ୍ଥାନର କଠିନ ପଥରରେ ଶୁଦ୍ଧ ଧାତୁର ପରିମାଣ ବହୁତ ଅଧିକ, ଯାହାଦ୍ୱାରା ଏହାର ବ୍ୟବସାୟିକ ଉତ୍ପାଦନ ଅଧିକ ଲାଭଦାୟକ ହେବ। ସେହିପରି ଦ୍ୱିତୀୟ ସମସ୍ୟା ହେଲା ଭାରୀ ବିରଳ ମୃତ୍ତିକାର ଉପସ୍ଥିତି। ରାଜସ୍ଥାନର ଏହି ଭଣ୍ଡାରରେ ବାଷ୍ଟନାସାଇଟ୍, ବ୍ରିଥୋଲାଇଟ୍ ଏବଂ ଜେନୋଟାଇମ୍ ଭଳି ମୂଲ୍ୟବାନ ଖଣିଜ ପଦାର୍ଥ ଅଛି। ଏଥିରେ ଲାଇଟ୍ ଏବଂ ହେଭି ଦୁଇ ପ୍ରକାରର ଆର୍‌ଇଇ ନିଓଡିମିୟମ୍ ଏବଂ ପ୍ରାସେଓଡିମିୟମ୍ ରହିଛି। ଏହା ଅତି ଶକ୍ତିଶାଳୀ ଚୁମ୍ବକ ତିଆରି ପାଇଁ ବ୍ୟବହୃତ ହୁଏ, ଯାହା ମୋବାଇଲ୍ ଏବଂ ଇଲେକ୍ଟ୍ରୋନିକ୍ସ ପାଇଁ ଅତି ଜରୁରୀ। ସେହିପରି ଡିସପ୍ରୋସିୟମ୍ ଏବଂ ୟଟ୍ରିୟମ୍ ଭଳି ଧାତୁ ପ୍ରତିରକ୍ଷା ଉପକରଣ, ଇଲେକ୍ଟ୍ରିକ୍ ଯାନ ମୋଟର ଏବଂ ସାମରିକ ଇଲେକ୍ଟ୍ରୋନିକ୍ସ ଆଦିରେ ବ୍ୟବହୃତ ହୁଏ। ନାୟୋବିୟମ୍ ଏବଂ ଜିରକୋନିୟମ୍ ଭଳି ଅତି ଗୁରୁତ୍ୱପୂର୍ଣ୍ଣ ସାମରିକ ଧାତୁ ମଧ୍ୟ ଏଠାରୁ ମିଳିଛି।

ମୋଟାମୋଟି ରାଜସ୍ଥାନରେ ଆବିଷ୍କୃତ ଏହି ବିରଳ ମୃତ୍ତିକା ଦେଶର ପ୍ରତିରକ୍ଷା ଏବଂ ହାଇ-ଟେକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ। ରକେଟ ଠାରୁ ଆରମ୍ଭ କରି ଆଟୋମିକ ପାୱାର ପ୍ଲାଣ୍ଟ ପର୍ଯ୍ୟନ୍ତ ବ୍ୟବହୃତ ହେଉଥିବା ଏହି ମୂଲ୍ୟବାନ କଞ୍ଚାମାଲ ଏବେ ଭାରତକୁ ନିଜ ମାଟିରୁ ହିଁ ମିଳିପାରିବ। ପ୍ରକାଶ, ରେୟାର ଆର୍ଥ ଏଲିମେଣ୍ଟସ ମାମଲାରେ ଭାରତ ସମଗ୍ର ବିଶ୍ୱରେ ପଞ୍ଚମ ସ୍ଥାନରେ ରହିଛି। ଭାରତ ପାଖରେ ପ୍ରାୟ ୬୯ ଲକ୍ଷ ମେଟ୍ରିକ ଟନ ଆର୍‌ଇଇ ମହଜୁଦ ଅଛି। ତଥାପି ବିଶ୍ୱର ମୋଟ ଉତ୍ପାଦନରେ ଭାରତର ଅଂଶଧନ ୧% ରୁ ମଧ୍ୟ କମ୍। ଚୀନ୍ ଏହି କ୍ଷେତ୍ରରେ ବିଶ୍ୱରେ ପ୍ରଥମ ସ୍ଥାନରେ ଅଛି, ଯାହା ପାଖରେ ୪୪୦ ଲକ୍ଷ ମେଟ୍ରିକ୍ ଟନ୍ ଆର୍‌ଇଇର ଷ୍ଟକ୍ ଅଛି (ଯାହା ସାରା ବିଶ୍ୱର ୪୯%)। ଚୀନ ବାର୍ଷିକ ୨.୭ ଲକ୍ଷ ମେଟ୍ରିକ ଟନ ଆର୍‌ଇଇ ଉତ୍ପାଦନ କରେ। ଚୀନ ପରେ ଭିଏତନାମ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପଟେ ଆମେରିକା ପାଖରେ ମାତ୍ର ୧୯ ଲକ୍ଷ ଟନ ଭଣ୍ଡାର ରହିଛି ଏବଂ ଆମେରିକାର କାଲିଫର୍ଣ୍ଣିଆର ମାଉଣ୍ଟେନ ପାସ ମାଇନ ଏହାର ସବୁଠାରୁ ବଡ଼ ଉତ୍ସ ଅଟେ।

---

## ଗିର୍ ଜଙ୍ଗଲରେ ୫ ଶାବକ ସମେତ ୮ ସିଂହଙ୍କ ମୃତ୍ୟୁ

### ବାବେସିଆ ଭୂତାଣୁ ସଂକ୍ରମଣ ଆଶଙ୍କା

**ଗିର (ଗୁଜରାଟ), ୨୬।୫/ଏଜେନ୍ସି:** ଗୁଜରାଟର ଗିର୍ ଜଙ୍ଗଲରେ ଦୁଇଟି ସିଂହ ଶାବକ ବାବେସିଆ ଭୂତାଣୁ ସଂକ୍ରମଣ ଯୋଗୁଁ ମୃତ୍ୟୁବରଣ କରିଥିବା ଜଣାପଡିଛି। ଅନ୍ୟପକ୍ଷେ, ଭିନ୍ନ ଭିନ୍ନ ଘଟଣାରେ ପ୍ରାକୃତିକ କାରଣ ଏବଂ ପରସ୍ପର ମଧ୍ୟରେ ଲଢ଼େଇ ଯୋଗୁଁ ଅନ୍ୟ ତିନୋଟି ସିଂହଙ୍କର ଜୀବନ ଯାଇଛି।



ରାଜ୍ୟ ବନ ମନ୍ତ୍ରୀ ଅର୍ଜୁନ ମୋଢ୍‌ୱାଡ଼ିଆ ମଙ୍ଗଳବାର ଦିନ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ ମୋଢ୍‌ୱାଡ଼ିଆ କହିଛନ୍ତି ଯେ, ଗିର୍ ଜଙ୍ଗଲରେ କୌଣସି ବଡ଼ ସଂକ୍ରମଣ କିମ୍ବା ମହାମାରୀ ଭଳି ସ୍ଥିତି ନାହିଁ। ସେ ସ୍ପଷ୍ଟ କରିଛନ୍ତି ଯେ ବାବେସିଆ ଭୂତାଣୁ ସହିତ କେବଳ ଦୁଇଟି ସନ୍ଦେହଜନକ ମୃତ୍ୟୁ ଜଡ଼ିତ ଅଛି, ଯେତେବେଳେ କି ବାକି ତିନୋଟି ସିଂହଙ୍କ ମୃତ୍ୟୁ ଅନ୍ୟ କାରଣରୁ ହୋଇଛି। ମୋଢ୍‌ୱାଡ଼ିଆଙ୍କ ଅନୁସାରେ ବାବେସିଆ ଭୂତାଣୁ 'ଟିକ୍' ଅର୍ଥାତ୍ କିଲିନି/ଉକୁଣି ଜାତୀୟ ପୋକ ଦ୍ୱାରା ବ୍ୟାପିଥାଏ। ଏହାଦ୍ୱାରା ସଂକ୍ରମିତ ପ୍ରାଣୀମାନଙ୍କଠାରେ ଦୁର୍ବଳତା, କାଶ ଏବଂ ନାକରୁ ପାଣି ବାହାରିବା ଭଳି ସମସ୍ୟା ଦେଖାଦେଇଥାଏ। ତେବେ ବନ ବିଭାଗ ଏବଂ ପଶୁ ଚିକିତ୍ସକମାନଙ୍କର ଟିମ୍ ଭାଇରସର ସଂକ୍ରମଣକୁ ରୋକିବା ପାଇଁ ଚେଷ୍ଟା ଚଳାଇଛନ୍ତି। ସନ୍ଦେହଜନକ ସିଂହମାନଙ୍କୁ ଚିହ୍ନଟ କରାଯାଉଛି, ସେମାନଙ୍କର ରକ୍ତ ନମୁନା ନିଆଯାଉଛି ଏବଂ ଚିକିତ୍ସା ମଧ୍ୟ କରାଯାଉଛି। ଏହାପୂର୍ବରୁ ୨୦୧୮ ମସିହାରେ ବାବେସିଆ ଭାଇରସ କାରଣରୁ ହିଁ ଏକ ମାସ ମଧ୍ୟରେ ୧୧ଟି ସିଂହଙ୍କର ମୃତ୍ୟୁ ହୋଇଥିଲା।

## ରାମ ରହିମ୍‌ଙ୍କୁ ପୁଣି ପାରୋଲ୍

### ୯ ବର୍ଷରେ ୧୬ ଥର ବାହାରକୁ ଆସିଲେଣି

**ଡେରା ସିରସା, ୨୬।୫/ଏଜେନ୍ସି:** ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ୍ ରହିମ୍ ଆଉ ଥରେ ଜେଲ୍‌ରୁ ବାହାରକୁ ଆସିଛନ୍ତି। ଏଥର ସେ ୩୦ ଦିନର ପାରୋଲ୍ ପାଇବା ପରେ ମଙ୍ଗଳବାର (୨୬ ମେ) ସକାଳ ୬.୩୦ ସମୟରେ



ରୋହତକର ସୁନାରିଆ ଜେଲ୍‌ରୁ ବାହାରିଥିଲେ। ପ୍ରାୟ ସାଢ଼େ ୯ଟା ବେଳକୁ ସିରସା ଡେରାରେ ପହଞ୍ଚିଥିଲେ। ସବୁଠୁ ବଡ଼କଥା ହେଉଛି ଆଜି ସେ ଜେଲ୍‌ରୁ ବାହାରିବା ପରେ ଟୟୋଟା ଲ୍ୟାଣ୍ଡ କ୍ରୁଜର, ଫର୍ଚୁନର ଲିଜେଣ୍ଡର ଭଳି ୮ଟି ଦାମୀ ଗାଡ଼ି ତାଙ୍କୁ ଏକ ବିଶାଳ ଶୋଭାଯାତ୍ରାରେ ନେଇଥିଲେ। ସାଧ୍ୱୀମାନଙ୍କ ଯୌନ ନିର୍ଯାତନା ମାମଲାରେ ଆଜୀବନ କାରାଦଣ୍ଡ ଭୋଗୁଥିବା ରାମ ରହିମ୍‌ଙ୍କର ଏହା ୧୬ତମ ପାରୋଲ୍ କିମ୍ବା ଫର୍ଲୋ ଅଟେ। ଚଳିତ ବର୍ଷର ପ୍ରଥମ ୫ ମାସ ମଧ୍ୟରେ ହିଁ ସେ ଦ୍ୱିତୀୟ ଥର ପାଇଁ ଜେଲ୍‌ରୁ ବାହାରକୁ ଆସିଛନ୍ତି। ଜାନୁଆରୀ-୨୦୨୬ରେ ତାଙ୍କୁ ୪୦ ଦିନର ପାରୋଲ୍ ମିଳିଥିଲା ଏବଂ ସେ ଫେବୃଆରୀ ମାସରେ ହିଁ ଜେଲ୍‌କୁ ଫେରିଥିଲେ। ୨୦୧୭ ମସିହାରେ ଦଣ୍ଡାଦେଶ ହେବା ପରେ ଡେରା ମୁଖ୍ୟଙ୍କୁ ଏହା ପୂର୍ବରୁ ୧୫ ଥର ପାରୋଲ୍ ମିଳିସାରିଛି। ଡେରା ମୁଖ୍ୟ ସିରସାରେ ପହଞ୍ଚିବା ପରେ ପୁଲିସ ଆଲର୍ଟ ମୋଡ୍‌ରେ ଅଛି।

### ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚେତାବନୀ

## ତୁରନ୍ତ ଦେଶ ଛାଡ଼, ନଚେତ୍ କାର୍ଯ୍ୟାନୁଷ୍ଠାନ

**କୋଲକାତା, ୨୬।୫/ଏଜେନ୍ସି:** ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ମଙ୍ଗଳବାର ପୁଣିଥରେ ରାଜ୍ୟରେ ବେଆଇନ୍ ଭାବେ ବସବାସ କରୁଥିବା ବାଂଲାଦେଶୀମାନଙ୍କୁ ତୁରନ୍ତ ଦେଶ ଛାଡିବାକୁ କହିଛନ୍ତି। ଶୁଭେନ୍ଦୁ କହିଛନ୍ତି, ଏହାପରେ ଆଉ ସରକାରଙ୍କ ପକ୍ଷରୁ କୌଣସି ନମ୍ରତା ପ୍ରଦର୍ଶିତ କରାଯିବ



ନାହିଁ। ଏଣିକି ସିଧାସଳଖ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପୁଲିସ୍ ପ୍ରଶାସନକୁ ମଧ୍ୟ ସେ ଏହି ବେଆଇନ୍ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ ପ୍ରକ୍ରିୟା ଜୋରଦାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୁଲିସ୍ ଏମାନଙ୍କୁ ଗିରଫ କରି ବିଏସ୍‌ଏଫ୍ ଯବାନ୍‌ଙ୍କୁ ହସ୍ତାନ୍ତର କରିବ ଏବଂ ବିଏସଏଫ୍ ସେମାନଙ୍କୁ ନିଜ ଦେଶକୁ ଫେରାଇବାରେ ସାହାଯ୍ୟ କରିବ। ଶୁଭେନ୍ଦୁ ଗଣମାଧ୍ୟମକୁ ସମ୍ବୋଧିତ କରି କହିଛନ୍ତି, "ଆମେ ଅନୁପ୍ରବେଶକାରୀମାନଙ୍କୁ ଜେଲ୍ ପଠାଇ ରୁଟି ଖୁଆଇବୁ ନାହିଁ। ସେମାନେ ଆମ କ୍ୱାଇଁ ନୁହନ୍ତି। ସେମାନଙ୍କୁ ତଡ଼ି ଦିଆଯିବ। ସେମାନଙ୍କର (ବାଂଲାଦେଶର) ଅଧିକାରୀମାନେ ମଧ୍ୟ କହିସାରିଛନ୍ତି ଯେ ଯେଉଁମାନେ ଆମର ଲୋକ ହୋଇଥିବେ, ସେମାନଙ୍କୁ ଆମେ ନେଇଯିବୁ।" ଏସବୁ ମଧ୍ୟରେ ନର୍ଥ ୨୪ ପ୍ରଗଣାରେ ମଙ୍ଗଳବାର ସକାଳୁ ୧୦୦ ରୁ ଅଧିକ ବିଦେଶୀ ନାଗରିକ ହାକିମପୁର ଚେକ୍ ପୋଷ୍ଟରେ ପହଞ୍ଚିଛନ୍ତି। ତେବେ କେବଳ ଉତ୍ତର ୨୪ ପ୍ରଗଣା ନୁହେଁ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ବସବାସ କରୁଥିବା ଶହଶହ ସଂଖ୍ୟକ ଅନୁପ୍ରବେଶକାରୀ ଏବେ ବାଂଲାଦେଶ ସୀମା ନିକଟରେ ପହଞ୍ଚୁଥିବାର ଦେଖିବାକୁ ମିଳୁଛି।

---

### କର୍ଣ୍ଣାଟକରେ ହେବନି କ୍ଷମତା ପରିବର୍ତ୍ତନ

# ସିଦ୍ଧରମୈୟା ରହିବେ ମୁଖ୍ୟମନ୍ତ୍ରୀ

**ନୂଆଦିଲ୍ଲୀ, ବେଙ୍ଗାଲୁରୁ, ୨୬।୫/ଏଜେନ୍ସି:** କର୍ଣ୍ଣାଟକରେ ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ ହେବାର ନାହିଁ। ଦିଲ୍ଲୀ ବୈଠକର ଏଜେଣ୍ଡା ପ୍ରକାଶ କରିବାକୁ ଯାଇ କଂଗ୍ରେସ ଏହା ସ୍ପଷ୍ଟ କରିଛି। କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ମୁଖ୍ୟମନ୍ତ୍ରୀ ପରିବର୍ତ୍ତନ କେବଳ ଏକ କଳ୍ପନାଜଳ୍ପନା। ବୈଠକରେ ଆଗାମୀ ରାଜ୍ୟସଭା ନିର୍ବାଚନ ଏବଂ ଏମ୍‌ଏଲ୍‌ସି ନିର୍ବାଚନ ବ୍ୟତୀତ ଅନ୍ୟ କୌଣସି ବିଷୟରେ ଆଲୋଚନା ହୋଇନାହିଁ। ପ୍ରକାଶ ଦିନକ ପୂର୍ବେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ସିଦ୍ଧରମୈୟାଙ୍କୁ ଦଳୀୟ ହାଇକମାଣ୍ଡ ଦିଲ୍ଲୀ ଡକାଇବା ନେଇ କର୍ଣ୍ଣାଟକରେ ନେତୃତ୍ୱ ପରିବର୍ତ୍ତନ ହେବା ନେଇ ଏକ ଆଲୋଚନା ଆରମ୍ଭ ହୋଇଥିଲା। ତେବେ ଆଜି ଛଅ ଘଣ୍ଟା ଧରି ଚାଲିଥିବା ବୈଠକ ପରେ କଂଗ୍ରେସ ସ୍ପଷ୍ଟ ଭାବେ କହିଛି ଯେ, ବୈଠକ କ୍ଷମତା ପରିବର୍ତ୍ତନ ସଂକ୍ରାନ୍ତରେ ନଥିଲା ବରଂ ରାଜ୍ୟସଭା ନିର୍ବାଚନ ଉପରେ ପର୍ଯ୍ୟବେସିତ ଥିଲା।



କର୍ଣ୍ଣାଟକର ଶୀର୍ଷ ନେତୃତ୍ୱ ଏବଂ କ୍ୟାବିନେଟ୍ ମନ୍ତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିବା ଏକ ଦୀର୍ଘ ଛଅ ଘଣ୍ଟାର ମାରାଥନ୍ ବୈଠକ ରାଜ୍ୟର ତିନୋଟି ଖାଲି ଥିବା ରାଜ୍ୟସଭା ଆସନ ପାଇଁ ଉଦ୍ଦିଷ୍ଟ ଥିଲା ବୋଲି ଆଜି କଂଗ୍ରେସ ସ୍ପଷ୍ଟ କରିଛି। ମୁଖ୍ୟମନ୍ତ୍ରୀ ପଦକୁ ନେଇ ଚାଲିଥିବା ବିବାଦର ସମାଧାନ ପାଇଁ ଚାହିଁ ରହିଥିବା ଗଣମାଧ୍ୟମକୁ ବୈଠକ ପରେ ଦିଆଯାଇଥିବା ଏକ ମିନିଟ୍‌ର ବିବୃତିରେ କୁହାଯାଇଛି: 'କୌଣସି କଳ୍ପନାଜଳ୍ପନା କରନ୍ତୁ ନାହିଁ, ଏହା କେବଳ କଳ୍ପନାଜଳ୍ପନା, ଆଗାମୀ ରାଜ୍ୟସଭା ନିର୍ବାଚନ ବ୍ୟତୀତ ଅନ୍ୟ କୌଣସି ଆଲୋଚନା ହୋଇନାହିଁ।' ଦଳର ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ସାମ୍ବାଦିକମାନଙ୍କୁ କହିଛନ୍ତି ଯେ, ଏହି ବୈଠକରେ ଦଳର ସଭାପତି ମଲ୍ଲିକାର୍ଜୁନ ଖର୍ଗେ ଏବଂ ରାହୁଲ ଗାନ୍ଧୀ ଉପସ୍ଥିତ ଥିଲେ।

ରାଜ୍ୟରେ ନେତୃତ୍ୱ ବଦଳି ସମ୍ପର୍କିତ ବିଷୟଟି ଗତ ଏକ ବର୍ଷରୁ ଅଧିକ ସମୟ ହେବ ଚର୍ଚ୍ଚାରେ ରହିଛି। ୨୦୨୩ ବିଧାନସଭା ନିର୍ବାଚନ ପରେ ଦଳ ସରକାର ଗଠନ କରିବା ସମୟରେ ଶୀର୍ଷ ନେତାମାନେ ପର୍ଯ୍ୟାୟକ୍ରମେ (ରୋଟେଟିଂ) ମୁଖ୍ୟମନ୍ତ୍ରୀ ପଦ ପାଇଁ ପ୍ରତିଶ୍ରୁତି ଦେଇଥିଲେ ବୋଲି ଡି.କେ. ଶିବକୁମାରଙ୍କ ସମର୍ଥକମାନେ ଦୃଢ଼ ଦାବି କରିଆସୁଛନ୍ତି। ତେବେ ଆଜିର ଏହି ବୈଠକରେ ଏହି ମାମଲାର ସମାଧାନ ହେବ ବୋଲି ଆଶା କରାଯାଉଥିଲା। କାରଣ ଦଳ ସରକାର ବିରୋଧୀ ହାୱାର ସାମ୍ନା କରୁଛି ଏବଂ ବିଜେପି ଶିବିର ମଧ୍ୟ ପୁଣି ସକ୍ରିୟ ହୋଇଉଠିଛି। ନେତୃତ୍ୱରେ ପରିବର୍ତ୍ତନ ପାଇଁ ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମର୍ଥନ ରହିଥିବା ନେଇ ମଧ୍ୟ ଖବର ପ୍ରକାଶ ପାଇଥିଲା। ମୁଖ୍ୟମନ୍ତ୍ରୀ ଭାବେ ଶିବକୁମାରଙ୍କୁ ଶେଷରେ ସୁଯୋଗ ମିଳିବ ବୋଲି ବେଶ୍ ଆଶା ପ୍ରକାଶ ପାଉଛି। ୬୪ ବର୍ଷୀୟ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ରାଜ୍ୟ କଂଗ୍ରେସ ସଭାପତି ପଦ ମଧ୍ୟ ସମ୍ଭାଳୁଛନ୍ତି, ଯାହା ରାହୁଲ ଗାନ୍ଧୀଙ୍କ 'ଜଣେ ବ୍ୟକ୍ତି, ଗୋଟିଏ ପଦ' ନୀତିର ଏକ ବ୍ୟତିକ୍ରମ ଏବଂ ଦଳ ପାଇଁ ତାଙ୍କର ଗୁରୁତ୍ୱକୁ ଦର୍ଶାଉଛି।

କଂଗ୍ରେସ ୮୦ ବର୍ଷୀୟ ମୁଖ୍ୟମନ୍ତ୍ରୀ ସିଦ୍ଧାରାମୈୟାଙ୍କୁ ଅସନ୍ତୁଷ୍ଟ କରିବାକୁ ଚାହୁଁନାହିଁ, ଯଦିଓ ତାଙ୍କର ପ୍ରଶାସନିକ ରେକର୍ଡ ଏତେଟା ସନ୍ତୋଷଜନକ ନାହିଁ। ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଏହାର କାରଣ ହେଉଛି ତାଙ୍କର 'ଅହିନ୍ଦା' (ସଂଖ୍ୟାଲଘୁ, ପଛୁଆ ବର୍ଗ ଏବଂ ଦଳିତ) ସମର୍ଥନ ଭିତ୍ତିଭୂମି, ଯାହା ୨୦୨୩ ମସିହାରେ କଂଗ୍ରେସକୁ ବୋକ୍କାଲିଗା-ଲିଙ୍ଗାୟତ ଜାତି ସମୀକରଣକୁ ଅତିକ୍ରମ କରିବାରେ ସାହାଯ୍ୟ କରିଥିଲା। ଗତ ନଭେମ୍ବର ମାସରେ - ଯେତେବେଳେ ସିଦ୍ଧରମୈୟା ସରକାର ଦୁଇ ବର୍ଷ ପୂରଣ କରିଥିଲେ। ସେତେବେଳେ ମୁଖ୍ୟମନ୍ତ୍ରୀ ପଦ ବଦଳିକୁ ନେଇ ବଡ଼ ବିବାଦ ଦେଖାଦେଇଥିଲା। କିନ୍ତୁ ପଡ଼ୋଶୀ ରାଜ୍ୟ ତାମିଲନାଡୁର ବିଧାନସଭା ନିର୍ବାଚନ ସମୟରେ ଏହି ସମୁଦାୟଗୁଡ଼ିକ ମଧ୍ୟରେ ହେବାକୁ ଥିବା ସମ୍ଭାବ୍ୟ ପ୍ରତିକ୍ରିୟାକୁ ଦୃଷ୍ଟିରେ ରଖି କଂଗ୍ରେସ ସ୍ଥିତାବସ୍ଥା ବଜାୟ ରଖିବାକୁ ଉଚିତ୍ ମନେ କରିଥିଲା।

---

### ଏକ୍ସପ୍ରେସ୍-ୱେରେ ଓଲଟିଲା ଏସି ବସ୍

## ପୁଲିସ୍ ଅଧିକାରୀଙ୍କ ସମେତ ୭ ମୃତ



**ଉନ୍ନାଓ, ୨୬।୫/ଏଜେନ୍ସି:** ଉତ୍ତରପ୍ରଦେଶର ଉନ୍ନାଓ ଜିଲ୍ଲାରେ ଲକ୍ଷ୍ନୌ-ଆଗ୍ରା ଏକ୍ସପ୍ରେସ୍-ୱେରେ ଏକ ଡବଲ୍ ଡେକର୍ ଏସି ବସ୍ ମଙ୍ଗଳବାର ସକାଳ ପ୍ରାୟ ୫ଟା ସମୟରେ ଅନିୟନ୍ତ୍ରିତ ହୋଇ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ବିହାରର ସିୱାନ ପୁଲିସ୍ ଲାଇନ୍‌ରେ କାର୍ଯ୍ୟରତ ରାମଚନ୍ଦ୍ର ରାମ (୫୯) ନାମକ ଜଣେ ସବ୍-ଇନ୍ସପେକ୍ଟର ଏବଂ ଗୁରୁଗ୍ରାମ ବାସିନ୍ଦା ଛତ୍ରପାଲ ସିଂ ତୋମାର (୫୯) ନାମକ ଜଣେ କଏଦୀଙ୍କ ସମେତ ମୋଟ୍ ୭ ଜଣଙ୍କର ମୃତ୍ୟୁ ଘଟିଛି। ରାମଚନ୍ଦ୍ର ରାମ, କଏଦୀ ଛତ୍ରପାଲଙ୍କୁ କୋର୍ଟରେ ହାଜର କରାଇବା ପରେ ଏହି ବସ୍‌ରେ ଫେରୁଥିଲେ। ସେହିପରି ଆହତ ହୋଇଥିବା ଅନ୍ୟ ୩ ପୁଲିସ୍ କର୍ମଚାରୀଙ୍କ ସମେତ ୨୫ ଜଣଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଦିଲ୍ଲୀରୁ ବିହାର ଯାଉଥିବା ଏହି ବସ୍‌ରେ ୩୬ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ପୁଲିସ୍‌ର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ଡ୍ରାଇଭରଙ୍କ ଆଖି ଲାଗିଯିବାରୁ ଏହି ଦୁର୍ଘଟଣା ଘଟିଛି। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ବସ୍‌ଟି ଅତି ଦ୍ରୁତ ଗତିରେ ଥିଲା। ହଠାତ୍ ଡ୍ରାଇଭର ବସ୍ ଉପରୁ ନିୟନ୍ତ୍ରଣ ହରାଇ ବସିଥିଲେ। ବସ୍‌ଟି ଡିଭାଇଡରରେ ପିଟି ହୋଇ କଡ଼ରେ ଥିବା ରେଲିଂ ଉପରେ ଲଟକି ରହିଗଲା। ଏହାଯୋଗୁଁ ଅନେକ ଯାତ୍ରୀ ବସ୍ ଝରକା ଦେଇ ଏକ୍ସପ୍ରେସ୍-ୱେ ତଳକୁ ଖସିପଡ଼ିଲେ। ଜଣେ ଯାତ୍ରୀଙ୍କ ଗୋଡ଼ କଟି ଶରୀରରୁ ଅଲଗା ହୋଇଯାଇଛି। ଏହି ଦୁର୍ଘଟଣା ଔରାସ ଥାନା ଅଞ୍ଚଳର ଏକ୍ସପ୍ରେସ୍-ୱେ ମାଇଲ୍‌ଷ୍ଟୋନ୍ ୨୬୨ ନିକଟରେ ଘଟିଛି।

---

## ଅଧାରେ ଅଟକିଛି ମୌସୁମୀ

**ନୂଆଦିଲ୍ଲୀ, ୨୬।୫/ଏଜେନ୍ସି:** ଦେଶର ଉତ୍ତର-ପଶ୍ଚିମରେ ପଞ୍ଜାବ, ହରିଆଣା, ରାଜସ୍ଥାନ, ଉତ୍ତରରେ ଦିଲ୍ଲୀ-ହିମାଚଳ, ୟୁପି (ଉତ୍ତର ପ୍ରଦେଶ), ଦକ୍ଷିଣ-ପଶ୍ଚିମରେ ଓଡ଼ିଶା ଏବଂ ତେଲେଙ୍ଗାନା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହର ସମ୍ମୁଖୀନ ହେଉଛନ୍ତି। ପଶ୍ଚିମରେ ଗୁଜରାଟ, ମହାରାଷ୍ଟ୍ର ଏବଂ ମଧ୍ୟ ଭାରତରେ ମଧ୍ୟପ୍ରଦେଶ, ମହାରାଷ୍ଟ୍ରର ମଧ୍ୟପ୍ରଦେଶ ସୀମାନ୍ତ ଅଞ୍ଚଳ ଏବଂ ଛତିଶଗଡ଼ରେ ଗ୍ରୀଷ୍ମଋତୁର ସବୁଠାରୁ ଭୟଙ୍କର ସମୟ ଚାଲିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଅନୁଯାୟୀ, ସୋମବାର ୟୁପିର ବାନ୍ଦା ଏବଂ ବିଦର୍ଭର ବ୍ରହ୍ମପୁରୀ ସବୁଠାରୁ ଅଧିକ ଗରମ ଥିଲା। ଏଠାରେ କ୍ରମାଗତ ୮ମ ଦିନ ପାଇଁ ତାପମାତ୍ରା ୪୭ ଡିଗ୍ରୀରୁ ଅଧିକ ରେକର୍ଡ କରାଯାଇଛି। ଛତରପୁରର ଖଜୁରାହୋ ୪୭.୨ଡିଗ୍ରୀ




ସେଲ୍‌ସିୟସ୍ ସହ ତୃତୀୟ ସ୍ଥାନରେ ଏବଂ ନୌଗାଓଁ ୪୬.୮ଡିଗ୍ରୀ ସେଲ୍‌ସିୟସ୍ ସହ ଚତୁର୍ଥ ସବୁଠାରୁ ଗରମ ସହର ରହିଥିଲା। ୟୁପି (ଉତ୍ତର ପ୍ରଦେଶ)ର ଗୋଣ୍ଡା, ଲଖିମପୁର, ବସ୍ତି, ଶାହଜାହାନପୁର ଏବଂ ସୀତାପୁରରେ ପ୍ରବଳ ଗରମ ମଧ୍ୟରେ ସୋମବାର ରାତିରେ କାଳବୈଶାଖୀ (ଝଡ଼-ତୋଫାନ) ହୋଇଥିଲା। ଏହା ସହିତ ଜଡ଼ିତ ଦୁର୍ଘଟଣାରେ ଶିଶୁ ସହିତ ୬ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି।

ଅନ୍ୟପକ୍ଷେ ପାଣିପାଗ ବିଶେଷଜ୍ଞମାନେ ମତ ପୋଷଣ କରିଛନ୍ତି ଯେ, ମୌସୁମୀ ଗତ ତିନି ଦିନ ହେବ କେରଳର ଉପକୂଳଠାରୁ ୩୦-୩୫ କିଲୋମିଟର ଦୂରରେ ଅଟକି ରହିଛି। ପ୍ରାକ୍-ମୌସୁମୀ (ପ୍ରି-ମୌସୁମୀ) ପ୍ରଭାବରେ କେରଳର ଉପକୂଳବର୍ତ୍ତୀ ଅଞ୍ଚଳ, ତାମିଲନାଡୁ ଏବଂ କର୍ଣ୍ଣାଟକରେ ବର୍ଷା ହେଉଛି। ପାଣିପାଗ ବିଭାଗ ଅନୁସାରେ, ଆଗାମୀ ୨-୩ ଦିନ ପର୍ଯ୍ୟନ୍ତ ଏହିପରି ସ୍ଥିତି ଜାରି ରହିପାରେ। ବୈଜ୍ଞାନିକମାନଙ୍କ ଅନୁସାରେ, ଭାରତ ମହାସାଗରରେ ମୌସୁମୀ ବାୟୁର ପ୍ରବାହ ବର୍ତ୍ତମାନ ସାମାନ୍ୟ ଦୁର୍ବଳ ଏବଂ ବିକ୍ଷିପ୍ତ ଅଛି। ସେଥିପାଇଁ ମୌସୁମୀ କେରଳ ଉପକୂଳରେ ସମ୍ପୂର୍ଣ୍ଣ ଭାବେ ସକ୍ରିୟ ହେବା ପାଇଁ ଆହୁରି କିଛି ଦିନ ସମୟ ଲାଗିପାରେ। ପ୍ରକାଶ, ସାଧାରଣତଃ ଜୁନ୍ ୧ ତାରିଖ ସୁଦ୍ଧା ମୌସୁମୀ ବାୟୁ କେରଳ ଛୁଇଁଥାଏ।

---

### ଏସ୍‌ଏସ୍‌ସି ପରୀକ୍ଷାରେ ସର୍ଭର ଫେଲ୍ ଅଭିଯୋଗ

## ଆଶାୟୀଙ୍କ ବ୍ୟାପକ ହଙ୍ଗାମା, ପରୀକ୍ଷା ବାତିଲ୍

**ପ୍ରୟାଗରାଜ, ୨୬।୫/ଏଜେନ୍ସି:** ଉତ୍ତର ପ୍ରଦେଶର ପ୍ରୟାଗରାଜ ଠାରେ ଅନୁଷ୍ଠିତ ଏସ୍‌ଏସ୍‌ସି-ଜିଡି ନିଯୁକ୍ତି ପରୀକ୍ଷା ସମୟରେ ମଙ୍ଗଳବାର ସର୍ଭର ଫେଲ୍ ହେବା ଏବଂ ଏହାକୁ ନେଇ



ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇବା ଭଳି ଘଟଣା ଦେଖିବାକୁ ମିଳିଛି। ରିପୋର୍ଟ ଅନୁସାରେ ସର୍ଭର ଫେଲ୍ ହେବା ପରୀକ୍ଷା ଦେବାରେ ନାନାଦି ଅସୁବିଧା ତଥା ସମସ୍ୟାର ସମ୍ମୁଖୀନ ହୋଇଥିଲେ ପରୀକ୍ଷାର୍ଥୀମାନେ। ସୁତରାଂ ପରୀକ୍ଷାର୍ଥୀମାନେ ପରୀକ୍ଷା ସେଣ୍ଟରରେ ହିଁ ହଙ୍ଗାମା ଆରମ୍ଭ କରିଦେଇଥିଲେ। ପରୀକ୍ଷା ହଲ୍‌ରେ ରଖାଯାଇଥିବା କମ୍ପ୍ୟୁଟର ଏବଂ ଚେୟାରଗୁଡ଼ିକୁ ଭଙ୍ଗାରୁଜା କରିବା ସହ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ପ୍ରୟାଗରାଜରେ ଥିବା ସୁନୀତା ସିଂ ସୀତା ସିଂ ମହାବିଦ୍ୟାଳୟରେ ଏହି ଅଘଟଣ ଦେଖିବାକୁ ମିଳିଛି। ତେବେ ସେଣ୍ଟରରେ ଏସବୁ କରିବା ପରେ ଛାତ୍ରମାନେ ପ୍ରୟାଗରାଜ-ବାରାଣସୀ ଜାତୀୟ ରାଜପଥ (ହାଇୱେ) ମଧ୍ୟ ଅବରୋଧ (ଜାମ୍) କରିଥିଲେ। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ପ୍ରାୟ ଅଧ ଘଣ୍ଟା ପରେ ବହୁତ କଷ୍ଟରେ ପରିସ୍ଥିତିକୁ ଶାନ୍ତ ପକାଇଥିଲା। ଏହି ବଡ଼ ଧରଣର ବିବାଦ ପରେ ଆଜିର ପରୀକ୍ଷାକୁ ବାତିଲ୍ କରିଦିଆଯାଇଛି।

---

### ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ବିଜୟଙ୍କ ଅନୁରୋଧ

## କର୍ଣ୍ଣାଟକର ମେକେଦାତୁ ବନ୍ଧ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରାଯାଉ

**ଚେନ୍ନାଇ, ୨୬।୫/ଏଜେନ୍ସି:** ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି. ଯୋଶେଫ୍ ବିଜୟ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଚିଠି ଲେଖି ଦୁଇ ରାଜ୍ୟର ସୀମାନ୍ତ ଅଞ୍ଚଳରେ ଥିବା ମେକେଦାତୁ ଠାରେ ବନ୍ଧ ନିର୍ମାଣ ପାଇଁ କର୍ଣ୍ଣାଟକର ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିବାକୁ ଅନୁରୋଧ କରିଛନ୍ତି। ବନ୍ଧ ନିର୍ମାଣ ପାଇଁ ଭୂମି ପୂଜା ଆରମ୍ଭ କରିବାକୁ କର୍ଣ୍ଣାଟକର ପଦକ୍ଷେପ ଆରମ୍ଭ ହେବା ପରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏହି ଚିଠି ଲେଖିଛନ୍ତି। କିଛି ଦିନ ମଧ୍ୟରେ ବିଜୟଙ୍କ ଦିଲ୍ଲୀ ଗସ୍ତ କାର୍ଯ୍ୟକ୍ରମ ଥିବା ବେଳେ ଏହା ପୂର୍ବରୁ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉଦ୍ଦେଶ୍ୟରେ ଏପରି ଲେଖିଛନ୍ତି।



କାବେରୀ ଜଳକୁ ନେଇ ଚାଲିଥିବା ବହୁ ବର୍ଷର ବିବାଦ ମଧ୍ୟରେ, କର୍ଣ୍ଣାଟକ ରାମନଗର ଜିଲ୍ଲାର କନକପୁରା ନିକଟରେ ଏହି ପ୍ରକଳ୍ପ ନିର୍ମାଣ କରିବାକୁ ଚାହୁଁଛି। କିନ୍ତୁ ଏହା କାବେରୀ ଜଳ ବିବାଦ ଟ୍ରିବ୍ୟୁନାଲ୍‌ଙ୍କ ନିଷ୍ପତ୍ତିର ପରିପନ୍ଥୀ ହେବ, ଯାହାକୁ ସର୍ବୋଚ୍ଚ ନ୍ୟାୟାଳୟ (ସୁପ୍ରିମକୋର୍ଟ) ମଧ୍ୟ କାଏମ ରଖିଛନ୍ତି ବୋଲି ବିଜୟ ଯୁକ୍ତି ବାଢ଼ିଛନ୍ତି। ୨୦୧୮ ମସିହାରେ ସୁପ୍ରିମକୋର୍ଟ ଦେଇଥିବା ରାୟ ଅନୁଯାୟୀ, କାବେରୀ ନଦୀର ଉପର ମୁଣ୍ଡରେ ଥିବା ରାଜ୍ୟଗୁଡ଼ିକ ତଳ ମୁଣ୍ଡରେ ଥିବା ରାଜ୍ୟଗୁଡ଼ିକର ସହମତି ବିନା କୌଣସି ବନ୍ଧ କିମ୍ବା ଜଳାଶୟ ନିର୍ମାଣ କରିପାରିବେ ନାହିଁ। ଏହି ମାମଲାରେ, ମେକେଦାତୁ ବନ୍ଧ ନିର୍ମାଣ ପାଇଁ କର୍ଣ୍ଣାଟକକୁ ତାମିଲନାଡୁ, କେରଳ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀର ସହମତି ଆବଶ୍ୟକ ହେବ। ସୁତରାଂ 'ମେକେଦାତୁ ବନ୍ଧ ଟ୍ରିବ୍ୟୁନାଲ୍ ଦ୍ୱାରା ଅନୁମତିପ୍ରାପ୍ତ ପ୍ରକଳ୍ପଗୁଡ଼ିକର ତାଲିକାରେ ନାହିଁ, ଯାହା ସୁପ୍ରିମକୋର୍ଟଙ୍କ ଦ୍ୱାରା ମଧ୍ୟ ନିଶ୍ଚିତ ହୋଇଛି ବୋଲି ବିଜୟ ଲେଖିଛନ୍ତି।

ପ୍ରକାଶ, ଗତକାଲି, ମେକେଦାତୁ ବନ୍ଧକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାପୂର୍ବରୁ ଅର୍ଥାତ୍ ଗତ ସପ୍ତାହରେ କର୍ଣ୍ଣାଟକ ଉପ-ମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର କହିଥିଲେ ଯେ, ମେକେଦାତୁ ପ୍ରକଳ୍ପର ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଶୀଘ୍ର କେନ୍ଦ୍ରକୁ ହସ୍ତାନ୍ତର କରାଯିବ ଏବଂ ଏହାର ଅନୁମୋଦନ ମିଳିବା ପରେ ଭୂମି ପୂଜା ଉତ୍ସବ ଅନୁଷ୍ଠିତ ହେବ। ଶିବକୁମାରଙ୍କ କହିବାନୁସାରେ ସୁପ୍ରିମକୋର୍ଟ ରାୟ ଦେଇଛନ୍ତି ଯେ ମେକେଦାତୁ ପ୍ରକଳ୍ପକୁ ବିରୋଧ କରିବାର ତାମିଲନାଡୁର କୌଣସି ଅଧିକାର ନାହିଁ ଏବଂ କେନ୍ଦ୍ରୀୟ ଜଳ ଆୟୋଗ ଏହା ଉପରେ ନିଷ୍ପତ୍ତି ନେବା ଆବଶ୍ୟକ।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ବୟାଳିଶମୌଜା,୨୬ମେ/ଏନ୍‌ଏନ୍‌ଏସ୍:** କଟକ ସଦର ବ୍ଲକ୍ ଅନ୍ତର୍ଗତ ୪୨ମୌଜା ଥାନା ଝାରକଟା ପଞ୍ଚାୟତ ଅଧୀନ ଅଇନି ଗ୍ରାମର ବାସିନ୍ଦା ସନ୍ତୋଷ ବେହେରା (୩୬) ନଦୀରେ ବୁଡ଼ି ଯିବାରୁ ତାଙ୍କର ମୃତ୍ୟୁ ଘଟିଛି । ସୋମବାର ମଧ୍ୟାହ୍ନରେ ତଇଲିପଡ଼ା ଗ୍ରାମ ନିକଟ ନଦୀରେ ସନ୍ତୋଷ ମଇଁଷିଙ୍କୁ ନଦୀ ପାର କରୁଥିବା ବେଳେ ଗୋଡ଼ ଖସି ଯିବାରୁ ନଦୀରେ ବୁଡ଼ି ଯାଇଥିଲା । ସ୍ଥାନୀୟ ଲୋକେ ପାଣିରୁ ଉଦ୍ଧାର କରିବା ବେଳକୁ ତାଙ୍କର ମୃତ୍ୟୁ ଘଟିଥିଲା । ୪୨ ମୌଜା ଥାନା ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ ଡାକ୍ତରଖାନାକୁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ପୋଲିସ ଶବକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି ।

## ବିଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର



**କୋଣାର୍କ,୨୬ମେ/ଏନ୍‌ଏନ୍‌ଏସ୍:** ମଙ୍ଗଳବାର ପୂର୍ବାହ୍ନରେ କୋଣାର୍କ ଏନ୍‌ଏସି ୫ନଂ ୱାର୍ଡ ବାଣପଦା ଗ୍ରାମର ପଛପଟରେ ଥିବା ଏକ ଚାଷ ବିଲ ମଧ୍ୟରୁ ଜଣେ ବୃଦ୍ଧଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ଜଣାପଡିଛି । ସୂଚନାରୁ ମୁତାବକ ପୂର୍ବାହ୍ନରେ ବାଣପଦା ଗ୍ରାମର ପଛ ପଟରେ ଥିବା ଗହିରରେ ଏକ ଚାଷ ବିଲରେ ଜଣେ ବୃଦ୍ଧ ଉଲଗ୍ନ ଅବସ୍ଥାରେ ସନ୍ଦେହଜନକ ଅବସ୍ଥାରେ ମରି ପଡ଼ିଥିବା ଦେଖି ସ୍ଥାନୀୟ ଲୋକ ତୁରନ୍ତ କୋଣାର୍କ ପୋଲିସକୁ ଖବର ଦେଇଥିଲେ । ଖବର ପାଇ ଘଟଣାସ୍ଥଳରେ କୋଣାର୍କ ପୋଲିସ ପହଞ୍ଚି ମୃତଦେହକୁ ଉଦ୍ଧାର କରି ଏକ ଅପମୃତ ମାମଲା ରୁଜୁକରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ପଠାଇଥିଲେ । ମୃତ ବୃଦ୍ଧ ଜଣଙ୍କ ଅଂଶୁଘାତ ଜନିତ ମୃତ୍ୟୁ ହୋଇଥିବା ଆଶଙ୍କା ପ୍ରକାଶପାଇଛି । ମୃତ ବୃଦ୍ଧଙ୍କ ପରିଚୟ ମିଳିପାରିଛି । ସେ ନିକଟସ୍ଥ କରମଙ୍ଗା ଗ୍ରାମର ଶରତ ମଲ୍ଲିକ(୫୫ବର୍ଷ) ବୋଲି ଜଣାପଡିଛି । ଶରତ ମାନସିକ ବିକୃତ ଥିବାବେଳେ ସେ କିପରି, କେଉଁ ଅବସ୍ଥାରେ ସେଠାରେ ମୃତ୍ୟୁବରଣ କଲେ ତାହା ଶବ ବ୍ୟବଚ୍ଛଦ ପରେ ଜଣାପଡ଼ିବ ବୋଲି କୋଣାର୍କ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢିହାରୀ ପ୍ରକାଶ କରିଛନ୍ତି ।

## କାଜୁ ଜଙ୍ଗଲରୁ ଅଜଣା ଯୁବକଙ୍କ ରକ୍ତାକ୍ତ ମୃତଦେହ ଉଦ୍ଧାର

**ମୁଣ୍ଡମୁହାଣ,୨୬ମେ/ଏନ୍‌ଏନ୍‌ଏସ୍:** ଭୁବନେଶ୍ୱର ଉପକଣ୍ଠ ଜଟଣୀ ବ୍ଲକ ଇନ୍‌ଫୋଭ୍ୟାଲି ଥାନା ପୁରୁଣା କଟକ ରୋଡ୍ ପିତାପଲ୍ଲୀ ଠାରେ ଥିବା ଏକ କାଜୁ ଜଙ୍ଗଲରେ ଥିବା ଏକ ମୋରମ ଖଣି ଭିତରୁ ଜନୈକ ଅଜଣା ଯୁବକଙ୍କ ରକ୍ତାକ୍ତ ମୃତଦେହ ଠାବ କରାଯାଇଛି । ଉକ୍ତ ଯୁବକଙ୍କ ଆନୁମାନିକ ବୟସ ୪୦ବର୍ଷ ହେବ । ସୂଚନାଥାଉ କି ଆଜି ସକାଳୁ ପିତାପଲ୍ଲୀ ଜଙ୍ଗଲ ଭିତରୁ ସ୍ଥାନୀୟ ଲୋକମାନେ ଏକ ଶବ ପଡ଼ିଥିବା ଦେଖି ଥାନାକୁ ଖବର ଦେଇଥିଲେ । ଇନ୍‌ଫୋଭ୍ୟାଲି ଥାନା ପୁଲିସ ଆସି ଶବ ଜବତକରି କ୍ୟାପିଟାଲ୍ ହସ୍ପିଟାଲ ପଠାଇ ତଦନ୍ତ ଚଳାଇଥିବା ଜଣାପଡ଼ିଛି । ପାରିପାର୍ଶ୍ୱିକ ଅବସ୍ଥାରୁ ଯାହା ଜଣାପଡୁଛି ଯୁବକଙ୍କୁ ଅନ୍ୟ କେଉଁଠାରେ ତାଙ୍କ ପେଣ୍ଡା ଉପରେ ଗାଡି ଚଢ଼ାଇମାରି ଏଠାରେ ପକାଇଥିବା ସନ୍ଦେହ କରାଯାଉଛି । ଉକ୍ତ ଯୁବକଙ୍କ ପରିଚୟ ମିଳିନଥିବା ବେଳେ ହତ୍ୟା ସନ୍ଦେହରେ ପୁଲିସ୍ ତଦନ୍ତ ଚଳାଇଛି ।

## ଗୋ-ଚାଲାଣ ଗାଡ଼ିରୁ ଶତାଧିକ ଗୋରୁ ଉଦ୍ଧାର



**ନିଶ୍ଚିନ୍ତକୋଇଲି,୨୬ମେ/ଏନ୍‌ଏନ୍‌ଏସ୍:** କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଥାନା ସୁକରପଡା ପଞ୍ଚାୟତରେ ସୋମବାର ଗୋଚାଲାଣ ପାଇଁ ପ୍ରସ୍ତୁତି ଚାଲିଥିବା ସମୟରେ ଅଚାନକ ପୁଲିସର ଚଢାଉ ହୋଇଛି । ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତିନୋଟି ଗାଡିରେ ବୋଝେଇ ହୋଇଥିବା ଶତାଧିକ ଗାଈ ଓ ବାଛୁରୀଙ୍କୁ ଜବତ କରିଛି । ଏଠାରେ ସୂଚନାଥାଉ କି ସୁକରପଡ଼ା ଭଳି ନିଶ୍ଚିନ୍ତକୋଇଲି ବ୍ଲକର ଆଖପାଖରେ ବହୁ ଜାଗାରୁ ବିଳମ୍ବିତ ରାତ୍ରିରେ ଗୋଲାଣ ହେଉଥିବା ଅଭିଯୋଗ ହେଉଥିଲାବେଳେ ସୁକରପଡାର ଦେପୋଖରୀ ହୁଡାରୁ ସବୁ ଦିନ ବହୁ ସଂଖ୍ୟାରେ ଗାଈ ଓ ବାଛୁରୀ ବାହାର ରାଜ୍ୟକୁ ଚାଲାଣ ହେଉଥିବା ଅଭିଯୋଗ ହେଉଛି । ତେବେ ପୁଲିସ ପକ୍ଷରୁ ସେଭଳି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ସାଧାରଣରେ ଆଲୋଚନା ହେଉଛି ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

**ବୟାଳିଶମୌଜା,୨୬ମେ/ଏନ୍‌ଏନ୍‌ଏସ୍:** କଟକ ସଦର ୪୨-ମୌଜା ଥାନା ଅନ୍ତର୍ଗତ ଶ୍ରୀରାମ ଗାଁର ସୁଧୀର ଆଚାର୍ଯ୍ୟ(୨୬)ଙ୍କ ଝୁଲନ୍ତା ମୃତଦେହ ନିଜ ଘର ପାଖ ଆମ୍ବଗଛରେ ଆଜି ସକାଳ ଭୋର ସମୟରେ ଦେଖିବାକୁ ମିଳିଛି । ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଆତ୍ମହତ୍ୟା ବୋଲି ସନ୍ଦେହ କରାଯାଉଛି । ୪୨ମୌଜା ଥାନା ପୋଲିସ ଶବ ଜବତକରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡିକାଲକୁ ପଠାଇବା ସହ ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା ରୁ କରି ଘଟଣାର ଅଧିକ ତଦନ୍ତ ଚଳାଇଛନ୍ତି ।

### ଜିଲ୍ଲାସ୍ତରୀୟ ଦାୟିତ୍ୱ ନିର୍ବାହ କମିଟିର ରୋଗ ନିୟନ୍ତ୍ରଣ ବୈଠକ

## ‘ପ୍ରତ୍ୟେକ ଶୁକ୍ରବାର ଡ୍ରାଏ ଡେ’ ପାଳନ କରନ୍ତୁ’

**ଖୋର୍ଦ୍ଧା,୨୬ମେ/ଏନ୍‌ଏନ୍‌ଏସ୍:** ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଅମ୍ରିତ୍ ଋତୁରାଜଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ଓ ମ୍ୟାଲେରିଆ(ଭିବିଡି) ରୋଗ ନିୟନ୍ତ୍ରଣ ଓ ପ୍ରତିକାର ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସଞ୍ଜୟ ଚନ୍ଦ୍ର ରାୟ, ଯୋଗଦେଇଥିଲେ । ବୈଠକରେ ମଶା ବଂଶ ଦମନ, ନାଳନର୍ଦ୍ଦମା ସଫେଇ, ମଶା ଧୁଆଁ ପ୍ରୟୋଗ, ବିଦ୍ୟାଳୟ ଛାତ୍ର ଛାତ୍ରୀ ଓ ଗାଁ କଲ୍ୟାଣ ସମିତି ମାନଙ୍କ ଦ୍ୱାରା ବ୍ୟାପକ ଜନ ସଚେତନତା, ସ୍ଥାନୀୟ ଶିକ୍ଷାଞ୍ଚଳ ଗୁଡିକରେ ଜନ ସଚେତନତା କରାଯିବା ଉପରେ ଜିଲ୍ଲାପାଳ ଗୁରୁତ୍ୱାରୋପ କରିବା ସହ ପ୍ରାକ୍ ମୌସୁମୀ ଜୁନ୍‌ଠାରୁ ପ୍ରତ୍ୟେକ ଶୁକ୍ରବାର ଡ୍ରାଏ ଡେ ପାଳନ ନିମନ୍ତେ ପ୍ରତ୍ୟେକ ଅଧିକାରୀ ନିଜନିଜ ଅଧୀନରେ ଥିବା କାର୍ଯ୍ୟାଳୟ ଏବଂ କ୍ଷେତ୍ରରେ ସଫେଇ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ । ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଅଣୁ ଯୋଜନା ପ୍ରସ୍ତୁତକରି ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଦେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ସ୍କୁଲ, ହାଟ, ମନ୍ଦିର ଆଦି ସ୍ଥାନମାନଙ୍କରେ ଗ୍ରାମୀଣ କ୍ଷେତ୍ରରେ ଜିଲ୍ଲା ପରିଷଦ ଏବଂ ସହରାଞ୍ଚଳ କ୍ଷେତ୍ରରେ ବିଶେଷ ଯତ୍ନବାନ ହୋଇ ଡେଙ୍ଗୁ ଓ ମ୍ୟାଲେରିଆ ନିୟନ୍ତ୍ରଣ ଓ ଜିରୋ କାଜୁଆଲ୍ଟି(ଶୂନ୍ୟ ମୃତ୍ୟୁ) ପାଇଁ କାର୍ଯ୍ୟ କରିବେ । ଗ୍ରାମୀଣ କ୍ଷେତ୍ରରେ ଆଶା କର୍ମୀମାନେ ଜୁନ୍ ମାସ ଠାରୁ ଘରକୁ ଘର ବୁଲି ସଚେତନତାକୁ ବ୍ୟାପକ କରିବେ । ମ୍ୟାଲେରିଆ ଓ ଡେଙ୍ଗୁ ରୋଗର ଲକ୍ଷଣ ବିଷୟରେ ଲୋକଙ୍କୁ ଅବଗତ କରାଇବା ସହ ବାଡ଼ି ବଗିଚାରେ କେଉଁଠି ହେଲେବି ବର୍ଷା ଜଳ ଜମିବାର ପାତ୍ର ଯେପରି ନ ରୁହେ ସେ ଦିଗରେ ସଚେତନତା ବାର୍ତ୍ତା ପହଞ୍ଚାଇବେ । ଏହି କ୍ରମେ ଜ୍ୱର ହେଲେ ରକ୍ତ ପରୀକ୍ଷା କରାଇ ତଦନୁଯାୟୀ ଚିକିତ୍ସା ନେବା ପାଇଁ ଜିଲ୍ଲାପାଳ ସମସ୍ତ ଜିଲ୍ଲା ବାସୀଙ୍କୁ ପରାମର୍ଶ ଦେଇଛନ୍ତି ।

ଡେଙ୍ଗୁ ରୋଗ ପରୀକ୍ଷା ପାଇଁ ଜିଲ୍ଲାରେ ୪ଟି ଡେଙ୍ଗୁ ସେଣ୍ଟିନୋଲ ପରୀକ୍ଷା ଗାର ରହିଛି ଯେଉଁଠି ସଂପୂର୍ଣ୍ଣ ମାଗଣାରେ ସେବା ଉପଲବ୍ଧ କରାଯାଇଛି । ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, କ୍ୟାପିଟାଲ ହସ୍ପିଟାଲ, ଭୁବନେଶ୍ୱରରେ ଡେଙ୍ଗୁ ୱାର୍ଡର ବ୍ୟବସ୍ଥା କରାଯାଇଛି । ବୈଠକରେ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟରୁ ଅତିରିକ୍ତ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ଶୁଭାଶିଷ ମହାନ୍ତି, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ, ଡାକ୍ତର ଜୀବନ୍ତ କୁମାର ଆଚାର୍ଯ୍ୟ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରଞ୍ଜନ ମିତ୍ର, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର ମଙ୍ଗଳ) ଡାକ୍ତର ପ୍ରଦୀପ୍ତ କୁମାର ସାହୁ, ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ, ଭେଷଜ, ଡିପିଏମ୍ (ଜାତୀୟ ସ୍ୱାସ୍ଥ୍ୟ ମିଶନ ଖୋର୍ଦ୍ଧା ଶୁଭକାନ୍ତ ଗନ୍ତାୟତ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ କୁସୁମ କୁମାରୀ ପ୍ରହରାଜ, ଜିଲ୍ଲା ମଙ୍ଗଳ ଅଧିକାରୀ ଡଃ. ଗୀତାଂଶୁ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରାଙ୍କ ସମେତ ଶିକ୍ଷା, ପୌର ସଂସ୍ଥା, ମିଶନ ଶକ୍ତି, ବିଜ୍ଞାପିତ ପରିଷଦ, କୃଷି, ମତ୍ସ୍ୟ, ଜଙ୍ଗଲ ଓ ପରିବେଶ, ଶିଳ୍ପ ଆଦି ବିଭାଗର ଅଧିକାରୀ, ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ମେଡିକାଲ ଅଧିକାରୀ ବୃନ୍ଦ ଯୋଗଦେଇଥିଲେ । ଜିଲ୍ଲା ଭେକ୍ଟର ବାହିତ ରୋଗ ପରାମର୍ଶ ଦାତା ଅସିତ୍ ଦାଶ ପାୱାର ପଏଣ୍ଟ ପ୍ରଦର୍ଶନରେ ଡେଙ୍ଗୁ ଓ ମ୍ୟାଲେରିଆ ରୋଗ ଲକ୍ଷଣ ଓ ନିରାକରଣ ଉପରେ ବିସ୍ତୃତ ଉପସ୍ଥାପନ ସହ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

## ନାରୀ ଅଧିକାର ପାଇଁ ଗର୍ଜିଲା ମହିଳା ବିଜେଡି

**ସାଲେପୁର,୨୬ମେ/ଏନ୍‌ଏନ୍‌ଏସ୍:** ସାଲେପୁର ବ୍ଲକ୍ ମହଣ ପଞ୍ଚାୟତରେ ସଂସଦରେ ସର୍ବସମ୍ମତି କ୍ରମେ ଗୃହୀତ ହୋଇଥିବା ମହିଳା ସଂରକ୍ଷଣ ଅଧିନିୟମରେ ତ୍ୱରିତ କାର୍ଯ୍ୟାନ୍ୱୟନ ଓ ମହିଳା ନିର୍ଯାତନା ବିରୋଧରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ସାଲେପୁର ମହିଳା ବିଜେଡି । ବ୍ଲକ୍ ମହିଳା ବିଜେଡି ସଭାନେତ୍ରୀ ରାଜଶ୍ରୀ ଜେନାଙ୍କ ସଭାପତିତ୍ୱରେ ହଜାରରୁ ଉର୍ଦ୍ଧ୍ୱ ମହିଳା ମହଣ ପଞ୍ଚାୟତର ବାସୁଦେବପୁର ପଡିଆ ଠାରେ ଆୟୋଜିତ ସମାବେଶରେ ଉପସ୍ଥିତି ହୋଇଥିଲେ । ଏହି ପ୍ରତିବାଦ ସଭାରେ ମୁଖ୍ୟ ଅତିଥି ଭାବେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା ଯୋଗଦେଇ ଦେଶ ସାରା ମହିଳା ସଂରକ୍ଷଣକୁ ନେଇ ଜୋରଦାର ପ୍ରଚାର ଚାଲିଛି । ମହିଳା ରାଜନୈତିକ ସାମ୍ବିଧାନିକ ଓ ସାମାଜିକ ସୁରକ୍ଷା ଆଜି ଏକ ବଡ଼ ପ୍ରଶ୍ନ ବାଚି ସୃଷ୍ଟି ହୋଇଛି । ନାରୀ ସଶକ୍ତ କରିବା କ୍ଷେତ୍ରରେ ପ୍ରବାଦ ପୁରୁଷ ବିଜୁବାବୁ ଥିଲେ ବଡ଼ ପ୍ରବର୍ତ୍ତକ ବୋଲି କହିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, ରାଜ୍ୟ ମହିଳା ଉପସଭାପତି ଜ୍ୟୋତିରେଖା ନାୟକ, ଜିଲ୍ଲାପରିଷଦ ସଭ୍ୟା ନମିତା ସେଠୀ, ରଞ୍ଜିତା ସେଠୀ, ବ୍ଲକ ମିଶନଶକ୍ତି ସଭାପତି ତୃପ୍ତିରେଖା ପରିଡ଼ା, ବ୍ଲକ୍ ଅଧ୍ୟକ୍ଷ ରାମଚନ୍ଦ୍ର ଭୋଇ, ନାରୀନେତ୍ରୀ ଦେବକୀ ଜେନା, ସୌମ୍ୟା ପତି ପ୍ରମୁଖ ଯୋଗ ଦେଇଥିଲେ । ସଭାରେ ସାଲେପୁର ଏନ୍.ଏ.ସି ମହିଳା ବିଜେଡି ସଭାନେତ୍ରୀ ସରସ୍ୱତୀ ବେହେରା, ସରପଞ୍ଚ ହିମାଂଶୁବାଳା ସ୍ୱାଇଁ, ଦମୟନ୍ତୀ ମହାନ୍ତିଙ୍କ ସମେତ ବିଭିନ୍ନ ପଞ୍ଚାୟତର ମହିଳା ସରପଞ୍ଚ, ସମିତିସଭ୍ୟା ଓ ମହିଳା ବିଜେଡିର କର୍ମୀମାନେ ଉପସ୍ଥିତ ରହିଥିଲେ ।

## ରାଜ୍ୟ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ରାଜ୍ୟସ୍ତରୀୟ ସମ୍ମିଳନୀ ପ୍ରସ୍ତୁତି



**ନୟାଗଡ଼,୨୬ମେ/ଏନ୍‌ଏନ୍‌ଏସ୍:** ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘ(ଓଲଷ୍ଟା), କଟକର ୩୨ତମ ରାଜ୍ୟସ୍ତରୀୟ ସାମ୍ବିଧାନିକ ସମ୍ମିଳନୀ ଓ ଶିକ୍ଷକ ଗୌରବ ବନମାଳୀ ବ୍ରହ୍ମଚାରୀଙ୍କ ୩୭ ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଆସନ୍ତା ୫ ଓ ୬ ତାରିଖ ଦୁଇଦିନ ଧରି ‘ପଠାଣି ସାମନ୍ତ ସଂସ୍କୃତି ଭବନ’ ନୟାଗଡ଼ଠାରେ ଅନୁଷ୍ଠିତ ହେବ । ଏଥିରେ ରାଜ୍ୟର ସମସ୍ତ ୩୦ଟି ଜିଲ୍ଲାରେ କାର୍ଯ୍ୟରତ ପ୍ରାୟ ୧ ହଜାରରୁ ୧୨ଶହ ଶିକ୍ଷକ ପ୍ରତିନିଧି ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି । ଏହି ବିଶାଳ କାର୍ଯ୍ୟକ୍ରମର ସଫଳତା ନେଇ ଏହାର ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ରାଜ୍ୟସଂଘ ସଭାପତି ବିକ୍ରମ କୁମାର ଦାସଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ନୀଳମାଧି କଲ୍ୟାଣ ମଣ୍ଡପଠାରେ ଆଜି ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ଅତିଥିଭାବେ ରାଜ୍ୟ ପ୍ରାଥମିକ ଶିକ୍ଷକ ଫେଡେରେସନ ମହାସଚିବ ଜ୍ୟୋତି ରଞ୍ଜନ ଦାଶ,ଓଷ୍ଟା ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ଓଷ୍ଟା ଜିଲ୍ଲା ସମ୍ପାଦକ ନିତ୍ୟାନନ୍ଦ ଦାସ, ନୂତନ ପେନସନ ଭୁକ୍ତ ପ୍ରାଥମିକ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ବିଭୁତି ସାହୁ, ଶିକ୍ଷକ ନେତା ଶେଖ ଅବଦୁଲ ଖାଲିକ, ବିପିନ ବିହାରୀ ଦାସ, ପୀତବାସ ପ୍ରଧାନ ପ୍ରମୁଖ ଯୋଗଦାନ କରିଥିବା ବେଳେ ବିଶିଷ୍ଟ ଅତିଥି ଭାବେ ନୟାଗଡ଼ ଜିଲ୍ଲା ସାମ୍ବାଦିକ ସଂଘ ସଭାପତି ପ୍ରମୋଦ ପଟ୍ଟନାୟକ ଏବଂ ଶ୍ରମିକ ନେତା ତଥା ନାଟ୍ୟକାର ବିଶ୍ୱନାଥ ମହାପାତ୍ର ଯୋଗଦାନ କରି ଶିକ୍ଷକମାନଙ୍କ ପ୍ରତି ସମର୍ଥନ ପ୍ରଦାନ କରି ବକ୍ତବ୍ୟ ରଖିଥିଲେ । ଓଲଷ୍ଟା ରାଜ୍ୟ ସାଧାରଣ ସମ୍ପାଦକ ସୁକାନ୍ତ କୁମାର ବେହେରା ସଭାର ଆଭିମୁଖ୍ୟ ଏବଂ ଆଗାମୀ ସାମ୍ବିଧାନିକ ସମ୍ମିଳନୀ ସମ୍ପର୍କରେ ଆଲୋକପାତ କରିବା ସହିତ ଏହି ଅବସରରେ ଏକ ଶିକ୍ଷା ସେମିନାର ଅନୁଷ୍ଠିତ ହେବ ବୋଲି କହିଥିଲେ । ଏଥିରେ ସାଧାରଣ ଶିକ୍ଷା ବ୍ୟବସ୍ଥା, ଓଡ଼ିଶାରେ ପ୍ରାଥମିକ ଶିକ୍ଷାର ସ୍ଥିତି, ଶିକ୍ଷା ଅଧିକାର ଆଇନ, ଶିକ୍ଷା ସମସ୍ୟା, ଶିକ୍ଷକ ଆନ୍ଦୋଳନ, ଶିକ୍ଷା ଅଧିକାର ଓ ଗଣତାନ୍ତ୍ରିକ ଆନ୍ଦୋଳନ ଶିକ୍ଷା ଓ ସମ୍ବିଧାନ, ଶିଶୁ ଅଧିକାର ଓ ସାମ୍ପ୍ରତିକ ସମୟରେ ଶିକ୍ଷାର ବିକାଶ ଆଦି ସମ୍ପର୍କରେ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ଓଲଷ୍ଟା ସଂଗଠନର ମୁଖପତ୍ର ‘ଶିକ୍ଷକ ଦର୍ପଣ’ର ଏକ ‘ସମ୍ମିଳନୀ ବିଶେଷାଙ୍କ’ ପ୍ରକାଶିତ ହେବ ବୋଲି ସମ୍ପାଦକ ଶ୍ରୀ ବେହେରା ପ୍ରକାଶ କରିଥିଲେ । ଏହା ସହିତ ଏହି ଦୁଇଦିନିଆ ସମ୍ମିଳନୀରେ ଯୋଗଦାନ କରିବାକୁ ଥିବା ସମସ୍ତ ଶିକ୍ଷକ ପ୍ରତିନିଧିମାନଙ୍କ ରହିବା ଏବଂ ଖାଇବାର ସୁବନ୍ଦୋବସ୍ତ ଉପରେ ବ୍ୟାପକ ଆଲୋଚନା କରାଯାଇଥିଲା । ବୈଠକରେ ଓଲଷ୍ଟା ଶିକ୍ଷକ ସଂଗଠନ, କଟକର ମୁଖ୍ୟ ଉପଦେଷ୍ଟା ଜଗବନ୍ଧୁ ଜେନା, ଯୁଗ୍ମ ମୁଖ୍ୟ ଉପଦେଷ୍ଟା କମଳ ଲୋଚନ ବିଶ୍ୱାଳ, ରାଜକୁମାର ସାହୁ, ଯୁଗ୍ମ ସାଧାରଣ ସମ୍ପାଦକ ସୁଦର୍ଶନ ସ୍ୱାଇଁ, କୋଷାଧ୍ୟକ୍ଷ ଯୁଧିଷ୍ଠିର ପ୍ରଧାନ, ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ, ଓଲଷ୍ଟା, ନୟାଗଡ଼ ଜିଲ୍ଲା ସଭାପତି ରମେଶ ଚନ୍ଦ୍ର ସାମନ୍ତରାୟ, ସମ୍ପାଦକ ନୀଳାଦ୍ରି ବିହାରୀ ସୁବୁଦ୍ଧି, ଶିକ୍ଷକନେତା ବିନାୟକ ପରିଡା, ଲକ୍ଷ୍ମୀଧର ସାହୁ, ପ୍ରସନ୍ନ କୁମାର ଲେଙ୍କା, ଅଶୋକ ପଣ୍ଡା, ଭକ୍ତରଞ୍ଜନ ମିଶ୍ର, ପ୍ରଭାକର ମିଶ୍ର ପ୍ରମୁଖ ଯୋଗଦାନ କରି ଶିକ୍ଷକ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ବେଳେ ଆଗାମୀ ଶିକ୍ଷକ ସମ୍ମିଳନୀକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ଆସନ୍ତା ସାମ୍ବିଧାନିକ ସମ୍ମିଳନୀର ସୁପରିଚାଳନା ପାଇଁ ଶିକ୍ଷକମାନଙ୍କୁ ନେଇ ବିଭିନ୍ନ କମିଟି ଗଠନ କରାଯାଇଥିଲା । ଶେଷରେ ଯୁଗ୍ମ ସମ୍ପାଦକ କବିରାଜ ବିଶ୍ୱାଳ ପ୍ରସ୍ତୁତି ବୈଠକରେ ସଦସ୍ୟଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ରଥଯାତ୍ରାରେ ଇସ୍କନ ଖାଦ୍ୟ ବଣ୍ଟନକୁ ବିରୋଧ କରାଯିବ

**ପୁରୀ,୨୬ମେ/ଏନ୍‌ଏନ୍‌ଏସ୍:** ଇସ୍କନ ପକ୍ଷରୁ ପଞ୍ଜାବର ଫିରୋଜପୁର, ଉତ୍ତରପ୍ରଦେଶର ହାପୁରରେ ଅଦିନିଆ ରଥଯାତ୍ରା ଘୋଷଣା ସହ ଲଣ୍ଡନଠାରେ ଅନୁଷ୍ଠିତ ଅଦିନିଆ ରଥଯାତ୍ରା, ବିଶ୍ୱଦେବତା ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାକୁ ସିଧାସଳଖ ଅପମାନିତ କରୁଥିବାରୁ ଆସନ୍ତା ରଥଯାତ୍ରାରେ ଇସ୍କନ ବ୍ୟାନର୍‌ରେ ବଣ୍ଟନ ହେବାକୁ ଥିବା ଖାଦ୍ୟ ଯୋଜନାକୁ ଶ୍ରୀଜଗନ୍ନାଥ ଧର୍ମ ସଂସ୍କୃତି ସୁରକ୍ଷା ସଂଗଠନ ଓଡ଼ିଶା ପକ୍ଷରୁ ତୀବ୍ର ବିରୋଧ କରାଯିବ ବୋଲି ଘୋଷଣା କରିଛନ୍ତି ସଂଗଠନର ରାଜ୍ୟ ସଭାପତି ଡକ୍ଟର ବଦ୍ରି ମିଶ୍ର । ସରକାର, ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ବାରମ୍ବାର ତାଗିଦ ସତ୍ତ୍ୱେ ଇସ୍କନ, ଅଦିନିଆ ରଥଯାତ୍ରା କରୁଥିବା ବେଳେ, ବିଗତ ବର୍ଷ, ରଥଯାତ୍ରାରେ ଇସ୍କନ ବ୍ୟାନରରେ ଲକ୍ଷାଧିକ ଲୋକଙ୍କୁ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହାକୁ କିଏ ଓ କିପରି ଅନୁମତି ଦେଲା ତାହାର ତଦନ୍ତ ଏକ ବଡ଼ ଆବଶ୍ୟକତା ବୋଲି କହିଛନ୍ତି ଡକ୍ଟର ମିଶ୍ର । ରଥଯାତ୍ରାରେ ଓଡ଼ିଶାର ଶହେରୁ ଉର୍ଦ୍ଧ୍ୱ ଅନୁଷ୍ଠାନ ଖାଦ୍ୟ ବଣ୍ଟନ କରନ୍ତି । ସେମାନଙ୍କ ପାଇଁ ଏବର୍ଷ ସରକାର ଅଙ୍କୁଶ ଲଗାଇଥିବା ବେଳେ କିପରି ଇସ୍କନକୁ ଅନୁମତି ଦେବ ଏନେଇ ସଂଗଠନ ପ୍ରଶ୍ନ କରିଛି । ଇସ୍କନ ଗୁଣ୍ଡିଚା ବିହାରରେ ଅବସ୍ଥିତ ସୁଷମା ଗାର୍ଡେନରେ ତାହାର ମୁଖ୍ୟ କେନ୍ଦ୍ର କରି ଏହି ଅଞ୍ଚଳର ଯାତାୟାତ ଉପରେ ଏକ ପ୍ରକାର ରୋକ୍ ଲଗାଇବା ଦ୍ୱାରା ଅଞ୍ଚଳର ହଜାର ହଜାର ଅଧିବାସୀ ଓ ଲକ୍ଷାଧିକ ଭକ୍ତ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ । ଯଦି ସରକାର ଏ ଦିଗରେ ପଦକ୍ଷେପ ନ ନିଅନ୍ତି, ତେବେ ସଂଗଠନ ଅଦାଲତକୁ ଯିବ ବୋଲି ପ୍ରକାଶ କରାଯାଇଛି ।

## ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସଚେତନତା ମକ୍ ଡ୍ରିଲ୍




**ଅସ୍ତରଙ୍ଗ,୨୬ମେ/ଏନ୍‌ଏନ୍‌ଏସ୍:** ଉପକୂଳ ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଅନେକ କ୍ଷୟକ୍ଷତି ଘଟିଚାଲିଛି । ବିଶେଷକରି ବନ୍ୟା, ବାତ୍ୟା ଓ ସୁନାମୀ ପ୍ରବଣ ଅଞ୍ଚଳ ମଧ୍ୟରେ ଅବସ୍ଥିତ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ବ୍ଲକ ଅଧିବାସୀମାନେ ବାତ୍ୟା ଯୋଗୁଁ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ନିଜ ଧନ ଜୀବନ ସୁରକ୍ଷିତ ରଖିବା ପାଇଁ କାକଟପୁର ବ୍ଲକ ପ୍ରଶାସନ ପକ୍ଷରୁ ସମୁଦ୍ର ଉପକୂଳବର୍ତ୍ତୀ ଅବଦାନ ପଞ୍ଚାୟତ ସିଂହରପାଳ ଚିତ୍ରେଶ୍ୱରୀ ଉଚ୍ଚ ବିଦ୍ୟାଳୟଠାରେ ସୁନାମି ସଚେତନତା କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ମକଡ୍ରିଲରେ ପଞ୍ଚାୟତର ଶତାଧିକ ମହିଳା, ପୁରୁଷ, ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ରହି ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ପ୍ରାକୃତିକ ବିପର୍ଯ୍ୟୟରେ ସମୟରେ କିପରି ନିଜକୁ ସୁରକ୍ଷିତ ରଖାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ପଦାଧିକାରୀମାନେ ସୂଚନା ଦେବା ସହ ମକଡ୍ରିଲ ମାଧମରେ ସୁରକ୍ଷା କୌଶଳ ଶିଖାଇଥିଲେ । ସାଇରନ, ଘଣ୍ଟ,ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କାର୍ଯ୍ୟକ୍ରମ ପ୍ରଦର୍ଶନ କରଯାଇଥିଲା । ବାତ୍ୟା ଆଶ୍ରୟସ୍ଥଳୀରେ ସାଇରନ ବାଜିଲା ପରେ ସମସ୍ତେ ସାଥିରେ ଘରର ମୂଲ୍ୟବାନ କାଗଜପତ୍ର, ଧନସମ୍ପତି ତଥା ସୁନା ଅଳଙ୍କାର ସହ ବୃଦ୍ଧବୃଦ୍ଧାଙ୍କୁ ଖୁବ ଶୀଘ୍ର ସ୍ଥାନାନ୍ତର କରିବାକୁ ମକଡ୍ରିଲ କରାଯାଇଥିଲା । ଏହି ସମୟରେ ଗୃହପାଳିତ ପଶୁଙ୍କୁ ନେଇ ଲୋକମାନେ ସୁରକ୍ଷିତ ସ୍ଥାନକୁ ନେବାକୁ ପରାମର୍ଶ ଦିଆଯାଇଥିଲା । ଅନୁଷ୍ଠିତ ମକଡ୍ରିଲରେ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ସେନ୍, କାକଟପୁର ବ୍ଲକ ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ରଞ୍ଜନ କୁମାର ବେହେରା, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ଦତ୍ତ ଜେନା, କହ୍ନେଇ ଚରଣ ପ୍ରଧାନ, ପଞ୍ଚାୟତ ଆକାଉଣ୍ଟାଣ୍ଟ ଚନ୍ଦ୍ରକାନ୍ତ ପରିଡ଼ା, ସ୍ୱେଚ୍ଛାସେବୀ ଚିନ୍ମୟ ପ୍ରସାଦ ସେନାପତି, ଆପଦମିତ୍ର ସୁନୀତା ସାହୁ, ସିଂହରପାଳ ବାତ୍ୟା ଆଶ୍ରୟସ୍ଥଳ ସମ୍ପାଦକ ଶଶିଭୂଷଣ ପ୍ରଧାନ ପ୍ରମୁଖଙ୍କ ସମେତ ସମସ୍ତ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଉପସ୍ଥିତ ଥିଲେ ।

## ଜବରଦଖଲ କରି ନିର୍ମାଣ ହୋଇଥିବା ଗୃହକୁ ଉଚ୍ଛେଦକଲା ପ୍ରଶାସନ

**କୋଣାର୍କ,୨୬ମେ/ଏନ୍‌ଏନ୍‌ଏସ୍:** ସୋମବାର ପୂର୍ବାହ୍ନରେ ପ୍ରଶାସନ ପକ୍ଷରୁ କୋଣାର୍କ ଏନ୍‌ଏସି ଅଧିନ ମାଧିପୁର ମୌଜାରେ ଏକ ସରକାରୀ ଅନାବାଦୀ ଜମି ଉପରେ ଜବର ଦଖଲ କରି ନିର୍ମାଣ ହୋଇଥିବା ଏକ ଘରକୁ ଉଚ୍ଛେଦ କରାଯାଇଛି । ସୂଚନା ମୁତାବକ କୋଣାର୍କ ଏନଏସି ୧୦ ନଂ ୱାର୍ଡ ମାଧିପୁର ଗ୍ରାମର ମା’ ରାମଚଣ୍ଡୀ ଠାକୁରାଣୀଙ୍କ ବନ୍ତ ନିକଟ ମାଧିପୁର ମୌଜା ଖାତା ନଂ ୩୬, ପ୍ଲଟ ନଂ ୩୩, ଏରିଆ ୩୧ ଡିସିମିଲି ସରକାରୀ ସଂରକ୍ଷିତ ଜାଗାରୁ ୪ ଡିସିମିଲି ଜାଗାରେ ଜବରଦଖଲ କରାଯାଇ ଗୃହ ନିର୍ମାଣ କରାଯାଇ ଥିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଅଭିଯୋଗ ହୋଇଥିଲା । ଅଭିଯୋଗ ମିଳିବାପରେ ଗୋପ ତହସିଲ ପ୍ରଶାସନ ପକ୍ଷରୁ ଏହାକୁ ଉଚ୍ଛେଦ ପାଇଁ ତହସିଲ ପକ୍ଷରୁ ନୋଟିସ ମାଧ୍ୟମରେ ଜବର ଦଖଲକାରୀଙ୍କୁ ଅବଗତ କରାଯାଇଥିଲା । ମାତ୍ର ଜବର ଦଖଲ କାରୀ ଏହାକୁ ଉଚ୍ଛେଦ ନ କରିବାରୁ ଗୋପ ତହସିଲଦାର ସୂର୍ଯ୍ୟ ଶଙ୍କର ଦାଶଙ୍କ ନିର୍ଦ୍ଦେଶକ୍ରମେ ଗୋପ ଅତିରିକ୍ତ ତହସିଲଦାର ସତ୍ୟଜିତ ନାୟକଙ୍କ ଉପସ୍ଥିତିରେ ଏକ କୋଣାର୍କ ପୋଲିସ ଏକ ପ୍ଲାଟୁନ ଫୋର୍ସ ସହ ଡ୍ରୋଜର ଲଗାଇ ଉକ୍ତ ଗୃହକୁ ଉଚ୍ଛେଦ କରିଥିଲେ । ଉକ୍ତ ସରକାରୀ ସଂରକ୍ଷିତ ପ୍ଲଟ୍‌ରେ ଅବଶିଷ୍ଟ ରହିଥିବା ଅନ୍ୟ ଜବରଦଖଲକାରୀଙ୍କ ଗୃହଗୁଡିକୁ ଉଚ୍ଛେଦ କରାଯାଇ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

## ଶିଶୁପୁତ୍ର ଓ କନ୍ୟାଙ୍କୁ ଧରି ଧାରଣାରେ ବସିଲେ ମହିଳା

**ମାହାଙ୍ଗା,୨୬ମେ/ଏନ୍‌ଏନ୍‌ଏସ୍:** ଘରେ ମହିଳାଙ୍କୁ ପୁରାଇ ନ ଦେବାରୁ ପୁଅ ଓ ଝିଅଙ୍କୁ ସଙ୍ଗରେ ଧରି ଶାଶୁଘର ସମ୍ମୁଖରେ ମହିଳା ଜଣକ ଧାରଣାଦେବା ଘଟଣା ମାହାଙ୍ଗାରେ ଚର୍ଚ୍ଚାର ବିଷୟ ପାଲଟିଛି । ଏଭଳି ଘଟଣା ଦେଖିବାକୁ ମିଳିଛି ମାହାଙ୍ଗା ଥାନା କୁମୁଡା ଜୟପୁର ଫାଣ୍ଡି ଅଧିନ ଜଗନ୍ନାଥପୁର ଗ୍ରାମରେ ।

### ପୁଲିସ ହସ୍ତକ୍ଷେପ ପରେ ଘଟଣାର ହେଲା ସମାଧାନ



ସୂଚନା ମୁତାବକ ଏହି ଗ୍ରାମର ସେକ ଆୟୁବଙ୍କ ମଧ୍ୟମ ପୁତ୍ର ସେକ ସଗିର ସାଲେପୁର ଥାନା ଅଞ୍ଚଳ ଦହପଡା ଗ୍ରାମର କାଜିମ ଖାଁଙ୍କ ଝିଅ ଅମ୍ବରିନ ପରବିନଙ୍କୁ ଛଅବର୍ଷ ପୂର୍ବେ ବିବାହ କରିଥିଲେ । ପାରିବାରିକ କଳହରୁ ଉଭୟ ସ୍ୱାମୀ ଓ ସ୍ତ୍ରୀ ସାଲେପୁରରେ ଏକ ଭଡ଼ାଘରେ ତିନି ମାସ ହେବ ରହି ଆସୁଥିଲେ । ଦେଢ଼ମାସ ପୂର୍ବେ ସଗିର ଅସୁସ୍ଥ ହେବା ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ କଳହ ହୋଇଥିଲା । ସଗିର ନିଜ ଘର ଜଗନ୍ନାଥପୁର ଘରକୁ ପଳାଇ ଆସି ରହୁଥିବାବେଳେ ପତ୍ନୀ ଅମ୍ବରିନ ସାଲେପୁର ଭଡ଼ାଘରେ ରହୁଥିଲେ । ସ୍ୱାମୀଙ୍କୁ ଦେଖାକରିବା ପାଇଁ ଅମ୍ବରିନ ଶାଶୁଘରକୁ ଆସିଥିବାବେଳେ ଶାଶୁଘର ପକ୍ଷରୁ ବାରଣ କରିବା ସହ ତାଙ୍କୁ ଘରେ ମଧ ପୁରାଇ ଦିଆଯାଇନଥିଲା । ଯାହାକୁ ନେଇ ଅମ୍ବରିନ ଦଶଦିନ ପୂର୍ବେ ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ସାଲେପୁର ଥାନା ପକ୍ଷରୁ ସ୍ୱାମୀଙ୍କୁ ଡକାଇ ଆପୋଷ ସମାଧାନ କରିବାକୁ ଉଦ୍ୟମ କରାଯାଇଥିଲେ ମଧ ସଗିର ଥାନାକୁ ନ ଯିବାରୁ ଅମ୍ବରିନ ବାଧ ହୋଇ ଗତକାଲି ଠାରୁ ତାଙ୍କ ଶାଶୁ ଘର ସମ୍ମୁଖରେ ଧାରଣା ଦେଇଛନ୍ତି । ଏଥିନେଇ ଗତକାଲି ଅମ୍ବରିନଙ୍କ ପକ୍ଷରୁ ମାହାଙ୍ଗା ଥାନାରେ ଘଟଣା ସଂପର୍କରେ ଅବଗତ କରାଇଥିବା ବେଳେ କୌଣସି ଲିଖିତ ଅଭିଯୋଗ କରିନଥିଲେ । ଆଜି ଅମ୍ବରିନ ଶାଶୁଘର ସାମ୍ନାରେ ଧାରଣା ଦେବା ସହ ଗୃହ ପ୍ରବେଶ ପାଇଁ ସମସ୍ତ ଚେଷ୍ଟାକରି ବିଫଳ ହୋଇଥିଲେ । ଯାହାଫଳରେ ସେ ନିରାଶ ହୋଇ ପେଟ୍ରୋଲ ଢାଳି ଆତ୍ମହତ୍ୟା କରିବା ପାଇଁ ପ୍ରସ୍ତୁତି ଚଳାଉଥିବା ବେଳେ ଖବର ପାଇ କୁମୁଡା ଜୟପୁର ଫାଣ୍ଡି ଅଧିକାରୀ ବିମ୍ବାଧର ମଲିକ ଘଟଣାସ୍ଥଳରେ ପହଞ୍ଚି ଚତୁରତାର ସହ ମହିଳାଙ୍କଠାରୁ ପେଟ୍ରୋଲ ବୋତଲକୁ ଛଡ଼ାଇ ଆଣିଥିଲେ । ପରେ ତାଙ୍କୁ ବୁଝାସୁଝା କରି ସେମାନଙ୍କୁ ଖାଦ୍ୟ ପାନୀୟ ଦେବା ସହ ଘଟଣାର ତଦନ୍ତ କରିଥିଲେ । ପରେ ମାହାଙ୍ଗା ଆଇଆଇସି ଯୁଗଳ କିଶୋର ଦାସ ଓ ଏଏସ୍‌ଆଇ ଦିଗମ୍ବର ମୁଦୁଲି ଘଟଣାସ୍ଥଳରେ ପହଞ୍ଚି ଅମ୍ବରିନ ଓ ଶାଶୁଘର ଲୋକକୁ ବୁଝାସୁଝା କରିବା ସହ ଅମ୍ବରିନଙ୍କୁ ଘରେ ପ୍ରବେଶ କରାଇଥିଲେ ।

**ନିତି ଭାରତୀ**

ଦିନରେ ନିହାତି କମ୍‌ରେ ଥରକ ପାଇଁ ନିଜ ସହିତ କଥା ହୁଅନ୍ତୁ। ଅନ୍ୟଥା ଆପଣ ବିଶ୍ୱର ଜଣେ ଉତ୍କୃଷ୍ଟ ବ୍ୟକ୍ତିଙ୍କ ସହିତ କଥା ହେବାର ସୁଯୋଗ ହରାଇ ପାରନ୍ତି। - **ସ୍ୱାମୀ ବିବେକାନନ୍ଦ**

NITIDIN
ନିତିଦିନ
ବୁଧବାର, ୨୭ ମେ’ ୨୦୨୬

# ଏନ୍‌ଟିଏ: ଉଦ୍ଦେଶ୍ୟ ମହତ, ପ୍ରଦର୍ଶନ ବିବାଦୀୟ



କମଳା ପ୍ରସାଦ ମହାପାତ୍ର

ଚଳିତ ମାସ ୩ ତାରିଖରେ ଜାତୀୟ ପରୀକ୍ଷଣ ସଂସ୍ଥା (ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି) ଦ୍ୱାରା ପରିଚାଳିତ ହୋଇଥିବା ସ୍ନାତକ ନିଟ୍ (ୟୁଜି ନିଟ୍) ପ୍ରବେଶିକା ପରୀକ୍ଷା ୨୨ ଲକ୍ଷ ମେଡିକାଲ ଆଶାୟୀଙ୍କ ଭାଗ୍ୟ ନିର୍ଦ୍ଧାରଣ କରିଥାନ୍ତା, ମାତ୍ର କେତେକ ନ୍ୟସ୍ତସ୍ୱାର୍ଥ କୁଚକ୍ରୀ ଗୋଷ୍ଠୀଙ୍କ ପ୍ରଶ୍ନପତ୍ର ବିକ୍ରି ପ୍ରଘଟ ପ୍ରମାଣିତ ହେବା ପରେ ମେ’ ମାସ ୧୨ ତାରିଖରେ ଏନ୍‌ଟିଏ ପରୀକ୍ଷାକୁ ବାତିଲ କଲା। ଯଦିଓ ପୁନର୍ବାର ପରୀକ୍ଷା ହେବା ତାରିଖ ଜୁନ୍ ୨୧କୁ ଧାର୍ଯ୍ୟ କରାଯାଇଛି, ତଥାପି ପରୀକ୍ଷାର୍ଥୀମାନେ ନିଜ ନିଜର ପ୍ରସ୍ତୁତି, ପ୍ରଦର୍ଶନ ଓ ସଫଳତାକୁ ନେଇ ଅନେକ ଆଶଙ୍କା, ଦ୍ୱନ୍ଦ୍ୱ ଓ ମାନସିକ ଚାପ ଭିତରେ ରହୁଛନ୍ତି। ଏପରି ପ୍ରଶ୍ନପତ୍ର ବିକ୍ରି ଘୋଟାଲା ରାଜସ୍ଥାନ, ମହାରାଷ୍ଟ୍ର, ବିହାର ଭଳି ରାଜ୍ୟରେ ଅବସ୍ଥିତ କେତେକ କୋଚିଂ ସେଣ୍ଟରରୁ ହୋଇଥିବା ସିବିଆଇ ତଦନ୍ତରୁ ଜଣା ପଡ଼ିଥିଲା। ତେବେ ଏନ୍‌ଟିଏର ଏଭଳି ବିବାଦୀୟ ପ୍ରଦର୍ଶନ କିଛି ନୂଆକଥା ନୁହେଁ। ବିଗତ ବର୍ଷମାନଙ୍କରେ ମଧ୍ୟ ଏଭଳି ଘୋଟାଲା ସାମ୍ନାକୁ ଆସିବା ପରେ ପରୀକ୍ଷା ବାତିଲ ହୋଇଥିଲା। ମାତ୍ର ବିଡ଼ମ୍ବନାର ବିଷୟ ଯେ ଅତୀତର ତ୍ରୁଟିକୁ ସୁଧାରିବାକୁ ନା ତ ଏନ୍‌ଟିଏ, ନା କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ କୌଣସି ଦୃଷ୍ଟାନ୍ତମୂଳକ ପଦକ୍ଷେପ ଗ୍ରହଣ କଲେ, ଯାହା ଫଳରେ କି ଆଜି ଏହି ଲଜ୍ଜାଜନକ ପରିସ୍ଥିତି ଉପୁଜିଲା।

ୟୁଜି ନିଟ୍ ପରୀକ୍ଷାର ଅଳ୍ପ କେତେ ଦିନ ପୂର୍ବରୁ କେମିଷ୍ଟ୍ରି ଓ ବାୟୋଲୋଜି ସମ୍ଭାବ୍ୟ ପ୍ରଶ୍ନପତ୍ର (ଗେସ୍ ପେପର) ନାମରେ ହ୍ୱାଟସ୍‌ଆପ୍ ମାଧ୍ୟମରେ ଗୋଟିଏ ପ୍ରଶ୍ନକୁ ୩୦,୦୦୦ ଟଙ୍କାରେ ବିକ୍ରି କରାଗଲା, ଯାହାକି ପ୍ରକୃତ ମୌଳିକ ପ୍ରଶ୍ନ ସହ ମେଳ ଖାଉଥିଲା। ପ୍ରଶ୍ନପତ୍ର ପ୍ରସ୍ତୁତି କମିଟିରେ ବିଷୟ ବିଶେଷଜ୍ଞ ସଦସ୍ୟ ଥାଇ କୋଚିଂ ସେଣ୍ଟର ଚଳାଉ ଥିବା କିଛି ଅସାଧୁ ଅଧ୍ୟାପକ ଏହି କାରନାମାରେ ପ୍ରତ୍ୟକ୍ଷ ଭାବେ ଜଡ଼ିତ ଥିବା ସିବିଆଇ ତଦନ୍ତରୁ ଜଣା ପଡ଼ିବା ପରେ କେମିଷ୍ଟ୍ରି ଅଧ୍ୟାପକ ପିଭି କୁଲକର୍ଣ୍ଣି ଓ ବଟାନୀ ଅଧ୍ୟାପିକା ମନୀଷା ଗୁରୁନାଥ ମାନ୍ଧାରୀଙ୍କୁ ଗିରଫ କରାଯାଇଛି। ଏହି ଦୁର୍ନୀତିର ଚେର କେତେ ଗଭୀରକୁ ଯାଇଛି, ଆସ୍ତେ ଆସ୍ତେ ତା’ର ପର୍ଦ୍ଦାଫାସ ହେବ।

ବର୍ତ୍ତମାନ ଆସନ୍ତୁ ଏହି ବିବାଦମାନ ଏନ୍‌ଟିଏ ସଂସ୍ଥାର ଇତିବୃତ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିବା। ଜାତୀୟ ଶିକ୍ଷା ନୀତି ୧୯୮୬ ଓ ପ୍ରୋଗ୍ରାମ ଅଫ୍ ଆକ୍ସନ୍ ୧୯୯୨ ଭିତ୍ତିରେ ଦେଶରେ ଗୋଟିଏ ଏକକ ସ୍ୱୟଂଚାଳିତ ପରୀକ୍ଷଣ ସଂସ୍ଥା ସ୍ଥାପନ କରିବାର ନିଷ୍ପତ୍ତି ନିଆଯାଇଥିଲା। ଏହି ସଂସ୍ଥା କାର୍ଯ୍ୟକ୍ଷମ ହେଲେ ୟୁଜିସି, ଏଆଇସିଟିଇ, ସିବିଏସଇ, ମେଡିକାଲ କାଉନସିଲ ଇତ୍ୟାଦିର ପ୍ରବେଶିକା ପରୀକ୍ଷାଜନିତ ଚାପ ହ୍ରାସ କରାଯାଇ ପାରିବ ଓ ସେମାନେ କେବଳ ଶିକ୍ଷାଦାନ, ଗବେଷଣା ଉପରେ ଧ୍ୟାନ କେନ୍ଦ୍ରୀଭୂତ କରି ପାରିବେ ବୋଲି ପରିକଳ୍ପନା କରାଯାଇଥିଲା। ଏତଦ୍ ବ୍ୟତୀତ ୨୦୧୦ ମସିହାରେ କେତେ ଜଣ ଆଇଆଇଟି ନିର୍ଦ୍ଦେଶକଙ୍କୁ ନେଇ ଗଠିତ ବିଶେଷଜ୍ଞ କମିଟି ଆମେରିକାର ଇଟିଏସ୍ (ଏଜୁକେସନାଲ ଟେଷ୍ଟିଂ ସର୍ଭିସ୍) ଢାଞ୍ଚାରେ ଭାରତରେ କେବଳ ପ୍ରବେଶିକା ପରୀକ୍ଷା ଆୟୋଜନ କରିବା ପାଇଁ ଏନ୍‌ଟିଏ ଗଠନ କରିବାକୁ ସୁପାରିସ କରିଥିଲେ। ୨୦୧୩ ମସିହାରେ ତତ୍କାଳୀନ ମାନବ ସମ୍ବଳ ମନ୍ତ୍ରଣାଳୟ ଏକ ଟାସ୍କଫୋର୍ସ୍ ମାଧ୍ୟମରେ ଏନ୍‌ଟିଏର ଭିତ୍ତିଭୂମି ଓ ଅନ୍ୟାନ୍ୟ ଆନୁଷଙ୍ଗିକ ପ୍ରଶାସନିକ ପରିଚାଳନାଗତ ବ୍ୟବସ୍ଥା କରିଥିଲେ। ୨୦୧୭ ମସିହାରେ ଏନ୍‌ଟିଏ ଏକ ଶୃଙ୍ଖଳିତ, ସ୍ୱୟଂଚାଳିତ ସଂସ୍ଥା ଭାବେ ଗଠନ ସୁପାରିସକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଥିଲେ। ଅନୁମୋଦନ ପରେ ଇଣ୍ଡିଆନ ସୋସାଇଟି ରେଜିଷ୍ଟ୍ରେସନ ଆକ୍ଟ ୧୮୬୦ ଅନୁସାରେ ଏହାର ପଞ୍ଜିକରଣ କରାଯାଇଥିଲା। ବିନୀତ ଯୋଷୀ ଏହାର ପ୍ରଥମ ମହାନିର୍ଦ୍ଦେଶକ ଭାବେ କାର୍ଯ୍ୟରେ ଯୋଗଦାନ କରିଥିଲେ। ଏନ୍‌ଟିଏ ସଂସ୍ଥା ଗୋଟିଏ ପରିଚାଳନା ସମିତି ଅଧୀନରେ କାର୍ଯ୍ୟ କରିଥାଏ। ଏଥିରେ ଜଣେ ସଭାପତି, ଜଣେ ସମ୍ପାଦକ ଏବଂ ବିଭିନ୍ନ ଜାତୀୟ ସ୍ତରର ଅନୁଷ୍ଠାନରୁ ଆଠ ଜଣ ଅଧିକାରୀ ସଦସ୍ୟ ରହିବାର ପ୍ରାବଧାନ ଅଛି। ପରିଚାଳନା ସମିତି ନୀତି ନିର୍ଦ୍ଧାରଣ କରିବା ସହ ଏନ୍‌ଟିଏରେ ନିୟୋଜିତ କେନ୍ଦ୍ର ଶିକ୍ଷା ବିଭାଗର ପ୍ରଶାସନିକ ଅଧିକାରୀ, ଯଥା ଜଣେ ମହାନିର୍ଦ୍ଦେଶକ, ଦୁଇ ଜଣ ନିର୍ଦ୍ଦେଶକ ଓ ଜଣେ ଯୁଗ୍ମନିର୍ଦ୍ଦେଶକଙ୍କୁ ମାର୍ଗ ଦର୍ଶନ କରାଇ ଥାଏ। ଏନ୍‌ଟିଏ ସଂସ୍ଥାକୁ ଜେଇଇ ମେନ୍, ନିଟ୍ ୟୁଜି, ସିୟୁଇଟି ୟୁଜି ପିଜି, ୟୁଜିସି ନେଟ୍, ସିଏସଆଇଆର ୟୁଜିସି ନେଟ୍, ଜି ପ୍ୟାଟ୍, ସି ମ୍ୟାଟ୍ ଇତ୍ୟାଦି ପ୍ରବେଶିକା ପରୀକ୍ଷା ଦାୟିତ୍ୱ ପ୍ରଦାନ କରାଗଲା। ଜାତୀୟ ପରୀକ୍ଷଣ ସଂସ୍ଥା ବା ଏନ୍‌ଟିଏର ମୁଖ୍ୟ ଉଦ୍ଦେଶ୍ୟ ହେଲା, ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାଗୁଡ଼ିକର ଗୁଣାତ୍ମକ ମାନ ବଜାୟ ରଖି ସ୍ୱଚ୍ଛତା, ସାଧୁତା, ନିରପେକ୍ଷତା ସହ ଯୋଗ୍ୟ ପ୍ରାର୍ଥୀ ଚୟନ କରିବା। ବିଶ୍ୱସ୍ତରୀୟ ମାନକ ଜରିଆରେ ବୌଦ୍ଧିକ ଦକ୍ଷତା ଥିବା ମେଧାବୀ ପ୍ରାର୍ଥୀ ଚୟନ କରି ବୃତ୍ତିଗତ ପାରଦର୍ଶିତା ବୃଦ୍ଧି କରିବା। ପରୀକ୍ଷଣ ପଦ୍ଧତି ଉପରେ ଗବେଷଣା ଜାରି ରଖି ସ୍ୱଚ୍ଛତା ବୃଦ୍ଧି ପାଇଁ ପ୍ରଚେଷ୍ଟା କରିବା। ପରୀକ୍ଷାର ସୁପରିଚାଳନା ପାଇଁ ଆବଶ୍ୟକ ଭିତ୍ତିଭୂମି ଥିବା ଅନୁଷ୍ଠାନକୁ ପରୀକ୍ଷା କେନ୍ଦ୍ର ଭାବେ ଚୟନ କରିବା। ନିର୍ମଳ ଭାବମୂର୍ତ୍ତି ଥିବା ପ୍ରଫେସରମାନଙ୍କୁ ପ୍ରଶ୍ନପତ୍ର ପ୍ରସ୍ତୁତି ଦାୟିତ୍ୱ ଅର୍ପଣ କରିବା। ପରୀକ୍ଷା ଖାତାର ନିରପେକ୍ଷ ମୁଲ୍ୟାୟନ କରି ଠିକ୍ ସମୟରେ ଫଳାଫଳ ପ୍ରକାଶ କରିବା। ପରୀକ୍ଷା କେନ୍ଦ୍ରରେ ସିସି କ୍ୟାମେରା, କମ୍ପ୍ୟୁଟର, ଇଣ୍ଟରନେଟ ଆଦି ତଦାରଖ କରିବା। ବିଦେଶୀ ଆମେରିକୀୟ ସଂସ୍ଥା ଇଟିଏସ୍ ସହ ଯୋଗାଯୋଗ ରଖି ପରୀକ୍ଷାରେ ଢାଞ୍ଚାଗତ ସଂସ୍କାର ଆଣିବା ପାଇଁ ପ୍ରୟାସ କରିବା।

ମାତ୍ର ଆମେ ସମସ୍ତେ ଭଣା ଅଧିକେ ଅବଗତ ଯେ ଆମ ଦେଶରେ ଅନେକ ଚମତ୍କାର ଜନମଙ୍ଗଳକାରୀ ଯୋଜନା ଅନେକ ଉତ୍ସାହ, ଉଦ୍ଦୀପନା, ଉତ୍ତେଜକ ଭାଷଣ, ମିଡିଆ ପ୍ରଚାର, ପ୍ରେସ୍ କନଫରେନ୍ସ, ଫଟୋ ସେସନ୍ ମାଧ୍ୟମରେ ବହୁଳ ପ୍ରଚାର କରାଯାଇ ଆରମ୍ଭ କରାଯାଏ; କିନ୍ତୁ ସେସବୁର କାର୍ଯ୍ୟାନ୍ୱୟନ ସଠିକ୍ ଭାବେ ହୋଇପାରେ ନାହିଁ। ପ୍ରଶାସନିକ ଅଧିକାରୀଙ୍କ ଉଦାସୀନତା, ଅପାରଗତା, ଦାୟିତ୍ୱହୀନତା, ଶିଥିଳତା, ନିଷ୍କ୍ରିୟତା, ରାଜନୈତିକ ତତ୍ପରତାର ଅଭାବରୁ ଏଭଳି ପରିସ୍ଥିତି ଉପୁଜି ଥାଏ।

ଶିକ୍ଷା ବିଭାଗର ଦାୟିତ୍ୱହୀନତା ଯଦି ଏହିଭଳି ଆଗକୁ ଜାରି ରହେ, ତେବେ ଯୁଗାନ୍ତକାରୀ ଐତିହାସିକ ନୂତନ ଶିକ୍ଷା ନୀତି-୨୦୨୦ ଯାହାକି ଭାରତକୁ ଆସନ୍ତା ଦଶ ବର୍ଷ ମଧ୍ୟରେ ବିଶ୍ୱ ଜ୍ଞାନ ଭଣ୍ଡାର (ଗ୍ଲୋବାଲ ନଲେଜ୍ ପାୱାର ସେଣ୍ଟର) ଭାବେ ଆବିର୍ଭାବ ହେବାର ସମ୍ଭାବନା ବହନ କରେ, ହୁଏତ ବିଫଳତାର ସମ୍ମୁଖୀନ ହୋଇପାରେ। ଏମିତିରେ ମଧ୍ୟ ନୂତନ ଶିକ୍ଷା ନୀତିର କେତେକ ଅନୁଚ୍ଛେଦ (ମାତୃଭାଷାରେ ଶିକ୍ଷା)କୁ କାର୍ଯ୍ୟକାରୀ କରିବାରେ କେତେକ ଆହ୍ୱାନ ସାମ୍ନାକୁ ଆସିଛି।

ଏବେ ଆସନ୍ତୁ ନଜର ପକାଇବା ଏନ୍‌ଟିଏରେ ଅତୀତରେ ଘଟିଥିବା କେତେକ ସାଂଘାତିକ କେଲେଙ୍କାରୀ ଓ ବ୍ୟାପକ ଘୋଟାଲା ଉପରେ। ୟୁଜି ନିଟ୍ ୨୦୨୪ ମସିହାରେ ମଧ୍ୟ ୨୦୨୬ ମସିହା ଭଳି ଗୁଜରାଟ, ରାଜସ୍ଥାନ, ମହାରାଷ୍ଟ୍ର, ବିହାରରେ ସମ୍ଭାବ୍ୟ ପ୍ରଶ୍ନପତ୍ର ବିକ୍ରି ମାଧ୍ୟମରେ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ଖବର ପ୍ରସାରିତ ହେବା ପରେ ସିବିଆଇ ତଦନ୍ତ କରି ପର୍ଯ୍ୟାପ୍ତ ପ୍ରମାଣ ଅଭାବରୁ ଘଟଣାକୁ ଚପାଇ ଦିଆ ଯାଇଥିଲା। ୨୦୨୦ ମସିହା ଓ ୨୦୨୧ ମସିହା ଜେଇଇ ମେନ୍ ପରୀକ୍ଷାରେ ମଧ୍ୟ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା। ପ୍ରବେଶିକା ପରୀକ୍ଷାର ଦୁଇ ମାସ ପୂର୍ବରୁ ପ୍ରଶ୍ନ ପ୍ରଘଟ ହୋଇଥିଲା। ୨୦୨୧ ଜେଇଇ ମେନ୍ ପ୍ରଶ୍ନ ଜଣେ ବିଦେଶୀ ମାଫିଆ ଅନ୍‌ଲାଇନ୍ ହ୍ୟାକିଂ କରି ପ୍ରଶ୍ନପତ୍ର ଲିକ୍ କରିଥିଲା। ସେହି ବର୍ଷ ଅନେକ ପ୍ରକ୍ସି ପରୀକ୍ଷାର୍ଥୀ ଅନ୍ୟମାନଙ୍କ ପାଇଁ ପରୀକ୍ଷା ଦେଉଥିବା ଜଣା ପଡ଼ିବା ପରେ କେତେକ ପରୀକ୍ଷା କେନ୍ଦ୍ରକୁ କଳା ତାଲିକାଭୁକ୍ତ କରାଯାଇଥିଲା। ୨୦୨୨ ସିୟୁଇଟି ୟୁଜି କମ୍ପ୍ୟୁଟର ସଂକ୍ରାନ୍ତୀୟ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଦ୍ୱିତୀୟ ସିଟିଂ ପରୀକ୍ଷା ବାତିଲ ହୋଇଥିଲା। ୨୦୨୪ ଜୁନ୍ ୟୁଜିସି ନେଟ ପରୀକ୍ଷା ଗୋଟିଏ ଦିନ ପରେ ପ୍ରଶ୍ନପତ୍ର ଲିକ୍ ଅଭିଯୋଗରେ ବାତିଲ କରାଯାଇଥିଲା।




ଆମେ ସାଧାରଣତଃ ଜାଣୁ ଯେ ମଣିଷ ଅତୀତର ଭୁଲ୍‌ରୁ ଶିକ୍ଷାଲାଭ କରି ବର୍ତ୍ତମାନ ସମୟରେ ଏଭଳି କାର୍ଯ୍ୟ କରେ, ଯେପରିକି ତା’ର ଭବିଷ୍ୟତରେ କୌଣସି ସମସ୍ୟା ଉପୁଜିବ ନାହିଁ। ମାତ୍ର ଏନ୍‌ଟିଏ ସଂସ୍ଥାରେ ଦୁର୍ନୀତି ଏଭଳି ବସା ବାନ୍ଧିଛି ଯେ ଅତୀତର ଭୁଲ୍‌ରୁ ଶିଖିବା ତ ଦୂରର କଥା, ଦୁର୍ନୀତିଗ୍ରସ୍ତ, ଦାୟିତ୍ୱହୀନ, ଅପାରଗ ଅଧିକାରୀମାନଙ୍କ ମିଳି ଭଗତ କାରବାର ପାଇଁ ସମଗ୍ର ଦେଶବାସୀ ଏନ୍‌ଟିଏ ଉପରୁ ଆସ୍ଥା ହରାଇଲେଣି। କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ମଧ୍ୟ ଆଗରୁ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେଇଥିଲେ ହୁଏତ ଆଜି ୨୨ ଲକ୍ଷ ପରୀକ୍ଷାର୍ଥୀ ଦୁର୍ଦ୍ଦଶା ଭୋଗି ନଥାନ୍ତେ।

ଆସନ୍ତୁ, କିଛି ତ୍ରୁଟି ସମୀକ୍ଷା କରିବା ସହ ଉପସଂହାରକୁ ଆସିବା। ନିମ୍ନ ପ୍ରଦତ୍ତ ବିନ୍ଦୁଗୁଡ଼ିକ ଉପରେ ଯଦି ଧ୍ୟାନ ଦିଆ ଯାଇଥାନ୍ତା, ତେବେ ପ୍ରଶ୍ନପତ୍ର ପ୍ରଘଟ ସ୍କାମ୍‌କୁ ଏଡ଼ାଇ ଦେଇ ବାଇଶ ଲକ୍ଷ ପରୀକ୍ଷାର୍ଥୀଙ୍କ ଭବିଷ୍ୟତକୁ ସୁରକ୍ଷିତ ରଖାଯାଇ ପାରିଥାନ୍ତା।

୧. ଅତୀତ ସ୍କାମ୍‌ରେ ଜଡ଼ିତ ଅଧିକାରୀଙ୍କ ବିରୋଧରେ ନିଲମ୍ବନ/ ବରଖାସ୍ତ ଭଳି କଠୋର, ଦୃଷ୍ଟାନ୍ତମୂଳକ ଦଣ୍ଡ ବିଧାନ କରାଯାଇଥାନ୍ତା, ଯାହା ଫଳରେ ପରବର୍ତ୍ତୀ ବର୍ଷମାନଙ୍କରେ ଦୁର୍ନୀତି କରିବାକୁ କେହି ସାହସ କରି ନଥାନ୍ତେ।

୨. ନିର୍ମଳ ଭାବମୂର୍ତ୍ତି ଥିବା ପ୍ରଫେସରମାନଙ୍କୁ ପ୍ରଶ୍ନ ପ୍ରସ୍ତୁତିରେ ନିୟୋଜିତ କରାଯାଇଥାନ୍ତା।

୩. ପ୍ରଶ୍ନକର୍ତ୍ତା ଅଧ୍ୟାପକମାନଙ୍କ ଭାବମୂର୍ତ୍ତି ଯାଞ୍ଚ କରାଯାଇ କୋଚିଂ ସେଣ୍ଟର ଚଳାଉ ଥିବା ଅଧ୍ୟାପକଙ୍କୁ ପ୍ରଶ୍ନ ପ୍ରସ୍ତୁତି ଦାୟିତ୍ୱରୁ ଅବ୍ୟାହତି ଦିଆ ଯାଇଥାନ୍ତା।

୪. ପ୍ରଶ୍ନପତ୍ର ଛପା ଯାଉଥିବା ପ୍ରେସକୁ ଅର୍ଡର ଦେବା ପୂର୍ବରୁ ଭାବମୂର୍ତ୍ତିକୁ ପରଖା ଯାଇଥାନ୍ତା ଓ ପ୍ରତି ବର୍ଷ ନୂଆ ଟେଣ୍ଡର ଡକାଯାଇ ପ୍ରେସ୍ ବଦଳ କରା ଯାଉଥାନ୍ତା।

୫. ପ୍ରଶ୍ନପତ୍ର ଗଚ୍ଛିତ ଥିବା କୋଠରୀର ସୁରକ୍ଷା ଦାୟିତ୍ୱ ସ୍ୱଚ୍ଛ ଭାବମୂର୍ତ୍ତିସମ୍ପନ୍ନ ଅଧିକାରୀଙ୍କ ଉପରେ ନ୍ୟସ୍ତ କରା ଯାଇଥାନ୍ତା।

୬. ପ୍ରଶ୍ନକର୍ତ୍ତା, ମଡରେଟର ଓ ସୁପରଭାଇଜରମାନଙ୍କୁ ପ୍ରଶ୍ନପତ୍ର ତ୍ରୁଟି ପାଇଁ ଉତ୍ତରଦାୟୀ କରାଯାଇଥାନ୍ତା।

ଉପରୋକ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟଗୁଡ଼ିକ ପ୍ରତି ଧ୍ୟାନ ଦିଆଯାଇ ନଥିବାରୁ ଆଜି ଏନ୍‌ଟିଏର ଚରମ ବିଫଳତା ସାମ୍ନାକୁ ଆସିବା ସହ ଐତିହାସିକ ଜାତୀୟ ଶିକ୍ଷା ନୀତି-୨୦୨୦ର ସଫଳ ରୂପାୟନ ଓ ୨୦୩୦ ସୁଦ୍ଧା ଭାରତ ବିଶ୍ୱ ଜ୍ଞାନ ଭଣ୍ଡାର ରୂପେ ଉଭା ହେବାର ସମ୍ଭାବନା ଉପରେ ଏକ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ମୋ: ୭୩୮୧୦୭୩୧୩୬

# ସ୍ୱପ୍ନ ନଗରୀ



ନାରାୟଣ ବାରିକ୍

ଆମେ ନିଦ୍ରା ଗଲେ ସ୍ୱପ୍ନ ଦେଖିଥାଉ। ମାତ୍ର ଆମେ କାହିଁକି ସ୍ୱପ୍ନ ଦେଖୁ ଓ ଏହା କେତେଦୂର ସତ୍ୟରେ ପରିଣତ ହୁଏ, ଏ ବାବଦରେ ଆମ ମନରେ ବହୁତ ପ୍ରଶ୍ନ ଉଠିଥାଏ। ତେବେ ଆମର ସ୍ୱପ୍ନ ଦେଖିବାର କାରଣ ବିଷୟରେ ଯେତେ ସ୍ୱପ୍ନତତ୍ତ୍ୱବିତ୍‌ମାନେ ମତ ଦେଇଛନ୍ତି, ସେଥିରେ କୌଣସି ଏକମତତା ନାହିଁ। ତଥାପି ସ୍ୱପ୍ନ ବିଷୟରେ ବିଭିନ୍ନ ଲୋକଙ୍କ ମଧ୍ୟରେ ଭ୍ରମ ଧାରଣା ରହିଛି। ତେଣୁ ସ୍ୱପ୍ନ ଦେଖି ଅନେକ ବିବ୍ରତ ହୋଇ ଧୈର୍ଯ୍ୟହରା ହୋଇ ପଡ଼ନ୍ତି। ମନ ଭିତରେ ହତାଶା ଭାବ ପରିପୂର୍ଣ୍ଣ ହୋଇ ଉଠେ। ତାହା ସତ୍ୟ ବୋଲି ମନେହୁଏ। ବ୍ୟକ୍ତି ବିଚଳିତ ହୋଇ ନିଜକୁ ସେହି ପରିବେଶରେ ଅଛି ବୋଲି ଗ୍ରହଣ କରିନିଏ। ପରିବାର ଲୋକେ ଯେତେ ବୁଝାଇଲେ ବି ବ୍ୟକ୍ତି ଜଣକ ବୁଝିବାକୁ ନାରାଜ। ରାତ୍ରିର ଯେ କୌଣସି ପ୍ରହରରେ ସ୍ୱପ୍ନ ଦେଖି ସ୍ୱପ୍ନ ଭାଙ୍ଗିଲା ପରେ ବି ବ୍ୟକ୍ତି ପରିବାରକୁ ଏପରି ବିବ୍ରତ କରି ପକାଏ ଯେ ଶେଷରେ ଏଥିପାଇଁ ଡାକ୍ତରଙ୍କ ପାଖକୁ ବ୍ୟକ୍ତିକୁ ନେଇ ପରାମର୍ଶ ନେବାକୁ ପଡ଼େ। ଡାକ୍ତରବାବୁ ବ୍ୟକ୍ତିର ରକ୍ତଚାପ, ହାର୍ଟବିଟ୍ ଓ ପଲ୍‌ସ୍‌କୁ ଅନୁଧ୍ୟାନ କରି ଏବଂ ତା’ ସହ ବାର୍ତ୍ତାଳାପ କରି ଜାଣନ୍ତି ଯେ ସବୁ ଠିକ୍‌ଠାକ୍ ଅଛି। ତେଣୁ ସେ ବ୍ୟକ୍ତିକୁ ବୁଝାଇ ଦିଅନ୍ତି ଯେ ଏହା ସ୍ୱପ୍ନଜନିତ ଭ୍ରମ। ତାଙ୍କର କିଛି ଅସୁବିଧା ହୋଇନାହିଁ। ଶେଷରେ ବ୍ୟକ୍ତି ଜଣକ ନିଜର ପୂର୍ବ ସ୍ଥିତାବସ୍ଥାକୁ ଫେରି ଆସିଥାନ୍ତି ଓ ନିଜର ଏପରି ବାଚାଳତା ପାଇଁ ନିଜକୁ ଲଜ୍ଜିତ ମନେ କରନ୍ତି। ତା’ ପରେ ସେ କୁହନ୍ତି ଯେ ସେ ଏବେ ଠିକ୍‌ଠାକ୍ ଅଛନ୍ତି। ତେଣୁ ପାଖରେ ଥିବା ପରିବାରର ସଦସ୍ୟମାନେ ଆଶ୍ୱସ୍ତି ଅନୁଭବ କରନ୍ତି।

କେତେକ ଲୋକ ନିଦ୍ରାବସ୍ଥାରେ ଅନେକ କଥା ଗପି ଯାଆନ୍ତି। ଏପରିକି ଜୀବନର ଅନେକ ଅପ୍ରିୟ ସତ୍ୟକଥାକୁ ପ୍ରକାଶ କରି ଦେଇଥାନ୍ତି। ପୁଣି ଏମିତି କିଛି ଲୋକ ଅଛନ୍ତି, ନିଦ୍ରାବସ୍ଥାରେ ବିଛଣାରୁ ଉଠି ବାହାରକୁ ଚାଲି ଯାଆନ୍ତି। ଏ ବାବଦରେ ମୋର ଏକ ପ୍ରତ୍ୟକ୍ଷ ଅନୁଭୂତି ଏଠାରେ ବ୍ୟକ୍ତ କରିବା ଉଚିତ ମନେ କରୁଛି। ମୋର ଜଣେ ଭଉଣୀ ମୋ’ଠାରୁ ବୟସରେ ସାନ ଥିଲା। ସେତେବେଳେ ତା’ର ବୟସ ପ୍ରାୟ ବାର ବା ତେର ବର୍ଷ ହେବ। ମୁଁ ପ୍ରାୟ ହାଇସ୍କୁଲ୍‌ରେ ପଢ଼ିବା ସମୟର ଘଟଣା। ଥରେ ରାତି ପ୍ରାୟ ଗୋଟାଏ ବା ସାଢ଼େ ଗୋଟାଏ ହେବ। ପରିବାରର ସମସ୍ତେ ଶୋଇଛନ୍ତି। କେହି କବାଟ ଖୋଲି ବାହାରକୁ ଯିବାର ଶବ୍ଦ ହେଲା। ଜଣ ଜଣ କରି ସମସ୍ତେ କ୍ରମେ ଉଠି ଘଟଣା ଜାଣିବାକୁ ଚାହିଁଲେ। ପରେ ଜଣା ପଡ଼ିଲା ଯେ ବଡ଼ମାଆଙ୍କ ପାଖରେ ଶୋଇଥିବା ସେହି ଭଉଣୀ କବାଟ ଖୋଲି ବାହାରକୁ ଚାଲିଯାଇଛି। ସେ କୁଆଡ଼େ ଗଲା ଓ କାହିଁକି ଗଲା, ଏହି ତର୍ଜମା କରୁ କରୁ କିଛି ସମୟ ବିତିଗଲା। ଅନ୍ଧାର ଭିତରେ ସେ କୁଆଡ଼େ ଯାଇଥିବ ଭାବି ଆମ ପରିବାରର କେତେକ ସଦସ୍ୟ ତାକୁ ଅନ୍ଧାର ଭିତରେ ଖୋଜିବାକୁ ହାତରେ ଟର୍ଚ୍ଚ ଧରି ବାହାରି ପଡ଼ିଲେ। ଆମର ଏକ ବଡ଼ ପରିବାର, ଅର୍ଥାତ୍ ଏକାନ୍ନବର୍ତ୍ତୀ ପରିବାର। ତେଣୁ ଆମ ଘରେ ଅନ୍ୟମାନଙ୍କୁ ଅପେକ୍ଷା କରିବାକୁ କହି ବଡ଼ମାନେ ଖୋଜିବାକୁ ବାହାରି ପଡ଼ିଲେ। ଏ ଭିତରେ ସେ ଭଉଣୀ ଆମ ଘରଠାରୁ ଉତ୍ତରକୁ ଯେଉଁଆଡ଼େ ଚାଷ ଜମି ରହିଛି, ପ୍ରାୟ ଦୁଇ କିଲୋମିଟର ବାଟ ପାଦରେ ଚାଲି ଚାଲି ଯାଉଥିବା ବେଳେ ତାକୁ ଘରକୁ ଫେରାଇ ଅଣାଗଲା। ତା’ପରେ ପରିବାର ଲୋକେ ଆଶ୍ୱସ୍ତ ହେଲେ। ତା’ସତ୍ତ୍ୱେ ସେ ଭଉଣୀକୁ ରାତିରେ ଶୋଇବା ପରେ ନଜରରେ ରଖାଯାଏ- କବାଟ ଖୋଲି ସେ ବାହାରକୁ ଯେପରି ନଯାଏ। ତେବେ ପରେ ମୋର ଯାହା ମନେପଡ଼େ, ସେ ପ୍ରାୟ ଦୁଇ ବା ତିନି ଥର ହେବ କବାଟ ଖୋଲି ଯିବା ସମୟରେ କବାଟ ଖୋଲିବା ଶବ୍ଦ ଶୁଣି ତାକୁ ଧରା ହୋଇଛି। ତା’ର ଏପରି ଆଚରଣ ପାଇଁ ଡାକ୍ତରଙ୍କଠାରୁ ପରେ ପରାମର୍ଶ ନେବାରେ ଏହା ନିଦ୍ରାରେ ସ୍ୱପ୍ନଜନିତ ଭ୍ରମ ବୋଲି ଜଣା ପଡ଼ିଲା। ଏଥିପାଇଁ ତାକୁ କିଛି ଦିନ ରାତିରେ ଶୋଇବା ସମୟରେ ଆକଟରେ ରଖା ଯାଇଥିଲା। ଆଉ ପରବର୍ତ୍ତୀ ସମୟରେ ତା’ଠାରେ ଏ ପ୍ରକାର ତ୍ରୁଟି ଦେଖା ଯାଇ ନଥିଲା।

ସ୍ୱପ୍ନ ଦେଖି ସାରିବା ପରେ ଆମ ଶାରୀରିକ ଓ ମାନସିକ ଜଗତରେ ବେଳେ ବେଳେ କେତେକ ଅସ୍ୱାଭାବିକ କ୍ରିୟା ପ୍ରତିକ୍ରିୟା ସୃଷ୍ଟି ହୋଇଥାଏ। ମାତ୍ର ସ୍ୱପ୍ନ ସହିତ ଏହାର କିଛି ସଂପର୍କ ନଥାଏ। ବାସ୍ତବରେ ସ୍ୱପ୍ନ ହେଉଛି ନିଦ୍ରାରେ ଆମର ଅନିଚ୍ଛା ସତ୍ତ୍ୱେ ଆସୁଥିବା କେତେକ ଭାବନା ବା ଧାରଣା। ସ୍ୱପ୍ନ ମାଧ୍ୟମରେ ଆମର ବହୁ ଦିନର ସ୍ମୃତି କିମ୍ବା ମନେ ମନେ ଛନ୍ଦି ହେଉଥିବା ବା ସୂତ୍ର ପାଉ ନଥିବା କଥାଗୁଡ଼ିକ ପ୍ରତିଫଳିତ ହୋଇଥାଏ। ଆମେ ପ୍ରକାଶ କରି ପାରୁ ନଥିବା କଥାଗୁଡ଼ିକ ସ୍ୱପ୍ନରେ କୌଣସି ପ୍ରତିଛବି ବା ଘଟଣା ମାଧ୍ୟମରେ ପ୍ରକାଶ ପାଇଥାଏ। ଅଥବା କୌଣସି ସମସ୍ୟାର ସମ୍ମୁଖୀନ ହେଉଥିବା ଘଟଣାଗୁଡ଼ିକର ସମାଧାନର ଦିଗଗୁଡ଼ିକର ଅବତାରଣା ହୋଇଥାଏ। ସୃଜନଶୀଳ ବ୍ୟକ୍ତି, ଦାର୍ଶନିକ, ବୈଜ୍ଞାନିକ ତଥା ସାହିତ୍ୟିକମାନେ ସ୍ୱପ୍ନରୁ ଅନେକ ସୂତ୍ର ବା ସେମାନଙ୍କ ସାମଗ୍ରୀକ ଚେତନାର ସ୍ପଷ୍ଟ ଛବିକୁ ଅନୁଭବ କରିଥାନ୍ତି। ସ୍ୱପ୍ନର ସାଙ୍କେତିକ ଅର୍ଥ ହେଉଛି, ଏହା ଆମ ଅଚେତନ ମନର ଏକ ଝଲକ।

ବହୁ ପୁରାତନ କାଳରୁ ଗ୍ରୀକ୍, ମିଶର ଏବଂ ବେବିଲୋନୀୟ ସଭ୍ୟତାରେ ମଧ୍ୟ ସ୍ୱପ୍ନ ସଂପର୍କୀୟ ବିଭିନ୍ନ ବିଶ୍ୱାସ ରହି ଆସିଛି। ଏପରିକି ବିଭିନ୍ନ ଧର୍ମ, ଯେପରିକି ହିନ୍ଦୁ, ଇସ୍‌ଲାମ୍, ଖ୍ରୀଷ୍ଟିଆନ୍ ଏବଂ ବୌଦ୍ଧ ଧର୍ମରେ ମଧ୍ୟ ସ୍ୱପ୍ନ ସଂପର୍କୀୟ ବିଭିନ୍ନ ଧାରଣା ପ୍ରଚଳିତ। ଏପରିକି ପ୍ରାଚୀନ ସୁମେରୀୟମାନଙ୍କ ଦ୍ୱାରା ଏବଂ ବିଭିନ୍ନ ଧର୍ମ ଗ୍ରନ୍ଥରେ ସ୍ୱପ୍ନର ବିଷୟବସ୍ତୁ ଓ କାର୍ଯ୍ୟକାରିତା ସଂପର୍କରେ ବିଭିନ୍ନ ବ୍ୟାଖ୍ୟା କରାଯାଇଛି। ସେଥିପାଇଁ ବିଭିନ୍ନ ଦାର୍ଶନିକ ତଥା ଆଧ୍ୟାତ୍ମିକବାଦୀ ସ୍ୱପ୍ନର ରହସ୍ୟ ବାବଦରେ ବିଭିନ୍ନ ମତ ପୋଷଣ କରିଛନ୍ତି, ଯେପରି ପୂର୍ବରୁ ମେସୋପଟାମିଆ ଏବଂ ପ୍ରାଚୀନ ମିଶରର ଲେଖା ଆଧାରରେ କେହି ଦେବତା, ପୂର୍ବପୁରୁଷ ବା ମହାପୁରୁଷଙ୍କର ସ୍ୱପ୍ନ ଦର୍ଶକକୁ ନିର୍ଦ୍ଦେଶ ଦେଇ ଭବିଷ୍ୟବାଣୀ କହିବା କ୍ରମଶଃ ହଜାର ହଜାର ବର୍ଷ ପରେ ମନୁଷ୍ୟ ମନରୁ ହ୍ରାସ ପାଇଛି। ପରେ ମନସ୍ତତ୍ତ୍ୱବିତ୍ ଏବଂ ବୈଜ୍ଞାନିକମାନେ ସ୍ୱପ୍ନ ସଂପର୍କରେ ଅଧ୍ୟୟନ କରି ଏ ସଂପର୍କରେ ବ୍ୟାଖ୍ୟା କରି ବିଭିନ୍ନ ତତ୍ତ୍ୱ ଉପସ୍ଥାପନ କରିଛନ୍ତି।

ମନସ୍ତତ୍ତ୍ୱରେ ସ୍ୱପ୍ନର ବୈଜ୍ଞାନିକ ଅଧ୍ୟୟନକୁ ଓ୍ୱାନିରୋଲୋଜି କୁହାଯାଏ। ଏଥିରେ ମନୁଷ୍ୟ ଯେଉଁ ସ୍ୱପ୍ନ ଦେଖେ, ସେଥିରେ ଥିବା ମନୁଷ୍ୟର ମାନସିକ ବିକାର, ସ୍ମୃତି ତଥା ଜ୍ଞାନ ସଂପର୍କରେ ମସ୍ତିଷ୍କର କାର୍ଯ୍ୟକୁ ପର୍ଯ୍ୟବେକ୍ଷଣ କରାଯାଏ। ଜଣେ ସାଧାରଣ ମଣିଷ ତା’ ଜୀବନ କାଳ ମଧ୍ୟରେ ସ୍ୱପ୍ନ ଦେଖିବାରେ ମୋଟ ଛଅ ବର୍ଷ ବିତାଇ ଥାଏ। ପ୍ରତ୍ୟେକ ମଣିଷ ପ୍ରତି ରାତିରେ ଦୁଇ ଘଣ୍ଟା ପାଇଁ ସ୍ୱପ୍ନ ଦେଖିଥାଏ ଓ ଅଧିକାଂଶ ସ୍ୱପ୍ନ ୫ରୁ ୨୦ ମିନିଟ୍ ପର୍ଯ୍ୟନ୍ତ ରହିଥାଏ। ନିଦରୁ ଉଠିବା ପରେ କେହି କେହି ଏହାକୁ ମନେ ରଖନ୍ତି ତ କେହି କେହି ଭୁଲି ଯାଆନ୍ତି। ତେବେ କିଛି ସ୍ୱପ୍ନ ଆନନ୍ଦଦାୟକ ହୋଇଥାଏ ତ କେତେକ ଦୁଃଖପୂର୍ଣ୍ଣ ଓ କେତେକ ସ୍ୱପ୍ନ ଅର୍ଥହୀନ ହୋଇଥାଏ। ସର୍ବୋପରି କୌଣସି ସ୍ୱପ୍ନ ଦେଖି ବିବ୍ରତ ହେବା ଅନୁଚିତ, କାରଣ ଏହା ପୂର୍ବ ଦିନଗୁଡ଼ିକର ସୂଚନା ପ୍ରକ୍ରିୟାକରଣ ଓ ଆମ ଭାବପ୍ରବଣତା, ଜ୍ଞାନ ଓ ସୃଜନଶୀଳତାର ଆତ୍ମୀକରଣ।



ଓଡ଼ିଆ ଭାଷା ପ୍ରଶିକ୍ଷଣ ବିଶେଷଜ୍ଞ
ଶିକ୍ଷକ-ଶିକ୍ଷା ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ
ବିଦ୍ୟା ବିହାର, ଭୁବନେଶ୍ୱର
ମୋ: ୯୩୪୮୯୪୮୫୪୭

# ‘କକ୍‌ରୋଚ୍’: କୀଟ ନୁହେଁ, କଳାଛାୟା

ଓଡ଼ିଆ ଭାଷାରେ ‘ଅସରପା’; ଇଂରାଜୀରେ ‘କକ୍‌ରୋଚ୍’ ଲୋକମାନଙ୍କ ଅସନ୍ତୋଷ ଭିତରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରେ। ବିଭିନ୍ନ ସଂସ୍କୃତିରେ ଏହା ସଂକ୍ରମଣ, ଅବକ୍ଷୟ ଏବଂ ଉପଦ୍ରବର ସଂକେତ ପ୍ରଦାନ କରିଥାଏ। ‘ଏକ କଳାଛାୟା ୟୁରୋପ୍ ମହାଦେଶକୁ ଆଚ୍ଛାଦନ କରିବାକୁ ଯାଉଛି- ତାହା ହେଉଛି କମ୍ୟୁନିଜମ୍ ବା ସାମ୍ୟବାଦର କଳାଛାୟା’, ଏକଥା ଲେଖିଥିଲେ କାର୍ଲ୍ ମାର୍କ୍ସ ତାଙ୍କର ବିଶ୍ୱ ବିଖ୍ୟାତ ପୁସ୍ତକ ‘ଦ କମ୍ୟୁନିଷ୍ଟ ମ୍ୟାନିଫେଷ୍ଟୋ’ର ପ୍ରଥମ ଧାଡ଼ିରେ। ଏହାର ପ୍ରାୟ ଦୁଇ ଶହ ବର୍ଷ ପରେ ଆଉ ଗୋଟିଏ କଳାଛାୟା ପାରମ୍ପରିକ ଜଗତକୁ ଆଚ୍ଛାଦନ କରିବା ପଥରେ ଅଗ୍ରସର ହେଉଛି। ଆଉ ସେହି କଳାଛାୟା ହେଉଛି ଯୁବ ପିଢ଼ି, ଜେନ୍ ଜେଡ୍ ବା ସାଧାରଣ ଭାଷାରେ ଆଜିକା ସମୟରେ ଯାହାକୁ କୁହାଯାଉଛି ଜେନ୍ ଜି, ଯେଉଁମାନେ କି ପାହାଡ଼କୁ ତା’ ସ୍ଥାନରୁ ହଟାଇ ଦେଇ ପାରିବେ, ସରକାରର ପତନ ଘଟାଇ ପାରିବେ ଏବଂ ସବୁ ଅନୁଗାମୀଏବଂ ବ୍ୟବସ୍ଥାର ସମସ୍ତ ପରାଙ୍ଗପୁଷ୍ଟମାନଙ୍କ ମେରୁ ହାଡ଼ରେ ଶୀତଳତାର ପ୍ରବାହ ବୁହାଇ ଦେଇ ପାରିବେ। ଯେଉଁମାନେ ଏକଥା ଜାଣି ନାହାନ୍ତି, ସେମାନଙ୍କ ପାଇଁ: ଏକଥା ଆରମ୍ଭ ହେଲା ଭାରତର ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କର ଏକ ବିରକ୍ତିପୂର୍ଣ୍ଣ ଅସମ୍ବେଦନଶୀଳ ମନ୍ତବ୍ୟରୁ- ଦଳେ ଲୋକଙ୍କ ବିଷୟରେ, ଯେଉଁମାନଙ୍କୁ ସାଧାରଣ ଭାଷାରେ କର୍ମୀ ବୋଲି କୁହାଯାଇଥାଏ। ପ୍ରଧାନ ବିଚାରପତି ଯାହା ସବୁ କହିଥିଲେ, ତାହା ଥିଲା ଏମିତି: ‘ଯୁବ ପିଢ଼ିର କିଛି ବ୍ୟକ୍ତି ଅଛନ୍ତି, ଯେଉଁମାନେ ଅସରପାଙ୍କ ଭଳି କିଛି କର୍ମନିଯୁକ୍ତି ପାଆନ୍ତି ନାହିଁ। ସେମାନଙ୍କ ମଧ୍ୟରୁ କିଛି ଗଣମାଧ୍ୟମ ଏବଂ ସୂଚନା ଅଧିକାର କର୍ମୀ ପାଲଟି ଯାଆନ୍ତି ଏବଂ ସେମାନେ ସମସ୍ତଙ୍କୁ ଆକ୍ରମଣ କରିବା ଆରମ୍ଭ କରି ଦିଅନ୍ତି।’ ଏକଥା କହିବା ବେଳେ ସେ ଭାରତୀୟ ସମାଜର ଗୋଟିଏ ବର୍ଗ- ଧନୀମାନଙ୍କ- କଥା ହିଁ କେବଳ ପ୍ରତିଧ୍ୱନିତ କରୁଥିଲେ, ଯେଉଁମାନେ ଗରିବମାନଙ୍କ ଦ୍ୱାରା ଆତଙ୍କିତ ଅନୁଭବ କରିଥାନ୍ତି। ଅତୀତର ଦିନଗୁଡ଼ିକ ହୋଇଥିଲେ ତାଙ୍କର ଏଭଳି ଭାବାବେଗଶୂନ୍ୟ ମନ୍ତବ୍ୟ ଉପରେ କେହି ହୁଏତ ଗୁରୁତ୍ୱ ଦେଇ ନଥାନ୍ତେ, କିନ୍ତୁ ଏଣିକି ଆଉ ସେପରି ହେବା ସମ୍ଭବ ନୁହେଁ। ବର୍ତ୍ତମାନ ବିଚାରପତିମାନେ ମଧ୍ୟ ଉଚ୍ଚାରଣ କରୁଥିବା ପ୍ରତ୍ୟେକଟି ଶବ୍ଦ ଉପରେ ବିଚାରର ସମ୍ମୁଖୀନ ହେବେ। ତେଣୁ ବିଦେଶରେ ଅଧ୍ୟୟନ କରୁଥିବା ଜଣେ ଭାରତୀୟ ଛାତ୍ରଙ୍କ ଦ୍ୱାରା ମାତ୍ର ଚବିଶ ଘଣ୍ଟା ଭିତରେ ଏହି ଅପମାନସୂଚକ ଶବ୍ଦଗୁଡ଼ିକୁ ବେକାର, ତଥ୍ୟ-ଚର୍ବଣକାରୀ, ଅନ୍‌ଲାଇନ୍-ସକ୍ରିୟ ଯୁବ ବର୍ଗଙ୍କ ନିମନ୍ତେ ଏକ ନୂଆ ଆନ୍ଦୋଳନର ମୂଳଦୁଆ ପକାଇବା ପାଇଁ କାମରେ ଲଗାଗଲା।

ବର୍ତ୍ତମାନ ପାଇଁ ଏହି ଆନ୍ଦୋଳନର ‘ଇସ୍ତାହାର’ ପ୍ରାୟତଃ ସମସ୍ତଙ୍କ ମୁହଁରୁ ଟିକେ ଟିକେ କଥାରେ ବାହାରି ଆସୁଥିବା ଏବଂ ଭାରତ ଏବେ ପ୍ରତ୍ୟକ୍ଷ କରୁଥିବା ଅନ୍ୟାୟ ଓ ଅନୀତିର ଢାଞ୍ଚା ଉପରେ ଆଲୋକପାତ କରିଛି: ଏହା ବିଚାରପତିମାନଙ୍କ ନିମନ୍ତେ ଅବସର-ଉପରାନ୍ତ ପୁରସ୍କାର ପ୍ରଥାର ପରିସମାପ୍ତି ଘଟାଇବାର ପ୍ରତିଶ୍ରୁତି ପ୍ରଦାନ କରିବା; ପ୍ରତ୍ୟେକଟି ଭୋଟ୍‌କୁ ସୁରକ୍ଷା ପ୍ରଦାନ କରିବା ସହିତ ଯଦି ଗୋଟିଏ ବି ବୈଧ ଭୋଟ୍ କଟାଯାଏ, ତା’ହେଲେ ୟୁଏପିଏ ଅଧୀନରେ ସିଇସିଙ୍କୁ ଗିରଫ କରିବା, କାରଣ ଏହି ଆନ୍ଦୋଳନ ମତରେ, ମତଦାନର ଅଧିକାର ଛଡ଼ାଇ ନେବାକୁ ଆତଙ୍କବାଦଠାରୁ କୌଣସି ଗୁଣରେ କମ୍ ଭାବରେ ବିବେଚନା ନ କରିବା; ମହିଳାମାନଙ୍କ ନିମନ୍ତେ ସଂସଦ ଏବଂ ସମସ୍ତ କ୍ୟାବିନେଟ୍‌ରେ ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ କରିବା; ଗଣମାଧ୍ୟମକୁ ମୁକ୍ତ ଏବଂ ନିରପେକ୍ଷ ଭାବରେ ସମ୍ବାଦ ପରିବେଷଣ କରିବାର ସୁଯୋଗ ଦେବା ଏବଂ ଏହି କ୍ଷେତ୍ରରେ କର୍ପୋରେଟ୍ ହାଉସ୍‌ମାନଙ୍କର ଆଧିପତ୍ୟକୁ ସମାପ୍ତ କରିବା; ଏବଂ ଦଳ ପରିତ୍ୟାଗ କରୁଥିବା ଏମ୍‌ଏଲ୍‌ଏ ଏବଂ ଏମ୍‌ପିମାନଙ୍କୁ ନିର୍ବାଚନରେ ଲଢ଼ିବାରୁ ୨୦ ବର୍ଷ ପାଇଁ ନିବର୍ତ୍ତାଇବା। ବାମପନ୍ଥୀ ଏବଂ ତେଲୁଗୁ ଦେଶମ୍‌ର ଆନ୍ଧ୍ରପ୍ରଦେଶ ୟୁନିଟ୍ ସମେତ କେତେକ ରାଜନୀତିକ ଦଳ ଯୁବ ପିଢ଼ିଙ୍କ ସ୍ୱରକୁ ଶୁଣିବା ପାଇଁ ଆହ୍ୱାନ ଦେଇଥିବା ବେଳେ ଦକ୍ଷିଣପନ୍ଥୀ ରାଜନୀତିକ ଦଳମାନେ ଏହାକୁ ପ୍ରତିରୋଧ କରିବାର ନିଷ୍ପତ୍ତି ନେଇଥିବା ବ୍ୟକ୍ତ କରି ସାରିଛନ୍ତି। ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ଯେ କକ୍‌ରୋଚ୍ ଜନତା ପାର୍ଟି (ସିଜେପି) ପ୍ରତି ସମର୍ଥନ ଆଧାର ହୁ ହୁ ହୋଇ ବଢ଼ିବା ଦେଖି କେନ୍ଦ୍ର ସରକାର ସଂକ୍ଷିପ୍ତ ସମୟ ପାଇଁ ହେଲେ ସୁଦ୍ଧା ଏହି ଦଳର ୱେବ୍‌ସାଇଟ୍ ଏବଂ ଏକ୍ସ ଆକାଉଣ୍ଟକୁ ଭାରତରେ ବ୍ଲକ୍ କରି ସାରିଛନ୍ତି। ରିପୋର୍ଟଗୁଡ଼ିକ ମୁତାବକ, ସିଜେପିର ଇନ୍‌ଷ୍ଟାଗ୍ରାମ୍ ଆକାଉଣ୍ଟ ୩ ମିଲିଅନ୍ ଫଲୋୟରଙ୍କ ଦ୍ୱାରା ସମର୍ଥିତ ହୋଇଛି; ଯାହା ବିଜେପିର ଫଲୋୟରମାନଙ୍କ ସଂଖ୍ୟାର ଦୁଇ ଗୁଣ! ଆର୍‌ଏସ୍‌ଏସ୍ ଏବଂ ବିଜେପିର ସାଇବର ଯୋଦ୍ଧାମାନେ ସିଜେପି ବିରୁଦ୍ଧରେ ଯୁଦ୍ଧ ଘୋଷଣା କରି ସାରିଛନ୍ତି।

ବିଗତ ଶତାବ୍ଦୀରେ ଡକ୍ଟର ମାର୍ଟିନ୍ ଲୁଥର କିଙ୍ଗ୍ ଜୁନିଅର ଆମେରିକୀୟ ସମାଜକୁ ଯେଉଁ ଚେତାବନୀ ପ୍ରଦାନ କରିଥିଲେ, ତାହା ବର୍ତ୍ତମାନ ଭାରତ ପାଇଁ ପ୍ରଯୁଜ୍ୟ ହୋଇ ପଡ଼ିଛି। ଚିକାଗୋଠାରେ ତାଙ୍କର ଐତିହାସିକ ଉଦ୍‌ବୋଧନରେ ସେ କହିଥିଲେ, ‘ଯେଉଁମାନେ ଆଶା କରୁଛନ୍ତି ଯେ କୃଷ୍ଣକାୟ ଆମେରିକୀୟମାନଙ୍କୁ ସବୁ ପ୍ରକାର ନିମ୍ନ ସ୍ତରର କାମରେ ନିଯୁକ୍ତ କରାଯିବ ଏବଂ ସେମାନଙ୍କୁ ସେତିକିରେ ହିଁ ସନ୍ତୁଷ୍ଟ ରହିବାକୁ ପଡ଼ିବ ଏବଂ ଏହି ରାଷ୍ଟ୍ର ଯଦି ତା’ର ଚିରାଚରିତ ଶାସନ ପଥକୁ ଫେରେ, ତା’ହେଲେ ସେମାନଙ୍କୁ ଏକ କଠୋର ଜାଗରଣକୁ ସାମ୍ନା କରିବାକୁ ପଡ଼ିବ।’ ସେ ଆହୁରି ମଧ୍ୟ କହିଥିଲେ, ‘କୃଷ୍ଣକାୟମାନଙ୍କୁ ଯେ ପର୍ଯ୍ୟନ୍ତ ନାଗରିକତ୍ୱର ଅଧିକାର ପ୍ରଦାନ କରାଯାଇ ନାହିଁ, ସେ ପର୍ଯ୍ୟନ୍ତ ଆମେରିକାରେ ଶାନ୍ତି କିମ୍ବା ସ୍ଥିରତା ରହିବ ନାହିଁ।’ ଭାରତରେ ମଧ୍ୟ ଆଜିକା ସମୟ ଭଳି ଏକ ଗଡ୍ଡାଳିକା ପ୍ରବାହର ଶାସନ ହୁଏତ ରହି ନପାରେ। ନିଟ୍ ପରୀକ୍ଷାର ପ୍ରଶ୍ନପତ୍ର ପ୍ରଘଟ ଏବଂ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷାର ଉତ୍ତର ଖାତା ମୂଲ୍ୟାୟନ ସମେତ ଶିକ୍ଷା କ୍ଷେତ୍ରରେ ସମ୍ପ୍ରତି ଦେଖା ଦେଇଥିବା ବିଭ୍ରାଟ କେବଳ ଯାହା ସିଜେପି ଭଳି ଦଳର ସମର୍ଥକ ସଂଖ୍ୟାକୁ ବୃଦ୍ଧି କରିବ। ନାଗରିକ ଏବଂ ମୌଳିକ ଅଧିକାରଗୁଡ଼ିକର ସୁରକ୍ଷାଜନିତ ଆହ୍ୱାନ- ବିଶେଷକରି ଦଳିତ ଏବଂ ଅବହେଳିତ ଶ୍ରେଣୀମାନଙ୍କ ପକ୍ଷରୁ- ହୁଏତ ଆହୁରି ଜୋର୍‌ରେ ହୋଇପାରେ। ତେଣୁ ଏହି ଛୋଟ ନୂଆ ପ୍ରକ୍ରିୟାଟିକୁ ଏକ କଳାଛାୟା ଭାବରେ ବିବେଚନା କରିବାରେ କଦାଚିତ୍ କିଛି ଯଥାର୍ଥତା ରହିଛି; ପରିବର୍ତ୍ତେ ଯେଉଁମାନେ କ୍ଷମତାର କଳ ଏବଂ ବୃହତ୍ତର ପରିପ୍ରେକ୍ଷୀରେ ସମାଜକୁ ପରିଚାଳନା କରୁଛନ୍ତି, ଦେଶ ଯଦି ଏକ ଗଣତନ୍ତ୍ର ଭାବରେ ତିଷ୍ଠି ରହିବା ସେମାନେ ଚାହୁଁଛନ୍ତି, ତା’ହେଲେ ସେମାନଙ୍କୁ ଅବଶ୍ୟ ଏହି ସମସ୍ୟାର ସମାଧାନ କରିବାକୁ ପଡ଼ିବ।

# ପରିଷ୍କାର ପାତ୍ର

‘ମୁଁ ସମସ୍ତଙ୍କୁ ଭଲକଥା କହୁଛି। ହେଲେ କେହି ମୋତେ ଠିକ୍‌ରେ ବୁଝୁ ନାହାନ୍ତି। ମୋ ଉପରେ ବିରକ୍ତ ହେଉଛନ୍ତି। ସମସ୍ତଙ୍କ ବିରକ୍ତି ଭାବ ଦେଖି ମୁଁ ବି ବିରକ୍ତ ହେଉଛି। ସେଥିପାଇଁ ମୁଁ ନା ତ ଘରେ ରହି ପାରୁଛି, ନା ବାହାରେ! କେଉଁଠି ହେଲେ ଟିକିଏ ଶାନ୍ତିରେ ରହି ହେଉନାହିଁ।’ ଏମିତି ଅଭିଯୋଗ ଥିଲା ଜଣେ ଯୁବକଙ୍କର। ଖାଲି ଏ ଯୁବକ ନୁହନ୍ତି, ଅନେକ ସମୟରେ ଆମେ ବି ଏମିତି ସ୍ଥିତିରେ ପଡ଼ିଥାଉ। ଆମେ ଚେଷ୍ଟାକରୁ ଅନ୍ୟମାନେ ସବୁବେଳେ ଆମକୁ ବୁଝି ପାରନ୍ତୁ। ନିଜେ ଅନ୍ୟକୁ କେତେ ବୁଝିଛେ, ଏ ସମୀକ୍ଷା କେବେ କରିଛେ କି?

ସେଦିନ ରାଜ ସଭାରେ କିଛି ବିଜ୍ଞଲୋକଙ୍କୁ ରାଜା କହିଲେ- ମୋ ଉପରେ ରାଜ୍ୟର ଅନେକ ଲୋକ ବିରକ୍ତ ହେଉଛନ୍ତି। ଏହାର ପ୍ରତିକାର କ’ଣ?

ଜଣେ ପଣ୍ଡିତ କହିଲେ- ‘ମହାରାଜ, ଆପଣ କାଲି କିଛି ଦୁଃଖୀ ରଙ୍କିଙ୍କୁ ଦାନ କରନ୍ତୁ। ଏହାର ସମାଧାନ ହୋଇଯିବ।’

ରାଜା ବୁଝି ପାରିଲେ ନାହିଁ। ଦାନ କରିବା ସହିତ ଲୋକଙ୍କ ଆଦର ପାଇବାର ସମ୍ପର୍କ କ’ଣ। ତଥାପି ପଣ୍ଡିତଙ୍କ ପରାମର୍ଶ ଅନୁସାରେ ସେ ଦାନ କଲେ। ତାଙ୍କ ଦରବାରକୁ ଯିଏ ଆସିଲା, ଖାଲି ହାତରେ ଫେରୁ ନଥିଲା। ଦିନେ ଅନେକ ଲୋକ ଭିକ୍ଷା ପାଇଁ ପହଞ୍ଚିଲେ ରାଜାଙ୍କ ଦ୍ୱାରରେ। ନିଜ ନିଜର ଭିକ୍ଷାପାତ୍ରକୁ ପ୍ରସ୍ତୁତ କରି ରଖିଥିଲେ। ରାଜା ମଧ୍ୟ ଠିକଣା ସମୟରେ ଆସିଗଲେ। ଭିକ୍ଷା ଦେବା ଆରମ୍ଭ କଲେ। ଧାଡ଼ିରେ ବସିଥିବା ସମସ୍ତ ଲୋକଙ୍କ ପାତ୍ରରେ କ୍ଷୀରି, ପୁରି, ଖେଚୁଡ଼ି, ମିଠା ଆଦି ଦେଉ ଥାଆନ୍ତି। ଧାଡ଼ିରେ ଥିବା ଜଣେ ଲୋକର ପାତ୍ରରେ କିଛି ଦେଲେନାହିଁ। ଲୋକଟି ବିଚରା ରାଜାଙ୍କୁ ଚାହିଁଥିଲା। ତା’ ପାଖ ଲୋକକୁ ରାଜା ଦାନ କଲେ। ସମସ୍ତଙ୍କୁ ଖାଦ୍ୟ ଦିଆ ସରିଲା। ପାତ୍ର ଫାଙ୍କା ଥିବା ଲୋକଟି ରାଜାଙ୍କ ନିକଟକୁ ମାଗିବା ପାଇଁ ଗଲା। ତଥାପି ରାଜା ତାକୁ ଦେଲେନାହିଁ। ବିରକ୍ତିରେ କହିଲେ- ‘ତୋ ପାତ୍ରରେ ତ ଧୂଳି ଭର୍ତ୍ତି। ପୁଣି ମଇଳା ପାତ୍ର। ସେଥିରେ ଖାଦ୍ୟ ନେଲେ ତୁ ଖାଇ ପାରିବୁ ନାହିଁ। ସେଇଠି ପାଣି ଅଛି। ଯା’, ପାତ୍ରକୁ ପରିଷ୍କାର କରି ଆସିବୁ। ତା’ ପରେ ଖାଦ୍ୟ ନେବୁ।’ ଲୋକଟି କିନ୍ତୁ ସେହି ଧୂଳିଭରା ପାତ୍ରରେ ଖାଦ୍ୟ ମାଗୁଥିଲା। ରାଜା ଦେଉ ନଥିଲେ।

ଲୋକଟି କହିଲା- ‘ରାଜା ଆପଣ ଯେତେ ଦାନ ଦେଲେ କ’ଣ ହେବ? ଆପଣଙ୍କୁ ଲୋକମାନେ ଖରାପ ଭାବିବେ ହିଁ ଭାବିବେ। କାରଣ ଆପଣ ନିଜ ପାତ୍ରକୁ ସଫା କରୁ ନାହାନ୍ତି।’ ରାଜା ରାଗିଗଲେ। ଏତିକି ବେଳେ ସେ ଲୋକଟି ନିଜର ଆବରଣ ଖୋଲିଦେଲେ। ସେ ପ୍ରକୃତରେ ଭିକାରି ନଥିଲେ। ଥିଲେ ରାଜ ଦରବାରର ପଣ୍ଡିତ।

ପଣ୍ଡିତ କହିଲେ- ‘ରାଜା ଆପଣଙ୍କ ବ୍ୟବହାର ହେଉଛି ଆପଣଙ୍କ ପାତ୍ର। ସେଥିରେ ଅନ୍ୟ ପ୍ରତି କଟୁ ମନ୍ତବ୍ୟ, ଅନ୍ୟମାନଙ୍କ ପାଇଁ ଖରାପ ଭାବନା ଇତ୍ୟାଦି ଧୂଳି ଭଳି। ଏସବୁ ଥିବା ଯାଏଁ ପରମାତ୍ମା ଆପଣଙ୍କ ପାତ୍ରରେ ଭିକ୍ଷା ଦେବେନାହିଁ। ପ୍ରଥମେ ପାତ୍ର ଠିକ୍ କଲା ପରେ ଭିକ୍ଷା ମିଳିଥାଏ।’

ଲେଖା ପଠାଇବାର ଠିକଣା, ସମ୍ପାଦକ, ‘ନିତିଦିନ’, Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

ନିତିଦିନ NITIDIN



# ଶୌଚାଳୟ ନଥିବାରୁ ଯାତ୍ରୀ ହୀନସ୍ତା

**ଫୁଲନଖରା,୨୬/୫/ଏନ୍‌ଏନ୍‌ଏସ୍:** କଟକ-ଭୁବନେଶ୍ୱର ଦ୍ୱୈତ ନଗରୀ ମଧ୍ୟବର୍ତ୍ତୀ ଫୁଲନଖରା ଏକ ଅତ୍ୟନ୍ତ ବ୍ୟସ୍ତବହୁଳ ତଥା ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳଭାବେ ପରିଚିତ। ଏଠାରୁ ପ୍ରତିଦିନ ଶହ ଶହ ସଂଖ୍ୟକ ଯାତ୍ରୀ ରାଜ୍ୟର ବିଭିନ୍ନ ସ୍ଥାନକୁ ଯାତାୟାତ କରନ୍ତି। କିନ୍ତୁ ସେମାନଙ୍କ ସୁବିଧା ପାଇଁ ସର୍ବନିମ୍ନ ସେବା କିନ୍ତୁ ଇତି ମଧ୍ୟରେ ୧୦ବର୍ଷରୁ ଅଧିକ ସମୟ ଅତିକ୍ରାନ୍ତ ହୋଇଯାଇଥିଲେ ମଧ୍ୟ ଅଦ୍ୟାବଧି ଏଠାରେ ଇଟା ଖଣ୍ଡେ ପଡ଼ିନଥିବା ଦେଖାଯାଇଛି। ଦୈନିକ ଶହ ଶହ ସଂଖ୍ୟାରେ ଯାତ୍ରୀ ଦୂର ସ୍ଥାନରୁ ଆସି ଏଠାରେ ଓହ୍ଲାଇ କାକଟପୁର, ନିଆଳି, ଚାରିଛକ, ଅସ୍ତରଙ୍ଗ, କୋଣାର୍କ, ଗୋପ,

## ଶିଳାନ୍ୟାସର ୧୦ବର୍ଷ ପରେ ବି କାର୍ଯ୍ୟ ଶୂନ୍

ଏଠାରେ ଉପଲବ୍ଧ ହୋଇପାରୁନି। ବିଶେଷ କରି ଶୌଚାଳୟଟିଏ ନଥିବାରୁ ଯାତ୍ରୀମାନେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି। ଏ କ୍ଷେତ୍ରରେ ମହିଳାମାନଙ୍କ ସମସ୍ୟା ଅଧିକ। ସିଏମସି ପକ୍ଷରୁ ୨୧ ସେପ୍ଟେମ୍ବର ୨୦୧୬ରେ ଏଠାରେ ଥିବା କଟକ ବସ୍‌ଷ୍ଟାଣ୍ଡ ନିକଟରେ କମ୍ୟୁନିଟି ପାଇଖାନା ନିର୍ମାଣ ପାଇଁ ଭିତ୍ତି ପ୍ରସ୍ତର ଦିଆଯାଇଥିଲା। ଅଡ଼ଶପୁର, କସର୍ଦ୍ଦା, ସିଠାଳ, କଣ୍ଟାପଡ଼ା ଆଦି ଅଞ୍ଚଳକୁ ଯାଇଥା'ନ୍ତି; ମାତ୍ର ଶୌଚାଳୟ ଅଭାବରୁ ସେମାନେ ଘୋର ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳେ। ଅପରପକ୍ଷେ ଜାତୀୟ ରାଜପଥ କର୍ତ୍ତୃପକ୍ଷ କଟକ-ଭୁବନେଶ୍ୱର ୧୬ ନମ୍ବର ଜାତୀୟ ରାଜପଥର ସମ୍ପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ସମ୍ପନ୍ନ କରିବା ସହିତ



ଫୁଲନଖରାଠାରେ ଏକ ଫ୍ଲାଇ ଓଭର ବ୍ରିଜ ନିର୍ମାଣ କରିଛନ୍ତି। କିନ୍ତୁ ସର୍ବସାଧାରଣ ଓ ବିଶେଷକରି ଯାତ୍ରୀମାନଙ୍କ ସୁବିଧା ଦୃଷ୍ଟିରୁ ଜରୁରୀ ଆବଶ୍ୟକତା ଥିବା ଶୌଚାଳୟଟିଏ ନିର୍ମାଣ କରିଥିଲେ ଭଲ ହୋଇଥାନ୍ତାବୋଲି ଅନେକ ମତ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଫୁଲନଖରା ଛକଠାରେ ବିଏମସି ଅଥବା ସିଏମସି ପକ୍ଷରୁ ଏକ ଗୋଷ୍ଠୀ ଶୌଚାଳୟ ନିର୍ମାଣ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ଦ୍ୱୈତ ମହାନଗରୀ ମଧ୍ୟବର୍ତ୍ତୀ ଫୁଲନଖରା ଛକ ଅନେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ଓ ବ୍ୟସ୍ତ ବହୁଳ ହୋଇଥିଲା ବେଳେ ଏଠାରେ ଶୌଚାଳୟଟିଏ ନଥିବା ଅତ୍ୟନ୍ତ ଦୁଃଖର ବିଷୟ। 'ସ୍ୱଚ୍ଛ ଭାରତ' ଓ 'ଗନ୍ଦଗୀ ମୁକ୍ତ' ଭାରତ ପାଇଁ ଜୋର୍‌ଦାର୍ ପ୍ରଚାର ହେଉଥିଲାବେଳେ ବାସ୍ତବ ଚିତ୍ର କିନ୍ତୁ ସମ୍ପୂର୍ଣ୍ଣ ଭିନ୍ନ। ଅନ୍ତତଃପକ୍ଷେ ବଡ଼ ବଡ଼ ବଜାର ଓ ସହରାଞ୍ଚଳରେ ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ସରକାର ଯୋଜନା ତଥା ଆନ୍ତରିକ ଉଦ୍ୟମ କରନ୍ତୁ ବୋଲି ମତପ୍ରକାଶ ପାଇଛି।

### ଶୃଙ୍ଖଳିତ ସ୍ନାନଯାତ୍ରା ଓ ଘୋଷଯାତ୍ରା ଆୟୋଜନ ନେଇ ପ୍ରସ୍ତୁତି

## ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ

**ପୁରୀ,୨୬/୫/ଏନ୍‌ଏନ୍‌ଏସ୍:** ଶୃଙ୍ଖଳିତ ସ୍ନାନଯାତ୍ରା ଓ ଘୋଷଯାତ୍ରା ଆୟୋଜନ ନେଇ ପୁରୀ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଦଇତାପତି ନିଯୋଗର ସମସ୍ତ ସଦସ୍ୟ, ସଭାପତି, ସମ୍ପାଦକ ଭାଗ ନେଇଥିଲେ। ବିଶେଷ କରି ସ୍ନାନଯାତ୍ରା ଓ ରଥଯାତ୍ରା ସମୟରେ ଶୃଙ୍ଖଳିତ ନୀତି କାନ୍ତି ଏବଂ ଶୃଙ୍ଖଳିତ ପହଣ୍ଡି କୁ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ନିଷ୍ପତ୍ତି ଅନୁଯାୟୀ ମହାପ୍ରଭୁଙ୍କର ସମସ୍ତ ନୀତି କାନ୍ତି ଧାର୍ଯ୍ୟ ନୀତି ନିର୍ଘଣ୍ଟ ଅନୁଯାୟୀ ଅନୁଷ୍ଠିତ ହେବ। ଶୃଙ୍ଖଳିତ ପହଣ୍ଡି ପାଇଁ ତିନି ରଥରେ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସଂଖ୍ୟା ଅନୁଯାୟୀ ସେବା ସମ୍ପୃକ୍ତ ସେବାୟତ ମାନେ ଉପସ୍ଥିତ ରହିବେ। ରଥ ଉପରେ ଅଯଥାରେ ଅଧିକ ସେବାୟତ ଉପସ୍ଥିତ ରହିବେ ନାହିଁ। ତେବେ ରଥଯାତ୍ରାରେ ମହାପ୍ରଭୁଙ୍କ ସେବା ପୂଜାକୁ ଶୃଙ୍ଖଳିତ କରିବା ପାଇଁ ଦଇତାପତି ନିଯୋଗ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ଦଇତାପତି ସେବକ କହିଥିଲେ।

## ରାମଲୀଳା ନାଟକର ଚତୁର୍ଥ ରାତ୍ରରେ 'ସୂର୍ପଣଖା ନାକ ଛେଦନ ଓ ସୀତାଚୋରି'



**କଣ୍ଟିଲୋ,୨୬/୫/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ରଘୁନାଥ ରାମଲୀଳା ନାଟ୍ୟ ସମିତି ମାଧବ ଚୌଧୁରୀ ପାଟଣାର ଅଭିଜ୍ଞ କଳାକାରମାନଙ୍କ ଦ୍ୱାରା ସୋମବାର ଚତୁର୍ଥରାତ୍ରରେ ମର୍ଯ୍ୟାଦା ପୁରୁଷୋତ୍ତମ ତଥା ରଘୁକୁଳ ତିଳକ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଇଙ୍ଗିତରେ ଅନୁଜ ଲକ୍ଷ୍ମଣଙ୍କ ଦ୍ୱାରା ସୂର୍ପଣଖା ନାଶାକର୍ଣ୍ଣ ଛେଦନ ଓ ସେହି କ୍ରୋଧରେ ପ୍ରତିଶୋଧ ପରାୟଣ ହୋଇ ଲଙ୍କାର ଅସୁର ରାଜା ରାବଣ ମାରିଚକୁ ସୁନାହରିଣ ରୂପରେ ପଞ୍ଚବଟୀରେ ମା' ସୀତାଙ୍କୁ ଦର୍ଶନ ଦେବାକୁ ନିର୍ଦ୍ଦେଶ ଦେଇଥିଲା। ସେହି ସୁନାହରିଣକୁ ଆଣିବା ପାଇଁ କ୍ରମାନ୍ୱୟରେ ପ୍ରଭୁ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣ ପଞ୍ଚବଟୀ କୁଟୀର ଛାଡ଼ି ଘୋର ଜଙ୍ଗଲକୁ ଚାଲି ଯାଇଥିବା ବେଳେ ରାବଣ ଜତୀ ରାବଣ ବେଶରେ ମା' ସୀତାଙ୍କୁ ଚୋରି କରିନେଇଥିବା ନାଟକ ପରିବେଷଣ ହୋଇଥିଲା। ଗତକାଲି ରାତ୍ର ଏଥିରେ ଶ୍ରୀରାମ, ଲକ୍ଷ୍ମଣ, ସୀତା ଭାବେ ଅଭିନୟ କରିଥିବା କଳାକାର ମାନେ ବିଶ୍ୱନାଥ, ଶୁଭମ୍ ଓ ଓମ୍, ଶୂପଣଖା ଭାବେ ପକିନି ଓ କଳକାହ୍ନୁ, ରାବଣ ଭାବେ ରାକାଦାସ, ଜତି ରାବଣ ଭାବେ ବାସୁଦେବ, ମାରିଚ ଭାବେ ବିରଞ୍ଚି,ମୃଗ ବେଶ ମାରୀଚ ଭାବେ ବାପ୍ପା, ଇନ୍ଦ୍ର ଭାବେ କୁନୁ, ଖରଭୂଷଣ ଭାବେ ମିଥୁନ, ତ୍ରିଶିରା ଭାବେ ଦିପୁନ ଓ ମନ୍ଦୋଦରୀ ଭାବେ ଅଭିନୟ କରିଥିଲେ ଜୟ। ପଞ୍ଚମରାତ୍ର ତଥା ଅନ୍ତିମ ରଜନୀ ମଙ୍ଗଳବାର ମହିରାବଣ, ରାବଣ ବଧ ଓ ଶ୍ରୀରାମଙ୍କ ଅଭିଷେକ ନାଟକ ପ୍ରଦର୍ଶନ ହେବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଠାରୁ ସୂଚନା ମିଳିଛି।

## ଅଜିତ ହତ୍ୟାକାଣ୍ଡ: ଫେରାର୍ ଅଭିଯୁକ୍ତ ମୁନା ଗିରଫ

**ଓଡ଼ଗାଁ,୨୬/୫/ଏନ୍‌ଏନ୍‌ଏସ୍:** ବହୁ ଚର୍ଚ୍ଚିତ ଅଜିତ ହତ୍ୟାକାଣ୍ଡ ଘଟଣାରେ ପୁଲିସ ପୂର୍ବରୁ ୬ଜଣଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବାବେଳେ ଫେରାର ଥିବା ଅଭିଯୁକ୍ତ ମୁନା ସାହୁକୁ ଆଜି ନିଜଘରୁ ଗିରଫ କରିଛି। ୧୫ଦିନ ତଳେ ଓଡ଼ଗାଁ କଦଳୀବନ୍ଧ ବିଟ୍ ରାସ୍ତାରେ ଖଣି ମାଫିଆମାନେ ରାତି ସାଢ଼େ ଗୋଟାଏ ସମୟରେ ଖେଳପଡ଼ିଆ ସାହିର ଅଜିତ ସାହୁଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରିଥିଲେ। ତାଙ୍କର ଦୁଇହାତକୁ ହାଣି ଅଲଗା କରିଦେଇ ଫେରାର ହୋଇଯାଇଥିଲେ। ମାଫିଆମାନେ ଖଣ୍ଡା ସାହାଯ୍ୟରେ ଅଜିତଙ୍କୁ ହାଣୁଥିବା ସମୟରେ ନିଜ ଜୀବନ ବଞ୍ଚାଇବାକୁ ସାଙ୍ଗ ସନ୍ତୋଷ କୁମାର ପ୍ରଧାନ ଘଟଣାସ୍ଥଳରୁ ଖସିଯାଇ ଏକ ଇଟାଗଦା ନିକଟରେ ଛପି ଯାଇଥିଲେ। ଏହି ଘଟଣା ସାରା ରାଜ୍ୟରେ ହଇଚଇ ସୃଷ୍ଟି କରିଥିବାବେଳେ ପୁଲିସ ୬ଜଣ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ମୁନା ସାହୁ ଆଜି ଘରେ ଥିବା ବେଳେ ଓଡ଼ଗାଁ ପୁଲିସ ଦ୍ୱାରା ଗିରଫ ହୋଇଥିବା ଜଣାପଡ଼ିଛି। ପୁଲିସ ଘଟଣାଦିନ ୪ଜଣଙ୍କୁ ଗିରଫ କରିବା ସହିତ ବ୍ୟବହୃତ ଖଣ୍ଡାକୁ ଢେଙ୍କାନାଳ ଜିଲ୍ଲା ଭାପୁର ଥାନା ଅଭିମାନପୁର ଗ୍ରାମର ଏକ ତୋଟା ଭିତରୁ ଜବତ କରିଥିଲେ। ଘଟଣାର ୯ଦିନ ପରେ ବାଘମାରୀ ଥାନା ଅଞ୍ଚଳରୁ ୨ଜଣଙ୍କୁ ଗିରଫକରି କୋର୍ଟଚାଲାଣ କରିଛି। ଅଜିତ ହତ୍ୟାକାଣ୍ଡ ପରେ ଗଣିଆରେ ଜଣେ ବ୍ୟକ୍ତିଙ୍କୁ ନୃଶଂସ ଭାବେ ପୋଡ଼ି ମାରିଦେବା ଏବଂ ଚାନ୍ଦପୁର ଅଞ୍ଚଳରେ ଆଉ ଜଣେ ବ୍ୟକ୍ତିଙ୍କୁ ଘରୁ ଡାକି ଖଣିମାଫିଆମାନେ ହତ୍ୟା କରିବା ଆଦି ଘଟଣା ଘଟି ଜିଲ୍ଲାରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ନୟାଗଡ଼ ଜିଲ୍ଲାରେ ଗୋଟିଏ ପରେ ଗୋଟିଏ ହତ୍ୟାକାଣ୍ଡ ଘଟି ଚାଲିଥବାରୁ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ରାଜ୍ୟ ଗୃହ ବିଭାଗ ଦୁଇଦିନ ତଳେ ନୟାଗଡ଼ ଏସ୍‌ପି ଏସ. ସୁଶ୍ରୀଙ୍କୁ ବଦଳିକରି ତାଙ୍କ ସ୍ଥାନରେ ନୂତନ ଏସ୍‌ପି ଭାବେ ଶୁଭେନ୍ଦୁ କୁମାର ପାତ୍ରଙ୍କୁ ନିଯୁକ୍ତ କରିଛନ୍ତି। ଓଡ଼ଗାଁ ଅଜିତ ହତ୍ୟାକାଣ୍ଡ ଘଟଣାରେ ଫେରାର ଥିବା ମୁନା ସାହୁଙ୍କୁ ଧରିବାକୁ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବାବେଳେ ଆଜି ତାକୁ ଧରିବାରେ ସଫଳ ହୋଇଥିଲେ। ଅଭିଯୁକ୍ତ ଗୋଟିଏ ସ୍ଥାନ ଛାଡ଼ି ଆଉ ଗୋଟିଏ ସ୍ଥାନକୁ ଖସି ଯାଉଥିବାରୁ ପୁଲିସ ପାଇଁ ଅଡୁଆ ସୃଷ୍ଟି କରିଥିଲା।

## ଭୋଟର ତାଲିକା ଓ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କିତ ତାଲିମ



**ଓଡ଼ଗାଁ,୨୬/୫/ଏନ୍‌ଏନ୍‌ଏସ୍:** ଓଡ଼ଗାଁ ବ୍ଲକ ସମ୍ମିଳନୀ କକ୍ଷରେ ମଙ୍ଗଳବାର ନୟାଗଡ଼ ଓ ରଣପୁର ନିର୍ବାଚନ ମଣ୍ଡଳୀର ସମସ୍ତ ବୁଥ୍ ସ୍ତରୀୟ ଅଧିକାରୀ ଓ ସୁପରଭାଇଜରମାନଙ୍କୁ ନେଇ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ସୁଶ୍ରୀ ପ୍ରିତିବାଳା ରଣା ଓ ତହସିଲଦାର ଡ. ମାନସ ରଞ୍ଜନ ଭୋଇଙ୍କ ତତ୍ତ୍ୱାବଧାନରେ ଆୟୋଜିତ ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ସମ୍ପର୍କିତ ତାଲିମ କାର୍ଯ୍ୟକ୍ରମରେ କିପରି ବିଏଲ୍ ଓ ମାନେ ଘରକୁଘର ବୁଲି ୩୦ ମେ ୨୦୨୬ ଠାରୁ ୨୮ ଜୁନ ୨୦୨୬ ପର୍ଯ୍ୟନ୍ତ ଭୋଟରମାନଙ୍କୁ ଫର୍ମ ବଣ୍ଟନକରି ଉପଯୁକ୍ତ ତଥ୍ୟସଂଗ୍ରହ କରିବେ ସେବିଷୟରେ ବିଷଦ ଭାବରେ ବୁଝାଇଥିଲେ। ବିଏଲ୍‌ଓ ମାନଙ୍କୁ ସହଯୋଗ ପାଇଁ ପାଞ୍ଚଜଣ ଲେଖାଏଁ ସରକାରୀ କର୍ମଚାରୀଙ୍କୁ ସ୍ୱେଚ୍ଛାସେବୀ ଭାବରେ ନିୟୋଜିତ କରାଯାଇଛି। ଏହି କାର୍ଯ୍ୟକ୍ରମ କିପରି ସଫଳହେବ ସେଥିପାଇଁ ସଭିଏଁ ଭୋଟର ମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା। କେହି ଉପଯୁକ୍ତ ଭୋଟର ଯେପରି ବାଦ୍ ନପଡନ୍ତି ସେଥିପାଇଁ ଗୁରୁତ୍ୱଦେବା ସହିତ ନୂତନ ଭୋଟର ମାନଙ୍କୁ ଯୋଗକରିବା ପାଇଁ ଅତିରିକ୍ତ ନିର୍ବାଚନ ଅଧିକାରୀ ମାନେ ଆହ୍ୱାନ ଦେଇଥିଲେ। ଯେଉଁମାନେ ବିଦେଶୀ ଭୋଟର ଉପଯୁକ୍ତ ପ୍ରମାଣ ଦେଖେଇ ନପାରିଲେ ଭୋଟରତାଲିକାରୁ ବାଦ୍ ପଡିବାର ସମ୍ଭାବନା ଅଛି। ଏଥିପାଇଁ ୧୧ଟି ଡକୁମେଣ୍ଟର ଆବଶ୍ୟକତା ରହିଛି ତେଣୁ ସେମାନେ ସ୍ଥାନୀୟ ବିଏଲ୍‌ଓଙ୍କ ଠାରୁ ଉକ୍ତ ଡକ୍ୟୁମେଣ୍ଟ୍ ବିଷୟରେ ବୁଝି ପ୍ରସ୍ତୁତ ରଖିବାପାଇଁ ଅଧିକାରୀ ମାନେ ବୁଝାଇଥିଲେ। ଉକ୍ତ ତାଲିମ କାର୍ଯ୍ୟକ୍ରମରେ ମହିଳା ଓ ଶିଶୁ କଲ୍ୟାଣ ବିକାଶ ଅଧିକାରୀ ଲହଡ଼ିମାଳା ପ୍ରଧାନ, ଅଙ୍ଗନବାଡ଼ି ସୁପରଭାଇଜର ଏବଂ ସମସ୍ତ ବିଏଲ୍‌ଓ ଏବଂ ସୁପରଭାଇଜରମାନେ ଉପସ୍ଥିତ ଥିଲେ। ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରୀ ବିଶ୍ୱଜିତ୍ ଜେନା ପରିଚାଳନା କରିଥିବାବେଳେ ଶିକ୍ଷକ ରଞ୍ଜନ କୁମାର ଦାସ, ଦେବାଶିଷ ଦାଶ, ସୁଶେନ୍ଦୁ ଷଡ଼ଙ୍ଗୀ ଓ ଲଳିତମୋହନ ମିଶ୍ର ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି।

## ଆଞ୍ଚଳିକସ୍ତରରେ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନ ଶୀର୍ଷକ ଆଲୋଚନାଚକ୍ର

**ବୟାଳିଶମୌଜା,୨୬/୫/ଏନ୍‌ଏନ୍‌ଏସ୍:** କଟକ ସଦର ୪୨ମୌଜା ସ୍ଥିତ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଛାତ୍ରଛାତ୍ରୀଙ୍କୁ ନେଇ ଏକ ଇଣ୍ଟର୍ଣ୍ଣସିପ୍ କାର୍ଯ୍ୟକ୍ରମ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ କ୍ୟାପିଟାଲ୍ ଆଇନ୍ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ଅମରେଶ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଆଞ୍ଚଳିକସ୍ତରରେ ସ୍ୱାଧିନତାର ବର୍ତ୍ତିକୁ ପ୍ରଜ୍ୱଳିତ କରିଥିବା ମହାନ ବ୍ୟକ୍ତିବିଶେଷଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସେ କହିଲେ ଆଞ୍ଚଳିକସ୍ତରରେ ରହି ମଧ ବହୁ ସ୍ୱାଧୀନତା ସଂଗ୍ରାମୀ କାରାବରଣ କରିବା ସହ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଛନ୍ତି। ସେହି ମହାନ ବ୍ୟକ୍ତିବିଶେଷଙ୍କୁ ଜାତୀୟ ସ୍ତରରେ ସେତିକି ସମ୍ମାନ ମିଳିନାହିଁ। ଏଣୁ ଆମେ ସେହି ମହାନ ବ୍ୟକ୍ତି ବିଶେଷଙ୍କ ଜୀବନୀ, କାର୍ଯ୍ୟାବଳୀ ସମ୍ପର୍କରେ ଜ୍ଞାନ ଆହରଣ କରିବା ସହ ସେମାନଙ୍କ କାର୍ଯ୍ୟଧାରାର ପ୍ରଚାର ପ୍ରସାର କରିବା ଜରୁରି ଅଟେ ବୋଲି ପ୍ରକାଶ କରିଥିଲେ। ବୟାଳିଶିମୌଜା ଉନ୍ନୟନ ପରିଷଦ ଅଧ୍ୟକ୍ଷ ତଥା ବରିଷ୍ଠ ସାମ୍ବାଦିକ ଅନୀଲ୍ ଦାସ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ବୟାଳିଶିମୌଜାର ମହାନ ବ୍ୟକ୍ତି ବିଶେଷଙ୍କ ଅବଦାନ ସମ୍ପର୍କରେ ଆଲୋକପାତ କରିଥିଲେ। ସେ ବୟାଳିଶିମୌଜାର ବିଶିଷ୍ଟ ସ୍ୱାଧୀନତାସଂଗ୍ରାମୀ ଧନଞ୍ଜୟ ମହାନ୍ତି, ପ୍ରତିନିଧି ମହାନ୍ତି, ଶ୍ରୀଧର ଦଳେଇ, ପ୍ରହ୍ଲାଦ ନାୟକଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟର ଇତିହାସ ବିଭାଗର ଅଧ୍ୟାପିକା ତୃପ୍ତି ଦାସ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମର ଭିନ୍ନ ଭିନ୍ନ ପର୍ଯ୍ୟାୟ ସମ୍ପର୍କରେ ଆଲୋଚନା କରିଥିଲେ। ସଂଗଠନ ସମ୍ପାଦକ ନାରାୟଣ ଚନ୍ଦ୍ର ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସଭାପତି ସରୋଜ ନଳିନୀ ପରିଜା ଧନ୍ୟବାଦ ଅର୍ପଣ ପ୍ରଦାନ କରିଥିଲେ।

## ରଜୋତ୍ସବ, ରକ୍ତଦାନ ଶିବିର ପ୍ରସ୍ତୁତି ବୈଠକ

**କଣ୍ଟାପଡ଼ା,୨୬/୫/ଏନ୍‌ଏନ୍‌ଏସ୍:** ସାଇଲୋ ବଡ଼ବିଲ ସ୍ଥିତ ଗୋପବନ୍ଧୁ ବିଦ୍ୟାମନ୍ଦିରର ପୁରାତନ ଛାତ୍ରସଂସଦ ତରଫରୁ ଆଗାମୀ ରଜ ଉତ୍ସବ ୨୦୨୬ ଓ ରକ୍ତଦାନ ଶିବିର ପାଇଁ ଏକ ପ୍ରସ୍ତୁତି ବୈଠକ ସ୍କୁଲ ନିକଟରେ ଥିବା ସ୍ଥାୟୀ ସଭାମଞ୍ଚରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରସଂସଦର ସଭାପତି ପ୍ରିୟନାଥ ଆଚାର୍ଯ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଉତ୍ସବର ସଫଳତା ପାଇଁ ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ୩ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବର ଶଙ୍ଖ ଫୁଙ୍କା ପ୍ରତିଯୋଗିତାକୁ ନୂତନ ଭାବରେ ସ୍ଥାନିତ କରାଯାଇଛି। ପହଲି ରଜରେ ସକାଳେ ପୂର୍ବବର୍ଷ ଭଳି ପୋଡ଼ପିଠା, ମୁରୁଜ ଇତ୍ୟାଦି ପ୍ରତିଯୋଗିତା ହେବାକୁ ଥିବା ବେଳେ ପ୍ରବଳ ଖରା ଓ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ରକ୍ତଦାନ ଶିବିରକୁ ସନ୍ଧ୍ୟାରେ ହେବାକୁ ସ୍ଥିର କରାଯାଇଛି। ପ୍ରଥମ ଦିନ ସନ୍ଧ୍ୟାରେ କନିଷ୍ଠ ବର୍ଗର ଝିଅମାନଙ୍କ ଦ୍ୱାରା ଉଭୟ ଆଧୁନିକ ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ହେବା ପାଇଁ ସ୍ଥିରୀକୃତ ହୋଇଛି। ସେହିପରି ଦ୍ୱିତୀୟ ଦିନ ସନ୍ଧ୍ୟାରେ ବରିଷ୍ଠ ବର୍ଗର ଝିଅମାନଙ୍କ ଦ୍ୱାରା ଆଧୁନିକ ଓ ପାରମ୍ପରିକ ନୃତ୍ୟ ପ୍ରତିଯୋଗିତା ସହ କୁଇଜ ଆଉ ଶଙ୍ଖ ଫୁଙ୍କା ପ୍ରତିଯୋଗିତା ଶେଷ ଦିନରେ ସଂଗୀତ ପ୍ରତିଯୋଗିତା ସହ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ପ୍ରସ୍ତୁତି ବୈଠକରେ ରଂଜିତ ରାଉତରାୟ, ବିରେନ ଆଚାର୍ଯ୍ୟ, ପୁନାନନ୍ଦ ପାତ୍ର, ଅତୀଶ ରାଉତ, ଜ୍ୟୋତି ରଞ୍ଜନ ଦାଶ, ସୁକାନ୍ତ ବେହେରା, ମନମୋହନ ବେହେରା, ପରମେଶ୍ୱର ଦାସ ଓ ଛାତ୍ର ସଂସଦର ସମ୍ପାଦକ ସଞ୍ଜୟ କୁମାର ରାଉତରାୟ ଅଂଶଗ୍ରହଣ କରି ମହୋତ୍ସବ ଟିକୁ ସଫଳତା ର ସହ ଆୟୋଜନ କରିବା ନିମନ୍ତେ ଆଲୋଚନା କରିଥିଲେ।

### ଭଣଜାର ଲକ୍ଷାଧିକ ଟଙ୍କାର ଘରକୁ ଦଖଲ କଲା ମାମୁ

## ଅସହାୟ ଅବସ୍ଥାରେ ଜୀବନ କାଟୁଛନ୍ତି ଦମ୍ପତି

**ବଳଙ୍ଗା,୨୬/୫/ଏନ୍‌ଏନ୍‌ଏସ୍:** ସ୍ୱାର୍ଥପର ହେଇଗଲା ମାମୁ। ସାମାନ୍ୟ ସମ୍ପତ୍ତି ପାଇଁ ଭଣଜା କରିଥିବା ଘରକୁ ଦଖଲ କରିନେଇଛନ୍ତି ମାମୁ। ଖାଲି ସେତିକି ନୁହେଁ, ଭଣଜାକୁ ମାଡ଼ ମାରିବା ସହ ଭଣଜା ଓ ଭାଣେଜୀବୋହୂକୁ ସେମାନଙ୍କ ଘରୁ ବାହାର କରିଦେଇଥିବା ଜଣାପଡ଼ିଛି। ଫଳରେ ସେମାନେ ଗ୍ରାମ ମୁଣ୍ଡରେ ଥିବା ସ୍କୁଲ ସାମ୍ନାରେ ଅସହାୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି। ଘଟଣା ଘଟିଛି ବଳଙ୍ଗା ଥାନା ଅନ୍ତର୍ଗତ ସରସ୍ୱତୀପୁର ଗ୍ରାମରେ। ସୂଚନା ମୁତାବକ ପ୍ରକାଶ କୁମାର ସ୍ୱାଇଁ ବାହାର ରାଜ୍ୟକୁ ଦାଦନ ଖଟିବାକୁ ଯାଇ ରୋଜଗାର ଅର୍ଥରେ ମାମୁଁଙ୍କ ସହାୟତାରେ ମାମୁଁ ଘର ଗ୍ରାମରେ ନିଜ ନାମରେ କିଣିଥିବା ଜାଗା ଉପରେ ଘର କରି ନିଜ ପତ୍ନୀଙ୍କ ସହ ରହୁଥିବା ବେଳେ ଜାଗାବାଡି ବିବାଦକୁ ନେଇ ମାମୁଁ ଉକ୍ତ ଘରୁ ତାଙ୍କୁ ବାହାର କରିଦେଇଛନ୍ତି। ଫଳରେ ପ୍ରକାଶ ନିଜ ପତ୍ନୀଙ୍କୁ ଧରି ଗ୍ରାମ ମୁଣ୍ଡରେ ଥିବା ସ୍କୁଲ ସାମ୍ନାରେ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି। ସୂଚନା ମୁତାବକ ପ୍ରକାଶ ପିଲାବେଳୁ ମାମୁଁଘରେ ରହୁଥିବା ବେଳେ ୧୩ବର୍ଷ ତଳେ ରୋଜଗାର ଉଦ୍ଦେଶ୍ୟରେ ବାହାର ରାଜ୍ୟକୁ ଯାଇଥିଲେ। ସେଠାରେ ଅଜା ବଞ୍ଚିଥିବା ଅବସ୍ଥାରେ ପ୍ରକାଶଙ୍କ ଟଙ୍କାରେ ତାଙ୍କ ନାମରେ ଗ୍ରାମରେ ୧୦ଡିସିମିଲ ଜାଗା କିଣାଯାଇଥିଲା। ପରେ ବଡ଼ମାମୁଁ ଲକ୍ଷ୍ମୀଧର ସ୍ୱାଇଁଙ୍କ ସହାୟତାରେ ପାଖାପାଖି ୩୫ଲକ୍ଷ ଟଙ୍କା ଖର୍ଚ୍ଚ କରି ୮ବଖରା କୋଠାଘର ନିର୍ମାଣ କରିଥିଲେ। ପରେ ପ୍ରକାଶଙ୍କ ବିବାହ ହେବାରୁ ସେ ପତ୍ନୀଙ୍କ ସହ ଉକ୍ତ ଘରେ ଖୁସିରେ ଚଳି ଆସୁଥିଲେ। ଗତ ୨ବର୍ଷ ତଳେ ବଡ଼ମାମୁଁ ଲକ୍ଷ୍ମୀଧର ଓ ତାଙ୍କ ସାନଭାଇଙ୍କ ମଧ୍ୟରେ ପରିବାରିକ ବିବାଦ ହେବାରୁ କିଛିଦିନ ପାଇଁ ଲକ୍ଷ୍ମୀଧରଙ୍କ ପରିବାର ଆସି ପ୍ରକାଶଙ୍କ ନିକଟରେ ଆଶ୍ରା ନେଇଥିଲେ। ଏହି କିଛିଦିନ ମଧ୍ୟରେ ଲକ୍ଷ୍ମୀଧର ଭଣଜା ଓ ଭାଣେଜୀବୋହୂଙ୍କ ସହ ଝଗଡା ହେବାରୁ ପ୍ରକାଶ ସେମାନଙ୍କୁ ତାଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ଲକ୍ଷ୍ମୀଧରଙ୍କ ପରିବାର ଘରୁ ଯିବା ବଦଳରେ ଘରୁ ସେମାନଙ୍କ ଭାଗ ମାଗି ପ୍ରକାଶଙ୍କୁ ମାଡ଼ମାରି ଘରୁ ବାହାର କରିଦେଇଥିଲେ। ପ୍ରକାଶ ନିଜ ପତ୍ନୀଙ୍କୁ ଧରି ସ୍କୁଲ ସାମ୍ନାରେ ଜରି ପାଲ ପକାଇ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ରହୁଛନ୍ତି। ଅନ୍ୟପଟେ ପ୍ରକାଶଙ୍କ ପତ୍ନୀ ଅର୍ପିତା ଦାସ ବଳଙ୍ଗା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଦୁର୍ଗନ୍ଧରେ ଫାଟି ପଡୁଛି ମାର୍କେଟ୍ କମ୍ପ୍ଲେକ୍ସ ଅଞ୍ଚଳ

**କୋଣାର୍କ,୨୬/୫/ଏନ୍‌ଏନ୍‌ଏସ୍:** କୋଣାର୍କ କାକଟପୁର ମୁଖ୍ୟ ରାସ୍ତା ଡାଲିମ୍ବ ଗୋରଡି ମାଉସୀ ମା' ମନ୍ଦିର ଛକ ନିକଟ ପିକେଡିଏ ମାର୍କେଟ କମ୍ପ୍ଲେକ୍ସ ସମ୍ମୁଖରେ ମାଛ ଓ ଚିକେନ୍ ବ୍ୟବସାୟ କରି ସେଥିରୁ ବାହାରୁଥିବା ବର୍ଜ୍ୟବସ୍ତୁ ଗୁଡିକ ବିଶେଷ ଭାବେ ମାଛ କାତି, ଅନ୍ତନାଡି ଗୁଡିକୁ ଆଳିଆ ଆବର୍ଜନା ଭାବେ ମାର୍କେଟ୍ କମ୍ପ୍ଲେସର ଖାଲିଥିବା ସ୍ଥାନରେ ଏହି ବ୍ୟବସାୟୀମାନେ ଏଣେତେଣେ ପକାଇ ଦେଉଥିବାକୁ ନେଇ ସେଠାରେ ପଚା ଗନ୍ଧ ବାହାରି ଦୁର୍ଗନ୍ଧରେ ସମଗ୍ର ଅଞ୍ଚଳ ଫାଟି ପଡୁଥିବା ଦେଖିବାକୁ ମିଳିଛି। ମାର୍କେଟ୍ କମ୍ପ୍ଲେସ ମଧ୍ୟରେ ବ୍ୟବସାୟ କରୁଥିବା କେତେକ ବ୍ୟବସାୟୀ ଏହି ଦୁର୍ଗନ୍ଧରେ ଅଣନିଶ୍ୱାସୀ ହୋଇପଡୁଥିବା ଅଭିଯୋଗ କରନ୍ତି। ଏ ନେଇ ସେମାନେ କୋଣାର୍କ ଏନଏସିଙ୍କୁ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଉ ନଥିବା ନେଇ ମାର୍କେଟ୍ କମ୍ପ୍ଲେସର ବ୍ୟବସାୟୀମାନେ ଘୋର ଅସନ୍ତୋଷ ପ୍ରକାଶ କରିଛନ୍ତି। କୋଣାର୍କ ଏନଏସି ପକ୍ଷରୁ ପ୍ରତ୍ୟେକ ଦିନ ମାଛ ବ୍ୟବସାୟୀମାନଙ୍କ ଠାରୁ ଟ୍ୟାକ୍ସ ଆଦାୟ କରାଯାଉଥିଲା ବେଳେ ନିଯୁକ୍ତ ସଫେଇ ଠିକାଦାର ଦ୍ୱାରା ଏହି ବର୍ଜ୍ୟବସ୍ତୁ ଗୁଡିକୁ ସଂଗ୍ରହ କରାଯାଇ ସୁରକ୍ଷିତ ସ୍ଥାନରେ ପକାଯାଉ ନଥିବାକୁ ନେଇ ଏପରି ପରିସ୍ଥିତି ଉପୁଜିଛି। ଯାହାକୁ ନେଇ ପର୍ଯ୍ୟଟନ କ୍ଷେତ୍ର କୋଣାର୍କର ପରିବେଶ ଉପରେ କୁପ୍ରଭାବ ପଡୁଛି। ସୂଚନାଥାଉ କି କୋଣାର୍କକୁ ସ୍ୱଚ୍ଛ ଆଉ ସୁନ୍ଦର ପରିବେଶରେ ରଖିବା ପାଇଁ ସଫେଇ କର୍ମଚାରୀଙ୍କ ସହ ଟେଣ୍ଡର ମାଧ୍ୟମରେ ଠିକାଦାର ନିଯୁକ୍ତି ଦିଆଯାଇ କୋଣାର୍କ ଏନଏସି ପକ୍ଷରୁ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି ସଫେଇ କରାଯାଉଛି। ମାତ୍ର କେତେକ ନିର୍ଦ୍ଦିଷ୍ଟ ସ୍ଥାନଗୁଡିକରେ ଏହି ସଫେଇ କାର୍ଯ୍ୟକୁ ଅଣଦେଖା କରାଯାଉଥିବା ନେଇ ସମସ୍ୟା ଦେଖାଦେଇଛି। ତୁରନ୍ତ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଦୃଷ୍ଟିଦେଇ ସମସ୍ୟା ସମାଧାନ କରିବା ପାଇଁ ବ୍ୟବସାୟୀମାନେ ଦାବି କରିଛନ୍ତି।

**ଅଚିନ୍ତାରେ କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ**

## ଜିଲ୍ଲା ଶିକ୍ଷାଧିକାରୀଙ୍କ ସହ ପ୍ରାଥମିକ ଶିକ୍ଷକ ସଂଘର ପଦୋନ୍ନତି ଆଲୋଚନା

**ଖୋର୍ଦ୍ଧା,୨୬/୫/ଏନ୍‌ଏନ୍‌ଏସ୍:** ଦୀର୍ଘ ୪ବର୍ଷ ପରେ ପ୍ରାଥମିକ ଶିକ୍ଷକଙ୍କର ପଦୋନ୍ନତି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କର ବିଦ୍ୟାଳୟ ଗଣ ଶିକ୍ଷା ବିଭାଗ ପତ୍ରାଙ୍କ ଓ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ପରିପତ୍ର ବିଧିବଦ୍ଧ ଭାବେ ଜିଲ୍ଲା ଶିକ୍ଷାଧିକାରୀଙ୍କ ପାଖକୁ ନିର୍ଦ୍ଦେଶ ଆସିବା ପରେ ଜିଲ୍ଲା ଶିକ୍ଷା ବିଭାଗ ଚଳଚଞ୍ଚଳ ହୋଇପଡ଼ିଛି। ଆଜି ପ୍ରଥମିକ ଶିକ୍ଷକ ସଂଘ, ଖୋର୍ଦ୍ଧା ଜିଲ୍ଲା ସଭାପତି ଯୁଧିଷ୍ଠିର ସାହୁଙ୍କ ନେତୃତ୍ୱରେ ୧୦ଜଣିଆ ପ୍ରତିନିଧି ମଣ୍ଡଳୀ ଜିଲ୍ଲା ଶିକ୍ଷା ଅଧିକାରୀ ସୋନାମିକା ରାୟଙ୍କୁ ଭେଟି ପ୍ରାଥମିକ ଶିକ୍ଷକମାନଙ୍କର ପଦୋନ୍ନତି ସମ୍ପର୍କରେ ଆଲୋଚନା କରିଥଲେ। ପଦୋନ୍ନତି ପ୍ରସଙ୍ଗରେ ମାର୍ଚ୍ଚ ୩୧ ସୁଦ୍ଧା ସମ୍ପୂର୍ଣ ବିବରଣୀ ପ୍ରାଥମିକ ଶିକ୍ଷକମାନଙ୍କର ଜିଲ୍ଲା ଶିକ୍ଷା ବିଭାଗ ୧୦ଟି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରୁ ସଂଗ୍ରହ କରାଯାଇଛି। କାର୍ଯ୍ୟକ୍ରମ ତ୍ୱରାନ୍ୱିତ ସହ ଖୁବ ଶୀଘ୍ର ପ୍ରୋଭିଜନାଲ ଗ୍ରେଡ଼େସନ ତାଲିକା ପ୍ରକାଶ ପାଇବ ଏବଂ ପରେ ପୂର୍ଣାଙ୍ଗ ରିପୋର୍ଟ ସାର୍ବଜନୀନ କରାଯିବ। ଆଇନ ମୁତାବକ, ନିର୍ଭୁଲ ତଥ୍ୟ ସହ କାର୍ଯ୍ୟକ୍ରମ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରତିଶ୍ରୁତି ଦେଇଥିଲେ। ଆଲୋଚନା ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରଶ୍ମିବାଳା ପରିଡ଼ା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିରଷ୍ଠ ଶିକ୍ଷକ ଅକ୍ଷୟ କୁମାର ମଲ୍ଲିକ, ଜିଲ୍ଲା ସମ୍ପାଦକ ଜିତରଂଜନ ମହାପାତ୍ର, ସମୀର ସେଠୀ, ସନ୍ତୋଷ କୁମାର ବେହେରା, ଖୋର୍ଦ୍ଧା ବ୍ଲକ ସମ୍ପାଦକ ଅମୀୟ କୁମାର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

## ଗୁଣ୍ଡିଚା ମନ୍ଦିର ଚାରିପଟେ ଚାଲିଥିବା ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅନୁଧ୍ୟାନ

**ପୁରୀ,୨୬/୫/ଏନ୍‌ଏନ୍‌ଏସ୍:** ଗୁଣ୍ଡିଚା ମନ୍ଦିର ଯାଇ ସମସ୍ତ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ। ମୁଖ୍ୟ ପ୍ରଶାସକଙ୍କ ସହିତ ଶ୍ରୀମନ୍ଦିର ପ୍ରଶାସନର ବରିଷ୍ଠ ଅଧିକାରୀମାନେ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଚାଲିଥିବା ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହାପରେ ଗୁଣ୍ଡିଚା ମନ୍ଦିର ଭିତରକୁ ଯାଇ ସମସ୍ତ କାର୍ଯ୍ୟର ମଧ୍ୟ ଅନୁଧ୍ୟାନ କରିଛନ୍ତି ମୁଖ୍ୟ ପ୍ରଶାସକ। ତେବେ ଅନୁଧ୍ୟାନ ପରେ ମୁଖ୍ୟ ପ୍ରଶାସକ କହିଛନ୍ତି ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଓ ଭିତରେ ଚାଲିଥିବା ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପରେ ଭକ୍ତମାନେ ଏକ ନୂଆ ଅନୁଭୂତି ପାଇବେ। ଗୁଣ୍ଡିଚା ମନ୍ଦିର ଭିତରେ ଟୁଣିଆ ମହଲ, ରୋଷ ଶାଳା, ବଲ୍ଲଭ ଘରକୁ ନୂଆ ରୂପ ମଧ୍ୟ ଦିଆଯାଇଛି। ସେହିପରି ଗୁଣ୍ଡିଚା ମନ୍ଦିର ଉତ୍ତର ଗୁମୁଟର ନବୀକରଣ କାର୍ଯ୍ୟ ଶେଷ ହୋଇଛି। ଆସନ୍ତା ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ଶେଷ କରିବା ପାଇଁ ଜୋରଦାର ପ୍ରୟାସ ଚଳାଇଛି ଶ୍ରୀମନ୍ଦିର ପ୍ରଶାସନ। ସେହିପରି ଗୁଣ୍ଡିଚା ମନ୍ଦିର ନିକଟ ଶରଧାବାଲିର ମଧ୍ୟ ଉନ୍ନତିକରଣ କାର୍ଯ୍ୟ



କରାଯାଉଛି। ତେବେ ଗୁଣ୍ଡିଚା ମନ୍ଦିର ଭିତରେ ଓ ବାହାରେ କଳିଙ୍ଗ ସ୍ଥାପତ୍ୟ ଅନୁସାରେ ସମସ୍ତ କାର୍ଯ୍ୟ କରାଯାଉଛି। ପୂର୍ବରୁ ଥିବା ସ୍ଥାପତ୍ୟ ଉପରେ କୌଣସି ପ୍ରଭାବ ପଡ଼ିନାହିଁ। ଆସନ୍ତା ରଥଯାତ୍ରା ପରେ ଗୁଣ୍ଡିଚା ମନ୍ଦିର ସାଧାରଣ ଭକ୍ତଙ୍କ ପାଇଁ ଖୋଲିବ। ଏଥିପାଇଁ ଏକ ଏସଓପି ପ୍ରସ୍ତୁତ କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ମତ ପ୍ରକାଶ କରିଥିଲେ।

## ୟୁକୋବ୍ୟାଙ୍କ୍‌ରେ ଗ୍ରାହକ ଅସନ୍ତୋଷ: ସ୍ଥାୟୀ ଜମାରାଶି ଅନ୍ୟ ବ୍ୟାଙ୍କରେ ରଖିବାକୁ ନିଷ୍ପତ୍ତି

**କଣ୍ଟିଲୋ,୨୬/୫/ଏନ୍‌ଏନ୍‌ଏସ୍:** କଣ୍ଟିଲୋ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ପୂର୍ବ ପାର୍ଶ୍ୱ ମେଡିକାଲ ପାଖରେ କାର୍ଯ୍ୟରତ ଥିବା ୟୁକୋ ବ୍ୟାଙ୍କ୍‌ର ଅଧିକାରୀମାନଙ୍କ କାର୍ଯ୍ୟଶୈଳୀ ଉପରେ ଦିନକୁ ଦିନ ଗ୍ରାହକଙ୍କ ଅସନ୍ତୋଷ ବୃଦ୍ଧି ପାଉଥିବା ନଜରକୁ ଆସିଛି। ଯାହାଫଳରେ ଅଧିକାଂଶ ଗ୍ରାହକ ପ୍ରତିଦିନ ହଇରାଣ ହୋଇ ନିଜ ନିଜର ସ୍ଥାୟୀ ଜମାରାଶି ଓ ସାଧାରଣ ଜମାରାଶିକୁ ସମ୍ପୂର୍ଣ୍ଣ ଭାବେ ଉଠାଇନେଇ ଅନ୍ୟତ୍ର କୋର୍ ବ୍ୟାଙ୍କିଙ୍ଗ ସୁବିଧା ଥିବା ବ୍ୟାଙ୍କ୍‌ରେ ରଖିବା ପାଇଁ ନିଷ୍ପତ୍ତି ନେଉଥିବା ଦେଖିବାକୁ ମିଳୁଛି। ସୂଚନାରୁ ଜଣାପଡିଛି ଯେ, ସାଧାରଣ ଗରିବ ଶ୍ରେଣୀ ଲୋକଙ୍କ ଠାରୁ ଆରମ୍ଭ କରି ମଧ୍ୟବିତ୍ତ ପରିବାରର ଲୋକ ଏବଂ ଧନୀ ଶ୍ରେଣୀ ତଥା ବ୍ୟବସାୟୀ ମାନଙ୍କର ଟଙ୍କା ପଇସାର ସୁରକ୍ଷା ପାଇଁ କଣ୍ଟିଲୋରେ ଥିବା ଏକମାତ୍ର କୋର୍ ବ୍ୟାଙ୍କିଙ୍ଗ ୟୁକୋ ବ୍ୟାଙ୍କ ଉପରେ ସମ୍ପୂର୍ଣ୍ଣ ଭାବେ ନିର୍ଭର କରିଥାନ୍ତି। କିନ୍ତୁ ଏହି ବ୍ୟାଙ୍କର ଅଧିକାରୀମାନେ ଗ୍ରାହକମାନଙ୍କ ଚାହିଦା ଅନୁସାରେ ଆବଶ୍ୟକୀୟ ଫର୍ମରେ ସ୍ୱାକ୍ଷରକରି ନେଇ ନିଜେ ଭିତର ଲେଖା ପୂରଣ କରୁଥିବା ବହୁ ନଜିର ଅଛି। କିନ୍ତୁ ପରବର୍ତ୍ତୀ ସମୟେ ଗ୍ରାହକ ଯେଉଁ ଅନୁସାରେ ଚାହିଁ ଥାଆନ୍ତି ତାହା ନ ହୋଇ ବ୍ୟାଙ୍କକୁ ସୁହାଇଲା ଭଳି ଅଧିକାରୀମାନେ କାର୍ଯ୍ୟକରି ଗ୍ରାହକ ମାନଙ୍କୁ ବହୁ ହଇରାଣ କରୁଥିବା ଅଭିଯୋଗ ହୋଇଛି। ଉଦାହରଣ ସ୍ୱରୂପ ଗତ ୨୦୨୫ ମସିହା ଅପ୍ରେଲ ମାସ ୨୯ତାରିଖରେ ବିଜୟ କୁମାର ମହାନ୍ତି ଓ ଜୟକୃଷ୍ଣ ମହାନ୍ତିଙ୍କ ନାମରେ ସ୍ଥାୟୀ ଜମା ଭାବେ ରଖିଥିବା ଟଙ୍କାର ମାସିକିଆ ସୁଧକୁ ସ୍ଥାୟୀ ଜମା ବଣ୍ଡରେ ନ ମିଶାଇ ଅନ୍ୟ ଏକ ଗଚ୍ଛିତଜମା ଖାତାରେ ଡିପୋଜିଟ କରିବା ପାଇଁ ଶାଖା ପରିଚାଳକଙ୍କ ସହ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଥିଲେ। ଶାଖା ପରିଚାଳକଙ୍କ ପରାମର୍ଶକ୍ରମେ ଉଭୟେ କେବଳ ଫର୍ମରେ ସ୍ୱାକ୍ଷର କରି ଚାଲିଯାଇଥିଲେ। କିନ୍ତୁ ବର୍ଷକ ପରେ ସୁଧ ବିଷୟରେ ଗଚ୍ଛିତ ଜମା ଖାତାକୁ ଅପଡେଟ୍ କଲାବେଳେ ସୁଧ ପଇସା ଏଠିକି ନ ଆସି ସ୍ଥାୟୀ ଜମା ବଣ୍ଡରେ ମିଶିଥିବାରୁ ଉଭୟେ ଶ୍ରୀ ମହାନ୍ତି ଭାଇ ଅସନ୍ତୋଷ ହେବା ସହ ଦୁଃଖର ସହିତ ତାଙ୍କ ସ୍ଥାୟୀ ଜମାରାଶିକୁ ଉଠାଇ ନେଇ ଅନ୍ୟତ୍ର ବ୍ୟାଙ୍କରେ ରଖିବାକୁ ନିଷ୍ପତ୍ତି ନେଇଥିବା ଖବର ହସ୍ତଗତ ହୋଇଛି। ଆହୁରି ୨୦୧୯ ମସିହା ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ଶରଦ ରାସୋତ୍ସବ ଅନୁଷ୍ଠାନର ମୂଲ୍ୟବାନ ସୁନା ଓ ରୂପା ଅଳଙ୍କାରମାନ ଏହି ୟୁକୋ ବ୍ୟାଙ୍କର ଏକ ଲକର୍‌ରେ ରଖାଯାଇଥିଲା। ଏଥି ପାଇଁ ଲକର ଭଡ଼ା ବାବଦ ଟଙ୍କା ଭରିବା ପାଇଁ ତତ୍କାଳୀନ ଶାଖା ପରିଚାଳକ ଓ ଫିଲ୍ଡ ଅଫିସର ତଥା ଅନ୍ୟାନ୍ୟ କିରାଣୀମାନଙ୍କ ପରାମର୍ଶ ଅନୁଯାୟୀ ଆବଶ୍ୟକୀୟ ପ୍ରତ୍ୟେକ ଡକ୍ୟୁମେଣ୍ଟସ ଦାଖଲ କଲାବେଳେ ପରିଷ୍କାର ଭାବେ ଓଡ଼ିଆରେ ଅନୁଷ୍ଠାନ ତରଫରୁ ଲିଖିତ ଆବେଦନ କରାଯାଇ ଥିଲେ ହେଁ, ସେମାନେ ତାହା ନ କରି ତାଙ୍କୁ ସୁହାଇଲା ଭଳି କରିଥିବାରୁ ପ୍ରଭୁ ଶ୍ରୀ ନୀଳମାଧବ ଜିଉଙ୍କ ପ୍ରାୟ ୧୫ରୁ ୧୬ହଜାର ଟଙ୍କା କ୍ଷତି ହୋଇଛି। ଏପରି ଗ୍ରାହକମାନଙ୍କୁ ହଇରାଣ କରୁଥିବା ଏବଂ ଅନ୍ୟ ବିକଳ୍ପ ନଥିବା ଯୋଗୁ ଗ୍ରାହକମାନେ ଘୋର ଅସନ୍ତୋଷ ପ୍ରକଟ କରିବା ସହିତ କର୍ମଚାରୀମାନଙ୍କ ମନମାନି କାର୍ଯ୍ୟ ବିରୁଦ୍ଧରେ ଦୃଢ଼ ଭାବେ ଅଭିଯୋଗ କରିଛନ୍ତି। ତେଣୁ ଯଥାଶୀଘ୍ର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ କାର୍ଯ୍ୟାଳୟ ତରଫରୁ ଏହାର ତଦନ୍ତକରି ଗ୍ରାହକ ମାନଙ୍କୁ ଉଚିତ୍ ସେବା ଯୋଗାଇଦେବା ଓ ଗ୍ରାହକମାନଙ୍କୁ ହଇରାଣ କରୁଥିବା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଗ୍ରାହକ ଦାବି କରିଛନ୍ତି।

# ବଜ୍ରାଘାତରେ ମହିଳା ମୃତ

**ରାୟଗଡ଼ା, ୨୬।୫/ଏନ୍ଏନ୍ଏସ୍:** ଆମ୍ବ ଗୋଟାଇବାକୁ ଯାଇଥିବା ଜଣେ ମହିଳାଙ୍କ ବଜ୍ରାଘାତରେ ମୃତ୍ୟୁ ଘଟିଛି। ମୃତ ମହିଳା ଜଣଙ୍କ ହେଲେ ରାୟଗଡ଼ା ବ୍ଲକ୍ କନ୍ଧ ଜିମିଡ଼ି ଗ୍ରାମର ମମି କଣ୍ଡାଗିରି। କାଳବୈଶାଖୀ ପ୍ରଭାବରେ ଜୋର୍‌ରେ ପବନ ହେବାରୁ ମମି ନିକଟସ୍ଥ ରାମଚନ୍ଦ୍ରପୁର ଗ୍ରାମ ଜଙ୍ଗଲକୁ ଆମ୍ବ ଗୋଟାଇବାକୁ ଯାଇଥିଲେ। ଏହି ସମୟରେ ବଜ୍ରପାତର ଶିକାର ହୋଇ ଘଟଣାସ୍ଥଳରେ ଟଳି ପଡ଼ିଥିଲେ। ପରେ ଗ୍ରାମବାସୀ ଶେଷଖାଲ ଥାନା ପୁଲିସ୍‌କୁ ଖବର ଦେବା ପରେ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଅନ୍ୟପଟେ ରାଜସ୍ୱ ବିଭାଗର ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ଶେଷଖାଲ ପୁଲିସ୍ ଶବକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଡିଏଚ୍ଏଚ୍ ସ୍ଥାନାନ୍ତର କରିଛନ୍ତି। ସେହିପରି କାଳବୈଶାଖୀ ପ୍ରଭାବରେ କିଛି ସ୍ଥାନରେ ଗଛ ଭାଙ୍ଗିଯାଇଥିଲା। ସୂଚନାପାଇ ରାୟଗଡ଼ା ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ।

# ସୁନା ଦୋକାନରୁ ଚୋରି ଉଦ୍ୟମ ବିଫଳ

**ରାୟଗଡ଼ା, ୨୬।୫/ଏନ୍ଏନ୍ଏସ୍:** ରାୟଗଡ଼ା ଜିଲ୍ଲାର ବ୍ୟବସାୟିକ ଅନୁଷ୍ଠାନ ଏବେ ଚୋରଙ୍କ ଟାର୍ଗେଟ୍‌ରେ ରହିଛି। ଦିନବେଳେ ରେକୀ କରି ରାତିଅଧରେ ଦୁର୍ବୃତ୍ତ ଚୋରି କରୁଛନ୍ତି। ଏହିକ୍ରମେ ଗୁଡ଼ାରୀ ସଦର ମହକୁମାସ୍ଥିତ ଏକେ ସୁନା ଦୋକାନରେ ଚୋରି ଉଦ୍ୟମ ବିଫଳ ହେବାପରେ ଦୋକାନ ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତମାନେ ଚମ୍ପଟ ମାରିଛନ୍ତି। ଖବରପାଇ ଗୁଡ଼ାରୀ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ପ୍ରଘଟ ହେବାପରେ ସ୍ଥାନୀୟ ଅଞ୍ଚଳରେ

**ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରି ଦୁର୍ବୃତ୍ତ ଚମ୍ପଟ**

ଭୟର ବାତାବରଣ ଖେଳିଯାଇଛି। ରାୟଗଡ଼ା ଜିଲ୍ଲା ଗୁଡ଼ାରୀ ସଦରରେ ସୋମବାର ବିଳମ୍ବିତ ରାତିରେ ଶ୍ରୀ ଜଗନ୍ନାଥ ଜୁଏଲାରୀ ଦୋକାନକୁ ଟାର୍ଗେଟ୍ କରି ୫ ଜଣ ଦୁର୍ବୃତ୍ତ ଆସି ସାହି ମଧ୍ୟରେ ଥିବା ସିସି କ୍ୟାମେରାକୁ ପ୍ରଥମେ ପ୍ଲାଷ୍ଟର୍ ଦ୍ୱାରା ଘୋଡ଼ାଇ ଦେଇ ଗେଟ୍ ଭାଙ୍ଗିଥିଲେ। ମୁଖ୍ୟରାସ୍ତାରେ ଥିବା ଅନ୍ୟ ଏକ ଜୁଏଲାରୀ ଦୋକାନରେ ଲାଗିଥିବା ସିସି କ୍ୟାମେରାକୁ ମଧ୍ୟ ପ୍ଲାଷ୍ଟର୍ ଘୋଡ଼ାଇ ଦେଇଥିଲେ। ସେହି ଜୁଏଲାରୀ ମାଲିକ ହଠାତ୍ ନିଦରୁ ଉଠି ୧ଟା ୩୦ରେ ମୋବାଇଲ୍‌ରେ ସିସି କ୍ୟାମେରା ଦେଖିଥିଲେ। ସେହି ସିସି କ୍ୟାମେରାରେ କିଛି ଦେଖାନଯିବାରୁ ଦୋକାନକୁ ଦେଖିବାକୁ ଯିବା ସମୟରେ ପ୍ରଥମ ଦୋକାନରୁ ଚୋରି ଉଦ୍ୟମ କରୁଥିବା ଦୁର୍ବୃତ୍ତମାନେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ମୁଣ୍ଡରେ ଗଭୀର ଆଘାତ ହେବାରୁ ସେ ଅଚେତ ହୋଇ ପଡ଼ିଥିଲେ।

ସେହି ସମୟରେ ଦୁର୍ବୃତ୍ତମାନେ ସେଠାରୁ ଚମ୍ପଟ ମାରିଥିଲେ। ଦୁର୍ବୃତ୍ତ ଯିବା ପରେ ଜୁଏଲାରୀ ଦୋକାନ ମାଲିକ ଘରକୁ ରକ୍ତାକ୍ତ ଅବସ୍ଥାରେ ଯାଇଥିଲେ। ତାଙ୍କୁ ତୁରନ୍ତ ବିଶାଖାପାଟଣାର ଏକ ଘରୋଇ ହସ୍ପିଟାଲ୍‌କୁ ପଠାଯାଇଥିଲା। ସକାଳେ ଖବରପାଇ ଗୁଡ଼ାରୀ ଥାନାଧିକାରୀ ବିଶ୍ୱବନ୍ଦିନୀ ବାଗ ଓ ଏଏସ୍ଆଇ ରୁଦ୍ର ପ୍ରସାଦ ଘଟଣାସ୍ଥଳରେ ପହଞ୍ଚି ସାହିରେ ଥିବା ସିସି କ୍ୟାମେରା ଏବଂ ଟାର୍ଗେଟ୍‌ରେ ଥିବା ଜୁଏଲାରୀ ଦୋକାନର ସିସି କ୍ୟାମେରା ଯାଞ୍ଚ କରିଥିଲେ। ଉକ୍ତ ଫୁଟେଜ୍‌ରେ ଦୁର୍ବୃତ୍ତ ମୁହଁ ଘୋଡ଼ାଇ ହାତରେ ଗ୍ଲୋବସ୍ ପିନ୍ଧିଥିବା ହେତୁ ଚିହ୍ନିବା କଷ୍ଟକର ହେଉଥିବା ଗୁଡ଼ାରୀ ପୁଲିସ୍ ପ୍ରକାଶ କରିଛି।

# ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ



**ବଲାଙ୍ଗୀର, ୨୬।୫/ଏନ୍ଏନ୍ଏସ୍:** ବଲାଙ୍ଗୀର ସଦର ବ୍ଲକସ୍ଥିତ କୁଡ଼ାସିଂହା ଗ୍ରାମ ରାଧାକୃଷ୍ଣ ମନ୍ଦିରରେ ପୁରୀ ଗୋବର୍ଦ୍ଧନ ପୀଠ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ପୀଠ ପରିଷଦ ଆଦିତ୍ୟ ବାହିନୀ ଓ ଆନନ୍ଦ ବାହିନୀ ଆନୁକୂଲ୍ୟରେ ଶ୍ରୀ ଜଗନ୍ନାଥ କଥାମୃତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶ୍ରୀ ଜଗନ୍ନାଥ ପ୍ରଚାର ସଂସ୍ଥା ଭୁବନେଶ୍ୱର, ପଶ୍ଚିମ ଓଡ଼ିଶା ପ୍ରଚାରକ ରମେଶ ଚନ୍ଦ୍ର ଦାଶ ଜଗନ୍ନାଥ ସଂସ୍କୃତି ଏବଂ ଦାସିଆ ବାଉରୀଙ୍କ ଜିବନୀ ଉପରେ ଆଲୋକପାତ କରିଥିଲେ। ଜଗନ୍ନାଥ ସଂସ୍କୃତିକୁ ଘରେ ଘରେ ପହଞ୍ଚାଇବା ସହିତ ଭକ୍ତ ଭଗବାନଙ୍କ ଦିବ୍ୟଲୀଳା ଆଧାରିତ ଦାସିଆଙ୍କ ଜିବନୀ ଚରିତ ପ୍ରୋଜେକ୍ଟର୍ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ଜଗନ୍ନାଥ ପ୍ରେମୀଙ୍କ ସମାଗମ ହୋଇଥିଲା। ମନ୍ଦିର ଟ୍ରଷ୍ଟି ଜଳ ସାହୁଙ୍କ ସମେତ ପ୍ରକାଶ ସାହୁ, ରମେଶ ସାହୁ, ଜଗନ୍ନାଥ ପଧାନ, ଈଶ୍ୱର ସାହୁ, ଉମାକାନ୍ତ ମଲ୍ଲିକ, ଆନନ୍ଦିନୀ ସାହୁ ଓ ମଞ୍ଜୁଲତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଗୁଣିଗାରେଡ଼ି ସନ୍ଦେହରେ ହତ୍ୟା, ୩ ଗିରଫ

**ମାଲକାନଗିରି, ୨୬।୫/ଏନ୍ଏନ୍ଏସ୍:** ଓରକେଲ ଥାନା ଅଧିନସ୍ଥ ଶାରଦାଗୁଡ଼ା ଗ୍ରାମରେ ଗୁଣିଗାରେଡ଼ି ସନ୍ଦେହରେ ମହିଳାଙ୍କୁ ପିଟି ପିଟି ହତ୍ୟା ଘଟଣାରେ ପୁଲିସ୍ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଶାରଦାଗୁଡ଼ା ଗ୍ରାମର ମହେଶ୍ୱର ପାଙ୍ଗି, ହରି ପାଙ୍ଗି ଓ ହରଶ ଚନ୍ଦ୍ର ଖିଲ। ଶାରଦାଗୁଡ଼ା ଗ୍ରାମରେ ଗତ ଏକ ବର୍ଷ ମଧ୍ୟରେ ୮ରୁ ୧୦ ଜଣଙ୍କ ଅଚାନକ ମୃତ୍ୟୁ ହୋଇଥିଲା। ତେବେ ଗ୍ରାମରେ ଏପରି ମୃତ୍ୟୁସଂଖ୍ୟା ଦିନକୁଦିନ ବଢୁଥିବା ଦେଖି ଗ୍ରାମରେ ଏକ ବୈଠକ ଡକାଇ କୋଟପାଡ଼ରୁ ଜଣେ ଗୁଣିଆଙ୍କୁ ଗ୍ରାମବାସୀ ଡାକିଥିଲେ। ଉକ୍ତ ଗୁଣିଆ ଜଣଙ୍କ ଗ୍ରାମକୁ ଆସି ଚୁଡ଼ା ମନ୍ତୁରାଇ ସମସ୍ତଙ୍କୁ ଖାଇବାକୁ ଦେଇଥିଲେ। ପରେ ଗ୍ରାମର ପଦ୍ମା ନାୟକ (୫୧) ଉକ୍ତ ମନ୍ତୁରା ହୋଇଥିବା ଚୁଡ଼ା ଖାଇ ଅସୁସ୍ଥ ହୋଇପଡ଼ିଥିଲେ। ଫଳରେ ଉକ୍ତ ଗୁଣିଆ ଜଣଙ୍କ ପଦ୍ମା ଏସବୁ ଲୋକଙ୍କ ମୃତ୍ୟୁର କାରଣ କହିବା ସହ ଗତ ୨୦ ଦିନ ମଧ୍ୟରେ ଗ୍ରାମର ୨ ବ୍ୟକ୍ତିଙ୍କ ମୃତ୍ୟୁ ପାଇଁ ପଦ୍ମା ହିଁ ଦାୟୀ ବୋଲି କହିଥିଲା। ପରେ ମୃତ୍ୟୁବରଣ କରିଥିବା ୨ ବ୍ୟକ୍ତିଙ୍କ ପୁଅମାନେ ରାଗରେ ଉତ୍କ୍ଷିପ୍ତ ହୋଇ ଗାଁ ଦାଣ୍ଡରେ ପଦ୍ମାଙ୍କୁ ଲାତ ଗୋଇଠା ମାରିଥିଲେ। ଏହା ଦେଖି ପଦ୍ମାଙ୍କ ପୁଅ ଗଣେଶ ଆସି ତାଙ୍କ କବଳରୁ ଆହତ ଅବସ୍ଥାରେ ନିଜ ମାଆକୁ ରକ୍ଷା କରିଥିଲେ। ପରେ ପଦ୍ମା ମୃତ୍ୟୁବରଣ କରିଥିଲେ। ଏନେଇ ଗଣେଶ ଓରକେଲ୍ ଥାନାର ଲିଖିତ ଅଭିଯୋଗ କରିଥିଲେ। ଓରକେଲ୍ ଥାନା ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ୩ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ନେଇ ଥାନାଧିକାରୀ ଧୀରେନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ୧୫ ଦିନ ହେଲା ନଳକୂପ ଅଚଳ, ଗ୍ରାମବାସୀ ହନ୍ତସନ୍ତ

## ପଦାରେ ପଡ଼ିଛି ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା

**କନ୍ଧମାଳ, ୨୬।୫/ଏନ୍ଏନ୍ଏସ୍:** ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ଦପଲା ପଞ୍ଚାୟତ ଅନ୍ତର୍ଗତ ଟୁକେଇପାଲି ଗ୍ରାମର ତଳିପଡ଼ାରେ ଥିବା ନଳକୂପ ଦୀର୍ଘ ୧୫ ଦିନରୁ ଅଧିକ ହେବ ଅଚଳ ହୋଇ ପଡ଼ିରହିଛି। ଏଣୁ ଗାଁର ୩୦ ପରିବାରର ୧୨୦ ଲୋକ ପାଣି ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

**ତୁରନ୍ତ ମରାମତି କରି ଜଳ ସମସ୍ୟା ଦୂର କରିବାକୁ ଦାବି**



ଅଚଳ ନଳକୂପକୁ ମରାମତି କରିବାକୁ ସ୍ଥାନୀୟ ଜନପ୍ରତିନିଧିଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀଙ୍କୁ ଗ୍ରାମବାସୀ ଅଭିଯୋଗ କଲେ ମଧ୍ୟ ଏହାର କୌଣସି ସମାଧାନ ହୋଇନଥିବା ଅଭିଯୋଗ ହୋଇଛି। ପରେ ଲୋକେ ବିଭାଗର ଟୋଲ୍ ଫ୍ରି ନମ୍ବର୍‌ରେ ଅଭିଯୋଗ କରିଥିଲେ। ହେଲେ ୧୫ ଦିନରୁ ଅଧିକ ଦିନ ବିତିଯାଇଥିଲେ ସୁଦ୍ଧା ନଳକୂପ ମରାମତି ନହେବା ପରିତାପର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ଅଭିଯୋଗ ପରେ ନଳକୂପ ମରାମତି ପାଇଁ କର୍ମଚାରୀ ଆସି ଦେଖି ପଳାଇ ଯାଇଥିବା ଗ୍ରାମବାସୀ କହିଛନ୍ତି। ଗ୍ରାମରେ ୨ଟି ନଳକୂପ ଥିବାବେଳେ ଗୋଟିଏ ନଳକୂପ ଅଚଳ ଥିବାରୁ ଅନ୍ୟଟିରେ ବାହାରୁଥିବା ପାଣି ଗ୍ରାମବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉନଥିବାରୁ ସକାଳ ହେଲେ ନଳକୂପ ନିକଟରେ ଲୋକଙ୍କ ଲମ୍ବା ଧାଡ଼ି ଲାଗିଥିବା ଦେଖିବାକୁ ମିଳିଛି। ଉକ୍ତ ଘଟଣାରୁ ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ପ୍ରବଳ ଖରା ହେଉଥିବାରୁ ପ୍ରଶାସନ ପକ୍ଷରୁ ନଳକୂପ ଖରାପ ହେବାର ୨୪ ଘଣ୍ଟା ମଧ୍ୟରେ ମରାମତି କରିବାର ନିୟମ ରହିଛି। ହେଲେ ବିଭାଗୀୟ ଅଧିକାରୀଙ୍କ ଖାମଖିଆଲି ମନୋଭାବ ଯୋଗୁ ୧୫ ଦିନରୁ ଅଧିକ ହେବ ନଳକୂପ ମରାମତି ହୋଇପାରିନଥିବା ଦୁଃଖର ବିଷୟ ବୋଲି ଗ୍ରାମବାସୀ କହିଛନ୍ତି। ପ୍ରଚଣ୍ଡ ଖରା ସମୟରେ ଲୋକଙ୍କ ସୁବିଧାକୁ ଦୃଷ୍ଟିରେ ରଖି ଅଚଳ ନଳକୂପ ଗୁଡ଼ିକୁ ତୁରନ୍ତ ମରାମତି କରି ଲୋକଙ୍କ ପାଣି ସମସ୍ୟା ଦୂର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ୪୫ ନୁହେଁ, ୨୫ ଦିନରେ ସିଲିଣ୍ଡର୍ ଯୋଗାଇବାକୁ ଦାବି

**ରେଢ଼ାଖୋଲ, ୨୬।୫/ଏନ୍ଏନ୍ଏସ୍:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରକୁ ୪୫ ଦିନ ପରିବର୍ତ୍ତେ ୨୫ ଦିନରେ ଗୋଟିଏ ସିଲିଣ୍ଡର୍ ଯୋଗାଇବାକୁ ଦାବି ହେଉଛି। ଏନେଇ ଗ୍ୟାସ୍ ଉପଭୋକ୍ତା ସଂଘର ସଂଯୋଜକ ଦିଲ୍ଲୀପ କୁମାର ପ୍ରଧାନ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଶତାଧିକ ଉପଭୋକ୍ତାଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ଏକକିତା ନକଲ ଜିଏମ୍ ଆୟୋସିଲ୍ ସମ୍ବଲପୁରଙ୍କୁ ପଠାଯାଇଛି। ଉକ୍ତ ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ ସରକାରଙ୍କ ନିୟମ ଅନୁସାରେ ପ୍ରତ୍ୟେକ ସହରାଞ୍ଚଳ ବାସିନ୍ଦାଙ୍କୁ ୨୫ ଦିନ ବ୍ୟବଧାନରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର୍ ଯୋଗାଇବାର ବ୍ୟବସ୍ଥା ରହିଛି। କିନ୍ତୁ ଦୁର୍ଭାଗ୍ୟର ବିଷୟ ରେଢ଼ାଖୋଲ ଦୀର୍ଘ ୨୫ ବର୍ଷ ପୂର୍ବରୁ 'ନଗର' ଘୋଷଣା ହୋଇଥିଲେ ସୁଦ୍ଧା ଗ୍ରାମୀଣ ଉପଭୋକ୍ତାଙ୍କ ଭଳି ୪୫ ଦିନ ବ୍ୟବଧାନରେ ଗୋଟିଏ ଗ୍ୟାସ୍ ସିଲିଣ୍ଡର୍ ଯୋଗାଇ ଦିଆଯାଉଛି। ତେଣୁ ଏହାର ପୁର୍ନବିଚାର କରି ୪୫ ଦିନ ପରିବର୍ତ୍ତେ ୨୫ ଦିନ ବ୍ୟବଧାନରେ ଗୋଟିଏ ଲେଖାଏଁ ଗ୍ୟାସ୍ ଯୋଗାଇବାର ବ୍ୟବସ୍ଥା କଲେ ଉପଭୋକ୍ତା ଓ ନଗରବାସୀ ଉପକୃତ ହେବେ ବୋଲି ଦାବି କରିଛନ୍ତି।

# ଗୁଣ୍ଡାୱାଡ଼ାରେ ଜନଅଭିଯୋଗ ଶୁଣାଣି ଶିବିର

**ମାଲକାନଗିରି, ୨୬।୫/ଏନ୍ଏନ୍ଏସ୍:** ଚିତ୍ରକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଗୁଣ୍ଡାୱାଡ଼ାରେ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଦାଶରଥୀ ସରାବୁ ଓ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ସିଧାସଳଖ ଶୁଣିଥିଲେ। ଏହି ଶିବିରରେ ଆଖପାଖ ଅଞ୍ଚଳରୁ ପ୍ରବଳ ଜନସମାଗମ ହୋଇଥିବାବେଳେ ଲୋକଙ୍କୁ ତୁରନ୍ତ ସରକାରୀ ସେବା ଯୋଗାଇବା ପାଇଁ ବିଭିନ୍ନ ବିଭାଗ ପକ୍ଷରୁ ଅନେକ ସ୍ୱତନ୍ତ୍ର କ୍ୟାମ୍ପ୍ ମଧ୍ୟ ଆୟୋଜନ କରାଯାଇଥିଲା। ବିଶେଷକରି ସ୍ୱାସ୍ଥ୍ୟ, କୃଷି ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଷ୍ଟଲ୍ ସ୍ଥାପନ କରାଯାଇ ଲୋକଙ୍କୁ ସରକାରୀ ଯୋଜନା ବିଷୟରେ ଅବଗତ କରାଯିବା ସହ ତତ୍କାଳ ସେବା ପ୍ରଦାନ କରାଯାଇଥିଲା। ଦିନସାରା ଚାଲିଥିବା ଏହି ଶିବିରରେ ମୋଟ୍ ୫୦ଟି ଅଭିଯୋଗ ପତ୍ର ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୫ଟି ବ୍ୟକ୍ତିଗତ ଓ ୪୫ଟି ଗ୍ରାମ୍ୟଭିତ୍ତିକ ସମସ୍ୟା ରହିଥିଲା। ଏହି ଶିବିରରେ ମୁଖ୍ୟତଃ ମଧୁବାବୁ ପେନସନ୍ ଯୋଜନା, ବାର୍ଦ୍ଧକ୍ୟ ଓ ବିଧବା ଭତ୍ତା ପାଇଁ ନୂତନ ଆବେଦନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କା ଘର ପାଇବା ଓ ନୂତନ ରାସନ କାର୍ଡ ପ୍ରଦାନ ପାଇଁ ଲୋକେ ଗୁହାରି କରିଥିଲେ। ଏହାସହ ବିଭିନ୍ନ ଗ୍ରାମରୁ ଆସିଥିବା ପ୍ରତିନିଧିମାନେ ଗ୍ରାମୀଣ ରାସ୍ତା ନିର୍ମାଣ, ପାନୀୟଜଳ ଯୋଗାଣରେ ଥିବା ସମସ୍ୟା, ବିଦ୍ୟୁତକରଣର ତ୍ରୁଟି ଓ ଜମିପଟ୍ଟା ପ୍ରଦାନ ସମ୍ବନ୍ଧୀୟ ସମସ୍ୟା ଗୁଡ଼ିକୁ ଜିଲ୍ଲାପାଳଙ୍କ ସମ୍ମୁଖରେ ଉପସ୍ଥାପନ କରିଥିଲେ। ଜନସାଧାରଣଙ୍କ ଏହି ସମସ୍ୟା ଗୁଡ଼ିକୁ ଅତି ଗମ୍ଭୀରତାର ସହ ନେଇ ଜିଲ୍ଲାପାଳ ସ୍ଥାନୀୟ



ଅଧିକାରୀଙ୍କୁ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଗ୍ରାମ୍ୟ ଭିତ୍ତିଭୂମି, ବିଶେଷକରି ରାସ୍ତା ଓ ପାନୀୟଜଳ ସମସ୍ୟାର ସଠିକ୍ ସ୍ଥିତି ଅନୁଧ୍ୟାନ କରିବା ପାଇଁ ତୁରନ୍ତ କ୍ଷେତ୍ର ପରିଦର୍ଶନ କରି ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀଙ୍କୁ କୁହାଯାଇଛି। ସମସ୍ତ ଗରିବ ଓ ଯୋଗ୍ୟ ହିତାଧିକାରୀ ଯେପରି ସରକାରୀ ଯୋଜନାରୁ ବଞ୍ଚିତ ନହେବେ ସେଥିପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରିବାକୁ ଜିଲ୍ଲାପାଳ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଚିତ୍ରକୋଣ୍ଡା ବ୍ଲକ୍‌ର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ ସ୍ଥାନୀୟ ଜନପ୍ରତିନିଧିମାନେ ଉପସ୍ଥିତ ସହଯୋଗ କରିଥିଲେ। ସେହିପରି କାଲିମେଳାର ଗୁମୁକା, ମାଥିଲିର କାର୍ତ୍ତନପାଲ୍ଲୀ, ମାଲକାନଗିରିର ସିନ୍ଧିମାଳ, ଖଇରପୁଟର ମୁଦୁଲିପଡ଼ା, କୋରୁକୋଣ୍ଡାର ଦୁଦାମେଟା ଓ ପୋଡ଼ିଆ ବ୍ଲକ୍‌ର ମାଟେରୁ ପଞ୍ଚାୟତରେ ମଧ୍ୟ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି।

# ରବି ଧାନ ମଣ୍ଡି ଉଦ୍‌ଘାଟିତ

**ପାଟଣାଗଡ଼, ୨୬।୫/ଏନ୍ଏନ୍ଏସ୍:** ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ଯୁରିଆରେ ରବି ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପ୍ୟାକ୍ସ ସଭାପତି କନ୍ଦର୍ପ ସୁଆରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟଅତିଥି ରୂପେ ପାଟଣାଗଡ଼ ଉପଜିଲ୍ଲାପାଳ ସୁନୀଲ କୁମାର ମେହେର, ସମ୍ମାନିତ ଅତିଥିରୂପେ ଖପ୍ରାଖୋଲ ତହସିଲଦାର୍ ଆନନ୍ଦ ପଣ୍ଡା, ଉପଖଣ୍ଡ ଯୋଗାଣ ଅଧିକାରୀ ପ୍ରଣତି ପୃଷ୍ଟି, ସହକାରୀ ସମବାୟ ସହନିବନ୍ଧକ ରଥ ଇବ୍ରାହିମ୍ ଓ ଯୋଗିମୁଣ୍ଡା ଆର୍ଏମ୍ସି ସମ୍ପାଦକ କ୍ଷମାନିଧି ଗଡ଼ତ୍ୟା ଯୋଗ ଦେଇଥିଲେ। ଯୁରିଆ ପ୍ୟାକ୍ସରେ ଚଳିତ ବର୍ଷ



୧୮୧ ଜଣ ଚାଷୀ ଚଳିତ ରବିରେ ନାମ ପଞ୍ଜିକରଣ କରିଥିବା ଜଣାଯାଇଛି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଜଗଦୀଶ ରଣା, ଡିଇଓ ଯଦୁ ରଣା, ରାଜକିଶୋର ମେହେର, ଜୟନ୍ତ ମେହେର, ରବି ସାହୁ, ବିଜୟ ଯୋଶୀ, ସାନନ୍ଦ ଯୋଶୀ, ଲଳିତ ବାଗ, ସନ୍ତୋଷ ପଟେଲ, ସଞ୍ଜୀବ ପଟେଲ ଓ ପ୍ରଦୀପ ସିଂଦେଓ ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ।

## ଓଡ଼ିଶା-ଛତିଶଗଡ଼ ସୀମାନ୍ତରେ ପୁଲିସ୍‌ର ଚଢ଼ଉ

# ୧୭ ବେଆଇନ୍ ମଦ ଭାଟି ନଷ୍ଟ, ୮ ଗିରଫ



**ଝାରସୁଗୁଡ଼ା, ୨୬।୫/ଏନ୍ଏନ୍ଏସ୍:** ଜିଲ୍ଲାର ରେଙ୍ଗାଲି ଥାନା ଅନ୍ତର୍ଗତ ଓଡ଼ିଶା-ଛତିଶଗଡ଼ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଚାଲିଥିବା ବେଆଇନ୍ ଦେଶୀ ମଦ ପ୍ରସ୍ତୁତି ଓ ଚୋରାଚାଲାଣ ର୍ୟାକେଟ୍ ଉପରେ ଜିଲ୍ଲା ପୁଲିସ୍ ଏକ ବଡ଼ ଧରଣର ସଫଳ ଅପରେସନ୍ କରିଛି। ହୀରାକୁଦ ଜଳ ଭଣ୍ଡାରର ପଛୁଆ ଅଞ୍ଚଳ ଏବଂ ଆନ୍ତଃରାଜ୍ୟ ସୀମାନ୍ତରେ ବ୍ୟାପକ ଭାବେ ବେଆଇନ୍ ମଦ ପ୍ରସ୍ତୁତ ହେଉଥିବା ନେଇ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହାକୁ ଆଧାର କରି ରେଙ୍ଗାଲି ଥାନା ଅଧୀନସ୍ଥ ବାଦଧରା ଗ୍ରାମର (ବାଦୀମାଲ ଜିପି) ଖଜୁରିଆପଡ଼ାରେ ପୁଲିସ୍ ପକ୍ଷରୁ ଏକ ସମନ୍ୱିତ ଚଢ଼ଉ କରାଯାଇଥିଲା। ଏହି ସମୟରେ ୧୭ଟି ବେଆଇନ୍ ଭାଟିକୁ ଭାଙ୍ଗି ନଷ୍ଟ କରାଯିବା ସହ ୮ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ କୁଞ୍ଜ ବେହେରା (୨୮), ପ୍ରଫୁଲ୍ଲ ବେହେରା (୨୪), କାର୍ତ୍ତିକ ବେହେରା (୨୬), ଅକ୍ଷୟ କୁମାର ବେହେରା (୨୩), ଭରତ ବେହେରା (୪୭), ସଞ୍ଜୟ ବେହେରା (୪୫), ରୂପରାମ ବେହେରା (୫୭), ଭୂମିସୁତା ବେହେରା (୪୫)। ଏହାସହ ପ୍ରାୟ ୮୭୦ ଲିଟର୍ ରନ୍ଧା ଦେଶୀମଦ, ୩୦ କ୍ୱିଣ୍ଟାଲ୍‌ରୁ ଅଧିକ ମହୁଲ ପୋଚ, ଗୋଟିଏ ୪ ଚକିଆ ଯାନ ଓ ୪ଟି ବାଇକ୍ ଜବତ କରିଛି।

ଏହି ସ୍ୱତନ୍ତ୍ର ଅପରେସନ୍ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଜି ଆର୍ ରାଘବେନ୍ଦ୍ରଙ୍କ ପ୍ରତ୍ୟକ୍ଷ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏହି ରେଡିଂ ଟିମ୍‌ରେ ଆଇୟୁସିଏଡବ୍ଲ୍ୟୁର ଅତିରିକ୍ତ ଏସ୍ପି, ମୁଖ୍ୟାଳୟ ଅତିରିକ୍ତ ଏସ୍ପି, ଆଇୟୁସିଏଡବ୍ଲ୍ୟୁର ଡିଏସ୍ପି, ଲଖନପୁର ଥାନା ଆଇଆଇସି, ରେଙ୍ଗାଲି ଥାନା ଓଆଇସିଙ୍କ ସମେତ ଅନ୍ୟାନ୍ୟ ପୁଲିସ୍ ଅଧିକାରୀ ଓ ୩ ପ୍ଲାଟୁନ୍ ପୁଲିସ୍ ଫୋର୍ସ ନିୟୋଜିତ ହୋଇଥିଲେ। ଲଖନପୁରର ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ତଥା ଅତିରିକ୍ତ ତହସିଲଦାର୍‌ଙ୍କ ପ୍ରତ୍ୟକ୍ଷ ଉପସ୍ଥିତିରେ ଏହି ସମଗ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିଲା। ଅଭିଯୁକ୍ତମାନେ ଯେପରି ହୀରାକୁଦ ଜଳଭଣ୍ଡାରର ଜଳପଥ କିମ୍ବା ଦୁର୍ଗମ ଅଞ୍ଚଳର ସୁଯୋଗ ନେଇ ଫେରାର୍ ନହୋଇପାରିବେ ସେଥିପାଇଁ ପୁଲିସ୍ ଟିମ୍ ପକ୍ଷରୁ ଏକକାଳୀନ ବିଭିନ୍ନ ଘର ସର୍ଚ୍ଚ କରାଯିବା ସହ କମ୍ବିଂ ଅପରେସନ୍ କରାଯାଇଥିଲା। ଏହି ସମୟରେ ପୁଲିସ୍ ସେଠାରେ ବେଆଇନ୍ ଭାବେ ଚାଲିଥିବା ଏକାଧିକ ମଦ ପ୍ରସ୍ତୁତି କେନ୍ଦ୍ର ଠାବ କରିଥିବା ଜଣାପଡ଼ିଛି।

**AFFIDAVIT**

By virtue of an affidavit sworn before Executive Magistrate, Balasore on Dated 26th May 2026, I, Mr. ARUN KASHYAP, Address OPPOSITE OF H/256, SECTOR – 2, P.S. SECTOR – 3, ROURKELA - 769006, DIST-SUNDARGARH, ODISHA, declare that I have changed my name from "ARUN KUMAR DARJI" to "ARUN KASHYAP". Henceforth, I shall be known as "**ARUN KASHYAP**" for all purposes.

ARUN KASHYAP

**AFFIDAVIT**

By virtue of an affidavit sworn before the EXECUTIVE MAGISTRATE, KEONJHAR, dated 21/05/2026 I, BHAGABAN PATRA, S/o- Late Haguru Patra of vill- Satasingha, Po- DD College, Ps- Town, Dist- Keonjhar, Pin-758001 Declare that I have changed my son's name from GUPAI PATRA to GOPAL PATRA. Hence forth, he shall be known as **GOPAL PATRA** for all purposes.

BHAGABAN PATRA

**AFFIDAVIT**

By virtue of an affidavit sworn before the Executive Magistrate, BANAPUR, affidavit Sl No-1910/dated 26.05.2026, I Hadubandhu Jena, aged about 44yrs, S/o-Late Meghasan Jena, Vill-Deogaon, Po- Odagaon, Ps-Nachuni, Dt-Khordha, Odisha, Pin-752035, do hereby declare that my wife is expired on 25/03/2020 and my wife name mentioned in death certificate Suchitra Jena. but in Lic Policy No-(589978988) her name is Jhunulata Jena to Suchitra Jena. Henceforth, I shall be known as my wife name Suchitra Jena for all purposes.

Hadubandhu Jena

**ପୋଷ୍ୟସନ୍ତାନ ଗ୍ରହଣ**

# ଝାଡ଼ଖଣ୍ଡର ଦମ୍ପତିଙ୍କୁ ମିଳିଲା ଅଧିକାର

**ମାଲକାନଗିରି, ୨୬।୫/ଏନ୍ଏନ୍ଏସ୍:** ଶିଶୁ ସୁରକ୍ଷା, କଲ୍ୟାଣ ଓ ଥଇଥାନ କ୍ଷେତ୍ରରେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ମାଲକାନଗିରି ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏକ ଆନ୍ତଃରାଜ୍ୟ ପୋଷ୍ୟସନ୍ତାନ ଗ୍ରହଣ ପ୍ରକ୍ରିୟା ସମ୍ପନ୍ନ ହୋଇଛି। ନୂଆଦିଲ୍ଲୀସ୍ଥିତ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସମ୍ପଦ ପ୍ରାଧୀକରଣ ଦ୍ୱାରା ପୂର୍ବରୁ ଅନୁମୋଦିତ ଏହି ମାମଲାରେ ଜିଲ୍ଲାପାଳଙ୍କ ଦ୍ୱାରା ଚୂଡ଼ାନ୍ତ ପୋଷ୍ୟସନ୍ତାନ ଆଦେଶ ଜାରି କରାଯାଇଛି। ଏହାସହ ଝାଡ଼ଖଣ୍ଡର ଆଶାୟୀ ଦମ୍ପତିଙ୍କୁ ଏହି ଶିଶୁର ସମ୍ପୂର୍ଣ୍ଣ ଆଇନଗତ ଅଭିଭାବକତ୍ୱ ପ୍ରଦାନ କରାଯାଇଛି।

ସୂଚନାଯୋଗ୍ୟ କେନ୍ଦ୍ରୀୟ ପୋଷ୍ୟସନ୍ତାନ ସମ୍ପଦ ପ୍ରାଧୀକରଣର ନିୟମାନୁସାରେ ସମ୍ପୃକ୍ତ ଶିଶୁକୁ ପୂର୍ବରୁ ଝାଡ଼ଖଣ୍ଡର ଆଶାୟୀ ପିତାମାତାଙ୍କୁ ପ୍ରାକ୍-ପୋଷ୍ୟସନ୍ତାନ ପାଳନ ଅଧୀନରେ ହସ୍ତାନ୍ତର କରାଯାଇଥିଲା। ଫୋଷ୍ଟର୍ କେୟାର୍ ଅବଧି ମଧ୍ୟରେ ସମସ୍ତ ନିୟମାବଳୀର ସଫଳ ଅନୁପାଳନ ଏବଂ ଯାଞ୍ଚ ପରେ ମଙ୍ଗଳବାର ଜିଲ୍ଲାପାଳଙ୍କ କୋର୍ଟରେ ଏହି ଆଇନଗତ ପ୍ରକ୍ରିୟାର ଅନ୍ତ ଘଟିଛି। ଏହି ଚୂଡ଼ାନ୍ତ ଆଦେଶ ବଳରେ ଶିଶୁଟି ବର୍ତ୍ତମାନ ତା'ର ନୂତନ ପରିବାରର ଏକ ବୈଧ ସଦସ୍ୟ ଭାବେ ମାନ୍ୟତା ପାଇଛି। ଏହି ଅବସରରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଖୁସିବ୍ୟକ୍ତ କରି କହିଛନ୍ତି ଯେ ପ୍ରତ୍ୟେକ ଶିଶୁର ଏକ ସୁରକ୍ଷିତ ପରିବେଶ ମଧ୍ୟରେ ବଢ଼ିବାର ଏବଂ ନିଜର ଭବିଷ୍ୟତ ଗଢ଼ିବାର ମୌଳିକ ଅଧିକାର ରହିଛି। ଆଜି ଏହି ଆଇନଗତ ପ୍ରକ୍ରିୟାକୁ ସଫଳତାର ସହ ଶେଷ କରି ଶିଶୁଟିକୁ ତା'ର ସ୍ଥାୟୀ ପରିବାର ନିକଟରେ ହସ୍ତାନ୍ତର କରି ଜିଲ୍ଲା ପ୍ରଶାସନ ଅତ୍ୟନ୍ତ ଆନନ୍ଦିତ। ଝାଡ଼ଖଣ୍ଡରୁ ଆସିଥିବା ଏହି ନୂତନ ଦମ୍ପତିଙ୍କୁ ଜିଲ୍ଲାପାଳ ଶୁଭେଚ୍ଛା ଜଣାଇବା ସହ ଶିଶୁର ସୁଖମୟ ଜୀବନ କାମନା କରିଛନ୍ତି। ଏହି ସମଗ୍ର ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ କରିଥିବାରୁ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଏବଂ ସମ୍ପୃକ୍ତ ସ୍ପେଶାଲାଇଜଡ୍ ଆଡପସନ୍ ଏଜେନ୍ସିର ସମସ୍ତ କର୍ମଚାରୀଙ୍କୁ ମଧ୍ୟ ଜିଲ୍ଲାପାଳ ଧନ୍ୟବାଦ ଜଣାଇଛନ୍ତି।



**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, (ରାସ୍ତା ଓ ଗୃହ) ବିଭାଜନ ବଲାଙ୍ଗିର**

ଓଡ଼ିଶା ସରକାର

**OFFICE OF THE SUPERINTENDING ENGINEER, BALANGIR (R&B) DIVISION**

e-Procurement Notice

**BID IDENTIFICATION No.: BGR (R&B) / 02/2026-27**

No. 2631 Dtd. 21.05.2026

34001/262/2627

1. The Superintending Engineer, Balangir (R&B) Division, Balangir on behalf of Governor of Odisha invites percentage rate Composite bid in Double covey system in ONLINE MODE for the construction of works detailed in the table below from "B" Class Contractors registered with the State Governments and contractors of equivalent Grade / Class registered with Central Government / MES / Railways for execution of Road / Building / Bridge works. The proof of registration from the appropriate authority shall be enclosed along with the bid.
2. Nature of work : Building work
3. No. of tender : Building work : 1 Nos.
4. Tender Cost : Rs. 10,000.00
5. Class of Contractor : "B" Class (Registered with CDMS)
6. Date & time of sale & receipt of bids : From dtd.28.05.2026, 10.00 AM to Dtd. 11.06.2026 up to 05.00 PM
7. Date of opening Bid : Dtd. 12.06.2026 at 11.00 AM
8. The bidders have to participate in ONLINE bidding only. Further details can be seen from the website : http://tendersorissa.gov.in. All future corrigendums will be available on ONLINE MODE only.

Sd/- Superintending Engineer
Bolangir (R&B) Division

OIPR-34001/34028/1/26-27/0002

## ଜୁନ୍ ୧ରୁ ସେନା ବାହିନୀର ଅନ୍‌ଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା

### ଓଡ଼ିଶାର ୭ ସହରରେ କେନ୍ଦ୍ର ପ୍ରସ୍ତୁତ

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ଅଗ୍ନିପଥ ଯୋଜନା ଏବଂ ନିୟମିତ କ୍ୟାଡରର ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଆସନ୍ତା ଜୁନ୍ ୧, ୨୦୨୬ରୁ ଜୁନ୍ , ୧୨ ଜୁନ୍, ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ନିଯୁକ୍ତି ବର୍ଷ ୨୦୨୭-୨୦୨୮ ପାଇଁ ଭାରତୀୟ ସେନାରେ ନିଯୁକ୍ତି ନିମନ୍ତେ ଏହି ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା କରାଯାଉଛି। କୋଲକାତାର ନିଯୁକ୍ତି ଜୋନରେ ସିକିମ୍, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ରାଜ୍ୟର ୧୭ଟି ସହରର ୨୨ଟି କେନ୍ଦ୍ରରେ ଏହି ପରୀକ୍ଷା ପରିଚାଳନା କରାଯିବାର ବ୍ୟବସ୍ଥା ହୋଇଛି। ବିଶେଷ କରି ଓଡ଼ିଶା ରାଜ୍ୟ ପାଇଁ ଏହି ପରୀକ୍ଷା ସାତଟି ପ୍ରମୁଖ ସହର ଯଥା କଟକ, ଭୁବନେଶ୍ୱର, ଢେଙ୍କାନାଳ, ରାଉରକେଲା, ସମ୍ବଲପୁର, ବାଲେଶ୍ୱର ଏବଂ ବ୍ରହ୍ମପୁର (ଗଞ୍ଜାମ)ଠାରେ ଅନୁଷ୍ଠିତ ହେବ।
ଏହି ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ନିମନ୍ତେ ଆବେଦନ କରିବା ପାଇଁ ପଞ୍ଜିକରଣ ସମୟ ଗତ ଏପ୍ରିଲ୍ ୧୦, ୨୦୨୬ରେ ବନ୍ଦ ହୋଇଯାଇଥିଲା। ଯୋଗ୍ୟ ପ୍ରାର୍ଥୀମାନେ ମେ ୧୫, ୨୦୨୬ଠାରୁ ଭାରତୀୟ ସେନାର ଅଫିସିଆଲ୍ ୱେବ୍‌ସାଇଟ୍ www.joinindianarmy.nic.inରୁ ସେମାନଙ୍କର ପ୍ରବେଶ ପତ୍ର ଦେଖିପାରିବେ ଏବଂ ଏହାକୁ ଡାଉନଲୋଡ୍ ମଧ କରିପାରିବେ। ସଫଳତାର ସହ ପଞ୍ଜିକୃତ ହୋଇଥିବା ଯେଉଁ ପ୍ରାର୍ଥୀମାନେ ଏପର୍ଯ୍ୟନ୍ତ ସେମାନଙ୍କର ପ୍ରବେଶ ପତ୍ର ପାଇନାହାନ୍ତି, ସେମାନେ ନିଜର ସମ୍ପୃକ୍ତ ସେନା ନିଯୁକ୍ତି କାର୍ଯ୍ୟାଳୟ (ଏଆରଓ) ସହିତ ତୁରନ୍ତ ଯୋଗାଯୋଗ କରିପାରିବେ ବୋଲି ସୂଚନା ଦିଆଯାଇଛି। ଏହା ସହିତ କମ୍ପ୍ୟୁଟର ଆଧାରିତ ଅନଲାଇନ୍ ପରୀକ୍ଷାକୁ ଭଲ ଭାବେ ବୁଝିବା ଏବଂ ଏହାର ଅଭ୍ୟାସ କରିବା ପାଇଁ ପ୍ରାର୍ଥୀମାନଙ୍କୁ ଭାରତୀୟ ସେନାର ସେହି ସମାନ ୱେବସାଇଟ୍ ପରିଦର୍ଶନ କରିବାକୁ ପରାମର୍ଶ ଦିଆଯାଇଛି। ଅନଲାଇନ୍ ସାଧାରଣ ପ୍ରବେଶିକା ପରୀକ୍ଷା ଶେଷ ହେବା ପରେ ମନୋନୀତ ପ୍ରାର୍ଥୀମାନଙ୍କୁ ସେମାନଙ୍କର ଫଳାଫଳ ଏବଂ ପରବର୍ତ୍ତୀ ନିଯୁକ୍ତି ରାଲିର କାର୍ଯ୍ୟସୂଚୀ ବିଷୟରେ ଯଥାସମୟରେ ସୂଚିତ କରାଯିବ। ସେନା ନିଯୁକ୍ତି ପ୍ରକ୍ରିୟା ସମ୍ପୂର୍ଣ୍ଣ ସ୍ୱଚ୍ଛ ଥିବାରୁ ପ୍ରାର୍ଥୀମାନେ ଯେପରି କୌଣସି ମଧ୍ୟସ୍ଥି ବା ଦଲାଲ୍‌ଙ୍କ ଶିକାର ନ ହୁଅନ୍ତି, ସେଥିପାଇଁ ସେମାନଙ୍କୁ ସତର୍କ କରାଇ ଦିଆଯାଇଛି। ପରୀକ୍ଷା ଓ ନିଯୁକ୍ତି ସମ୍ବନ୍ଧୀୟ ଯେକୌଣସି ପ୍ରଶ୍ନ ବା ସନ୍ଦେହ ଥିଲେ ପ୍ରାର୍ଥୀମାନେ ସେମାନଙ୍କର ନିକଟତମ କିମ୍ବା ପ୍ରାସଙ୍ଗିକ ସେନା ନିଯୁକ୍ତି କାର୍ଯ୍ୟାଳୟ ସହିତ ସିଧାସଳଖ ଯୋଗାଯୋଗ କରିବା ଉଚିତ ବୋଲି ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରାଯାଇଛି।

# ୧.୮୭ ଲକ୍ଷ କୋଟି ଅତିକ୍ରମ କଲା ଖଦି ଓ ଗ୍ରାମୋଦ୍ୟୋଗ କାରବାର

### ରୋଜଗାର ଓ ଉତ୍ପାଦନରେ ନୂତନ ରେକର୍ଡ

**ନୂଆଦିଲ୍ଲୀ,୨୬ା୫/ଏନ୍ଏନ୍ଏସ୍:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ଏବଂ ମାର୍ଗଦର୍ଶନରେ ଖଦି ଏବଂ ଗ୍ରାମୋଦ୍ୟୋଗ ଆୟୋଗ କାର୍ଯ୍ୟଦକ୍ଷତାର ନୂତନ ମାନଦଣ୍ଡ ସ୍ଥାପନ କରିଛି। ଖଦି ଏବଂ ଗ୍ରାମୋଦ୍ୟୋଗ କ୍ଷେତ୍ର ଗତ ୧୨ ବର୍ଷ ମଧ୍ୟରେ ଅସାଧାରଣ ବୃଦ୍ଧି ଏବଂ ପରିବର୍ତ୍ତନର ଏକ ଐତିହାସିକ ଯାତ୍ରା ଅତିକ୍ରମ କରି ପ୍ରଥମ ଥର ପାଇଁ ୧.୮୭ ଲକ୍ଷ କୋଟି ଟଙ୍କାର କାରବାର ଅତିକ୍ରମ କରିବା ସହ ଏକ ଅଭୂତପୂର୍ବ ସଫଳତା ହାସଲ କରିଛି। ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟମ ମନ୍ତ୍ରଣାଳୟ, ଭାରତ ସରକାରଙ୍କ ଅଧୀନରେ ଥିବା ଏହି ଆୟୋଗର ଦୁଇ ହଜାର ପଚିଶି-ଛବିଶି ଆର୍ଥିକ ବର୍ଷର ଅସ୍ଥାୟୀ ଆଙ୍କଡ଼ା ପ୍ରକାଶ କରି ଆୟୋଗର ଅଧ୍ୟକ୍ଷ ମନୋଜ କୁମାର କ୍ଷେତ୍ରର ଏହି ରେକର୍ଡ ସୃଷ୍ଟିକାରୀ ପ୍ରଗତି ଉପରେ ସୂଚନା ଦେଇଛନ୍ତି।

ନୂଆଦିଲ୍ଲୀର ରାଜଘାଟସ୍ଥିତ ଗାନ୍ଧୀ ଦର୍ଶନରେ ଅବସ୍ଥିତ କାର୍ଯ୍ୟାଳୟରେ ଏହି ତଥ୍ୟ ପ୍ରକାଶ କରି ସେ କହିଛନ୍ତି ଯେ ଖଦି ଏବଂ ଗ୍ରାମୋଦ୍ୟୋଗ ଉତ୍ପାଦର ବିକ୍ରୟ ଐତିହାସିକ ଭାବେ ୧,୮୭,୧୦୫ କୋଟି ଟଙ୍କାରେ ପହଞ୍ଚିଛି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତର ସର୍ବାଧିକ ବିକ୍ରୟ ଆଙ୍କଡ଼ା ଏବଂ ଏହା ଗ୍ରାମୀଣ ଭାରତର ବୃଦ୍ଧିଶୀଳ ଉଦ୍ୟମିତା, ଆତ୍ମନିର୍ଭରତା ଏବଂ ଆର୍ଥିକ ସଶକ୍ତିକରଣର ଏକ ସଶକ୍ତ ପ୍ରମାଣ। ଦୁଇ ହଜାର ତେର-ଚଉଦ ଅନୁପାତରେ ଗତ ୧୨ ବର୍ଷ ମଧ୍ୟରେ ଏହି କ୍ଷେତ୍ରର ଉତ୍ପାଦନ ପ୍ରାୟ ପାଞ୍ଚ ଗୁଣ ବୃଦ୍ଧି ପାଇ ୩୮୦ ପ୍ରତିଶତ ବୃଦ୍ଧି ହୋଇଥିବାବେଳେ ବିକ୍ରୟରେ ଛଅ ଗୁଣରୁ ଅଧିକ ବୃଦ୍ଧି ସହ ୫୦୧ ପ୍ରତିଶତ ଅଭିବୃଦ୍ଧି ଦେଖାଯାଇଛି। ରୋଜଗାର ସୃଷ୍ଟି କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ହୋଇଛି ଏବଂ ଗତ ୧୨ ବର୍ଷ ମଧ୍ୟରେ ୫୬ ପ୍ରତିଶତ ବୃଦ୍ଧି ସହ ୨.୦୪ କୋଟି ଲୋକଙ୍କୁ ରୋଜଗାର ପ୍ରଦାନ କରାଯାଇଛି, ଯାହା ପୂର୍ବରୁ ଦୁଇ ହଜାର ତେର-ଚଉଦରେ ୧.୩୦ କୋଟି ଥିଲା। ମନୋଜ କୁମାର ଏହି ପ୍ରଦର୍ଶନକୁ ବିକଶିତ ଭାରତର ସଂକଳ୍ପକୁ ତ୍ୱରାନ୍ୱିତ କରିବା ଏବଂ ଭାରତକୁ ବିଶ୍ୱର ଅଗ୍ରଣୀ ଅର୍ଥନୀତି ମଧ୍ୟରେ ସ୍ଥାନ ପ୍ରଦାନ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ମନେ କରିଛନ୍ତି ଏବଂ ଏହି ସଫଳତାର ଶ୍ରେୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ, ମହାତ୍ମା ଗାନ୍ଧୀଙ୍କ ଚିନ୍ତାଧାରା ଏବଂ ଗ୍ରାମାଞ୍ଚଳର ଲକ୍ଷ ଲକ୍ଷ କାରିଗରଙ୍କ କଠିନ ପରିଶ୍ରମକୁ ଦେଇଛନ୍ତି। ପୂର୍ବବର୍ଷଗୁଡ଼ିକର ବୃଦ୍ଧି ଅନୁସାରେ, ଦୁଇ ହଜାର ଚବିଶି-ପଚିଶି ଆର୍ଥିକ ବର୍ଷରେ ବିକ୍ରୟରେ ୪୪୭ ପ୍ରତିଶତ ଓ ଉତ୍ପାଦନରେ ୩୪୭ ପ୍ରତିଶତ ବୃଦ୍ଧି ଘଟିଥିବାବେଳେ ୨୦୨୩-୨୪ ବିକ୍ରୟରେ ୪୦୦ ପ୍ରତିଶତ ଏବଂ ଉତ୍ପାଦନରେ ୩୧୫ ପ୍ରତିଶତ ବୃଦ୍ଧି ଦେଖାଯାଇଥିଲା। ଆତ୍ମନିର୍ଭର ଭାରତ, ସ୍ଥାନୀୟ ଉତ୍ପାଦକୁ ପ୍ରୋତ୍ସାହନ ଏବଂ ଏହାକୁ ବୈଶ୍ୱିକ ସ୍ତରରେ ପହଞ୍ଚାଇବା ଭଳି ଜାତୀୟ ଅଭିଯାନରୁ ପ୍ରେରିତ ହୋଇ ଆଜି ଖଦି କେବଳ ଏକ ପାରମ୍ପରିକ ଉତ୍ପାଦ ନୁହେଁ, ବରଂ ଏହା ନୂଆ ଭାରତର ଆତ୍ମନିର୍ଭର, ସ୍ୱଦେଶୀ ଗୌରବ ଏବଂ ଗ୍ରାମୀଣ ସମୃଦ୍ଧିର ଏକ ସଜୀବ ପ୍ରତୀକ ଭାବେ ପରିଣତ ହୋଇଛି। ଖଦି ବସ୍ତ୍ର କ୍ଷେତ୍ରରେ ୨୦୧୩-୧୪ ମସିହାରେ ଉତ୍ପାଦନ ୮୧୧ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହା ପ୍ରାୟ ୩୯୦ ପ୍ରତିଶତ ବୃଦ୍ଧି ସହ ୩,୯୭୪ କୋଟି ଟଙ୍କାରେ ପହଞ୍ଚିଛି ଏବଂ ବିକ୍ରୟ ୧,୦୮୧ କୋଟି ଟଙ୍କାରୁ ବୃଦ୍ଧି ପାଇ ୭,୮୬୯ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପ୍ରାୟ ୬୨୮ ପ୍ରତିଶତ ବୃଦ୍ଧିକୁ ପ୍ରତିଫଳିତ କରୁଛି। ସେହିପରି ଗ୍ରାମୋଦ୍ୟୋଗ କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ପ୍ରଗତି ଦେଖାଯାଇଛି, ଯେଉଁଠାରେ ୨୦୧୩-୧୪ ମସିହାରେ ଉତ୍ପାଦନ ୨୫,୨୯୮ କୋଟି ଟଙ୍କା ଥିବାବେଳେ ୨୦୨୫-୨୬ରେ ଏହା ପ୍ରାୟ ୩୮୦ ପ୍ରତିଶତ ବୃଦ୍ଧି ସହ ୧,୨୧,୩୨ କୋଟି ଟଙ୍କାରେ ପହଞ୍ଚିଛି ଏବଂ ବିକ୍ରୟ ୩୦,୦୭୩ କୋଟି ଟଙ୍କାରୁ ବୃଦ୍ଧି ପାଇ ୧,୭୯,୨୩୬ କୋଟି ଟଙ୍କାରେ ପହଞ୍ଚିଛି, ଯାହା ପ୍ରାୟ ୪୯୬ ପ୍ରତିଶତ ବୃଦ୍ଧି। ଗ୍ରାମୋଦ୍ୟୋଗ କ୍ଷେତ୍ରରେ ୨୦୧୩-୧୪ରେ ୧.୧୯ କୋଟି ଲୋକ ନିଯୁକ୍ତ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ବୃଦ୍ଧି ପାଇ ପ୍ରାୟ ୧.୯୯ କୋଟିରେ ପହଞ୍ଚିଛି। ପ୍ରଧାନମନ୍ତ୍ରୀ ରୋଜଗାର ସୃଜନ କାର୍ଯ୍ୟକ୍ରମ ଅଧୀନରେ ୨୦୨୫-୨୬ ଆର୍ଥିକ ବର୍ଷରେ ୬୬,୪୯୪ ନୂତନ ଉଦ୍ୟୋଗ ସ୍ଥାପନ କରାଯାଇ ସେଗୁଡ଼ିକ ପାଇଁ ୭,୩୭୫ କୋଟି ଟଙ୍କା ଋଣ ବାବଦରେ ୨,୪୫୭ କୋଟି ଟଙ୍କାର ସରକାରୀ ସହାୟତା ବଣ୍ଟନ କରାଯାଇଛି, ଯାହା ମାଧ୍ୟମରେ ୭,୩୧,୪୩୪ ଲୋକଙ୍କୁ ରୋଜଗାର ସୁଯୋଗ ପ୍ରଦାନ କରାଯାଇଛି। ଯୋଜନା ଆରମ୍ଭ ହେବା ପରଠାରୁ ଏପର୍ଯ୍ୟନ୍ତ ମୋଟ ୧୦,୮୪,୬୭୯ ଉଦ୍ୟୋଗ ସ୍ଥାପିତ ହୋଇ ୯୭.୫ ଲକ୍ଷ ଲୋକଙ୍କୁ ରୋଜଗାର ମିଳିଛି। ଗ୍ରାମୋଦ୍ୟୋଗ ବିକାଶ ଯୋଜନା ଅଧୀନରେ ବର୍ତ୍ତମାନ ସୁଦ୍ଧା ମୋଟ ୩,୨୩,୦୦୬ ମେସିନ୍, ଟୁଲ୍-କିଟ୍ ଏବଂ ଉପକରଣ ବଣ୍ଟନ କରାଯାଇଛି, ଯେଉଁଥିରେ ବହୁ ସଂଖ୍ୟାରେ କୁମ୍ଭକାର ଚକ, ମହୁବାକ୍ସ, ଅଗରବତୀ ନିର୍ମାଣ ମେସିନ୍, ପାଦୁକା ମରାମତି କିଟ୍, ସିଲେଇ ଏବଂ ମୋବାଇଲ୍ ମରାମତି ଉପକରଣ ଅନ୍ତର୍ଭୁକ୍ତ। ୨୦୨୫-୨୬ରେ ଏହି ଯୋଜନା ଅଧୀନରେ ୩୭,୭୬୯ ମେସିନ୍ ଓ ଉପକରଣ ବଣ୍ଟନ କରାଯାଇଛି। ମହିଳା ସଶକ୍ତିକରଣ କ୍ଷେତ୍ରରେ ଆୟୋଗର ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭାଗ ନେଇଥିବା ୭୯,୬୮୨ ପ୍ରଶିକ୍ଷାର୍ଥୀଙ୍କ ମଧ୍ୟରୁ ପ୍ରାୟ ୫୯ ପ୍ରତିଶତ ଅର୍ଥାତ୍ ୪୭,୩୮୨ ଜଣ ମହିଳା ଥିଲେ ଏବଂ ଖଦି କ୍ଷେତ୍ରର ପ୍ରାୟ ୫ ଲକ୍ଷ କାରିଗରଙ୍କ ମଧ୍ୟରୁ ୮୦ ପ୍ରତିଶତରୁ ଅଧିକ ମହିଳା ଅଟନ୍ତି। କାରିଗରମାନଙ୍କୁ ପ୍ରଦାନ କରାଯାଉଥିବା ପାରିଶ୍ରମିକ ପ୍ରତି ହାଙ୍କ ପିଛା ୪ ଟଙ୍କାରୁ ୧୫ ଟଙ୍କାକୁ ବୃଦ୍ଧି ପାଇଛି, ଯାହା ପ୍ରାୟ ୨୭୫ ପ୍ରତିଶତ ବୃଦ୍ଧିକୁ ଦର୍ଶାଉଛି। ଏହା ସହିତ ସରକାରୀ କ୍ରୟ ୯୨.୦୮ କୋଟି ଟଙ୍କାକୁ ବୃଦ୍ଧି ପାଇଥିବାବେଳେ ପ୍ରଦର୍ଶନୀ ମାଧ୍ୟମରେ ୩୦.୮୩ କୋଟି ଟଙ୍କାର ବିକ୍ରୟ ରେକର୍ଡ କରାଯାଇଛି। ଦେଶରେ ଚାଲିଥିବା ଜନଆନ୍ଦୋଳନ ପ୍ରଭାବରେ ଜାତୀୟ ପତାକା ବିକ୍ରୟ ମଧ୍ୟ ୨୦୧୩-୧୪ରେ ୦.୮୭ କୋଟି ଟଙ୍କାରୁ ବୃଦ୍ଧି ପାଇ ୨୦୨୫-୨୬ ଆର୍ଥିକ ବର୍ଷରେ ୨.୩୫ କୋଟି ଟଙ୍କାରେ ପହଞ୍ଚିଛି।



### ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଜାରି ରହିଛି ପରିବହନ ବିଭାଗର ସ୍ୱତନ୍ତ୍ର ଅଭିଯାନ

## ୩ ଦିନରେ ୪,୬୧୧ ଇ-ଚାଲାଣ, ୨୧ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଜରିମାନା

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ସଡ଼କ ଦୁର୍ଘଟଣା ହ୍ରାସ ଲକ୍ଷ୍ୟରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ସାରା ରାଜ୍ୟରେ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ସ୍ୱତନ୍ତ୍ର ଯାଞ୍ଚ ଅଭିଯାନ ଜାରି ରହିଛି। ଗତ ତିନି ଦିନ ମଧ୍ୟରେ ନିୟମ ଉଲ୍ଲଙ୍ଘନକାରୀଙ୍କ ବିରୋଧରେ ଜରିମାନା ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତିନି ଦିନରେ ମୋଟ ୪, ୬୧୧ଟି ଇ-ଚାଲାଣ ଜାରି କରାଯିବା ସହ ୨୧ ଲକ୍ଷରୁ ଅଧିକ ଟଙ୍କାର ଜରିମାନା ଆଦାୟ ହୋଇଛି। ଏଥିସହିତ ନିୟମ ଉଲ୍ଲଂଘନ କରିଥିବା ୮ଟି ଗାଡ଼ିକୁ ଜବତ କରାଯାଇଥିବା ବେଳେ ୯୩ଟି ଡ୍ରାଇଭିଂ ଲାଇସେନ୍ସ ବାତିଲ କରାଯାଇଛି। ଆନ୍ତଃରାଜ୍ୟ ବସ୍‌ଗୁଡ଼ିକର ପରମିଟ୍, ଫିଟନେସ୍ ଏବଂ ଟିକସ ଯାଞ୍ଚ, ଦ୍ରୁତଗତିରେ ଗାଡ଼ି ଚାଳନା, ବିନା ହେଲମେଟ୍‌ରେ ଗାଡ଼ି ଚାଳନା, ମଦ୍ୟପାନ କରି ଗାଡ଼ି ଚଲାଇବା, ବିପରୀତ ଦିଗରେ ଗାଡ଼ି ଚଲାଇବା, ଦୁଇଚକିଆ ଯାନରେ ଦୁଇରୁ ଅଧିକ ଯାତ୍ରୀ ସହ ଅନ୍ୟାନ୍ୟ ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନର ଯାଞ୍ଚ କରାଯାଉଛି। ଦ୍ରୁତଗତିରେ ଗାଡ଼ି ଚଲାଇବା ଯୋଗୁଁ ୧,୨୮୯ଟି ଏବଂ ବିନା ହେଲମେଟ୍‌ରେ ଗାଡ଼ି ଚାଳନା ଯୋଗୁଁ ୧,୨୧୯ଟି ଚାଲାଣ ଜାରି କରାଯାଇଛି। ସେହିପରି ମଦ୍ୟପାନ କରି ଗାଡ଼ି ଚଳାଇବା ଯୋଗୁଁ ୧୯୫ଟି ଚାଲାଣ ଏବଂ ବେଆଇନ ପାର୍କିଂ ପାଇଁ ୧୪୬ଟି ଚାଲାଣ ଜାରି ହୋଇଛି। କଟକ ଆର୍‌ଟିଓ ୩୪୯ଟି ଚାଲାଣ ଜାରି କରିଥିବା ବେଳେ ଭୁବନେଶ୍ୱର-୧ ୩୩୩ଟି, ବାଲେଶ୍ୱର ୨୯୮ଟି, ଝାରସୁଗୁଡ଼ା ୨୯୩ଟି ଏବଂ ପୁରୀ ଆର୍‌ଟିଓ ୧୪୯ଟି ଚାଲାଣ ଜାରି କରିଛନ୍ତି। ସେହିପରି ଜରିମାନା ଆଦାୟ କ୍ଷେତ୍ରରେ ଖୋର୍ଦ୍ଧା ଏଆର୍‌ଟିଓ ୭.୮୬ ଲକ୍ଷ ଟଙ୍କା ସଂଗ୍ରହ କରିଥିବା ବେଳେ ପୁରୀ ଆର୍‌ଟିଓ ୩.୨୦ ଲକ୍ଷ ଟଙ୍କା, ବୌଦ୍ଧ ଆର୍‌ଟିଓ ୨.୨୩ ଲକ୍ଷ ଟଙ୍କା, ଝାରସୁଗୁଡ଼ା ଆର୍‌ଟିଓ ୧.୯୪ ଲକ୍ଷ ଟଙ୍କା ଏବଂ ଭୁବନେଶ୍ୱର-୧ ଆରଟିଓ ୧.୫୩ ଲକ୍ଷ ଟଙ୍କା ଜରିମାନା ବାବଦକୁ ଆଦାୟ କରିଛନ୍ତି। ଆଗକୁ ମଧ୍ୟ ଏହି ଯାଞ୍ଚ ବ୍ୟବସ୍ଥା ବ୍ୟାପକ ଭାବେ ଜାରି ରହିବ। ତେଣୁ ସମସ୍ତ ଗାଡ଼ି ମାଲିକ ଓ ଚାଳକମାନଙ୍କୁ ମୋଟର ଯାନ ଆଇନକୁ ସଠିକ୍ ପାଳନ କରି ସୁରକ୍ଷିତ ଭାବେ ଘରକୁ ଫେରିବାକୁ ରାଜ୍ୟ ପରିବହନ ପ୍ରାଧିକରଣ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

## ପ୍ଲଟ୍ ମିଶ୍ରଣ କଲେ ମିଳିବ ୬୦ ପ୍ରତିଶତ ଜମି ଓ ପ୍ରୋତ୍ସାହନ

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଜୋନ୍-୧ରେ ସହର ପରିକଳ୍ପନା ଯୋଜନା ଅଧୀନରେ ଜମି ଅଂଶ ପୁନର୍ଗଠନ ପାଇଁ ଏକ ଚିଠା ସ୍ୱାଭାବିକ କାର୍ଯ୍ୟନିର୍ବାହୀ ପ୍ରଣାଳୀ ପ୍ରକାଶ କରିଛି। ସ୍ୱଚ୍ଛ, ନିରପେକ୍ଷ ଏବଂ ସଂରଚିତ ସହରାଞ୍ଚଳ ବିକାଶ ସୁନିଶ୍ଚିତ କରିବା ଏହି ଯୋଜନାର ମୂଳ ଲକ୍ଷ୍ୟ, ଯାହା ମଳିପଡ଼ା ଏବଂ ଦାସପୁର ରାଜସ୍ୱ ଗ୍ରାମ ଅଧୀନରେ ଥିବା ଅଞ୍ଚଳଗୁଡ଼ିକ ପାଇଁ ଲାଗୁ ହେବ। ଏହି ପ୍ରକ୍ରିୟା ଦ୍ୱାରା ପ୍ଲଟ୍ ପୁନର୍ଗଠନକୁ ସହଜ କରି ଜମି ମାଲିକମାନଙ୍କୁ ସର୍ବାଧିକ ଲାଭ ପ୍ରଦାନ କରିବା ସହ ବିବାଦମୁକ୍ତ ଜମି ବଣ୍ଟନ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି।
ଏହି ନୂତନ ବ୍ୟବସ୍ଥାରେ ସମାନ ମୌଜା ମଧ୍ୟରେ ପ୍ଲଟ୍‌ଗୁଡ଼ିକର ସ୍ୱେଚ୍ଛାକୃତ ମିଶ୍ରଣ ପାଇଁ ସୁବିଧା କରାଯାଇଛି। ପ୍ରସ୍ତାବ ଅନୁଯାୟୀ, ଜମି ମାଲିକମାନେ ନିଜ ପ୍ଲଟ୍ ମିଶ୍ରଣ କଲେ, ଭିତ୍ତିଭୂମି ଓ ସାର୍ବଜନୀନ ସୁବିଧା ପାଇଁ ୪୦ ପ୍ରତିଶତ ଜମି ଛାଡ଼ିବା ପରେ ଅବଶିଷ୍ଟ ୬୦ ପ୍ରତିଶତ ଜମି ଫେରସ୍ତ ପାଇବେ। ଗୋଟିଏ ମୌଜା ଭିତରେ ଭିନ୍ନ ଭିନ୍ନ ଖାତା ନମ୍ବର ଥିଲେ ମଧ୍ୟ ପ୍ଲଟ୍ ମିଶ୍ରଣ କରିବାକୁ ଅନୁମତି ମିଳିବ। ଏହି ନୀତି ପଞ୍ଜିକୃତ ଚୁକ୍ତିନାମା ମାଧ୍ୟମରେ ଏକାଧିକ ଜମି ମାଲିକଙ୍କୁ ସେମାନଙ୍କର ଛୋଟ ଛୋଟ ପ୍ଲଟ୍ ମିଶାଇ ପ୍ରଶସ୍ତ ରାସ୍ତା କଡ଼ରେ ଜମି ପାଇବାର ସୁଯୋଗ ଦେବ। ଏଥିସହ ବୃହତ ମିଶ୍ରିତ ପ୍ଲଟ୍ ପାଇଁ ସ୍ଥାନୀୟ ମେଳକ କ୍ଷେତ୍ର ଅନୁପାତ ପ୍ରୋତ୍ସାହନ ପ୍ରସ୍ତାବ ମଧ୍ୟ ଦିଆଯାଇଛି। ଏହି ଚିଠା ପ୍ରସ୍ତାବ ଉପରେ ଜମି ମାଲିକ ଓ ସାଧାରଣ ଜନତା ବିଜ୍ଞପ୍ତି ପ୍ରକାଶ ପାଇବାର ୭ ଦିନ ମଧ୍ୟରେ ନିଜର ମତାମତ ଓ ପରାମର୍ଶ ଦେଇପାରିବେ ବୋଲି ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି।

### କଲେଜ ଛାତ୍ରୀଙ୍କୁ ଦୁଷ୍କର୍ମ ଅଭିଯୋଗ ପ୍ରସଙ୍ଗ

## 'ଆମ ବସ୍' ସେବା ସମ୍ପୃକ୍ତ ନୁହେଁ: କ୍ରୁଟ୍

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ଯାତ୍ରୀଙ୍କ ମର୍ଯ୍ୟାଦା ଓ ନିରାପତ୍ତାକୁ ସର୍ବାଗ୍ରେ ଧ୍ୟାନ ଦେଇଥାଏ ଭୁବନେଶ୍ୱର ଓ କଟକର ସହରାଞ୍ଚଳରେ ସାଧାରଣ ବସ୍ ସେବା ଯୋଗାଉଥିବା ବ୍ୟାପକ ଆଞ୍ଚଳିକ ସହରାଞ୍ଚଳ ପରିବହନ ସଂସ୍ଥା ବା କ୍ରୁଟ୍। ଏହି ପରିପ୍ରେକ୍ଷୀରେ ଏକ ଦୈନିକ ଖବରକାଗଜରେ ପ୍ରକାଶିତ କଲେଜ ଛାତ୍ରୀଙ୍କ ସହ ଘଟିଥିବା ଜଘନ୍ୟ କାଣ୍ଡ ସମ୍ପର୍କିତ ଖବରକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇ ନିନ୍ଦା କରିଛି କ୍ରୁଟ୍ ପରିଚାଳନା ପକ୍ଷ। ଏହି ଅପ୍ରୀତିକର ଘଟଣାକୁ ସମ୍ପୂର୍ଣ୍ଣ ଭାବେ ଏକ ବ୍ୟକ୍ତିଗତ ଅପରାଧ ବୋଲି ଉଲ୍ଲେଖ କରିବା ସହ ଏଥିରେ 'ଆମ ବସ୍' ସେବା କୌଣସି ଭାବେ ସମ୍ପୃକ୍ତ ନୁହେଁ ବୋଲି ସଂସ୍ଥା ପକ୍ଷରୁ ସ୍ପଷ୍ଟ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ମାସରେ ଆମ ବସ୍‌ରେ ଯାତ୍ରା କରୁଥିବା ଡୁମୁଡୁମା ଅଞ୍ଚଳର ଜଣେ ସରକାରୀ କଲେଜର ଯୁକ୍ତ ତିନି ଦ୍ୱିତୀୟ ବର୍ଷର ଛାତ୍ରୀଙ୍କ ସହ ଯାଜପୁର ଜିଲ୍ଲା କାଳିଆପାଣି ଥାନା ଅନ୍ତର୍ଗତ ଶୁଖୁପୋଷି ଗାଁର ସିଙ୍ଗରାଇ ସୋରେନ୍ ଓରଫ୍ ବାପି ନାମକ ଜଣେ ବସ୍ ଡ୍ରାଇଭର ଚତୁରତା ସହ ମୋବାଇଲ୍ ନମ୍ବର ମାଗି ପରବର୍ତ୍ତୀ ସମୟରେ ଭୟଭୀତ କରି ଏକ ହୋଟେଲକୁ ନେଇ ଦୁଷ୍କର୍ମ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପୀଡ଼ିତା ଓ ତାଙ୍କ ଭାଇଙ୍କ ଅଭିଯୋଗ କ୍ରମେ ଇନଫୋସିଟି ଥାନା ପୁଲିସ ଅଭିଯୋଗକୁ ଗମ୍ଭୀରତାର ସହ ନେଇ ଅଭିଯୁକ୍ତ ବାପିକୁ ଗିରଫ କରିବା ସହ ତାର ମୋବାଇଲ୍ ଫୋନ୍ ଜବତ କରି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏ ସମ୍ପର୍କରେ ଏକ ପ୍ରେସ୍ ବିଜ୍ଞପ୍ତି ଜାରି କରି କ୍ରୁଟ୍ ପକ୍ଷରୁ କୁହାଯାଇଛି ଯେ ଏହି ଦୁଃଖଦ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ବ୍ୟକ୍ତି ଆମ ବସ୍ ଚଳାଇବା ଲାଗି ଏକ ତୃତୀୟ ପକ୍ଷ ଠିକା ବ୍ୟବସ୍ଥା ଅଧୀନରେ ନିୟୋଜିତ ଥିଲେ ଏବଂ ସେ କ୍ରୁଟ୍‌ର ସିଧାସଳଖ କର୍ମଚାରୀ ନ ଥିଲେ। ଅଭିଯୁକ୍ତ ପ୍ରକାଶ କରିଥିବା ଆଚରଣ କ୍ରୁଟ୍‌ର ସମସ୍ତ ସେବା ନିୟମାବଳୀ, ସଦାଚାର ସଂହିତା ଏବଂ ଯାତ୍ରୀ ସୁରକ୍ଷା ନୀତିର ସମ୍ପୂର୍ଣ୍ଣ ପରିପନ୍ଥୀ। ଓଡ଼ିଶା ସରକାରଙ୍କ ଅଧୀନରେ ଲୋକପ୍ରିୟ ସେବା ଯୋଗାଉଥିବା 'ଆମ ବସ୍' ସଂସ୍ଥା ଜଣେ କଲେଜ ଛାତ୍ରୀଙ୍କ ସୁରକ୍ଷା ଓ ସମ୍ମାନ ସହ ସାଲିସ କରୁଥିବା କୌଣସି ବି କାର୍ଯ୍ୟକୁ ଆଦୌ ପ୍ରଶ୍ରୟ ଦିଏନାହିଁ। ଏଣୁ ଦୋଷୀ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନକୁ କ୍ରୁଟ୍ ପରିଚାଳନା ପକ୍ଷ ସମ୍ପୂର୍ଣ୍ଣ ସମର୍ଥନ କରୁଛି। ଯାତ୍ରୀମାନଙ୍କୁ ସର୍ବଦା ସୁରକ୍ଷିତ ଓ ବିଶ୍ୱାସନୀୟ ପରିବହନ ସେବା ଯୋଗାଇବାରେ ସୁନାମ ଅର୍ଜନ କରିଥିବା କ୍ରୁଟ ଏହି ଘଟଣାକୁ ନେଇ ନିଜ ତରଫରୁ ତୁରନ୍ତ ପ୍ରତିକ୍ରିୟା ପ୍ରକାଶ କରିବା ସହ ତଦନ୍ତରତ ପୁଲିସ ଅଧିକାରୀଙ୍କୁ ସମ୍ପୂର୍ଣ୍ଣ ସହଯୋଗ ପ୍ରଦାନ କରୁଛି ଏବଂ ଆଗକୁ ମଧ୍ୟ ଏହି ସହଯୋଗ ଜାରି ରହିବ ବୋଲି ଘୋଷଣା କରିଛି। ସାଧାରଣ ଲୋକଙ୍କ ସେବାରେ ଉତ୍ସର୍ଗୀକୃତ ଏହି ସଂସ୍ଥା ଭବିଷ୍ୟତରେ ଏଭଳି ଅପ୍ରୀତିକର ପରିସ୍ଥିତିର ଯେପରି ପୁନରାବୃତ୍ତି ନ ଘଟିବ, ତାହାକୁ ସୁନିଶ୍ଚିତ କରିବା ପାଇଁ ବସ୍ ଚଳାଚଳ ଅପରେସନ୍ ଓ ଠିକା ବ୍ୟବସ୍ଥାର ସ୍ୱତଃପ୍ରବୃତ୍ତ ସମୀକ୍ଷା ଏବଂ ସଂସ୍କାର ପ୍ରକ୍ରିୟା ଆରମ୍ଭ କରିଦେଇଛି। ଏହା ସହିତ କ୍ରୁଟ୍ ପକ୍ଷରୁ ପୀଡ଼ିତା ଓ ତାଙ୍କ ପରିବାର ପ୍ରତି ଆନ୍ତରିକ ସହାନୁଭୂତି ଜ୍ଞାପନ କରାଯାଇଛି। ସଂସ୍ଥା ପକ୍ଷରୁ ଅଧିକୃତ ବୟାନ ଜାରି କରାଯାଇ କୁହାଯାଇଛି ଯେ, ଏହି ବ୍ୟକ୍ତିଗତ ଅପରାଧ ପାଇଁ ଆମ ବସ୍ ସଂସ୍ଥାକୁ ଦାୟୀ କରାଯାଇପାରିବ ନାହିଁ, କ୍ରୁଟ୍ ଏହି ଘଟଣାର ତୀବ୍ର ନିନ୍ଦା କରୁଛି ଏବଂ ଦେଶର ଆଇନ ବ୍ୟବସ୍ଥା ଉପରେ ସମ୍ପୂର୍ଣ୍ଣ ଆସ୍ଥା ପ୍ରକଟ କରି ସହଯୋଗ କରୁଛି।

## 'ବାଣୀବିହାର ୮୦'ର ଅନ୍ନସେବା କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ଆଜି ଅପରାହ୍ନରେ ଡମଣା ଛକ ନିକଟସ୍ଥ ଶ୍ରୀ ଶ୍ରୀ ମା' ଆନନ୍ଦ ଆଶ୍ରମ ଶିଶୁଗୃହରେ ରହୁଥିବା ପିଲାମାନଙ୍କୁ ବାଣୀବିହାର ଅଶୀ ଅନୁଷ୍ଠାନ ତରଫରୁ ମଧ୍ୟାହ୍ନ ଭୋଜନରେ ଆପ୍ୟାୟିତ କରାଯାଇଛି। ଅନୁଷ୍ଠାନର ବରିଷ୍ଠ ସଦସ୍ୟ ବିକ୍ରମ ଦାସଙ୍କ ଜନ୍ମଦିବସ ଉପଲକ୍ଷେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଓ ସେ କାର୍ଯ୍ୟକ୍ରମ ପାଇଁ ସମସ୍ତ ଅର୍ଥ ପ୍ରଦାନ କରିଥିଲେ। ଆନନ୍ଦ ଆଶ୍ରମରେ ଷାଠିଏ ଜଣ ଶିଶୁ ରହି ବିଦ୍ୟାଧ୍ୟୟନ କରୁଛନ୍ତି। ବାଣୀବିହାର ଅଶୀର ସଭାପତି ଡଃ ପ୍ରତାପ ମିଶ୍ର, ସମ୍ପାଦକ ଆଶୁତୋଷ ଦାଶ, ସମାଜସେବା କାର୍ଯ୍ୟକ୍ରମର ଉପଦେଷ୍ଟା ଅଲେଖ ନନ୍ଦୀ, ପ୍ରାକ୍ତନ ସଭାପତି ଶରତ ଦାଶ, ବରିଷ୍ଠ ସଦସ୍ୟ ସୁକାନ୍ତ ମହାନ୍ତି, ମେନକା ମଲ୍ଲିକ, ନିହାରିକା ମିଶ୍ର, ସବିତା ସାମନ୍ତରାୟ, ଧରିତ୍ରୀ ରାୟ, ସଂସାର ବିନ୍ଦୁ ପୃଷ୍ଟି ଓ ଘନଶ୍ୟାମ ଓଝା ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ। ଗତ ପାଞ୍ଚ ବର୍ଷ ଧରି ପ୍ରତି ମାସରେ ଅନ୍ୟୁନ ଥରେ ବାଣୀବିହାର ଅଶୀ ତରଫରୁ ଅନ୍ନସେବା କାର୍ଯ୍ୟକ୍ରମ କରାଯାଉଛି।



## କିଟ୍ ପବ୍ଲିକ୍ ସ୍କୁଲ୍ ଛାତ୍ରଙ୍କୁ ଜାତୀୟ 'ବେଷ୍ଟ ଅଲ୍ ରାଉଣ୍ଡର୍ ପୁରସ୍କାର'

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** କିଟ୍ ପବ୍ଲିକ୍ ସ୍କୁଲର ତୃତୀୟ ଶ୍ରେଣୀ ଛାତ୍ର ଦେବଦର୍ଶୀ ଏ ଜେ ନାୟକ ମେ ୨୪ରେ ଅନୁଷ୍ଠିତ ଜାତୀୟ ସ୍ତରୀୟ ପ୍ରତିଯୋଗିତା 'ଡ୍ରିମ୍ ଆଚିଭର ୨୦୨୬ରେ 'ଶ୍ରେଷ୍ଠ ଅଲରାଉଣ୍ଡର ପୁରସ୍କାର' ଜିତି କିଟ୍ ତଥା ନିଜ ଗ୍ରାମର ସୁନାମ ବୃଦ୍ଧି କରିଛନ୍ତି। ଦେବଦର୍ଶୀ ଚଳିତ ମାସ କଳିଙ୍ଗ କଳାକେନ୍ଦ୍ର ଦ୍ୱାରା ଆୟୋଜିତ ୧୫ଟି ବିଭିନ୍ନ ଜାତୀୟ ସ୍ତରର ଅନଲାଇନ୍ ଏବଂ ଅଫଲାଇନ୍ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ଏବଂ ସମସ୍ତ ବର୍ଗରେ ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। କଳା, ରଙ୍ଗ, ପ୍ରବନ୍ଧ, ବକ୍ତୃତା, କବିତା, ରାଇମ୍, କାହାଣୀ କହିବା, ଶ୍ଳୋକ ଜପ, ଗୀତ, ଫ୍ୟାନ୍ସି ଡ୍ରେସ, ସ୍ଲୋଗାନ୍ ଲେଖା, ଆଙ୍ଗୁଠି ପ୍ରିଣ୍ଟିଂ, ହସ୍ତଶିଳ୍ପ, ଟେବୁଲ୍ ଗଣନା ଏବଂ ଇଂରାଜୀ ହସ୍ତଲିଖନ ସହିତ ବିଭିନ୍ନ ବିଭାଗରେ ଦେବଦର୍ଶୀ ସଫଳତାର ସହ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିପାରିଥିଲେ। ନିଜର ଅତୁଳନୀୟ ପ୍ରତିଭା ଏବଂ ବିଭିନ୍ନ ବିଭାଗରେ ଥିବା ଦକ୍ଷତା ପାଇଁ ଜଣାଶୁଣା ଦେବଦର୍ଶୀ ତାଙ୍କ ପ୍ରାକ୍ ବିଦ୍ୟାଳୟ ଦିନରୁ ବିଭିନ୍ନ କ୍ଷେତ୍ରରେ ପ୍ରଶଂସା ଲାଭ କରିଆସୁଛନ୍ତି । ସହ-ପାଠ୍ୟକ୍ରମର ଉତ୍କର୍ଷତା ବ୍ୟତୀତ ସେ ଏକାଡେମିକ୍ ଭାବରେ ଜଣେ ମେଧାବୀ ଛାତ୍ର ଭାବରେ ସର୍ବଦା ପ୍ରଶଂସିତ ହୋଇଆସିଛନ୍ତି। ଦେବଦର୍ଶୀ କିଟ୍ ହସ୍‌ପିଟାଲିଟି ବିଭାଗର ଡେପୁଟି ଜେନେରାଲ୍ ମ୍ୟାନେଜର ଅଶୋକ କୁମାର ନାୟକଙ୍କ ପୁତ୍ର।



## କିମ୍ସ୍ କାର୍ଡିଆକ୍ ସର୍ଜନ ଚିକାଗୋ ଏଏଟିଏସ୍ ଫାଉଣ୍ଡେସନ୍ ପକ୍ଷରୁ ସମ୍ମାନିତ

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ଭୁବନେଶ୍ୱର କିମ୍‌ସ ହୃଦ୍ ସର୍ଜନ୍ ଡା ସତ୍ୟଜିତ୍ ସାମଲ ଆମେରିକାରୁ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସ୍ୱୀକୃତି ହାସଲ କରିଛନ୍ତି। ଉନ୍ନତ ହୃଦୟ ପ୍ରତିରୋପଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏଏଟିଏସ ଫାଉଣ୍ଡେସନରୁ ଏହି ସମ୍ମାନଜନକ ସ୍ୱୀକୃତି ପାଇବାରେ ଡା ସାମଲ ହେଉଛନ୍ତି ଓଡ଼ିଶାର ପ୍ରଥମ କାର୍ଡିଓଥୋରାସିକ୍ ସର୍ଜନ।
ମେ ୧ରୁ ୫ ତାରିଖ ପର୍ଯ୍ୟନ୍ତ ଆମେରିକାର ଚିକାଗୋରେ ଅନୁଷ୍ଠିତ ୧୦୬ ତମ ଏଏଟିଏସ ବାର୍ଷିକ ବୈଠକ ଅବସରରେ ଡା ସାମଲଙ୍କୁ ଆମେରିକୀୟ ଆସୋସିଏସନ୍ ଫର୍ ଥୋରାସିକ୍ ସର୍ଜରୀ (ଏଏଟିଏସ) ଫାଉଣ୍ଡେସନ୍ ଦ୍ୱାରା ପ୍ରତିଷ୍ଠିତ ୨୦୨୬ ମୁସଲେମ୍ କଞ୍ଜେନିଟାଲ୍ ହାର୍ଟ ଡିଜିଜ୍ (ସିଏଚଡି) ଆଲାଏନ୍ସ ଟ୍ରାଭେଲ୍ ଗ୍ରାଣ୍ଟ' ପ୍ରଦାନ କରାଯାଇଛି। ଏହି ପୁରସ୍କାର ହୃଦରୋଗ ଶଲ୍ୟ ଚିକିତ୍ସା କ୍ଷେତ୍ରରେ ତାଙ୍କର ଅବଦାନକୁ ସମ୍ମାନିତ କରିବା ସହ କିମ୍‌ସରେ କରାଯାଉଥିବା ଉନ୍ନତ ହୃଦରୋଗ ଚିକିତ୍ସା ଏବଂ ପ୍ରତିରୋପଣରେ ଅନ୍ତର୍ଜାତୀୟ ସହଯୋଗ, ପରାମର୍ଶ ଏବଂ ଉତ୍କୃଷ୍ଟ ତାଲିମ ସମ୍ପର୍କରେ ପ୍ରତିପାଦିତ କରୁଛି।
ସୂଚନାଯୋଗ୍ୟ, ଏଏଟିଏସକୁ ହୃଦ୍ ଥୋରାସିକ୍ ସର୍ଜରୀ କ୍ଷେତ୍ରରେ ବିଶ୍ୱର ସବର୍ବୃହତ, ସବୁଠାରୁ ଉନ୍ନତ ଏବଂ ପ୍ରମୁଖ ସଂଗଠନ ଭାବରେ ବିବେଚନା କରାଯାଏ। ହୃଦ୍ ଥୋରାସିକ୍ ସର୍ଜରୀ, ଗବେଷଣା, ନବସର୍ଜନା ଏବଂ ଶିକ୍ଷାଗତ ଉତ୍କର୍ଷତାରେ ଉଲ୍ଲେଖନୀୟ ଅବଦାନ ପାଇଁ, ବିଶ୍ୱର ଖ୍ୟାତିସମ୍ପନ୍ନ ସର୍ଜନମାନଙ୍କୁ ଏଏଟିଏସ ଫାଉଣ୍ଡେସନ୍ ଦ୍ୱାରା ମନୋନୀତ କରାଯାଇ ସମ୍ମାନିତ କରାଯାଇଥାଏ।
ଏଭଳି ସମ୍ମାନ ପାଇଁ କିମ୍‌ସ ଓ ଏଏଟିଏସ ଫାଉଣ୍ଡେସନକୁ ଡା ସାମଲ କୃତଜ୍ଞତା ଜଣାଇଛନ୍ତି। ଚିକାଗୋରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅବସରରେ ଡା. ସାମଲ ବିଶ୍ୱର ପ୍ରମୁଖ ହୃଦ୍ ଥୋରାସିକ୍ ସର୍ଜନଙ୍କଠାରୁ ହୃଦୟ ପ୍ରତିରୋପଣ ଏବଂ ଅନ୍ୟାନ୍ୟ ଉନ୍ନତ ହୃଦ୍ ଥୋରାସିକ୍ ଶଲ୍ୟଚିକିତ୍ସା ପ୍ରକ୍ରିୟା ସମ୍ପର୍କରେ ବିଶେଷ ପରାମର୍ଶ ଜ୍ଞାନ ଆହରଣ କରିବାର ସୁଯୋଗ ପାଇଥିଲେ। ଏଏଟିଏସ ପ୍ଲାଟଫର୍ମ ମାଧ୍ୟମରେ ସୃଷ୍ଟି ହୋଇଥିବା ସମ୍ପର୍କ କିମସରେ ଉନ୍ନତ ହୃଦରୋଗ ଚିକିତ୍ସାକୁ ସୁଦୃଢ଼ କରିବା ସହ କିମ୍‌ସରେ ଏକ ବ୍ୟାପକ ହୃଦରୋଗ ପ୍ରତିରୋପଣ କାର୍ଯ୍ୟକ୍ରମ ପାଇଁ ଅଧିକ ତ୍ୱରାନ୍ୱିତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ଡା ସାମଲ କହିଛନ୍ତି। ଡା. ସାମଲଙ୍କ ସଫଳତାରେ ଖୁସି ବ୍ୟକ୍ତ କରି କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଡା ସାମଲଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏହି ସମ୍ମାନ ଉନ୍ନତ ସ୍ୱାସ୍ଥ୍ୟସେବା, ଚିକିତ୍ସା ଉତ୍କର୍ଷତା ଏବଂ ସ୍ୱତନ୍ତ୍ର ହୃଦରୋଗ ସେବା ପାଇଁ କିମସର କାମକୁ ଆହୁରି ସୁଦୃଢ଼ କରିବ ବୋଲି ଶ୍ରୀ ସାମନ୍ତ କହିଛନ୍ତି।



## ସହରାଞ୍ଚଳ ଗତିଶୀଳତା ଉପରେ ନାଗରିକ-କେନ୍ଦ୍ରିକ ଅନୁପାଳନ ଅଡିଟ୍ କରିବ ସିଏଜି

**ଭୁବନେଶ୍ୱର,୨୬ା୫/ଏନ୍ଏନ୍ଏସ୍:** ଭାରତର ମହାଲେଖା ନିୟନ୍ତ୍ରକ ଓ ମହାସମୀକ୍ଷକ (ସିଏଜି) ତାଙ୍କର ବାର୍ଷିକ କାର୍ଯ୍ୟ ଯୋଜନା ୨୦୨୬-୨୭ ଅନ୍ତର୍ଗତ ଦେଶର ୧୦୧ଟି ସହରରେ ସହରାଞ୍ଚଳ ଗତିଶୀଳତା ଉପରେ ଏକ 'ନାଗରିକ-କେନ୍ଦ୍ରିକ ଅନୁପାଳନ ଅଡିଟ୍' କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ପ୍ରସ୍ତାବିତ ଅଡିଟ୍ ପ୍ରକ୍ରିୟା ପାଇଁ ଓଡ଼ିଶାରୁ ଭୁବନେଶ୍ୱର ଏବଂ କଟକ ସହରକୁ ଚୟନ କରାଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ସହରାଞ୍ଚଳ ଗତିଶୀଳତା ଉପରେ ଏକ ପ୍ରାରମ୍ଭିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଓଡ଼ିଶାର ପ୍ରଧାନ ମହାଲେଖାକାର ସୁବୁ ଆର, ଉପ-ମହାଲେଖାକାର ବାଲକ୍ରିଷ୍ଣା ଏବଂ ଅଡିଟ୍ ଦଳର ସଦସ୍ୟମାନେ ଯୋଗ ଦେଇଥିଲେ। ସମ୍ମିଳନୀ ଅବସରରେ ଅଡିଟ୍ ଦଳ ପକ୍ଷରୁ ପ୍ରସ୍ତାବିତ ଅଡିଟ୍‌ର ମାପଦଣ୍ଡ, ଆଇନଗତ ଓ ନୀତିଗତ ଅଭିମୁଖ୍ୟ, ସହରାଞ୍ଚଳ ପରିବହନ ବ୍ୟବସ୍ଥା, ପ୍ରମୁଖ ସେବା କ୍ଷେତ୍ର ଏବଂ ସମୟସୀମା ସମ୍ପର୍କରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା। ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ପାଢ଼ୀ ଅଡିଟ୍‌ର ସଫଳ ସମାପ୍ତି ପାଇଁ ସମ୍ପୂର୍ଣ୍ଣ ସହଯୋଗର ଆଶ୍ୱାସନା ଦେବା ସହ ନିଜ ନିଜର ସମସ୍ୟା ଓ ଆହ୍ୱାନଗୁଡ଼ିକୁ ଅଡିଟ୍ ଦଳ ସମ୍ମୁଖରେ ଉପସ୍ଥାପନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ଏହି ବୈଠକରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ, ଭୁବନେଶ୍ୱର ମହାନଗର ନିଗମ କମିଶନର ଚଞ୍ଚଳ ରାଣା ପ୍ରମୁଖ ଉପସ୍ଥିତ ଥିଲେ।

## ଆଜିର ଇତିହାସ

- ୧୯୩୫-ଡକ୍ଟର ଭୀମରାଓ ଆମ୍ବେଦକରଙ୍କ ପତ୍ନୀ, ରମାବାଈ ଆମ୍ବେଦକରଙ୍କ ନିଧନ।
- ୧୯୬୨-ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ କୋଚ୍ ଓ ପୂର୍ବତନ ଖେଳାଳି ରବି ଶାସ୍ତ୍ରୀଙ୍କ ଜନ୍ମଦିନ।
- ୧୯୬୪-ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ୍ ନେହେରୁଙ୍କ ନିଧନ।
- ୨୦୦୮-କେନ୍ଦ୍ର ସରକାର ସିମେଣ୍ଟ ରପ୍ତାନୀ ଉପରେ ଲଗାଇଥିବା ପ୍ରତିବନ୍ଧ ହଟାଇଥିଲେ।
- ୨୦୧୦-ଓଡ଼ିଶାର ଚାନ୍ଦିପୁରରେ ଧନୁଷ ଓ ପୃଥ୍ୱୀ-୨ ମିସାଇଲର ସଫଳ ପରୀକ୍ଷଣ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ** - ଧାର୍ମିକ ଓ ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ମନ ପ୍ରସନ୍ନ ରହିବ। ରୋଜଗାରରେ ସୁଧାର ଯୋଗ ରହିଛି। ନୂଆ ଅବସର ମିଳିପାରେ। ବ୍ୟବସାୟରେ ସକାରାତ୍ମକ ପରିବର୍ତ୍ତନ ଆସିବ।

**ବୃଷ** - ପରିବାରରୁ ଖୁସି ଖବର ପାଇବେ। ମନ ପ୍ରସନ୍ନ ରହିବ। ପିତାଙ୍କ ସ୍ୱାସ୍ଥ୍ୟ ଉପରେ ବିଶେଷ ଧ୍ୟାନ ଦେବେ। ଆରମ୍ଭ କରାଯାଇଥିବା କାମରେ ସଫଳତା ମିଳିବ। ଲଭ୍ ପାର୍ଟନର୍ ସହିତ ଡିନର୍‌କୁ ଯାଇପାରନ୍ତି।

**ମିଥୁନ** - ପରିବାରରେ କଳହର ସ୍ଥିତି ରହିବ। କାର୍ଯ୍ୟକ୍ଷେତ୍ରରେ ଧୈର୍ଯ୍ୟର ଆବଶ୍ୟକତା ରହିଛି। ବାହନ ପାଇଁ ଅଚାନକ ଖର୍ଚ୍ଚ ସହିବେ। ବିଦେଶ ସହିତ ଜଡ଼ିତ କାମରେ ସଫଳତା ମିଳିବ। ଘରେ ବୁଝାମଣା ଖରାପ ହେବ।

**କର୍କଟ** - ବିବେକ ଓ ବୁଦ୍ଧି ଦ୍ୱାରା ନୂଆ କାମ କରିବେ। ପାରିବାରିକ ବିବାଦର ସମାଧାନ କରିବେ। ଛାତ୍ରଛାତ୍ରୀଙ୍କୁ ପରିଶ୍ରମ କରିବାକୁ ପଡ଼ିବ। ଭାଇ ଓ ମିତ୍ରଙ୍କ ଠାରୁ ସହଯୋଗ ପାଇବେ। ଦାନ-ପୁଣ୍ୟ କରିବେ।

**ସିଂହ** - କାର୍ଯ୍ୟକ୍ଷେତ୍ରରେ ବିବାଦ ଠାରୁ ଦୂରରେ ରୁହନ୍ତୁ। ଅସ୍ଥିରତା ଚିନ୍ତା ବୃଦ୍ଧି କରିବ। ସରକାରୀ କାମଗୁଡ଼ିକ ପୂରା ହେବ। ନଗଦି ଅଭାବର ସମ୍ମୁଖୀନ ହେବେ। ଧାର୍ମିକ କାର୍ଯ୍ୟରେ ରୁଚି ବଢ଼ିବ।

**କନ୍ୟା** - ପରିବାରର ପରିବେଶ ସୁଖଦ ରହିବ। କାର୍ଯ୍ୟକ୍ଷେତ୍ରରେ ପ୍ରଭାବ ଓ ପ୍ରତିଷ୍ଠା ବୃଦ୍ଧି ହେବ। ପିଲାମାନଙ୍କର ନିର୍ଣ୍ଣୟ ନେଇପାରନ୍ତି। ନୂଆ ପ୍ରୟୋଗ ଆର୍ଥିକ ସ୍ଥିତିକୁ ମଜଭୁତ କରିବ।

**ତୁଳା** - ପରିବାରେ ମାନ-ସମ୍ମାନ ବୃଦ୍ଧି ହେବ। ଦାନ-ପୁଣ୍ୟ କାର୍ଯ୍ୟରେ ସକ୍ରିୟ ରହିବେ। ଛୁଟିର ଆନନ୍ଦ ନେବେ। ସମାଜସେବା ଦ୍ୱାରା ପ୍ରଶଂସା ମିଳିବ। ବ୍ୟାପାରରେ ଖୁବ୍ ଭଲ ଲାଭ ପାଇବେ।

**ବିଛା** - ନୂଆ ବ୍ୟାପାରରେ ଭାଗ୍ୟର ସହଯାଗ ପାଇବେ। ଚାକିରି ସହିତ ଜଡ଼ିତ ଭଲ ଖବର ପାଇବେ। ବିଦ୍ୟାର୍ଥୀମାନଙ୍କୁ ଶିକ୍ଷକମାନଙ୍କର ସହଯୋଗ ମିଳିଯିବ। ଧାର୍ମିକ ସମାରୋହର ଅବସର ପାଇବେ।

**ଧନୁ** - ପରିବାର ମଧ୍ୟରେ ମତଭେଦ ଦେଖାଦେଇପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ଜରୁରୀ। ବିଦ୍ୟାର୍ଥୀମାନେ ଅଧିକ ପରିଶ୍ରମ କରିବେ। ଖାଦ୍ୟପେୟ ଓ ସ୍ୱାସ୍ଥ୍ୟ ପ୍ରତି ସତର୍କ ରହିବେ। ଧାର୍ମିକ କାର୍ଯ୍ୟରେ ସମୟ ବିତିବ।

**ମକର** - ବାହନ ଚଲେଇବା ବେଳେ ସାବଧାନ ରୁହନ୍ତୁ। ଲଭ୍ ପାର୍ଟନର ସହିତ ଭବିଷ୍ୟତକୁ ନେଇ ଚର୍ଚ୍ଚା କରିବେ। ଜନତାଙ୍କ ସହଯୋଗ ପାଇବେ। ପୁରୁଣା ବିବାଦ ଶେଷ ହୋଇପାରେ।

**କୁମ୍ଭ** - ନୂଆ ଯୋଜନା ଲାଭକାରୀ ପ୍ରମାଣିତ ହେବ। ପିତାଙ୍କ ସହିତ ସମ୍ବନ୍ଧ ଖୁବ୍ ଭଲ ରହିବ। କାମର ପ୍ରଶଂସା ହେବ। ସମସ୍ୟାରୁ ରକ୍ଷା ପାଇବେ। ପ୍ରିୟଜନ ଓ ସାଙ୍ଗସାଥିଙ୍କ ସହିତ ସନ୍ଧ୍ୟା ସମୟ ବିତିବ।

**ମୀନ** - ଖୁବ୍ ଭଲ କାମ କରିବେ। ପରିବାର ଗୌରବାନ୍ୱିତ ହେବ। ବ୍ୟାପାରରେ ପ୍ରବଳ ଲାଭ ଯୋଗ ରହିଛି। ରୋଜଗାର ସହିତ ଖୁବ୍ ଭଲ ଖବର ପାଇବେ। ପୁରୁଣା କରଜରୁ ମୁକ୍ତି ମିଳିବ।



**ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଳାନି ଚ।**
**କର୍ତ୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍। (୧୮/୬)**

ହେ ପାର୍ଥ! ସମସ୍ତ କର୍ମରେ କର୍ତ୍ତୃତ୍ୱାଭିମାନ ଓ ଫଳ କାମନା ନରଖି ବା ତ୍ୟାଗ କରି ଯେଉଁ କର୍ମ କରାଯାଏ ତାକୁ କର୍ତ୍ତବ୍ୟ କୁହାଯାଏ। ଏହା ହିଁ ମୋର ଉତ୍କୃଷ୍ଟ ମତ ଓ ସ୍ଥିର ସିଦ୍ଧାନ୍ତ। ହେ ପାର୍ଥ! ତୁମେ କ୍ଷତ୍ରୀୟ, ଯୁଦ୍ଧ କରିବା ତୁମର କର୍ତ୍ତବ୍ୟ। ତୁମେ ତୁମର କର୍ତ୍ତବ୍ୟ ପାଳନ କର ଏବଂ କୌଣସି ଫଳ ଆଶା ରଖନି। ଈଶ୍ୱରଙ୍କ ଠାରେ ନିଜକୁ ପୂର୍ଣ୍ଣ ମାତ୍ରାରେ ସମର୍ପଣ କରି ତୁମେ କେବଳ କର୍ମ କର। ଏହି ଭାବରେ ଈଶ୍ୱରାର୍ପଣ ବୁଦ୍ଧିରେ ଫଳ ଆଶା ନରଖି କର୍ମ କଲେ ସୃଷ୍ଟିଚକ୍ର ଚାଲିବାରେ ବାଧା ହେବ ନାହିଁ।

ଶ୍ରୀ ରାମକୃଷ୍ଣ କହନ୍ତି - ଯେଉଁମାନେ ଆଧ୍ୟାତ୍ମିକତାରେ ପ୍ରଗତି କରିବାକୁ ଇଚ୍ଛୁକ ଏବଂ ଈଶ୍ୱର ଉପଲବ୍ଧି କରିବାକୁ ଆଗ୍ରହୀ ସେମାନେ ପ୍ରଥମେ କାମନା ବାସନା ଭଳି ତୁଚ୍ଛ ଭାବନାରୁ ନିଜକୁ ସୁରକ୍ଷିତ ରଖିବା ଉଚିତ। ମନର ଶୁଦ୍ଧତା ବିନା ପୂର୍ଣ୍ଣତା ବା ଈଶ୍ୱରୋପଲବ୍ଧି ହାସଲ କରିବା ସମ୍ଭବ ନୁହେଁ।

# ନୌତପାର କହର



ଦେଶର ଉତ୍ତର ଓ ମଧ୍ୟ ଭାରତରେ ନୌତପାର କହର ଆରମ୍ଭ ହୋଇଗଲାଣି। ମେ' ୨୫ରୁ ୨ ଜୁନ୍ ମଧ୍ୟରେ ଏହି ନଅ ଦିନରେ ଗରମ ପହଞ୍ଚିଯିବ ନିଜର ଚରମ ସୀମାରେ। ସୂର୍ଯ୍ୟ ରୋହିଣୀ ନକ୍ଷତ୍ରରେ ପ୍ରବେଶ କରିସାରିଲେଣି ଯେଉଁ କାରଣରୁ ତାପମାତ୍ରା ୪୫-୫୦ ଡିଗ୍ରୀ ପର୍ଯ୍ୟନ୍ତ ପହଞ୍ଚିପାରେ। କିନ୍ତୁ ଏଥର ସୋସିଆଲ୍ ମିଡିଆରେ ଏକ ନୂଆ ଚେତାବନୀ ଭାଇରାଲ୍ ହେଉଛି ଯାହା ଲୋକମାନଙ୍କୁ ଆଶ୍ଚର୍ଯ୍ୟ କରିବା ସହିତ ଭୟଭୀତ ମଧ୍ୟ କରଉଛି। ଏ ସମୟରେ କେବଳ ଆବଶ୍ୟକ ପଡ଼ିଲେ ଲୋକମାନେ ଘରୁ ବାହାରକୁ ବାହାରନ୍ତୁ ବୋଲି ପରାମର୍ଶ ଦିଆଯାଉଥିବା ବେଳେ ଏହି ନଅ ଦିନରେ କିଛି ଖାସ୍ ରଙ୍ଗର କପଡ଼ା ନ ପିନ୍ଧିବାକୁ ପରାମର୍ଶ ଦିଆଯାଉଛି। ଏପରି କପଡ଼ା ପିନ୍ଧିଲେ ଏହା ଜୀବନହାନି ସାବ୍ୟସ୍ତ ହୋଇପାରେ। ଏହି ଦିନଗୁଡ଼ିକରେ କଳା, ସବୁଜ ଓ ଗାଢ଼ ନୀଳ ରଙ୍ଗର କପଡ଼ା ପିନ୍ଧିବା ଦ୍ୱାରା ଶରୀରର ତାପମାତ୍ରା ଦ୍ରୁତଗତିରେ ବୃଦ୍ଧି ପାଇବ। ଅଧ୍ୟୟନରେ ଏହା ମଧ୍ୟ କୁହାଯାଇଛି ଯେ ଏହି ରଙ୍ଗଗୁଡ଼ିକର କପଡ଼ା ପିନ୍ଧିଲେ ଶରୀରର ତାପମାତ୍ରା ୬୦ ଡ଼ିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ପହଞ୍ଚିଯାଏ। ଏହା ପରିବର୍ତ୍ତେ ଧଳା ବା ହାଲୁକା ରଙ୍ଗର କପଡ଼ା ଅପେକ୍ଷାକୃତ ଥଣ୍ଡା ରହେ। ବିଜ୍ଞାନ ଭାଷାରେ ଗାଢ଼ ରଙ୍ଗଗୁଡ଼ିକ ସୂର୍ଯ୍ୟଙ୍କ କିରଣକୁ ଅଧିକ ଅବଶୋଷିତ କରନ୍ତି। କଳା ରଙ୍ଗ ଗରମକୁ ପୂରା ଅବଶୋଷଣ କରିନିଏ। ତେବେ ନୌତପା ସମୟରେ ସୂର୍ଯ୍ୟଙ୍କ କିରଣ ସିଧା ଓ ତେଜ ରହୁଥିବାରୁ ଏହି ରଙ୍ଗର କପଡ଼ା ଶରୀରକୁ ଓଭେନ ପରି ଗରମ କରିଦିଏ। ଏଥିରେ ଝାଳ ଅଧିକ ବୋହିଲେ ମଧ୍ୟ ଥଣ୍ଡା ଅନୁଭୂତ ହୁଏ ନାହିଁ। ଡିହାଇଡ୍ରେସନ୍ ହୋଇଯାଏ ଓ ହିଟ୍ ଷ୍ଟ୍ରୋକ୍‌ର ବିପଦ ବୃଦ୍ଧି ପାଏ।

**ସବୁଠାରୁ ବିପଦପୂର୍ଣ୍ଣ ରଙ୍ଗ-** ଏ ସମୟରେ କଳା, ସବୁଜ, ଗାଢ଼ ନୀଳ, ଗାଢ଼ ଲାଲ୍ ବା ବ୍ରାଉନ୍ ରଙ୍ଗ ନ ପିନ୍ଧିବାକୁ ପରାମର୍ଶ ଦିଆଯାଏ। ଏହି ରଙ୍ଗଗୁଡ଼ିକର କପଡ଼ା ପିନ୍ଧିଲେ ବିପଦ ଥାଏ।

**କ'ଣ କରିବା ଉଚିତ-** ଧଳା, ହଳଦିଆ, ହାଲୁକା ଗ୍ରେ, ବେଜ୍ ବା ପେଷ୍ଟଲ୍ କଲର୍ସ, ଢ଼ିଲା, କଟନ୍ କପଡ଼ା, ପୂରା ହାତବାଲା ସାର୍ଟ ଓ ପ୍ୟାଣ୍ଟ ପିନ୍ଧନ୍ତୁ। ଟୋପି, ଗାମୁଛା, ଛତା ଓ ଷ୍କାଲ୍ ଆଦିର ବ୍ୟବହାର କରିବା ଉଚିତ।

ତେବେ ବିଶେଷଜ୍ଞଙ୍କ ଅନୁସାରେ ନୌତପା ଅଧିକ ତେଜ ହେଲେ ମନସୁନ୍ ମଧ୍ୟ ଖୁବ୍ ଭଲ ହୁଏ। ଏ ସମୟରେ ପ୍ରତି ଘଣ୍ଟାରେ ପାଣି, ଓଆର୍‌ଏସ୍, ଲେମ୍ବୁ ପାଣି ଓ ଛାଛ ପିଅନ୍ତୁ। ହାଲୁକା ଭୋଜନ, ଛଣାଛଣି ଖାଦ୍ୟକୁ ଆଭଏଡ୍ କରିବା ଉଚିତ।

# ଇତିହାସ ରଚିଲା ସ୍ପେସ୍‌ଏକ୍ସ

ବିଶ୍ୱର ସବୁଠାରୁ ବଡ଼ ଓ ଶକ୍ତିଶାଳୀ ରକେଟ୍ ତିଆରି କରୁଥିବା କମ୍ପାନୀ ସ୍ପେସ୍‌ଏକ୍ସ ପୁଣି ଥରେ ଇତିହାସ ରଚିଛି। ଏଲନ୍ ମସ୍କଙ୍କ ଏହି କମ୍ପାନୀ ଷ୍ଟାରସିପ୍ ଭି୩ ସଫଳତାପୂର୍ବକ ପରୀକ୍ଷଣ ଉଡ଼ାଣ ଭରିଥିଲା। ଇତିହାସର ଏହା ହେଉଛି ସବୁଠାରୁ ବଡ଼ ଓ ଶକ୍ତିଶାଳୀ ରକେଟ୍। ପାଖାପାଖି ଏକ ଘଣ୍ଟାର ଉଡ଼ାଣ ଭରିବା ପରେ ଏହାର ଅନ୍ତ ହୋଇଥିଲା ଭାରତ ମହାସାଗରରେ ସ୍ପେଲ୍‌ସ ଡାଉନ୍ ସହିତ ଯେଉଁଠାରେ ରକେଟ୍‌ଟି ଫାଟିଯାଇଥିଲା। ତେବେ ଏହି ପ୍ରକ୍ରିୟା ପାଇଁ ପୂର୍ବରୁ ବ୍ୟବସ୍ଥା କରିଥିଲା ସ୍ପେସ୍‌ଏକ୍ସ। କମ୍ପାନୀ ଅନୁସାରେ ପରୀକ୍ଷଣ ଶେଷରେ ରକେଟ୍‌କୁ ମହାସାଗରରେ ପକାଇ ନଷ୍ଟ କରିବାର ଯୋଜନା ଥିଲା। ଏହି ପରୀକ୍ଷଣ ଏକ ଦିନ ପୂର୍ବରୁ କରିବାର ଥିଲେ ମଧ୍ୟ ଲଞ୍ଚ ଟାୱାର୍‌ରେ ହାଇଡ୍ରୋଲିକ୍ ପିନ୍ ଖରାପ ହେବା କାରଣକୁ ଏହି ପରୀକ୍ଷଣକୁ ଟାଳିଦିଆଯାଇଥିଲା। ତେବେ ସ୍ପେସ୍‌ଏକ୍ସ ଅନୁସାରେ ଏହି ପରୀକ୍ଷଣ ଉଡ଼ାଣ ସହିତ ଅଧିକାଂଶ ବଡ଼ ଉଦ୍ଦେଶ୍ୟ ପୂରା ହୋଇଛି। ରକେଟ୍ ନିର୍ଦ୍ଧାରିତ ଉଡ଼ାଣ ପଥରେ ଖୁବ୍ ଭଲ ପ୍ରଦର୍ଶନ ମଧ୍ୟ କରିଥିଲା। ରକେଟ୍‌ର ଦୁଇଟି ସାରା ଚରଣରେ ଇଞ୍ଜିନ ଫେଲ୍ୟୋର୍ ପରି ସମସ୍ୟା ମଧ୍ୟ




ଦେଖାଦେଇଥିଲା। ଏହା ସତ୍ତ୍ୱେ ବି କମ୍ପାନୀ ଏହାକୁ ସଫଳ ପରୀକ୍ଷଣ ବୋଲି କହୁଛି। ଷ୍ଟାର୍‌ସିପ୍ ଭି୩ର ଏହି ପରୀକ୍ଷଣ ସ୍ପେସ୍‌ଏକ୍ସ ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ ଅଟେ। କାରଣ କମ୍ପାନୀ ଭବିଷ୍ୟତରେ ମଙ୍ଗଳ ଗ୍ରହକୁ ମଣିଷ ପାଇଁ ଖାଦ୍ୟ, ଉପଗ୍ରହକୁ ଲଞ୍ଚ କରିବା ଓ ନାସାର ଆର୍ଟିମିସ୍ କାର୍ଯ୍ୟକ୍ରମ ପାଇଁ ବ୍ୟବହାର କରିବାକୁ ଚାହୁଁଛି। ତେବେ ଏହି ରକେଟ୍ ସମ୍ପୂର୍ଣ୍ଣ ଭାବରେ ରିୟୁଜେବଲ ଯାହା ସ୍ପେସ୍ ଟ୍ରାଭେଲକୁ ଶସ୍ତା ଓ ସହଜ ହେବା ଦିଗରେ ଏକ ବଡ଼ ପଦକ୍ଷେପ। ଷ୍ଟାରସିପ୍ ଦୁନିଆର ସବୁଠାରୁ ବଡ଼ ରକେଟ୍ ଯାହା ଓଜନିଆ ପେଲୋଡ୍‌କୁ ଅନ୍ତରୀକ୍ଷକୁ ନେଇ ପାରିବାର କ୍ଷମତା ରଖିଛି। ସ୍ପେସ୍‌ଏକ୍ସ ଏହାକୁ ସମ୍ପୂର୍ଣ୍ଣ ଭାବରେ ରିସାଇକେଲ୍ କରିବା ଯୋଗ୍ୟ କରି ରଖିଛି।

# ନା ଥିଲା ଏସି ନା ଥିଲା କୁଲର୍



ଆଜିର ସମୟରେ ଗରମ ଆରମ୍ଭ ହେବା ମାତ୍ରେ ପ୍ରଥମେ ଫ୍ୟାନ୍, କୁଲର୍ ଓ ଏସିର ସନ୍ଧାନରେ ଲୋକମାନେ ଲାଗିଯାଉଛନ୍ତି। ଏସବୁ ବିନା ଗରମରେ ରହିବା ଅସମ୍ଭବ ପରି ମନେହୁଏ। କିନ୍ତୁ ଥରେ ଭାବନ୍ତୁ ପୂର୍ବରୁ ଯେତେବେଳେ ବିଜୁଳି ନଥିଲା ସେତେବେଳେ ଭୀଷଣ ଗରମରେ ଲୋକମାନେ କିପରି ରହୁଥିଲେ ବିଶେଷ କରି ରାଜା-ମହାରାଜାମାନେ। ସେମାନଙ୍କର ମହଲଗୁଡ଼ିକ କିପରି ଥଣ୍ଡା ରହୁଥିଲା। ତେବେ ସେ ସମୟରେ ଯଦିଓ ଆଧୁନିକ ମେସିନ୍ ନଥିଲା କିନ୍ତୁ ପ୍ରକୃତି ଓ ଆର୍କିଟେକ୍‌ଚର୍‌ର ଗଭୀର ଜ୍ଞାନ ଥିଲା ଲୋକଙ୍କର। ସେଥିପାଇଁ ସେତେବେଳେ ବିନା କୁଲର୍ ଓ ଏସିରେ ମଧ୍ୟ ମହଲଗୁଡ଼ିକ ଗରମରୁ ରକ୍ଷା ପାଇଯାଉଥିଲେ। ଇତିହାସକାରଙ୍କ ଅନୁସାରେ ପୁରୁଣା ସମୟରେ ମହଲ ଓ କିଲ୍ଲାଗୁଡ଼ିକର ନିର୍ମାଣ କେବଳ ସୁନ୍ଦରତା ପାଇଁ କରାଯାଉନଥିଲା ପାଣିପାଗ ଉପରେ ମଧ୍ୟ ଧ୍ୟାନ ରଖି ସେଗୁଡ଼ିକର ଡିଜାଇନ୍ କରାଯାଉଥିଲା। ମହଲର କାନ୍ଥଗୁଡ଼ିକ ଖୁବ୍ ମୋଟା କରି ନିର୍ମାଣ କରାଯାଉଥିଲା ଯେପରି ବାହାରର ଗରମ ସହଜରେ ମହଲ ଭିତରକୁ ଯାଇପାରିବ ନାହିଁ। ମହଲଗୁଡ଼ିକର ଛାତର ଉଚ୍ଚତା ମଧ୍ୟ ଅଧିକ ରହୁଥିଲା। ଉଚ୍ଚ ଛାତର ଲାଭ ଏହା ରହୁଥିଲା ଯେ ଗରମ ପବନ ଉପରକୁ ଚାଲିଯାଉଥିଲା ଓ ତଳଭାଗର ଅଂଶ ଅପେକ୍ଷାକୃତ ଥଣ୍ଡା ରହୁଥିଲା। ଝରକା ଓ ଭେଣ୍ଟିଲେଟର୍‌ର ଡିଜାଇନ୍‌ଗୁଡ଼ିକୁ ବେଶ୍ ଚିନ୍ତାକରି ନିର୍ମାଣ କରାଯାଉଥିଲା ଯେପରି ଝରକାଗୁଡ଼ିକ ଦ୍ୱାରା ସିଧା ଖରା ପଡ଼ିବ ନାହିଁ କିନ୍ତୁ ତାଜା ପବନ ଲଗାତର ଆସୁଥିବ। ଭେଣ୍ଟିଲେଟର୍‌ଗୁଡ଼ିକୁ ଖାସ୍ ଉପାୟରେ ମଧ୍ୟ ତିଆରି କରାଯାଉଥିଲା ଯେପରି ଗରମ ପବନ ବାହାରକୁ ବାହାରି ପାରିବ। ଅନେକ ମହଲରେ ଜାଲିଦାର ଝରକା ମଧ୍ୟ ତିଆରି କରାଯାଉଥିଲା ଯେଉଁଗୁଡ଼ିକ ଥଣ୍ଡା ପବନକୁ ଭିତରକୁ ପହଞ୍ଚାଇବାରେ ସାହାଯ୍ୟ କରୁଥିଲେ। ମହଲର ଆଖପାଖରେ ପ୍ରଚୁର ପରିମାଣରେ ଗଛ ଲଗାଯାଉଥିଲା ଓ ପୋଖରୀ, ଛୋଟ ଛୋଟ ଜଳଧାରାର ନିର୍ମାଣ କରାଯାଉଥିଲା।

# କରିସ୍ମାଙ୍କ ଡାର୍କ ଅବତାର



ନବେ ଦଶକର ଶୀର୍ଷ ଅଭିନେତ୍ରୀଙ୍କ ମଧ୍ୟରୁ ଅନ୍ୟତମ ନାମ କରିସ୍ମା କପୁର ଯିଏ ଏ ସମୟରେ ନିଜର ୱେବ୍ ସିରିଜ 'ବ୍ରାଉନ୍'କୁ ନେଇ ଚର୍ଚ୍ଚାରେ ଅଛନ୍ତି। ନିକଟରେ ଟିଜର୍ ରିଲିଜ ହୋଇଛି ଯାହାକୁ ଦେଖି ପ୍ରଶଂସକମାନଙ୍କ ଉତ୍ସାହ ଦୁଇ ଗୁଣ ବୃଦ୍ଧି ହୋଇଯାଇଛି। ତେବେ ଖାସ୍ କଥା ହେଉଛି ଏହି ସିରିଜରେ କରିସ୍ମାଙ୍କର ଅଲଗା ଅବତାର ନଜର ଆସୁଛି। ଜିଫରେ ଏହି କ୍ରାଇମ୍ ଥ୍ରୀଲର ସିରିଜରେ କରିସ୍ମା କପୁର ଜଣେ ଶକ୍ତ ଓ ଗମ୍ଭୀର ପୁଲିସ୍ ଅଧିକାରୀ ଭୂମିକାରେ ନଜର ଆସିବେ। ଏହା ହେଉଛି କରିସ୍ମାଙ୍କର ଅଭିନୟ କ୍ୟାରିୟର୍ ମଧ୍ୟରେ ଏକ ଅଲଗା ଅବତାର ଯେଉଁ ଚରିତ୍ରଟିର ଡାର୍କ ଓ ଇଣ୍ଟେନ୍ସ ଲୁକ୍ ଲୋକମାନଙ୍କ ଧ୍ୟାନ ଆକର୍ଷିତ କରୁଛି। ଅନେକ ସମୟ ହେଲା ଚର୍ଚ୍ଚାର ପରିସର ମଧ୍ୟରେ ରହିଥିବା ଏହି ସିରିଜର କାହାଣୀ କୋଲ୍‌କାତାର ବ୍ୟାକ୍‌ଗ୍ରାଉଣ୍ଡ ଉପରେ ନିର୍ମିତ ହୋଇଛି ଯେଉଁଥିରେ ରହିଛି ରହସ୍ୟ ଓ ଅପରାଧର ପରିବେଶ। ଏଥିରେ କରିସ୍ମାଙ୍କ ଚରିତ୍ରର ନାମ ରୀଟା ବ୍ରାଉନ୍ ଯିଏ ଏକ କଷ୍ଟକର କେସ୍‌ର ଯାଞ୍ଚ କରୁଥିବାର ନଜର ଆସିବେ। ସିରିଜର କାହାଣୀ କେବଳ କ୍ରାଇମ୍ ଇନ୍‌ଭେଷ୍ଟିଗେସନ୍ ପର୍ଯ୍ୟନ୍ତ ସୀମିତ ରହିନାହିଁ। ଏଥିରେ ତାଙ୍କ ଚରିତ୍ରର ବ୍ୟକ୍ତିଗତ ଜୀବନ ଓ ମାନସିକ ସଂଘର୍ଷ ମଧ୍ୟ ମୁଖ୍ୟ ଅଂଶ ହୋଇ ରହିବ। ତେଣୁ କରିସ୍ମାଙ୍କ ଫ୍ୟାନ୍‌ମାନଙ୍କ ପାଇଁ ଏହା କୌଣସି ସରପ୍ରାଇଜ ଠାରୁ କମ୍ ହେବ ନାହିଁ। ତେବେ ଟିଜର୍ ଦେଖିବା ପରେ 'ବ୍ରାଉନ୍' ଏକ ସାଇକୋଲୋଜିକାଲ୍ କ୍ରାଇମ୍ ଥ୍ରୀଲର୍ ବୋଲି ଜଣାପଡୁଛି ଯେଉଁଥିରେ ଖୁବ୍ ଟ୍ୱିଷ୍ଟ ଓ ସସ୍ପେନ୍ସ ଦେଖିବାକୁ ପାଇବେ। ସିରିଜର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି ଅଭିନୟ ଦେବ ଯିଏ ଏହି ସିରିଜଟିକୁ ନିୟୋ-ନୋୟର ଷ୍ଟାଇଲ୍‌ରେ ପ୍ରସ୍ତୁତ କରିଛନ୍ତି। ଏଥିରେ କରିସ୍ମା ଖୁବ୍ ରଫ୍, ସିମ୍ପଲ୍ ଓ ଗମ୍ଭୀର ନଜର ଆସୁଛନ୍ତି। ତେବେ ନବେ ଦଶକର ଏହି ଅଭିନେତ୍ରୀଙ୍କର ଡାର୍କ ଅବତାର ଦର୍ଶକମାନଙ୍କୁ ବାନ୍ଧି ରଖିବାରେ ସଫଳ ହୋଇପାରେ।

# ବୈଦିକ ପରମ୍ପରା ଓ ବିଷମ ସଂଖ୍ୟା

ଭାରତୀୟ ସଂସ୍କୃତିରେ ବିବାହ, ବ୍ରତୋପୟନ, ଗୃହପ୍ରବେଶ, ଜନ୍ମଦିନ ବା କୌଣସି କାର୍ଯ୍ୟରେ ସଗୁନ ଦେବା ଏକ ପୁରୁଣା ଓ ପବିତ୍ର ପରମ୍ପରା। ଏଥିପାଇଁ ଲଫାପାରେ ଦିଆଯାଉଥିବା ଅର୍ଥରାଶି ପାଇଁ ମଧ୍ୟ ଏହା ଉପରେ ଏକ ଟଙ୍କା ପୂର୍ବରୁ ଲଗାଯାଇଥାଏ। ଅଧିକାଂଶ ଲୋକ ୧୦୦, ୫୦୦, ୧୦୦୦ ଟଙ୍କା ଦେଇଥାନ୍ତି। ଅର୍ଥାତ ଏକ ଟଙ୍କାର ମୁଦ୍ରା ଲଗେଇବା ପାଖାପାଖି ଅନିବାର୍ଯ୍ୟ ହୋଇଥାଏ। ତେବେ ଏହା ପଛରେ ରହିଛି କି ଅନ୍ଧବିଶ୍ୱାସ, ବୈଜ୍ଞାନିକ, ମନୋବୈଜ୍ଞାନିକ ଓ ସାଂସ୍କୃତିକ କାରଣ ? ଆମ ସଂସ୍କୃତିରେ ଶୂନ୍ୟକୁ ଅନ୍ତ, ପୂର୍ଣ୍ଣତା ବା ସମାପ୍ତିର ପ୍ରତୀକ ବୋଲି କୁହାଯାଉଥିବା ବେଳେ ସଂଖ୍ୟା ୧କୁ ନୂଆ ଆରମ୍ଭ, ବୃଦ୍ଧି ଓ ସମୃଦ୍ଧିର ପ୍ରତୀକ ବୋଲି କୁହାଯାଏ। ୧୦୦, ୫୦୦ ଦେଲେ ଏହି ସଂଖ୍ୟା ଶୂନ୍ୟରେ ଶେଷ ହୋଇଯାଏ ଯାହାକୁ ଅଶୁଭ ବୋଲି ଲୋକମାନେ ମାନନ୍ତି। ତେଣୁ ୧୦୧ ଟଙ୍କା ଦେବା ଦ୍ୱାରା ୧ରେ ସଂଖ୍ୟା ଶେଷ ହୁଏ ଯାହା ନୂଆ ପ୍ରାରମ୍ଭ, ଲଗାତର ବୃଦ୍ଧି ଓ ଖୁସିର ସଂକେତ ଦେଇଥାଏ। ୧୦୧ ପରି ସଂଖ୍ୟା ବିଷମ ଓ ଅବିଭାଜିତ ସଂଖ୍ୟା ଯାହାର ଅର୍ଥ ଦିଆଯାଇଥିବା ଆଶୀର୍ବାଦ, ଭଲପାଇବା ଓ ସମ୍ପର୍କ ଯେପରି କେବେ ମଧ୍ୟ ବାଣ୍ଟି ହେବ ନାହିଁ, ଅତୁଟ ରହିବ। ତେବେ ବୈଦିକ ପରମ୍ପରାରେ ବିଷମ ସଂଖ୍ୟାଗୁଡ଼ିକୁ ଶୁଭ ବୋଲି ଲୋକମାନେ ମାନନ୍ତି। ୧ ଈଶ୍ୱର ଏକତାର ପରିଚୟ। ତେଣୁ ଶାସ୍ତ୍ରଗୁଡ଼ିକ ମଧ୍ୟରେ ଶୁଭ କାର୍ଯ୍ୟର ଆରମ୍ଭ ୧ରୁ କରିବା ଉଚିତ। ଅନେକ ଆଚାର୍ଯ୍ୟଙ୍କ ଅନୁସାରେ ଶୁଭକାର୍ଯ୍ୟରେ ଦିଆଯାଇଥିବା ଏହି ୧ ଟଙ୍କାର ମୁଦ୍ରା ରଖିଲେ ନକାରାତ୍ମକ ଉର୍ଜା ଦୂର ହୁଏ ଓ ସକାରାତ୍ମକ ଉର୍ଜା ଆକର୍ଷିତ ହୁଏ।



# ଶରୀରରେ ଚମତ୍କାର ଜିନ୍



ଆଜିର ସମୟରେ କ୍ୟାନ୍ସର୍ ମଣିଷକୁ ନିଜ ନିୟନ୍ତ୍ରଣକୁ ନେଇ ବୟସକୁ କମ୍ କରାଇଦେଉଛି। ପ୍ରତିବର୍ଷ ଲକ୍ଷାଧିକ ଲୋକ ଏହି ରୋଗ ସହିତ ସଂଘର୍ଷ କରୁଛନ୍ତି। କିନ୍ତୁ ପ୍ରକୃତି ଏପରି ଏକ ଜୀବ ସୃଷ୍ଟି କରିଛି ଯାହାକୁ କେବେ ମଧ୍ୟ କ୍ୟାନ୍ସର୍ ହେବ ନାହିଁ। ଏହି ଜୀବଟି ହେଉଛି ହାତୀ। ବୈଜ୍ଞାନିକମାନଙ୍କ ଅନୁସାରେ ହାତୀ ପୃଥିବୀର ସବୁଠାରୁ ବଡ଼ ସ୍ଥଳୀୟ ଜୀବ। ମଣିଷଙ୍କ ଅପେକ୍ଷା ଏହାକୁ କ୍ୟାନ୍ସର ହେବାର ଭୟ ୨୦ ଗୁଣ କମ୍ ଥାଏ। ଏହି ରହସ୍ୟ ଅନେକ ବର୍ଷ ହେଲାଣି ବୈଜ୍ଞାନିକମାନଙ୍କୁ ଆଶ୍ଚର୍ଯ୍ୟ କରି ରଖିଥିଲା କିନ୍ତୁ ଶେଷରେ ଏହି ରହସ୍ୟକୁ ଜାଣିବାରେ ସଫଳ ହୋଇଛନ୍ତି ବୈଜ୍ଞାନିକମାନେ। ସେମାନଙ୍କ ଅନୁସାରେ ହାତୀର ଶରୀରରେ ଏକ ଚମତ୍କାରୀ ଜିନ୍ ଥାଏ ଯାହା କ୍ୟାନ୍ସର୍‌କୁ ମୂଳରୁ ଶେଷ କରିଦେଇପାରେ। ମଣିଷଙ୍କ ଭିତରେ ଟିପି୫୩ ନାମକ ଏକ ଟ୍ୟୁମର୍ ସପ୍ରେସର ଜିନ୍ ଥାଏ ଯାହାକୁ କୁହାଯାଏ 'ଗାର୍ଡିଆନ୍ ଅଫ୍ ଜିନୋମ୍'। ଏହି ଜିନ୍ ଶରୀରରେ କ୍ୟାନ୍ସର୍ କୋଷିକାଗୁଡ଼ିକୁ ମାରିବା କାମ କରେ କିମ୍ବା ଏହି ପ୍ରକ୍ରିୟାରେ ସୁଧାର ଆଣିଥାଏ। ମଣିଷ ମଧ୍ୟରେ ଏହି ଜିନ୍ କେବଳ ଦୁଇଟି କପିଜ୍‌ରେ ଉପସ୍ଥିତ ଥାଏ। କିନ୍ତୁ ହାତୀମାନଙ୍କ ଭିତରେ ଏହି ଜିନ୍‌ର ୨୦ରୁ ଅଧିକ କପିଜ୍ ଥିବାର ପ୍ରମାଣ ମିଳିଛି। ଯେବେ ବି କୌଣସି କୋଷିକାରେ କ୍ୟାନ୍ସର୍ ହେବାର ବିପଦ ଥାଏ ଏହି ଅତିରିକ୍ତ ଜିନ୍ ସକ୍ରିୟ ହୋଇଯାଏ ଓ ସେହି ସେଲ୍‌କୁ ନଷ୍ଟ କରିଦିଏ। ଏହି କାରଣରୁ ଏତେ ବଡ଼ ଶରୀର ପାଇ ମଧ୍ୟ ହାତୀ କ୍ୟାନ୍ସର୍ ପରି ରୋଗଠାରୁ ସୁରକ୍ଷିତ ରହିଥାଏ। ଏହା ସହିତ ଅନ୍ୟ ରୋଗଗୁଡ଼ିକୁ ମଧ୍ୟ ଏହା କମ୍ କରିଥାଏ। ରୋଗ ପ୍ରତିରୋଧକ ଶକ୍ତି ମଜଭୁତ ହୋଇଥିବାରୁ ହାତୀମାନେ ୬୦-୭୦ ବର୍ଷ ପର୍ଯ୍ୟନ୍ତ ଜୀବିତ ରହିପାରନ୍ତି। ତେବେ ୨୦୧୫ରେ ୟୁଟା ବିଶ୍ୱବିଦ୍ୟାଳୟରେ ବୈଜ୍ଞାନିକମାନଙ୍କର ଏକ ଦଳ ଏହି ଅନ୍ୱେଷଣ କରିଥିଲା। ସେମାନେ ବିଭିନ୍ନ ପଶୁମାନଙ୍କ ଜିନୋମ୍‌ର ଅଧ୍ୟୟନ କରିଥିଲେ। ଏଥିରୁ ଜଣାପଡ଼ିଥିଲା ଯେ କେବଳ ହାତୀ ନୁହେଁ ଅନ୍ୟ ଜୀବମାନଙ୍କ ମଧ୍ୟରେ ଟିପି୫୩ ବିଶେଷ ପରିବର୍ତ୍ତନ କରିଥାଏ।



**ଆଜିର ମ୍ୟାଚ୍**

ସନ୍‌ରାଇଜର୍ସ ହାଇଦ୍ରାବାଦ ବନାମ ରାଜସ୍ଥାନ ରୟାଲ୍ସ

ସମୟ: ସନ୍ଧ୍ୟା ୭.୩୦, ନ୍ୟୁ ଚଣ୍ଡିଗଡ଼

ଏଲିମିନେଟର୍

ନିତିଦିନ NITIDIN

# ଇତିହାସ ରଚିଲେ କୋହଲି

## ଲଗାତାର ୪ ଆଇପିଏଲ୍ ସିଜନ୍‌ରେ ୬୦୦+ ରନ୍‌ରେ ପ୍ରଥମ ଖେଳାଳି

**ଧର୍ମଶାଳା,୨୬ା୫/ଏଜେନ୍ସି :** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି)ର ବ୍ୟାଟିଂ ଆଇକନ୍ ବିରାଟ କୋହଲି ଆଇପିଏଲ୍ ଇତିହାସରେ ଲଗାତାର ୪ ସିଜନ୍‌ରେ ୬୦୦ ରନ୍ କରିବାରେ ପ୍ରଥମ ଖେଳାଳି ହୋଇଛନ୍ତି। ବିରାଟ ମଙ୍ଗଳବାର ଗୁଜରାଟ ଟାଇଟନ୍ସ (ଜିଟି) ବିପକ୍ଷ କ୍ୱାଲିଫାୟର୍-୧ରେ ଏହି ଉପଲବ୍ଧି ହାସଲ କରିଛନ୍ତି। ମ୍ୟାଚ୍‌ରେ ସେ ୨୫ ବଲ୍‌ରେ ୧୭୨.୦୦ ଷ୍ଟ୍ରାଇକ୍ ରେଟ୍‌ରେ ୫ ଚୌକା ଓ ଗୋଟିଏ ଛକା ସହାୟତାରେ ୪୩ ରନ୍ କରିଛନ୍ତି।




ଚଳିତ ସିଜନ୍‌ର ୧୫ ଇନିଂସ୍‌ରେ କୋହଲି ୫୦.୦୦ ହାରାହାରି ଏବଂ ୧୬୪.୩୮ ଷ୍ଟ୍ରାଇକ୍ ରେଟ୍‌ରେ ୬୦୦ ରନ୍ କରିଛନ୍ତି। ଏହା ମଧ୍ୟରେ ଗୋଟିଏ ଶତକ ଏବଂ ଚାରି ଅର୍ଦ୍ଧଶତକ ସାମିଲ ଏବଂ ତାଙ୍କ ସର୍ବଶ୍ରେଷ୍ଠ ସ୍କୋର୍ ୧୦୫* ରହିଛି। ୨୦୨୨ ସିଜନ୍‌ରେ ଖରାପ ପ୍ରଦର୍ଶନ କରି ସେ ୧୬ ମ୍ୟାଚ୍‌ରେ ମାତ୍ର ୩୪୧ ରନ୍ କରିଥିଲେ। ଆଇପିଏଲ୍ ୨୦୨୩ ତାଙ୍କ ପ୍ରତ୍ୟାବର୍ତ୍ତନର ସିଜନ୍ ଥିଲା। ୧୪ ଇନିଂସ୍‌ରେ ସେ ୫୩.୨୫ ହାର ଏବଂ ୧୩୯.୮୨ ଷ୍ଟ୍ରାଇକ୍ ରେଟ୍‌ରେ ମୋଟ ୬୩୯ ରନ୍ କରିଥିଲେ। ଏଥିରେ ଦୁଇଟି ଶତକ ଏବଂ ଛଅ ଅର୍ଦ୍ଧଶତକ ସାମିଲ ଥିଲା। ଅପରାଜିତ ୧୦୧ ରନ୍ ସିଜନ୍‌ରେ ତାଙ୍କର ସର୍ବଶ୍ରେଷ୍ଠ ସ୍କୋର୍ ଥିଲା ଏବଂ ଟୁର୍ଣ୍ଣାମେଣ୍ଟରେ ଚତୁର୍ଥ ସର୍ବାଧିକ ସ୍କୋରର୍ ଥିଲେ। ପରବର୍ତ୍ତୀ ସିଜନ୍ (୨୦୨୪)ରେ ସେ ସ୍ପିନ୍ ବିପକ୍ଷରେ ନିଜ ଖେଳରେ ଆହୁରି ସୁଧାର କରି ଉନ୍ନତ ପ୍ରଦର୍ଶନ କରିଥିଲେ। ୧୫ ଇନିଂସ୍‌ରେ ସେ ୬୧.୭୫ ହାରାହାରି ଏବଂ ୧୫୪.୬୯ ଷ୍ଟ୍ରାଇକ୍ ରେଟ୍‌ରେ ୭୪୧ ରନ୍ କରି ଶୀର୍ଷ ବ୍ୟାଟର୍ ହୋଇଥିଲେ। ଏଥିରେ ତାଙ୍କର ଗୋଟିଏ ଶତକ ଏବଂ ପାଞ୍ଚ ଅର୍ଦ୍ଧଶତକ ସାମିଲ ଥିଲା। ଏହି ସିଜନ୍‌ରେ ସେ ମୋଟ ୩୮ ଛକା ମାରିଥିଲେ, ଯାହା ୨୦୧୬ ସିଜନ୍‌ରେ ତାଙ୍କର ୩୮ ଛକାର ସର୍ବଶ୍ରେଷ୍ଠ ରେକର୍ଡ ସମକକ୍ଷ ଥିଲା।

# ଲଗାତାର ଦ୍ୱିତୀୟ ଫାଇନାଲ୍‌ରେ ଆର୍‌ସିବି

## କ୍ୱାଲିଫାୟର୍-୧ରେ ଗୁଜରାଟକୁ ୯୨ ରନ୍‌ରେ ହରାଇଲା

## ପାଟିଦାରଙ୍କ ଅପରାଜିତ ୯୩ ରନ୍, ଡଫିଙ୍କୁ ୩ ୱିକେଟ୍





**ଧର୍ମଶାଳା,୨୬ା୫/ଏଜେନ୍ସି :** ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଲଗାତାର ଦ୍ୱିତୀୟ ଆଇପିଏଲ୍ ସିଜନ୍‌ର ଫାଇନାଲ୍‌ରେ ପ୍ରବେଶ କରିଛି। ମଙ୍ଗଳବା ଟିମ୍ ଗୁଜରାଟ ଟାଇଟନ୍ସ (ଜିଟି)କୁ ୯୨ ରନ୍‌ରେ ହରାଇ ଦେଇଛି। ଫାଇନାଲ୍ ସ୍ଥାନ ପାଇଁ ଗୁଜରାଟ ଆସନ୍ତାକାଲି ସନ୍‌ରାଇଜର୍ସ ହାଇଦ୍ରାବାଦ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଖେଳାଯିବାକୁ ଥିବା ଏଲିମିନେଟର୍ ମ୍ୟାଚ୍‌ର ବିଜେତାକୁ ୨୯ ତାରିଖରେ କ୍ୱାଲିଫାୟର୍-୨ରେ ଭେଟିବ। ଧର୍ମଶାଳାର ହିମାଚଳ ପ୍ରଦେଶ କ୍ରିକେଟ୍ ସଂଘ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆର୍‌ସିବି ପ୍ରଥମେ ୫ ୱିକେଟ୍ ହରାଇ ୨୫୫ ରନ୍ କରିଥିଲା। ଜବାବରେ ଗୁଜରାଟ ୧୯.୩ ଓଭର୍‌ରେ ୧୬୨ ରନ୍ କରି ଅଲ୍‌ଆଉଟ୍ ହୋଇଥିଲା। ଆର୍‌ସିବିର ୨୫୫ ରନ୍ ଏହା ଆଇପିଏଲ୍ ପ୍ଲେଅଫ୍/ନକ୍‌ଆଉଟ୍ ଇତିହାସରେ ସବୁଠୁ ବଡ଼ ସ୍କୋର୍। ଏହା ପୂର୍ବରୁ ଏହି ରେକର୍ଡ ଗୁଜରାଟ ନାମରେ ଥିଲା। ଟିମ୍ ୨୦୨୩ କ୍ୱାଲିଫାୟର୍-୨ରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ୨୩୩/୩ ରନ୍ କରିଥିଲା।

୨୫୫ ରନ୍‌ର ଲକ୍ଷ୍ୟକୁ ପିଛା କରୁଥିବା ଗୁଜରାଟ ଅବସ୍ଥା ଖରାପ ଥିଲା ଏବଂ ୫୧ ରନ୍ ମଧ୍ୟରେ ୫ ୱିକେଟ୍ ଚାଲିଯାଇଥିଲା। ସାଇ ସୁଦର୍ଶନ (୧୪), ଶୁଭମନ ଗିଲ୍ (୨), ଜୋସ୍ ବଟ୍‌ଲର୍ (୨୯), ନିଶାନ୍ତ ସିନ୍ଧୁ (୫) ଓ ଜେସନ୍ ହୋଲ୍‌ଡର୍ (୦) ପାୱାରପ୍ଲେ ମଧ୍ୟରେ ଆଉଟ୍ ହୋଇଥିଲେ। ବଟ୍‌ଲର୍, ସିନ୍ଧୁ ଓ ହୋଲ୍ଡର୍ ୫୧ ରନ୍‌ର ସ୍କୋର୍‌ରେ ହିଁ ବିଦାୟ ନେଇଥିଲେ। ଏହାପରେ ୱାଶିଂଟନ୍ ସୁନ୍ଦର ମଧ୍ୟ ଲମ୍ବା ଇନିଂସ୍ ଖେଳିପାରି ନଥିଲେ ଏବଂ ୮ ରନ୍ କରି ଫେରିଥିଲେ। ଏହାପରେ ଗୁଜରାଟ ନିମ୍ନକ୍ରମ ସରେଣ୍ଡର୍ କରିବା ସହିତ ପଛକୁ ପଛ ପ୍ୟାଭିଲିୟନ୍ ଫେରିଥିଲେ। ତେବେ ଇମ୍ପାକ୍ଟ ପ୍ଲେୟାର୍ ରାହୁଲ ତେୱାଟିଆ ଶେଷ ପର୍ଯ୍ୟନ୍ତ ବ୍ୟାଟିଂ ଜାରିରଖି ଅର୍ଦ୍ଧଶତକ ହାସଲ ସହିତ ୬୮ ରନ୍ କରିଥିଲେ। ତାଙ୍କ ୪୩ ବଲ୍‌ର ଇନିଂସ୍‌ରେ ୮ ଚୌକା ଓ ୪ ଛକା ସାମିଲ ଥିଲା। ରଶିଦ୍ ଖାନ୍ (୮), କାଗିସୋ ରବାଡା (୯) ଏବଂ ମହମ୍ମଦ ସିରାଜ୍ (୫) ଆଉଟ୍ ହୋଇଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣା ୬ ରନ୍‌ରେ ଅପରାଜିତ ରହିଥିଲେ। ବେଙ୍ଗାଲୁରୁ ପକ୍ଷରୁ ଜ୍ୟାକବ୍ ଡଫି ସର୍ବାଧିକ ୩ଟି ୱିକେଟ୍ ନେଇଥିବା ବେଳେ ଭୁବନେଶ୍ୱର କୁମାର, ରସିଖ୍ ସଲାମ ଡାର ଏବଂ କୃଣାଳ ପାଣ୍ଡ୍ୟାଙ୍କୁ ୨-୨ ସଫଳତା ମିଳିଥିଲା। ଜୋଶ୍ ହେଜଲ୍‌ଉଡ୍ ଗୋଟିଏ ୱିକେଟ୍ ନେଇଥିଲେ।

ଟସ୍ ହାରି ବ୍ୟାଟିଂ ପାଇଥିବା ଆର୍‌ସିବି ସତର୍କତାର ସହ ଆରମ୍ଭ କରିଥିଲା। କିନ୍ତୁ ଦ୍ୱିତୀୟ ଓଭର୍‌ରେ ଭେଙ୍କଟେଶ ଆୟର୍ (୧୯ ରନ୍)ଙ୍କ ରୂପରେ ଟିମ୍‌କୁ ପ୍ରଥମ ଧକ୍କା ଲାଗିଥିଲା। କାଗିସୋ ରବାଡା ଓଭର୍‌ର ଶେଷ ବଲ୍‌ରେ ତାଙ୍କୁ ଶୁଭମନ ଗିଲ୍‌ଙ୍କ ହାତରେ କ୍ୟାଚ୍ କରାଇଥିଲେ। ଏହାପରେ ବିରାଟ କୋହଲି ଓ ଦେବଦତ୍ତ ପାଡିକ୍କଲ୍‌ଙ୍କ ମଧ୍ୟରେ ୭୨ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ମାତ୍ର ଜେସନ୍ ହୋଲ୍ଡରଙ୍କ ଓଭର୍‌ରେ ପ୍ରଥମେ କୋହଲି (୪୩ ରନ୍) ଏବଂ ପରେ ପାଡିକ୍କଲ୍ (୩୦ ରନ୍) ବିଦାୟ ନେଇଥିଲେ। କୋହଲିଙ୍କ ୨୫ ବଲ୍‌ର ଇନିଂସ୍‌ରେ ୫ ଚୌକା ଓ ଗୋଟିଏ ଛକା ସାମିଲ ଥିବାବେଳେ ପାଡିକ୍କଲ୍ ୧୯ ବଲ୍‌ରେ ୫ ଚୌକା ମାରିଥିଲେ। ଏହାପରେ କ୍ୟାପ୍ଟେନ୍ ରଜତ ପାଟିଦାର (୯୩* ରନ୍) ଏବଂ କୃଣାଳ ପାଣ୍ଡ୍ୟା (୪୩ ରନ୍)ଙ୍କ ମଧ୍ୟରେ ୯୫ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ପାଣ୍ଡ୍ୟାଙ୍କ ଆଉଟ୍ ବେଳକୁ ସ୍କୋର୍ ୧୮୯/୪ ହୋଇଥିଲା। ଟିମ୍ ଡେଭିଡ୍ ମାତ୍ର ୪ ରନ୍‌ରେ ଆଉଟ୍ ହୋଇଥିଲେ। ଏହାପରେ ପାଟିଦାରଙ୍କ ସହ ଜିତେଶ ଶର୍ମା ମିଶି ଟିମ୍‌କୁ ଆଇପିଏଲ୍ ପ୍ଲେଅଫ୍/ନକ୍‌ଆଉଟ୍‌ରେ ସର୍ବାଧିକ ସ୍କୋର୍‌ରେ ପହଞ୍ଚାଇଥିଲେ। ଜିତେଶ ୫ ବଲ୍‌ରେ ଗୋଟିଏ ଛକା ଓ ଗୋଟିଏ ଚୌକା ବଳରେ ୧୫ ରନ୍ ଏବଂ ପାଟିଦାର ୩୩ ବଲ୍‌ରେ ୯୩ ରନ୍ କରି ଅପରାଜିତ ଫେରିଥିଲେ। ପାଟିଦାରଙ୍କ ଇନିଂସ୍‌ରେ ୫ ଚୌକା ଓ ୯ ଛକା ସାମିଲ ଥିଲା। ଗୁଜରାଟ ପକ୍ଷରୁ କାଗିସୋ ରବାଡା ଓ ଜେସନ୍ ହୋଲ୍ଡର ୨-୨ ୱିକେଟ୍ ନେଇଥିବା ବେଳେ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ଗୋଟିଏ ସଫଳତା ମିଳିଥିଲା।

# ପାୱାର୍‌ପ୍ଲେରେ ରବାଡାଙ୍କ ସର୍ବାଧିକ ୱିକେଟ୍ ରେକର୍ଡ

**ଧର୍ମଶାଳା,୨୬ା୫/ଏଜେନ୍ସି :** କାଗିସୋ ରବାଡା ମଙ୍ଗଳବାର ଆର୍‌ସିବି ବିପକ୍ଷ ଆଇପିଏଲ୍ ୨୦୨୬ କ୍ୱାଲିଫାୟର୍-୧ ମ୍ୟାଚ୍‌ରେ ଗୁଜରାଟ ଟାଇଟନ୍ସ ଫାଷ୍ଟ୍ ବୋଲିଂ ଆକ୍ରମଣର ନେତୃତ୍ୱ ନେଇ ବଡ଼ ରେକର୍ଡ କରିଛନ୍ତି। ଏଚ୍‌ପିସିଏ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ରବାଡା ଆର୍‌ସିବି ଇନିଂସ୍‌ର ଦ୍ୱିତୀୟ ଓଭର୍‌ର ଅନ୍ତିମ ବଲ୍‌ରେ ଭେଙ୍କଟେଶ ଆୟର୍‌ଙ୍କୁ ଆଉଟ୍ କରି ଆଇପିଏଲ୍‌ର ଗୋଟିଏ ସିଜନ୍‌ର ପ୍ରଥମ ଛଅ ଓଭର୍ (ପାୱାର୍‌ପ୍ଲେ)ରେ ସର୍ବାଧିକ ୱିକେଟ୍ ନେବାର ରେକର୍ଡ ଭଙ୍ଗ କରିଛନ୍ତି। ଚଳିତ ଆଇପିଏଲ୍ ସିଜନ୍‌ରେ ରବାଡା ପାୱାର୍‌ପ୍ଲେରେ ୧୮ ୱିକେଟ୍ ନେଇଛନ୍ତି, ଯାହା ସର୍ବାଧିକ। ଆଇପିଏଲ୍‌ର ପାୱାର୍‌ପ୍ଲେରେ ସର୍ବାଧିକ ୱିକେଟ୍ ନେବାର ପୁରୁଣା ରେକର୍ଡ ମହମ୍ମଦ ଶମୀଙ୍କ ନାମରେ ଥିଲା। ଶମୀ



ଆଇପିଏଲ୍ ୨୦୨୩ରେ ଗୁଜରାଟ ଟାଇଟନ୍ସ ପକ୍ଷରୁ ପାୱାର୍‌ପ୍ଲେରେ ବିପକ୍ଷ ଟିମ୍‌ର ୧୭ ବ୍ୟାଟର୍‌ଙ୍କ ଆଉଟ୍ କରିଥିଲେ। ଏହି ସୂଚନାରେ ରବାଡା ଏବଂ ଶମୀଙ୍କ ପରେ ମିଚେଲ୍ ଜାନ୍‌ସେନ୍ ଏବଂ ଟ୍ରେଣ୍ଟ୍ ବୋଲ୍ଟଙ୍କ ନାମ ରହିଛି। ଜାନ୍‌ସେନ୍ ଏବଂ ବୋଲ୍ଟ ୨୦୧୩ ଏବଂ ୨୦୨୦ ସିଜନ୍‌ରେ ମୁମ୍ବାଇ ଇଣ୍ଡିଆନ୍ସ ପକ୍ଷରୁ ପାୱାର୍‌ପ୍ଲେରେ ୧୬-୧୬ ୱିକେଟ୍ ନେଇଥିଲେ।

ଆୟର୍‌ଙ୍କୁ ଆଉଟ୍ କରିବା ପରେ ରବାଡା ଆଇପିଏଲ୍ ୨୦୨୬ରେ ୧୫ ମ୍ୟାଚ୍‌ରେ ନିଜ ୱିକେଟ୍ ସଂଖ୍ୟା ୨୫ରେ ପହଞ୍ଚାଇଛନ୍ତି। ଏହା ସହିତ ସେ ଏବେ ପର୍ପଲ୍ କ୍ୟାପ୍ ଦୌଡ଼ରେ ସବୁଠୁ ଆଗରେ ରହିଛନ୍ତି। ଜିଟି ପକ୍ଷରୁ ଚଳିତ ସିଜନ୍‌ରେ ୨୫ ୱିକେଟ୍ ନେବା ସହିତ ରବାଡା ଆଇପିଏଲ୍‌ର ତିନିଟି ସିଜନ୍‌ରେ ୨୫ କିମ୍ବା ଅଧିକ ୱିକେଟ୍ ନେବାରେ ବିଶ୍ୱର ପ୍ରଥମ ବୋଲର୍ ହୋଇଛନ୍ତି। ଏହା ପୂର୍ବରୁ ସେ ଆଇପିଏଲ୍ ୨୦୧୯ରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୧୨ ମ୍ୟାଚ୍‌ରେ ୨୫ ବ୍ୟାଟର୍‌ଙ୍କୁ ଆଉଟ୍ କରିଥିଲେ। ଏହା ବ୍ୟତୀତ ୨୦୨୦ରେ ଶ୍ରେୟସ୍ ଆୟର୍‌ଙ୍କ ନେତୃତ୍ୱରେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ୧୭ ମ୍ୟାଚ୍ ଖେଳି ୩୦ ୱିକେଟ୍ ଅକ୍ତିଆର କରିଥିଲେ।

# ଫ୍ରେଞ୍ଚ୍ ଓପନ୍‌କୁ ୱାରିଙ୍କାଙ୍କ ଅଲ୍‌ବିଦା



## ପ୍ରଥମ ରାଉଣ୍ଡ୍‌ରେ ହରାଇଲେ ଜେସ୍ପର୍ ଡି ଜୋଙ୍ଗ୍

## ଡେବ୍ୟୁ ମ୍ୟାଚ୍‌ରେ ଚମକିଲେ ୧୯ ବର୍ଷୀୟ ଜୋଦାର

**ପ୍ୟାରିସ୍,୨୬ା୫/ଏଜେନ୍ସି :** ସ୍ୱିଜରଲାଣ୍ଡର୍ ମହାନ୍ ଟେନିସ୍ ଖେଳାଳି ଷ୍ଟାନ୍ ୱାରିଙ୍କା ସୋମବାର ପ୍ରଥମ ରାଉଣ୍ଡ୍‌ରେ ପରାଜୟ ସହ ଫ୍ରେଞ୍ଚ୍ ଓପନ୍‌କୁ ଭାବୁକ ବିଦାୟ ଦେଇଛନ୍ତି। ଚଳିତ ସିଜନ୍ ଶେଷରେ ସନ୍ନ୍ୟାସ ନେବେ ବୋଲି ୪୧ ବର୍ଷୀୟ ୱାରିଙ୍କା ପୂର୍ବରୁ ଘୋଷଣା କରିସାରିଥିଲେ। ନେଦରଲାଣ୍ଡ୍‌ସର ଜେସ୍ପର ଡି ଜୋଙ୍ଗ୍ ତାଙ୍କ ୬-୩, ୩-୬, ୬-୩, ୬-୪ ସେଟ୍‌ରେ ହରାଇଛନ୍ତି। ସେହିପରି ୧୯ ବର୍ଷୀୟ ସ୍ପାନୀଶ୍ ଷ୍ଟାର୍ ରାଫେଲ୍ ଜୋଦାର ଡେବ୍ୟୁରେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେ ଆଲୋକ୍‌ଜାଣ୍ଡର୍ କୋଭାଚେଭିଚ୍‌ଙ୍କୁ ୬-୧, ୬-୦, ୬-୪ ସିଧା ସେଟ୍‌ରେ ହରାଇଛନ୍ତି। ଜୋଦାର ପୂରା ମ୍ୟାଚ୍‌ରେ କେବଳ ପାଞ୍ଚ ଗେମ୍ ପଏଣ୍ଟ ହରାଇଥିଲେ। ଫ୍ରେଞ୍ଚ୍ ଓପନ୍ ଡେବ୍ୟୁରେ ଏହାଠାରୁ କମ୍ ଗେମ୍ (୩) ନୋଭାକ୍ ଜୋକୋଭିଚ୍ ୨୦୦୫ରେ ହରାଇଥିଲେ। ରାଫେଲ୍ ଜୋଦାର ଗତ ୧୯ ମ୍ୟାଚ୍‌ରୁ ୧୬ରେ ବିଜୟୀ ହୋଇଛନ୍ତି। ମରକ୍କୋରେ କ୍ଲେ କୋର୍ଟ ଟାଇଟଲ୍ ଜିତିଥିବା ଜୋଦାର ବାର୍ସିଲୋନାରେ ସେମିଫାଇନାଲ୍ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ବର୍ଷକ ତଳେ ଏଟିପି ର୍‍ୟାଙ୍କିଙ୍ଗ୍‌ର ୭୦୭ତମ ସ୍ଥାନରେ ଥିବା ଜୋଦାର ଏବେ ବିଶ୍ୱର ୨୯ତମ ନମ୍ବରରେ ଅଛନ୍ତି। ଫ୍ରେଞ୍ଚ୍ ଓପନ୍‌ରେ ତାଙ୍କୁ ୨୭ତମ ସିଡ୍ ମିଳିଛି।

ମହିଳା ସିଙ୍ଗଲ୍ସରେ ଚାରି ଥରର ଚାମ୍ପିଅନ୍ ଏବଂ ବିଶ୍ୱ ନମ୍ବର-୨ ଇଗା ସ୍ୱିଆଟେକ୍ ପ୍ରଥମ ମ୍ୟାଚ୍‌ରେ ଡେବ୍ୟୁଟାଣ୍ଟ ହମର୍ସନ୍ ଜୋନ୍ସଙ୍କୁ ୬-୧, ୬-୨ରେ ହରାଇ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି।

## ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡ୍‌ରେ ଶ୍ରୀରାମ ବାଲାଜୀ



ଭାରତୀୟ ଟେନିସ୍ ଖେଳାଳି ଏନ୍ ଶ୍ରୀରାମ ବାଲାଜୀ ଚଳିତ ଫ୍ରେଞ୍ଚ୍ ଓପନ୍ ଗ୍ରାଣ୍ଡସ୍ଲାମ୍ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ରୋଲାଣ୍ଡ ଗାରୋସ୍‌ର କୋର୍ଟ-୮ରେ ଖେଳାଯାଇଥିବା ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ରେ ବାଲାଜୀ ଏବଂ ତାଙ୍କ ବ୍ରାଜିଲିଆନ୍ ପାର୍ଟନର୍ ମାର୍ସେଲୋ ଡେମୋଲିନର୍ ଜର୍ମାନୀର କନ୍‌ଷ୍ଟାଣ୍ଟିନ୍ ଫ୍ରାଣ୍ଟଜେନ୍ ଓ ନେଦରଲାଣ୍ଡ୍‌ସର ରବିନ୍ ହାସ୍‌ଙ୍କ ଯୋଡ଼ିକୁ ୬-୩, ୪-୬, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଅନ୍ୟ ଏକ ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ରେ ତୃତୀୟ ସିଡ୍ ବ୍ରିଟେନ୍‌ର ଜୁଲିଆନ୍ କ୍ୟାଶ୍ ଓ ଲୟଡ୍ ଗ୍ଲାସ୍‌ପୁଲ୍‌ଙ୍କ ଯୋଡ଼ି ଇକ୍ୱେଡର୍‌ର ଗୋଞ୍ଜାଲୋ ଏସ୍କୋବାର୍ ଓ ନେଦରଲାଣ୍ଡ୍‌ସର ଜିନ୍-ଜୁଲିଅନ୍ ରୋଜର୍‌ଙ୍କୁ ୬-୩, ୭-୬ (୭) ସିଧା ସେଟ୍‌ରେ ହରାଇ ଦ୍ୱିତୀୟ ରାଉଣ୍ଡ୍‌ରେ ସ୍ଥାନ ହାସଲ କରିଛନ୍ତି।

# ଘରୋଇ କ୍ରିକେଟ୍ ଓ ଆଇପିଏଲ୍‌ରୁ ମୁରୁଗାନ୍ ଅଶ୍ୱିନଙ୍କ ସନ୍ନ୍ୟାସ

**ଚେନ୍ନାଇ,୨୬ା୫/ଏଜେନ୍ସି :** ତାମିଲନାଡୁର ମୁରୁଗାନ୍ ଅଶ୍ୱିନ୍ ଘରୋଇ କ୍ରିକେଟ୍ ଏବଂ ଆଇପିଏଲ୍‌ରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ୩୫ ବର୍ଷୀୟ ଏହି ଖେଳାଳିଙ୍କୁ ଭାରତ ପାଇଁ ଖେଳିବାର ସୁଯୋଗ ମିଳିନଥିଲେ ମଧ୍ୟ ଆଇପିଏଲ୍‌ରେ ଛଅଟି ଟିମ୍‌ର ସଦସ୍ୟ ଥିଲେ। ସନ୍ନ୍ୟାସ ଘୋଷଣା କରି ଅଶ୍ୱିନ କହିଛନ୍ତି ସେ ନୂଆ ଆହ୍ୱାନ ଏବଂ ଅବସରର ସନ୍ଧାନ କରିବେ। ଚାରିଦିନ ମଧ୍ୟରେ ସନ୍ନ୍ୟାସ ଘୋଷଣା କରିବାରେ ଅଶ୍ୱିନ ଦ୍ୱିତୀୟ ଭାରତୀୟ କ୍ରିକେଟର୍। ଏହା ପୂର୍ବରୁ ମେ’ ୨୨ରେ ଅଲ୍‌ରାଉଣ୍ଡର୍ ବିଜୟ ଶଙ୍କର ସନ୍ନ୍ୟାସ ନେଇଥିଲେ। ସେ ମଧ୍ୟ ବାହାରେ ଖେଳିବାର ଇଚ୍ଛା ରଖିଛନ୍ତି।

ସନ୍ନ୍ୟାସ ଘୋଷଣା ସହ ଅଶ୍ୱିନ୍ ଆଇପିଏଲ୍‌ରେ ଖେଳିବାର ସୁଯୋଗ ଦେଇଥିବାରୁ ଏମ୍‌ଏସ୍ ଧୋନି, ବିରାଟ କୋହଲି, ରବିଚନ୍ଦ୍ରନ୍ ଅଶ୍ୱିନ୍ ଏବଂ ରୋହିତ ଶର୍ମାଙ୍କୁ କୃତଜ୍ଞତା ଜଣାଇଛନ୍ତି। ସେ କହିଛନ୍ତି, ସେମାନଙ୍କ ସହ ଖେଳି ନିଜ ପ୍ରଦର୍ଶନରେ ସୁଧାର କରିବା ସହିତ ଉନ୍ନତ କ୍ରିକେଟର୍ ହୋଇପାରିଛନ୍ତି। ଅଶ୍ୱିନ୍ ୨୦୧୬ରେ ରାଇଜିଂ ପୁଣେ ସୁପର୍ ଜାଏଣ୍ଟ୍ସ ସହିତ ଆଇପିଏଲ୍‌ରେ ପାଦ ରଖିଥିଲେ। ପରେ ୨୦୧୮ରେ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ୨୦୧୯ରୁ ୨୦୨୧ ପଞ୍ଜାବ କିଙ୍ଗ୍‌ସ, ୨୦୨୨ରେ ମୁମ୍ବାଇ ଇଣ୍ଡିଆନ୍ସ ଏବଂ ୨୦୨୩ରେ ରାଜସ୍ଥାନ ରୟାଲ୍ସ ଟିମ୍‌ର ସଦସ୍ୟ ଥିଲେ। ସେ ମୋଟ ୪୪ ମ୍ୟାଚ୍ ଖେଳି ଏହି ଲିଗ୍‌ରେ ୩୫ ୱିକେଟ୍ ନେଇଛନ୍ତି। ତାଙ୍କ ଇକୋନୋମୀ ୮.୦୧ ଏବଂ ହାରାହାରି ୩୩.୨୦ ରହିଛି।



ଅଶ୍ୱିନ ତାଙ୍କ କ୍ୟାରିୟରରେ ୭ ପ୍ରଥମ ଶ୍ରେଣୀ, ୩୪ ଲିଷ୍ଟ-ଏ ଏବଂ ୧୧୭ ଟି-୨୦ ମ୍ୟାଚ୍ ଖେଳିଛନ୍ତି। ଏଥିରେ ତାଙ୍କ ନାମରେ ମୋଟ ୧୫୧ ୱିକେଟ୍ ରହିଛି। ୨୦୨୫-୨୬ ସୟଦ୍ ମୁସ୍ତାକ ଅଲୀ ଟ୍ରଫିରେ ସେ ତାମିଲନାଡୁ ପକ୍ଷରୁ ଖେଳି ୧୦ଟି ୱିକେଟ୍ ନେଇଥିଲେ। ଏହାପରେ ପୁଣେ ଟିମ୍ ତାଙ୍କୁ ୪.୫ କୋଟି ଟଙ୍କାରେ ନିଜ ସହ ସାମିଲ କରିଥିଲା। ଅଶ୍ୱିନ ବହୁ ବର୍ଷ ଧରି ଚେନ୍ନାଇ ସୁପର୍ କିଙ୍ଗ୍‌ସର ନେଟ୍ ବୋଲର୍ ମଧ୍ୟ ଥିଲେ। ଘରୋଇ କ୍ରିକେଟ୍‌ରେ ତାମିଲନାଡୁ ପକ୍ଷରୁ ଖେଳ ଆରମ୍ଭ କରିଥିବା ଅଶ୍ୱିନ୍ ପରବର୍ତ୍ତୀ ସମୟରେ ଚଣ୍ଡିଗଡ଼ ଏବଂ ଜମ୍ମୁ-କଶ୍ମୀର ପକ୍ଷରୁ ଖେଳିଥିଲେ। ଭବିଷ୍ୟତରେ ସେ ବିଦେଶୀ ଟି-୨୦ ଲିଗ୍‌ରେ ଖେଳିପାରନ୍ତି।

# ସିଙ୍ଗାପୁର ଓପନ୍: ସିନ୍ଧୁଙ୍କ ବିଜୟୀ ଅଭିଯାନ

## ସାତ୍ୱିକ୍-ଚିରାଗଙ୍କ ଯୋଡ଼ି ବି ଦ୍ୱିତୀୟ ରାଉଣ୍ଡ୍‌ରେ




**ସିଙ୍ଗାପୁର,୨୬ା୫/ଏଜେନ୍ସି :** ଷ୍ଟାର୍ ଭାରତୀୟ ବ୍ୟାଡ୍‌ମିଣ୍ଟନ୍ ଖେଳାଳି ପିଭି ସିନ୍ଧୁ ମଙ୍ଗଳବାର ପଞ୍ଚମ ସିଡ୍ ପୁତ୍ରୀ କୁସୁମା ବରଦାନୀଙ୍କୁ ସିଧା ଗେମ୍‌ରେ ହରାଇ ସିଙ୍ଗାପୁର ଓପନ୍‌ର ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଦୁଇଥରର ଅଲିମ୍ପିକ୍ ପଦକ ବିଜେତା ସିନ୍ଧୁ ଏହି ସୁପର୍ ୭୫୦ ଟୁର୍ଣ୍ଣାମେଣ୍ଟ୍‌ର ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ରେ ବିଶ୍ୱ ୬ଷ୍ଠ ନମ୍ବର ଇଣ୍ଡୋନେସିଆ ଖେଳାଳିଙ୍କୁ ୨୧-୧୭, ୨୧-୧୮ରେ ମାତ୍ ଦେଇଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିଅନ୍ ସିନ୍ଧୁ ପରବର୍ତ୍ତୀ ମ୍ୟାଚ୍‌ରେ ଜାପାନର ରିକୋ ଗୁଞ୍ଜୀଙ୍କୁ ଭେଟିବେ।

ସେହିପରି ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକ୍‌ସାଇରାଜ ରାଙ୍କୀରେଡ୍ଡୀ ଓ ଚିରାଗ ସେଟ୍ଟୀ ମଧ୍ୟ ଦ୍ୱିତୀୟ ରାଉଣ୍ଡ୍‌ରେ ପ୍ରବେଶ କରିଛନ୍ତି। ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ପଦକ ବିଜେତା ଯୋଡ଼ି ପ୍ରଥମ ରାଉଣ୍ଡ୍ ମ୍ୟାଚ୍‌ରେ ମଙ୍ଗଳବାର ଚେନ୍ ଝୀ ୟୀ ଏବଂ ପ୍ରେସ୍‌ଲି ସ୍ମିଥ୍‌ଙ୍କ ମାଲେସୀୟ ଯୋଡ଼ିକୁ ୨୬-୨୮, ୨୧-୧୫, ୨୧-୧୩ ହରାଇଛି। ବିଶ୍ୱର ଚତୁର୍ଥ ନମ୍ବର ଭାରତୀୟ ଯୋଡ଼ି ଦ୍ୱିତୀୟ ରାଉଣ୍ଡ୍ ମ୍ୟାଚ୍‌ରେ ଲି ଝେ-ହୁଇ ଓ ୟାଙ୍ଗ୍ ପୋ-ସୁଆନ୍‌ଙ୍କ ଚୀନା ତାଇପେଇ ଯୋଡ଼ି ତଥା ଲିୟୁ ୟାଙ୍ଗ୍ ଓ ହୁଆଙ୍ଗ ଡି’ଙ୍କ ଚୀନା ଯୋଡ଼ି ମଧ୍ୟରେ ହେବାକୁ ଥିବା ମ୍ୟାଚ୍‌ର ବିଜେତାଙ୍କୁ ଭେଟିବ।

# ମେସୀଙ୍କ ବାମ ଗୋଡ଼ ହାମ୍‌ଷ୍ଟ୍ରିଙ୍ଗ୍‌ରେ ସମସ୍ୟା

## ଫିଫା ବିଶ୍ୱକପ୍ ଖେଳିବା ନେଇ ସଂଶୟ

**ମିୟାମୀ,୨୬ା୫/ଏଜେନ୍ସି :** ଷ୍ଟାର୍ ଫୁଟ୍‌ବଲର୍ ଲିଓନେଲ୍ ମେସୀଙ୍କ ବାମ ହାମ୍‌ଷ୍ଟ୍ରିଙ୍ଗ୍‌ରେ ସମସ୍ୟା ଥିବା ତାଙ୍କ କ୍ଲବ୍ ଇଣ୍ଟର ମିୟାମୀ ପକ୍ଷରୁ କୁହାଯାଇଛି। ଏହା ନିଜ ଟାଇଟଲ୍ ଡିଫେଣ୍ଡ୍ ଅଭିଯାନ ପୂର୍ବରୁ ବିଶ୍ୱ ଚାମ୍ପିଅନ୍ ଆର୍ଜେଣ୍ଟିନା ପାଇଁ ବଡ଼ ଝଟ୍‌କା ସଦୃଶ ହୋଇଛି। ଇଣ୍ଟର ମିୟାମୀ ପକ୍ଷରୁ ରବିବାର ଖେଳୁଥିବା ଏକ ମ୍ୟାଚ୍ ମଝିରେ ମେସୀ ଗୋଡ଼ରେ ସମସ୍ୟା ଅନୁଭବ କରିବାରୁ ପଡ଼ିଆ ଛାଡ଼ି ଚାଲିଯାଇଥିଲେ। ସୋମବାର ତାଙ୍କର କରାଯାଇଥିବା ମେଡିକାଲ୍ ଟେଷ୍ଟ୍‌ରୁ ଜଣାପଡ଼ିଥିଲା ଯେ ତାଙ୍କ ବାମଗୋଡ଼ ହାମ୍‌ଷ୍ଟ୍ରିଙ୍ଗ୍ ମାଂସପେଶୀଙ୍କ ସମସ୍ୟା ରହିଛି। ଏପରି ଆଘାତର ଗମ୍ଭୀରତା ଆଧାରରେ ପ୍ରତ୍ୟାବର୍ତ୍ତନର ସମୟସୀମା ସ୍ଥିର କରାଯାଇଥାଏ। ମାତ୍ର ମେସୀଙ୍କ ମାମଲାରେ ସେ କେବେ ପ୍ରତ୍ୟାବର୍ତ୍ତନ କରିବେ ତାହା ସୁନିଶ୍ଚିତ ହୋଇନାହିଁ। ଇଣ୍ଟର ମିୟାମୀ ପକ୍ଷରୁ ପ୍ରେସ୍ ରିଲିଜ୍‌ରେ କୁହାଯାଇଛି ‘ଶାରୀରିକ ଗତିବିଧିରେ ତାଙ୍କ ପ୍ରତ୍ୟାବର୍ତ୍ତନର ସମୟସୀମା ତାଙ୍କ ଚିକିତ୍ସା ଏବଂ କାର୍ଯ୍ୟାତ୍ମକ ପ୍ରଗତି ଉପରେ ନିର୍ଭର କରିବ।’



ମେସୀଙ୍କ ଏହି ଆଘାତ ଆର୍ଜେଣ୍ଟିନାର ବିଶ୍ୱକପ୍ ଯୋଜନାକୁ ଶକ୍ତ ଧକ୍କା ଦେଇଛି। କାରଣ ଏହି ଷ୍ଟାର୍ ଷ୍ଟ୍ରାଇକର୍ ପ୍ରଥମରୁ ସ୍ପଷ୍ଟ କରିସାରିଥିଲେ ଯେ ସେ ସମ୍ପୂର୍ଣ୍ଣ ଫିଟ୍ ହେଲେ ହିଁ ବିଶ୍ୱକପ୍‌ରେ ଖେଳିବେ। ଅବଶ୍ୟ ନିଜର ରେକର୍ଡ ୬ଷ୍ଠ ବିଶ୍ୱକପ୍‌ରେ ଭାଗ ନେବେ କି ନାହିଁ ମେସୀ ଆଧିକାରିକ ଭାବେ ଘୋଷଣା କରିନାହାନ୍ତି। କିନ୍ତୁ ଆଶା କରାଯାଉଛି ଇଣ୍ଟର ମିୟାମୀ ଟିମ୍ ସାଥୀ ରୋଡ୍ରିଗୋ ଡି ପଲ୍‌ଙ୍କ ସହ ଲିଓନେଲ୍ ସ୍କାଲୋନୀଙ୍କ ଟିମ୍‌ର ନେତୃତ୍ୱ କରିବେ। ଫିଫା ବିଶ୍ୱକପ୍ ୨୦୨୬ ଜୁନ୍ ୧୧ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ଆମେରିକା, ମେକ୍ସିକୋ ଏବଂ କାନାଡାରେ ଆୟୋଜିତ ହେବ। ଆର୍ଜେଣ୍ଟିନା ବିଶ୍ୱକପ୍‌ର ଗ୍ରୁପ୍-ଜେ’ରେ ରହିଛି ଏବଂ ଜୁନ୍ ୧୬ରେ କନ୍‌ସାସ୍ ସିଟିରେ ଆଲ୍‌ଜେରିଆ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ଜୁନ୍ ୨୨ରେ ଅଷ୍ଟ୍ରିଆ (ଅର୍ଲିଂଟନ୍, ଟେକ୍ସାସ୍), ଜୁନ୍ ୨୭ରେ ଜୋର୍ଡାନ୍ (ଅର୍ଲିଂଟନ୍) ବିପକ୍ଷରେ ଖେଳିବ। ମେସୀ ପାଞ୍ଚ ବିଶ୍ୱକପ୍‌ରେ ଭାଗନେଇ ଦୁଇଥର ସର୍ବଶ୍ରେଷ୍ଠ ଖେଳାଳି ଭାବେ ଗୋଲ୍‌ଡେନ୍ ବଲ୍ ପୁରସ୍କାର ଜିତିଛନ୍ତି। ଏହି ପୁରସ୍କାର ସେ ପ୍ରଥମ ଥର ୨୦୧୪ରେ ଏବଂ ପରେ ୨୦୨୨ରେ ଆର୍ଜେଣ୍ଟିନାକୁ ଟାଇଟଲ୍ ଜିତାଇବା ଅବସରରେ ଜିତିଥିଲେ। ମେସୀ ରେକର୍ଡ ୨୬ ବିଶ୍ୱକପ୍ ମ୍ୟାଚ୍‌ରେ ଭାଗ ନେଇ ୧୩ ଗୋଲ୍ ଏବଂ ୮ ଆସିଷ୍ଟ କରିଛନ୍ତି। ଗୋଲ୍‌ଡେନ୍ ବଲ୍ ପୁରସ୍କାର ୧୯୮୨ରୁ ପ୍ରଦାନ କରାଯାଉଥିବା ବେଳେ ସେ ଏକମାତ୍ର ଖେଳାଳି ଭାବେ ଏହା ଦୁଇଥର ଜିତିଛନ୍ତି।

# ଅଲିମ୍ପିଆନ୍ ଆର୍ଚର୍ ଶ୍ୟାମ ଲାଲ ମୀଣାଙ୍କ ନିଧନ

**ନୂଆଦିଲ୍ଲୀ,୨୬ା୫/ଏଜେନ୍ସି :** ଭାରତର ପୂର୍ବତନ ମହାନ୍ ଆର୍ଚର୍ ଶ୍ୟାମ ଲାଲ ମୀଣାଙ୍କର ଦୀର୍ଘ ଅସୁସ୍ଥତା ପରେ ରବିବାର ବିଳମ୍ବିତ ରାତିରେ ୬୧ ବର୍ଷ ବୟସରେ ଏକ ହସ୍ପିଟାଲ୍‌ରେ ନିଧନ ହୋଇଛି। ସେ ୧୯୮୮ ସିଓଲ୍ ଅଲିମ୍ପିକ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ। ଭାରତୀୟ ଆର୍ଚେରୀ ସଂଘ ପୂର୍ବତନ ଆର୍ଚର୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ଲେଖିଛି ‘୧୯୮୮ ସିଓଲ୍ ଅଲିମ୍ପିକ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିବା ଅଲିମ୍ପିଆନ୍ ଏବଂ ଅର୍ଜୁନ ପୁରସ୍କାର ବିଜେତା ଶ୍ୟାମ ଲାଲ ମୀଣାଙ୍କୁ ଶ୍ରଦ୍ଧାଞ୍ଜଳି। ଭାରତୀୟ ଆର୍ଚେରୀରେ ତାଙ୍କ ଯୋଗଦାନକୁ ସର୍ବଦା ସ୍ମରଣ କରାଯିବ।’ ମୀଣାଙ୍କୁ ଖେଳରେ ତାଙ୍କ ଯୋଗଦାନ ପାଇଁ ୧୯୮୯ରେ ଅର୍ଜୁନ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ରାଜସ୍ଥାନର ବାଂସବାଡ଼ା ଜିଲ୍ଲାର



କେବଡ଼ିୟା ଗ୍ରାମରେ ଜନ୍ମିତ ମୀଣା କୋଲ୍‌କାତାରେ ୧୯୮୭ ଏସିଆନ୍ ଆର୍ଚେରୀ ଚାମ୍ପିଅନ୍‌ଶିପ୍‌ରେ ବ୍ରୋଞ୍ଜ୍ ପଦକ ଜିତିଥିବା ଭାରତୀୟ ପୁରୁଷ ରିକର୍ଭ ଟିମ୍‌ର ସଦସ୍ୟ ଥିଲେ। ସେହି ଟିମ୍‌ରେ ତାଙ୍କ ସହିତ ଲିମ୍ବା ରାମ ଏବଂ ରଜତ ହାଲଦାର ମଧ୍ୟ ସାମିଲ ଥିଲେ। ପୋଡିୟମ୍ ଫିନିସ୍ କରିବା ଫଳରେ ଭାରତ ୧୯୮୮ ସିଓଲ୍ ଅଲିମ୍ପିକ୍ ପାଇଁ ଯୋଗ୍ୟତା ଅର୍ଜନ କରିପାରିଥିଲା। ଏହା ଭାରତୀୟ ଆର୍ଚେରୀର ଅଲିମ୍ପିକ୍ ପ୍ରଥମ ପଦାର୍ପଣ ଥିଲା।

# ପାକିସ୍ତାନ ଦିନିକିଆ ସିରିଜ୍‌ରୁ ମିଚେଲ୍ ମାର୍ଶ ବାଦ୍

**ନୂଆଦିଲ୍ଲୀ,୨୬ା୫/ଏଜେନ୍ସି :** ଅଷ୍ଟ୍ରେଲିଆ କ୍ୟାପ୍ଟେନ୍ ମିଚେଲ୍ ମାର୍ଶ ପାକିସ୍ତାନ ବିପକ୍ଷ ତିନି ମ୍ୟାଚ୍‌ର ଦିନିକିଆ ସିରିଜ୍‌ରୁ ବାଦ୍ ପଡ଼ିଛନ୍ତି। ମିଳିଥିବା ସୂଚନା ଅନୁସାରେ ୩୪ ବର୍ଷୀୟ ମାର୍ଶଙ୍କ ଗୋଇଠିରେ ଆଘାତ ଲାଗିଛି। ତାଙ୍କ ଅନୁପସ୍ଥିତିରେ ୱିକେଟ୍‌କିପର୍ ବ୍ୟାଟର୍ ଜୋସ୍ ଇଙ୍ଗ୍‌ଲିଶ୍ ସିରିଜ୍‌ରେ ଟିମ୍‌ର ନେତୃତ୍ୱ କରିବେ। ପାକିସ୍ତାନ ବିପକ୍ଷ ସିରିଜ୍‌ରୁ ବାଦ୍ ପଡ଼ିବା ଅଷ୍ଟ୍ରେଲିଆ ଟିମ୍ ପାଇଁ ବଡ଼ ଝଟ୍‌କା। କାରଣ ବର୍ତ୍ତମାନ ସମୟରେ ସେ ଜବରଦସ୍ତ ଲୟରେ ରହିଥିଲେ। ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ରେ ସେ ଲକ୍ଷ୍ନୌ ସୁପର୍ ଜାଏଣ୍ଟ୍‌ସ ପକ୍ଷରୁ ଖେଳି ଟିମ୍‌ର ସର୍ବୋଚ୍ଚ ସ୍କୋରର୍ ହୋଇଥିଲେ। ଟିମ୍ ପାଇଁ ସେ ମୋଟ ୧୩ ମ୍ୟାଚ୍ ଖେଳି ୪୩.୩୨ ହାରରେ ୫୬୩ ରନ୍ କରିବାରେ ସଫଳ

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975,
Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra